# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

◆VOLUME- 43 ◆ISSUE-138 ◆FRIDAY ◆14 NOVEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୩୮ ◆ଶୁକ୍ରବାର ◆୧୪ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ତୀରନ୍ଦାଜ ଜ୍ୟୋତିଙ୍କୁ ଡବଲ୍ ସ୍ୱର୍ଣ୍ଣ

▶ପୃଷ୍ଠା ୧୨ ଦେଖନ୍ତୁ...

## ଦିଲ୍ଲୀରେ ସିରିଜ ବିସ୍ଫୋରଣ ପାଇଁ ହୋଇଥିଲା ବଡ଼ ଷଡ଼ଯନ୍ତ୍ର

# ୪ ସ୍ଥାନ, ୩୨ ଗାଡ଼ି, ୮ ଆତଙ୍କୀ

■ **ନୂଆଦିଲ୍ଲୀ, ୧୩।୧୧ (ଏଜେନ୍ସି):** ନଭେମ୍ବର ୧୦ରେ ଘଟିଥିବା ଲାଲ୍‌କିଲ୍ଲା ବିସ୍ଫୋରଣ ନେଇ ଗୁରୁବାର ଏକ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି । ଡିସେମ୍ବର ୬ରେ ବାବରୀ ମସ୍‌ଜିଦ୍ ଭଙ୍ଗାଯିବା ଘଟଣାର ବାର୍ଷିକୀରେ ଆତଙ୍କବାଦୀମାନେ ପ୍ରତିଶୋଧ ନେବାକୁ ଲକ୍ଷ୍ୟ ରଖିଥିଲେ । ଏହି ଅବସରରେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ବଡ଼ ଧରଣର ବିସ୍ଫୋରଣ ଘଟାଇବାକୁ ଯୋଜନା କରିଥିଲେ। ଏଥିପାଇଁ ୪ଟି ସ୍ଥାନ ଚୟନ କରାଯାଇଥିଲା । ଏହି ୪ଟି ସ୍ଥାନରେ ୩୨ଟି କାର ବିସ୍ଫୋରଣ ହୋଇଥାଆନ୍ତା। ପ୍ରତ୍ୟେକ ସ୍ଥାନର ଦାୟିତ୍ୱ ଦୁଇ ଜଣଙ୍କୁ ଦିଆଯାଇଥିଲା । ଷଡ଼ଯନ୍ତ୍ରକୁ କାର୍ଯ୍ୟକାରୀ କରିବା ଲାଗି ସେମାନେ ଜୋରସୋର ପ୍ରସ୍ତୁତ ଚଳାଇଥିଲେ। ସେମାନେ ୩୨ଟି ଗାଡ଼ି ପ୍ରସ୍ତୁତ କରି ରଖିଥିଲେ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି । ଏହି କାର୍‌ଗୁଡିକ ମଧ୍ୟରେ ବ୍ରେଜା, ସ୍ୱିଫ୍ଟ ଡିଜାୟାର, ଇକୋସ୍ପୋର୍ଟ୍ସ ଓ ଆଇ-୨୦ ଭଳି କାର ସାମିଲ ଥିଲା । ସେଥିମଧ୍ୟରୁ ଗୋଟିଏ ଆଇ୨୦ କାର ଲାଲକିଲ୍ଲାରେ ବିସ୍ଫୋରଣ ହୋଇଥିବା ବେଳେ ଆଉ ୪ଟି କାର୍‌କୁ ତଦନ୍ତକାରୀ ସଂସ୍ଥା ଜବତ କରାଯାଇଛି । ତେବେ ଆଉ ୨୭ଟି କାର କେଉଁଠି ରହିଛି, ତାହାର ଖୋଜା ଚାଲିଛି ।

ପୁଲିସ ସୂତ୍ରରୁ ପ୍ରକାଶ ଯେ ଏହି ଗାଡ଼ିଗୁଡିକରେ ବିସ୍ଫୋରକ ଲଗାଇ ବଡ଼ ଧରଣର ବିପର୍ଯ୍ୟୟ ଘଟାଇବାକୁ ଯୋଜନା କରାଯାଉଥିଲା । ଏଥିପାଇଁ ସେମାନେ ୩୨ଟି ପୁରୁଣା ଗାଡ଼ି ବ୍ୟବହାର କରିବାକୁ ଯୋଜନା କରୁଥିଲେ । ପୁରୁଣା ଗାଡ଼ିଗୁଡ଼ିକ ଏକାଧିକ ବାର ବିକ୍ରି ହୋଇଥିବାରୁ ପ୍ରକୃତ ମାଲିକଙ୍କୁ ଧରିବା ତଦନ୍ତକାରୀ ସଂସ୍ଥା ପାଇଁ ସହଜ ହେବନାହିଁ ବୋଲି ସେମାନେ ଭାବିଥିଲେ। ପୁଣି ଏହି ପୁରୁଣା ଗାଡ଼ିର ରଙ୍ଗ ଓ ଚେହେରା ବଦଳାଇବାକୁ ମଧ୍ୟ ଉଦ୍ୟମ ଚାଲିଥିଲା । ସିରିଜ ବିସ୍ଫୋରଣ ପାଇଁ ଆହୁରି କେତୋଟି ଗାଡ଼ିକୁ ନିୟୋଜିତ କରିବାକୁ ପ୍ରସ୍ତୁତି କରାଯାଉଥିଲା କି ନାହିଁ ସେ ନେଇ ତଦନ୍ତ କରାଯାଉଛି ।

ଆହୁରି ଜଣାପଡ଼ିଛି ଯେ ୮ ଜଣ ସନ୍ଦିଗ୍ଧ ୪ଟି ଭିନ୍ନ ଭିନ୍ନ ସ୍ଥାନରେ ୩୨ଟି କାରରେ ବିସ୍ଫୋରଣ ଘଟାଇବାକୁ ପ୍ରସ୍ତୁତି ହେଉଥିଲେ। ଏହିକ୍ରମରେ ପ୍ରତ୍ୟେକ ସନ୍ଦିଗ୍ଧଙ୍କୁ ଚୟନ କରାଯାଇଥିବା ସହର ପାଇଁ ନିଯୁକ୍ତି ଦିଆଯାଇଥିଲା । ଗୋଟିଏ ସମୟରେ ଅର୍ଥାତ ଏକା ସଙ୍ଗେ ବିସ୍ଫୋରଣ ଘଟାଇବା ପାଇଁ ଅଭିଯୁକ୍ତମାନେ ବିସ୍ଫୋରକ ନେଇ ଯିବାକୁ ଯୋଜନା କରିଥିଲେ । ଏହି ୮ ସନ୍ଦିଗ୍ଧଙ୍କ ମଧ୍ୟରେ ଅଛନ୍ତି ଡା. ମୁଜାମ୍ମିଲ, ଡା. ଆଦିଲ, ଡା. ଉମର ଓ ଡା. ଶାହିନଙ୍କ ନାମ ସାମ୍ନାକୁ ଆସିଛି ।

ଦିଲ୍ଲୀ ବିସ୍ଫୋରଣର ଯୋଜନା ଗତ ଜାନୁଆରୀରୁ ହୋଇଥିଲା। ଗିରଫ୍ ହୋଇଥିବା ଅଭିଯୁକ୍ତଙ୍କ ମୋବାଇଲ ଫୋନ୍‌ରୁ ମିଳିଥିବା ବିଭିନ୍ନ ତଥ୍ୟ ଜଣାପଡ଼ିଛି । ଗତ ଜାନୁଆରୀରେ ଏମାନେ ଲାଲ୍‌କିଲ୍ଲାର ରେକି କରିଥିଲେ। ଡା ମୁଜାମ୍ମିଲ ଗନି ଓ ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଡା ଉମର ନବୀ ଏକାଧିକବାର ଲାଲ୍ କିଲ୍ଲାରେ ରେକି କରିଥିଲେ ଓ ଦୁଇଜଣ ସେଠାରେ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ଓ ଭିଡ଼କୁ ବୁଝିବାକୁ ପ୍ରୟାସ କରିଥିଲେ ବୋଲି ପୁଲିସ କହିଛି । ଜାନୁଆରୀ ୨୬ରେ ଲାଲକିଲ୍ଲା ଉପରେ ଆକ୍ରମଣ କରିବାକୁ ଏମାନେ ଲକ୍ଷ୍ୟ ରଖିଥିଲେ ମଧ୍ୟ ବିଫଳ ହୋଇଥିଲେ ବୋଲି କୁହାଯାଇଛି ।





### ବଡ଼ ଧରଣର ଧ୍ୱଂସ ପାଇଁ ଥିଲା ହୋଇଥିଲା ଯୋଜନା
### ବାବରୀ ମସ୍‌ଜିଦର ପ୍ରତିଶୋଧ ନେବାକୁ ଚାହୁଁଥିଲେ
### ଜାନୁଆରୀରେ ଲାଲ୍‌କିଲ୍ଲାର ରେକି କରାଯାଇଥିଲା

## ପୁଣେରେ ଭୟଙ୍କର ଦୁର୍ଘଟଣା

# ଜିଅନ୍ତା ଜଳିଗଲେ ୮



■ **ପୁଣେ, ୧୩।୧୧ (ଏଜେନ୍ସି):** ମହାରାଷ୍ଟ୍ରର ପୁଣେ ସହରର ଉପକଣ୍ଠରେ ଥିବା ନାଭେଲ ବ୍ରିଜ୍ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଗୁରୁବାର ସନ୍ଧ୍ୟାରେ ଏକ ଟ୍ରକ୍‌ର ବ୍ରେକ୍ ଫେଲ୍ ହେବା କାରଣରୁ ୨୦ରୁ ୨୫ଟି ଗାଡ଼ି ପରସ୍ପରକୁ ଧକ୍କା ଦେଇଥିଲେ। ଏହି ଟ୍ରକ୍ ଓ ଏକ କଣ୍ଟେନର ମଧ୍ୟରେ ଫସିଯାଇଥିବା ଏକ କାର୍ ନିଆଁ ଲାଗି ଯାଇଥିଲା । ଫଳରେ ୭ ଜଣ ଲୋକ ଜିଅନ୍ତା ଜଳିଯାଇଥିଲେ । କାର୍‌ରେ ବସିଥିବା ୫ ଜଣ ଲୋକ ଜଳିଯାଇଥିଲେ। ସେହିପରି ଟ୍ରକ୍ ଓ କାର୍‌ର ଡ୍ରାଇଭର ମଧ୍ୟ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ଆଶଙ୍କା କରାଯାଉଛି। ପୁଣେ ଓ ନାସିକ ହାଇୱେ ଉପରେ ଭୋରଗାଁଓ ନିକଟରେ ଏହି ଦୁର୍ଘଟଣା ଘଟିଥିଲା ବୋଲି ପୁଲିସ କହିଛି। ଟ୍ରକ୍ ଏତେ ଜୋରରେ ଧକ୍କା ଦେଇଥିଲା ଯେ, କାର କଣ୍ଟେନର ତଳେ ଦବିଯାଇଥିଲା ଓ ସଙ୍ଗେ ସଙ୍ଗେ ନିଆଁ ଲାଗିଥିଲା। କାର୍‌ରେ ଥିବା ଲୋକେ ବାହରକୁ ବାହରିବା ପାଇଁ ସୁଯୋଗ ପାଇ ନଥିଲେ। ଏଥିପାଇଁ ହାଇୱେ ଉପରେ ପାଖାପାଖି ଏକ ଘଣ୍ଟା ଟ୍ରାଫିକ ଜାମ୍ ହୋଇଥିଲା। ମୃତକଙ୍କୁ ଚିହ୍ନଟ କରାଯାଉଛି । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି। ସୂଚନା ମିଳିବା ମାତ୍ରେ ହିଁ ପୁଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ ଓ ନିଆଁ ଲିଭାଇଥିଲେ। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଓଡ଼ିଶାରେ ପୁଲିସ ଚାକିରି ବେପାର

# ମାମଲା ରୁଜୁ କଲା ସିବିଆଇ

■ **ଭୁବନେଶ୍ୱର, ୧୩।୧୧ (ସମିସ):** ରାଜ୍ୟରେ ଏସ୍‌ଆଇ ଚାକିରି ବିକ୍ରି ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତରେ ପୂର୍ଣ୍ଣଛେଦ ପଡ଼ିବା ପରେ ତଦନ୍ତ ଭାର ସମ୍ଭାଳିଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଗୁରୁବାର ମାମଲା ରୁଜୁ କରିଛି। କେସ୍ ନମ୍ବର ୩୫(ଏ)/୨୫ରେ ସିବିଆଇ ମାମଲା ରୁଜୁ ହୋଇଥିଲା ବେଳେ ଅଭିଯୁକ୍ତଙ୍କ ବିରୋଧରେ ବିଏନଏସ୍‌ର ଧାରା ୩୧୮(୪), ୩୧୯(୨), ୩୩୮, ୩୩୬(୩), ୩୪୦(୨), ୧୧୧, ୬୧(୨) ଏବଂ ୩(୫) ଲଗାଯାଇଛି । ସିବିଆଇ ଅତିରିକ୍ତ ଏସ୍‌ପି ବି. ସାମଲଙ୍କୁ ଏହାର ତଦନ୍ତ ଭାର ଦିଆଯାଇଛି । ମାମଲା ରୁଜୁ କରିବା ପରେ ସିବିଆଇ କାର୍ଯ୍ୟାଳୟରେ ହଲଚଲ ଆରମ୍ଭ ହୋଇଛି । ତଦନ୍ତ ପାଇଁ ସିବିଆଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛି । ଏହି ଟିମ୍‌ରେ ଅତିରିକ୍ତ ଏସ୍‌ପିଙ୍କ ସମେତ ଏକାଧିକ ଇନ୍‌ସ୍ପେକ୍ଟର ରହିଛନ୍ତି। ସେହିପରି ଓଡ଼ିଶା ବ୍ୟତୀତ ରାଜ୍ୟ ବାହାର ଲିଙ୍କ୍ ଖୋଜି ବାହାର କରିବା ମୁଖ୍ୟ ଫୋକସ୍‌ରେ ରହିବ ବୋଲି ସିବିଆଇ ସୂତ୍ରରୁ ଜଣାପଡ଼ିଛି।

ସୂଚନା ମୁତାବକ ଏସ୍‌ଆଇ ସ୍କାମ୍‌ର ଚେର ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଏବଂ ଆନ୍ଧ୍ର ପ୍ରଦେଶ ପର୍ଯ୍ୟନ୍ତ ଲମ୍ବିଛି । ଗିରଫ ଅଭିଯୁକ୍ତଙ୍କ ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡର କିଛି ପେଶାଦାର ପରୀକ୍ଷା ପ୍ରଶ୍ନପତ୍ର ଜାଲିଆତି ଏବଂ ଚାକିରି ବିକ୍ରି ଗ୍ୟାଙ୍ଗ ସହ ଲିଙ୍କ୍ ରହିଛି । ଏମାନଙ୍କ ସହଯୋଗରେ ▶ପୃଷ୍ଠା-୭

### ତଦନ୍ତ ଭାର ସମ୍ଭାଳିଲେ ଅତିରିକ୍ତ ଏସ୍‌ପି ବି.ସାମଲ
### ମାନବ ସମ୍ବଳ ଯୋଗାଇ ଦେବାକୁ ମୁଖ୍ୟାଳୟକୁ ଚିଠି

# ଆଜି ବିହାର ଫଳ

## ଚିନ୍ତା ବଢ଼ାଇଛି ଭୋଟ୍ ହାର

■ **ପାଟନା, ୧୩।୧୧:** ବିହାରରେ ସର୍ବାଧିକ ଦିନ ଧରି ମୁଖ୍ୟମନ୍ତ୍ରୀ ପଦରେ ରହିଥିବା ନୀତୀଶ କୁମାରଙ୍କୁ ପୁଣି ସୁଯୋଗ ମିଳିବ କି? ତାଙ୍କୁ ରାଜ୍ୟର ଭୋଟରମାନେ ଏହି ସୁଯୋଗ ଦେଇଛନ୍ତି କି ନାହିଁ? ଏହି ପ୍ରଶ୍ନର ଉତ୍ତର ଆସନ୍ତାକାଲି ମିଳିବାକୁ ଯାଉଛି । ରାଜ୍ୟ ବିଧାନସଭାର ୨୪୩ଟି ଆସନରେ ଆସନ୍ତାକାଲି ମତଗଣନା ହେବା ପରେ ସବୁକିଛି ସ୍ପଷ୍ଟ ହୋଇଯିବ । ମତଦାନ ପରେ ବୁଥବାହୁଡ଼ା ମତ କରାଇଥିବା ପ୍ରାୟ ସମସ୍ତ ସଂସ୍ଥା ନୀତୀଶଙ୍କ ଏନ୍‌ଡିଏ ଜିତିବ ବୋଲି ଆକଳନ କରିଛନ୍ତି। ଅଧିକାଂଶ ସଂସ୍ଥାଙ୍କ ଆକଳନ ଅନୁଯାୟୀ ୨୪୩ ଆସନ ମଧ୍ୟରୁ ନୀତୀଶଙ୍କ ନେତୃତ୍ୱାଧୀନ ଏନ୍‌ଡିଏକୁ ▶ପୃଷ୍ଠା-୭

## ଆଜି ନୂଆପଡ଼ା ଭୋଟଗଣତି

# ଫଳ ପୂର୍ବରୁ ଗୋଳ

## ସନ୍ଦେହ ବଢ଼ାଇଲା ନିର୍ଦ୍ଦିଷ୍ଟ ବୁଥ୍‌ରେ ୯୦ରୁ ୯୫ ପ୍ରତିଶତ ମତଦାନ

■ **ଭୁବନେଶ୍ୱର, ୧୩।୧୧ (ସମିସ):** ସାରା ଦେଶକୁ ଚକିତ କରିଛି ନୂଆପଡ଼ା ଉପନିର୍ବାଚନରେ ମତଦାନ ହାର । ପୂର୍ବର ସବୁ ଉପନିର୍ବାଚନ ଓ ୧୧ ତାରିଖରେ ଦେଶର ବିଭିନ୍ନ ରାଜ୍ୟରେ ଅନୁଷ୍ଠିତ ଉପନିର୍ବାଚନର ରେକର୍ଡ ଭାଙ୍ଗିଛି ନୂଆପଡ଼ା। ଏଠାରେ ମତଦାନ ହାର ୮୩% ଅତିକ୍ରମ କରିଛି ଓ କେତେକ ନିର୍ଦ୍ଦିଷ୍ଟ ବୁଥ୍‌ରେ ୯୦ ପ୍ରତିଶତରୁ ୯୫ ପ୍ରତିଶତ ପର୍ଯ୍ୟନ୍ତ ଭୋଟିଂ ହୋଇଛି । କୌତୂହଳର କଥା ହେଉଛି ଅନେକ ସ୍ଥାନରେ ସନ୍ଧ୍ୟା ୫ଟା ପରେ ମତଦାନ ହାର ଦିନ ତୁଳନାରେ ଯଥେଷ୍ଟ ଅଧିକ ହୋଇଛି । ସ୍ୱାଭାବିକ ଭାବରେ ଏହା ନିର୍ବାଚନ ସଂକ୍ରାନ୍ତ ସମୀକ୍ଷକଙ୍କୁ ଅଧିକ ଦ୍ୱନ୍ଦ୍ୱ ଓ ସନ୍ଦେହରେ ପକାଇଛି ।

ବୁଥ୍ ନମ୍ବର ୧୨ (ଗୁଡ଼ାପଟରା ପ୍ରାଥମିକ ବିଦ୍ୟାଳୟ)ରେ ମୋଟ ୪୯୭ ଭୋଟରଙ୍କ ମଧ୍ୟରୁ ୪୪୮ ଜଣ ମତଦାନ କରିଥିବା ରିପୋର୍ଟ ମିଳିଛି । ବୁଥ୍ ନମ୍ବର ୧୪ (ବାରକୋଠି ପ୍ରାଥମିକ ବିଦ୍ୟାଳୟ)ରେ ୪୧୨ ଭୋଟରଙ୍କ ମଧ୍ୟରୁ ୩୭୪ ଜଣ ମତଦାନ କରିଛନ୍ତି । ▶ପୃଷ୍ଠା-୭

### ସନ୍ଧ୍ୟା ୫ଟା ପରେ ୮ ପ୍ରତିଶତ ଅଧିକ ଭୋଟକୁ ନେଇ ସନ୍ଦେହ
### ୪୧ ବୁଥରେ ୯୧ ପ୍ରତିଶତ ମତଦାନକୁ ନେଇ ବିଜେଡିର ପ୍ରଶ୍ନ
### ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭୋଟିଂ ବୁଥର ସିସିଟିଭି ଫୁଟେଜ ଦାବି

# ୨୦ରୁ ଆରମ୍ଭ ହେବ ଖରିଫ ଧାନକିଣା

## କଟ୍‌ନୀଛଟ୍‌ନୀକୁ ନେଇ ପୁଣି ଆଶଙ୍କାରେ ଚାଷୀ

■ **ଭୁବନେଶ୍ୱର, ୧୩।୧୧ (ସମିସ):** ଆସନ୍ତା ୨୦ ତାରିଖରୁ ରାଜ୍ୟରେ ଆରମ୍ଭ ହେବ ଖରିଫ ଧାନ କିଣା। ବରଗଡ଼ ଜିଲ୍ଲାରେ ପ୍ରଥମେ ଧାନମଣ୍ଡି ଖୋଲିବ। ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଏହି ସୂଚନା ଚାଷୀଙ୍କ ମଧ୍ୟରେ ଉତ୍ସାହ ଅପେକ୍ଷା ଅଧିକ ଆଶଙ୍କା ସୃଷ୍ଟି କରିଛି। ଗତବର୍ଷ ଖରିଫ ଧାନ କିଣା ବେଳେ ମିଲରଙ୍କ ମନମାନି, କଟନୀଛଟନୀ, ଧାନର ଏଫଏକ୍ୟୁ ମାନକୁ ନେଇ ଚାଷୀ ବେଶ ହନ୍ତସନ୍ତ ହୋଇଥିଲେ। ଅତ୍ୟଧିକ କଟନୀଛଟନୀ ସହ ଟୋକନ୍ ଅବ୍ୟବସ୍ଥା ଓ ମଣ୍ଡିରେ ଧାନ ନଉଠିବା କାରଣରୁ ଚାଷୀ ବାଧ ହୋଇ କମ୍ ଦରରେ ଧାନ ବିକ୍ରି କରିଥିଲେ। ଯାହାକୁ ନେଇ ରାଜ୍ୟବ୍ୟାପୀ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଥିଲା । ତେଣୁ ଚଳିତ ବର୍ଷ ଯଦି ଅନୁରୂପ ସମସ୍ୟା ସୃଷ୍ଟି ହୁଏ ତେବେ ଚାଷୀମାନେ କାହା ନିକଟରେ ଗୁହାରି କରିବେ ବୋଲି ପ୍ରଶ୍ନ ଉଠିଛି ।

ଗତବର୍ଷ ଅର୍ଥାତ୍ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୭୭ ଲକ୍ଷ ଟନ୍ ଧାନ କିଣିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ହେଁ ୭୪ ଲକ୍ଷ ଟନ୍ ଧାନ ସଂଗ୍ରହ କରିଥିଲେ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ଉପରେ ସରକାର ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ପ୍ରଦାନ ସତ୍ତ୍ୱେ ୩ ଲକ୍ଷ ଟନ୍ କମ୍ ଧାନ ସଂଗ୍ରହ ହେବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଥିଲା। ଧାନ କମ କ୍ରୟ ପଛରେ ଚାଷୀ ଏକାଧିକ କାରଣକୁ ଦାୟୀ କରିଥିଲେ। କଟନୀଛଟନୀ, ▶ପୃଷ୍ଠା-୭

### ଗତବର୍ଷ ପୂରଣ ହୋଇ ନ ଥିଲା ଧାନ କ୍ରୟ ଲକ୍ଷ୍ୟ

## ରାସ୍ତାରେ ମାଣ ବସାଇଲେ ପଞ୍ଜୀକରଣରୁ ବଞ୍ଚିତ ବରଗଡ଼ ଚାଷୀ



## ଇପିଏଫ୍‌ଓ-୩.୦

# ୨୫ ହଜାର ହେବ ବେତନ ସୀମା

■ **ନୂଆଦିଲ୍ଲୀ, ୧୩।୧୧ (ଏଜେନ୍ସି):** ଆଗକୁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ(ଇପିଏଫ୍‌ଓ)ର ସଦସ୍ୟମାନେ ପେନ୍‌ସନ୍‌ରେ ବଡ଼ ଫରଦା ପାଇବାକୁ ଯାଉଛନ୍ତି। ଏଣିକି ଅଧିକ ବେତନଧାରୀଙ୍କୁ ବି ମିଳିବ ଅଧିକ ପେନ୍‌ସନ୍‌ର ଫାଇଦା। କାରଣ ସରକାର ଇପିଏଫ୍‌ଓ ସଦସ୍ୟମାନଙ୍କର ବେତନସୀମାରେ ବୃଦ୍ଧି ଘଟାଇବାକୁ ଯାଉଛନ୍ତି। ସରକାର ସଦସ୍ୟଙ୍କ ବେତନ ସୀମା ୧୫,୦୦୦ ଟଙ୍କାରୁ ୨୫, ୦୦୦ ଟଙ୍କାକୁ ବୃଦ୍ଧି କରିବାକୁ ବିଚାର କରୁଛନ୍ତି। ଶେଷ ଥର ପାଇଁ ୨୦୧୪ରେ କର୍ମଚାରୀ ପେନ୍‌ସନ୍ ଯୋଜନା (ଇପିଏସ୍) ଅନ୍ତର୍ଗତ ବେତନ ସୀମା ୧୫ ହଜାର ଟଙ୍କାକୁ ବୃଦ୍ଧି କରିଥିଲେ। କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟର ସୂତ୍ର ଅନୁସାରେ, ଏ ସମ୍ପର୍କିତ ଏକ ପ୍ରସ୍ତାବ ଆସନ୍ତା ଡିସେମ୍ବର କିମ୍ବା ଜାନୁଆରୀ ମାସରେ ହେବାକୁ ଥିବା ଇପିଏଫ୍‌ଓ ▶ପୃଷ୍ଠା-୭

### ଅଧିକ ବେତନଧାରୀଙ୍କୁ ବି ମିଳିବ ପେନ୍‌ସନ୍‌ର ଫାଇଦା
### ମାସିକ ପେନ୍‌ସନ୍ ଫଣ୍ଡ ଜମା ୧୨୫୦ରୁ ୨୦୮୩ ଟଙ୍କା ହେବ
### ୨୦୧୪ରେ ଇପିଏସ୍ ସୀମା ୧୫ ହଜାରକୁ ବଢ଼ିଥିଲା

# ୭ ଡିଗ୍ରୀକୁ ଖସିଲା ପାରଦ

## ୧୦ ଡିଗ୍ରୀ ତଳେ ରାଜ୍ୟର ୪ ସହର

■ **ଭୁବନେଶ୍ୱର, ୧୩।୧୧ (ସମିସ):** ସଞ୍ଜ ନଇଁଲେ ମାଡ଼ି ଆସୁଛି ଥଣ୍ଡା । ଦୁଇ ଦିନ ହେବ ରାତି ଭଳି ଦିନରେ ମଧ୍ୟ ଥଣ୍ଡା ଅନୁଭୂତ ହେଉଛି । ରାଜ୍ୟର ପୂର୍ବରୁ ପଶ୍ଚିମ-ଉତ୍ତରରୁ ଦକ୍ଷିଣ ସବୁଠି ଶୀତର ପ୍ରଭାବ ଅନୁଭୂତ ହେଉଛି। ଉତ୍ତର-ପଶ୍ଚିମ ଦିଗରୁ ଓଡ଼ିଶା ମଧ୍ୟକୁ କ୍ରମାଗତ ଭାବେ ଶୁଷ୍କ ଥଣ୍ଡା ବାୟୁ ପ୍ରବାହ ହେଉଥିବାରୁ ଶୀତ ବଢ଼ି ଚାଲିଛି। ଏଭଳି ସ୍ଥିତିରେ ଆସନ୍ତା ସପ୍ତାହେ ମଧ୍ୟରେ ବିଶେଷ ପରିବର୍ତ୍ତନ ନଥିବାରୁ ଶୀତ ପ୍ରାୟ ଜାରି ରହିବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ଏକାଧିକ ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ବେଳେ ବହୁ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ▶ପୃଷ୍ଠା-୭

### ରାଜଧାନୀରେ ୧୪ଡିଗ୍ରୀ ପାରଦ
### ସ୍ୱାଭାବିକଠୁ ୫ ଡିଗ୍ରୀ ତଳେ ତାପମାତ୍ରା
### ସପ୍ତାହେ ପର୍ଯ୍ୟନ୍ତ ଜାରି ରହିବ ଶୀତ

## ଏଯାଏଁ ମିଳିପାରିନି ପରିବେଶ ମଞ୍ଜୁରୀ

# ଅନିଶ୍ଚିତତାରେ ସୁବର୍ଣ୍ଣରେଖା ମେଗା ବନ୍ଦର ପ୍ରକଳ୍ପ

■ **କାଳିପଦା, ୧୩।୧୧ (ସମିସ):** ବାଲିଆପାଳ ବ୍ଲକ ସୁବର୍ଣ୍ଣରେଖା ନଦୀ ମୁହାଁଣ ଚୌମୁଖଠାରେ ହେବାକୁ ଥିବା ସୁବର୍ଣ୍ଣରେଖା ବନ୍ଦର ମେଗା ପ୍ରକଳ୍ପ ଏବେ ଅନିଶ୍ଚିତତା ମଧ୍ୟ ଦେଇ ଗତି କରୁଛି । ଅଦ୍ୟାବଧି ବନ୍ଦର କର୍ତ୍ତୃପକ୍ଷଙ୍କୁ କେନ୍ଦ୍ର ଗ୍ରୀନ ଟ୍ରିବ୍ୟୁନାଲଠୁ ପରିବେଶ ମଞ୍ଜୁରୀ ମିଳିପାରିନାହିଁ। ଏ ନେଇ ଜନ ଶୁଣାଣିକୁ ଏକ ବର୍ଷ ପୂରିବାକୁ ଯାଉଛି। ଏବେ ହାଇକୋର୍ଟ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଚୌମୁଖ ଡଗରା ବେଳାଭୂମିର ବିକାଶ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

୧୯୯୮ ମସିହାରେ ଏହି ଦୁଇ ବେଳାଭୂମିକୁ ତତ୍କାଳୀନ ସରକାର ପର୍ଯ୍ୟଟନ କେନ୍ଦ୍ର ଭାବେ ଘୋଷଣା କରିଥିଲେ। ଏଠିକାର ନାଲି ଓ ନୀଳ ରକ୍ତ କଙ୍କଡା, ଅଲିଭ ରିଡଲେ କଇଁଛ, ହେନ୍ତାଳ ବଣ, ଅଗଭୀର ସମୁଦ୍ର, ଧାଡି ଧାଡି ଝାଉଁ ବଣ, ସମତଳ ବେଳାଭୂମି ଆଦି ପ୍ରାକୃତିକ ବିଭବ ପାଇଁ ପ୍ରସିଦ୍ଧ। କେନ୍ଦ୍ର ସରକାର ଏହି ଦୁଇ ବେଳାଭୂମିକୁ ସିଆରଜେଡ ( କୋଷ୍ଟାଲ ରେଗୁଲେଟିଂ ଜୋନ ) -୧ରେ ଅନ୍ତର୍ଭୁକ୍ତ କରିଥିଲେ। ଏହି ଜୋନ ଏରିଆ ଅଞ୍ଚଳ ରେ କୌଣସି ଉନ୍ନୟନ କାର୍ଯ୍ୟ ହୋଇ ପାରିବ ନାହିଁ। ତେବେ କେଉଁ ଆଧାରରେ ଏହାକୁ ଏବେ ସିଆରଜେଡ -୨କୁ ପରିବର୍ତ୍ତନ କରାଯାଇଛି। ଏହା ବିରୋଧରେ ହାଇକୋର୍ଟରେ ଏକ ▶ପୃଷ୍ଠା-୭



### ପର୍ଯ୍ୟଟନ କେନ୍ଦ୍ରର ବିକାଶ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ
### ସିଆରଜେଡ-୨ ପାଇଁ କୋର୍ଟରେ ମାମଲା

## ପୋଖରୀକୁ ଓଲଟିଲା କାର୍; ୨ ମୃତ



■ **କବିସୂର୍ଯ୍ୟନଗର, ୧୩।୧୧ (ସମିସ):** କବିସୂର୍ଯ୍ୟନଗର ଥାନା ଆଠଗଡ଼ପାଟଣାର ଗଙ୍ଗାପୁରଠାରେ ବୁଧବାର ବିଳମ୍ବିତ ରାତିରେ ଏକ କାର୍ ଭାରସାମ୍ୟ ହରାଇ ପୋଖରୀ ଭିତରେ ପଶିଯିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୀଳାଞ୍ଚଳ ମହାପାତ୍ର ଓ ସନ୍ତୋଷ ମହାପାତ୍ର। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତି ଯାଏ ଏକ ଇଟା ଭାଟିରେ ଭୋଜିଭାତ ଚାଲିଥିଲା। ଭୋଜି ଖାଇସାରି ଚାରି ଜଣ ସାଙ୍ଗ କାରରେ ଚିଙ୍ଗୁଡ଼ିଘାଇ ଫେରୁଥିଲେ। ଫେରିବା ବେଳେ ଗଙ୍ଗାପୁର ଗୁଡିବନ୍ଧରେ ଚାଳକ ଭାରସାମ୍ୟ ହରାଇବାରୁ କାର୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇ ଗଙ୍ଗାପୁର ଗାଁ ପୋଖରୀ ଭିତରକୁ ଓଲଟି ପଡ଼ିଥିଲା । ଘଟଣାସ୍ଥଳରେ ହିଁ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ବାସିନ୍ଦା ସମସ୍ତଙ୍କୁ ଉଦ୍ଧାର କରି ଆସିକା ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ନୀଳାଞ୍ଚଳ ଓ ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ କାର୍ ଉଦ୍ଧାର କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଆତଙ୍କବାଦୀଙ୍କ ଠିକଣା: କୋଠା ନଂ-୧୭, ରୁମ୍ ନଂ-୧୩

## ଅଲ୍ ଫଲାହ ବିଶ୍ୱବିଦ୍ୟାଳୟକୁ କାରଣ ଦର୍ଶାଅ ନୋଟିସ; ପଶିଲା ଇଡି




ନୂଆଦିଲ୍ଲୀ, ୧୩।୧୧(ଏଜେନ୍ସି): ଲାଲ୍‌କିଲ୍ଲା ବିସ୍ଫୋରଣ ପରେ ହରିୟାଣାର ଫରିଦାବାଦସ୍ଥିତ ଅଲ ଫଲାହ ବିଶ୍ୱବିଦ୍ୟାଳୟ ସନ୍ଦେହ ପରିସରକୁ ଆସିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ବିଶ୍ୱବିଦ୍ୟାଳୟର କୋଠା ନମ୍ବର ୧୭ ଏବଂ ରୁମ୍ ନମ୍ବର ୩ରେ ଦିଲ୍ଲୀ ବିସ୍ଫୋରଣ ପାଇଁ ଷଡ଼ଯନ୍ତ୍ର ରଚନା କରାଯାଇଥିଲା। ଏହି ବିଲ୍ଡିଂ ଓ ରୁମରେ ଅଭିଯୁକ୍ତ ଡାକ୍ତର ମୁଜାମ୍ମିଲ, ଡ. ଉମର, ଡ. ଆଦିଲ ଓ ଡ. ସୟିଦ ରହୁଥିଲେ। ସେମାନେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈସ-ଇ- ମହମ୍ମଦ ସହିତ ଯୋଗାଯୋଗ କରି ବିସ୍ଫୋରଣ ଷଡ଼ଯନ୍ତ୍ର କରିଥିଲେ। ଏହି କାରଣରୁ ବର୍ତ୍ତମାନ ଅଲ ଫଲାହ ବିଶ୍ୱବିଦ୍ୟାଳୟ ଚର୍ଚ୍ଚାରେ ରହିଛି। ତଦନ୍ତକାରୀ ସଂସ୍ଥା ଏବେ ଏହି ୪ ଡାକ୍ତରଙ୍କ ଉପରେ ଫୋକସ କରି ତଦନ୍ତ ଚଳାଇଛନ୍ତି। ବିସ୍ଫୋରଣରେ ଉମରର ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ପୁଲିସ ହାଜତରେ ଅଛନ୍ତି। ଏହି ଘଟଣାରେ ସେମାନଙ୍କ ଠାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବ ବୋଲି ଅନୁମାନ କରାଯାଉଛି।

ଇତିମଧ୍ୟରେ ଏହି ବିଶ୍ୱବିଦ୍ୟାଳୟକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ନ୍ୟାସନାଲ ଆସେସମେଣ୍ଟ ଆଣ୍ଡ ଆକ୍ରିଡେସନ କାଉନସିଲ (ଏନ୍‌ଏସି) ଏହି ପଦକ୍ଷେପ ଗ୍ରହଣ କରିଛି। ଦିଲ୍ଲୀ ବିସ୍ଫୋରଣ ମାମଲାରେ ଫରିଦାବାଦ ଟେରର ମଡ୍ୟୁଲ୍‌ରେ ଗିରଫ ହୋଇଥିବା ଡାକ୍ତରମାନେ ଅଲ ଫଲ୍‌ହା ବିଶ୍ୱବିଦ୍ୟାଳୟ ସହ ଜଡିତ ଥିବାର ପ୍ରମାଣ ମଳିବା ପରେ ଏହି ନୋଟିସ ଜାରି କରାଯାଇଛି। ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍‌କୁ ମଧ୍ୟ ବନ୍ଦ କରିଦିଆଯାଇଛି। ଗୋଟିଏ ଦିନ ପୂର୍ବରୁ ଏହି ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ହ୍ୟାକ୍ ହୋଇଥିଲା। ଜାଲ୍ ସ୍ୱୀକୃତି ପାଇଥିବା ଅଭିଯୋଗରେ ନୋଟିସ ଜାରି କରାଯାଇଛି ବୋଲି କୁହାଯାଇଛି। ଏହି ବିଶ୍ୱବିଦ୍ୟାଳୟ ଏ ଆଣ୍ଡ ଏ ଓ ସାଇକଲ-୧ ପାଇଁ ମାନ୍ୟତା ହାସଲ କରିନାହିଁ। ନିଜ ୱେବସାଇଟ୍‌ରେ ଅଲ ଫଲାହ ବିଶ୍ୱବିଦ୍ୟାଳୟ ଅଲ ଫଲାହ ଚାରିଟେବୁଲ ଟ୍ରଷ୍ଟ ଅଧୀନରେ ଥିବା ବୋଲି ଉଲ୍ଲେଖ କରାଯାଇଛି। ଏହାର ପରିସରରେ ୩ଟି କଲେଜ ରହିଛି। ଏହା ପୂରାପୂରି ଭୁଲ ଓ ଜନତାଙ୍କୁ ଭ୍ରମିତ କରାଯାଇଛି ବୋଲି ଏନ୍‌ଏସି ତରଫରୁ କୁହାଯାଇଛି। ନୋଟିସର ଜବାବ ଦେବାକୁ ୭ ଦିନ ସମୟ ଦିଆଯାଇଛି। ଏହି ଅନୁଷ୍ଠାନ କେଉଁଠୁ ପାଣ୍ଠି ସଂଗ୍ରହ କରୁଥିଲା, ତାହାର ଯାଞ୍ଚ କରାଯିବ। ଏଥିପାଇଁ ଏହି ବିଶ୍ୱବିଦ୍ୟାଳୟରେ ଆଜି ଇଡି ଚଢ଼ାଉ କରିଛି। ଇତିମଧ୍ୟରେ କେନ୍ଦ୍ର ଗୃହମନ୍ତ୍ରଣାଳୟ ବିଶ୍ୱବିଦ୍ୟାଳୟର ସବୁ ରେକର୍ଡର ଫରେନସିକ୍ ଯାଞ୍ଚ୍ ପାଇଁ ଆଦେଶ ଦେଇଛି।

ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣ ଘଟଣାରେ ମୃତ୍ୟୁସଂଖ୍ୟା ୧୩କୁ ବୃଦ୍ଧି ପାଇଛି। ଆଜି ଆଉ ଜଣେ ଆହତ ବ୍ୟକ୍ତିଙ୍କର ମେଡିକାଲରେ ମୃତ୍ୟୁ ଘଟିଛି। ମେଡିକାଲରେ ଏବେ ବି ଆଉ ୨୦ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

## ୨୬ ଲକ୍ଷ ଟଙ୍କା ଯୋଗାଡ଼ କରିଥିଲେ ଅଭିଯୁକ୍ତ

ନୂଆଦିଲ୍ଲୀ, ୧୩।୧୧(ଏଜେନ୍ସି): ବିଭିନ୍ନ ସ୍ଥାନରେ ବିସ୍ଫୋରଣ ପାଇଁ ସନ୍ଦିଗ୍ଧ ଡାକ୍ତରମାନେ ବିସ୍ଫୋରକ ଓ ଅନ୍ୟ ଜିନିଷ କିଣିବାକୁ ଟଙ୍କା ଯୋଗାଡ଼ କରୁଥିଲେ। ସେମାନେ ୨୬ ଲକ୍ଷ ଟଙ୍କା ସଂଗ୍ରହ କରିସାରିଥିଲେ। ଏହି ଅର୍ଥକୁ ଡା. ଉମରକୁ ଦିଆଯାଇଥିଲା। ଏହି ଅର୍ଥରେ ଗୁରୁଗ୍ରାମ, ନୁହ ଓ ଆଖପାଖ ଅଞ୍ଚଳରୁ ପାଖାପାଖି ୩ ଲକ୍ଷ ଟଙ୍କାରେ ୨୦ କ୍ୱିଣ୍ଟାଲ ଏନ୍‌ପିକେ ଫର୍ଟିଲାଇଜର କିଣିବା ପାଇଁ ଖର୍ଚ୍ଚ କରାଯାଇଥିଲା। ନାଇଟ୍ରୋଜେନ, ଫସ୍‌ଫରସ ଓ ପଟାସିଅମର ମିଶ୍ରଣ ହେଉଛି ଏନ୍‌ପିକେ ଫର୍ଟିଲାଇଜର। ଏହାକୁ ବ୍ୟବହାର କରି ବିସ୍ଫୋରକ ପ୍ରସ୍ତୁତ କରାଯାଇଥାଏ।

ଯାଞ୍ଚ ଏଜେନ୍ସି ଅନୁସାରେ ଡା ମୁଜାମ୍ମିଲ ୨୦୨୧ ଓ ୨୦୨୨ରେ ନିହତ ହୋଇଥିବା ଆତଙ୍କବାଦୀଙ୍କ ସହଯୋଗୀଙ୍କ ସମ୍ପର୍କ ସ୍ଥାପନ କରିବା ପରେ ଏହି ସଂଗଠନର ଏକ ଶାଖା ଅନସାର ଗଜବତ-ଉଲ-ହିନ୍ଦ୍ ଦ୍ୱାରା ପ୍ରଭାବିତ ହୋଇଥିଲା। ଇର୍ଫାନ ଉରଫ ମୌଲବୀ ନାମକ ଜଣେ ବ୍ୟକ୍ତି ହିଁ ମୁଜାମ୍ମିଲକୁ ଏହି ନେଟ୍‌ୱର୍କ ସହ ପରିଚିତ କରାଇଥିଲା ବୋଲି କୁହାଯାଉଛି। ୨୦୨୩ ଓ ୨୦୨୪ରେ ଜବତ ହୋଇଥିବା ଅସ୍ତ୍ରଶସ୍ତ୍ରକୁ ନେଇ ଏକ ସ୍ୱତନ୍ତ୍ର ଆତଙ୍କବାଦୀ ସଂଗଠନ ସ୍ଥାପନ କରିବାକୁ ଯୋଜନା ଥିଲା। ଏହି ବ୍ୟାପକ ନେଟ୍‌ୱର୍କ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା ପାଇଁ ଯାଞ୍ଚ ଏଜେନ୍ସିଗୁଡିକ ପ୍ରୟାସ ଜାରି ରଖିଛନ୍ତି। କାରଣ ଅଭିଯୁକ୍ତମାନେ ଭବିଷ୍ୟତରେ ଆହୁରି ବଡ଼ ଆକ୍ରମଣ କରିବାକୁ ଯୋଜନା କରିଥିଲେ ବୋଲି ଯାଞ୍ଚ ଏଜେନ୍ସିଗୁଡିକ ସନ୍ଦେହ କରୁଛନ୍ତି। ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ୍ ସହିତ ସେମାନଙ୍କର ଥିବା ସନ୍ଦେହ କରାଯାଉଛି।

**ଆଇଏସ୍‌ଆଇଏସ୍ ସହ ସନ୍ଦିଗ୍ଧ ସମ୍ପର୍କ**

**ଲାଲ୍ ଇକୋସ୍ପୋର୍ଟ୍ସ କାର୍ ପାର୍କ କରିଥିବା ସନ୍ଦିଗ୍ଧ ଗିରଫ**



ଲାଲ୍‌କିଲ୍ଲା ବୋମା ବିସ୍ଫୋରଣ ସହିତ ଜଡିତ ନିଖୋଜ କାର ଓ ଏହାର ଡ୍ରାଇଭରକୁ ଖୋଜା ଚାଲିଛି। ଗତ ସନ୍ଧ୍ୟାରେ ଗୋଟିଏ କାରକୁ ଜବତ କରିଛି ପୁଲିସ। ଏହି ଗାଡ଼ିକୁ ପାର୍କ କରିଥିବା ସନ୍ଦିଗ୍ଧକୁ ମଧ୍ୟ ଗିରଫ କରାଯାଇଛି। ଦିଲ୍ଲୀ ପୁଲିସ ଏ ନେଇ ଆଲର୍ଟ ଜାରି କରିଥିଲା। ଏକ ଲାଲ ରଙ୍ଗର ଫର୍ଡ ଇକୋସ୍ପୋର୍ଟ୍ସ କାର ଫରିଦାବାଦ୍‌ରୁ ଡା ଉମରର କାର ସହିତ ବାହରିଥିଲା। ମାତ୍ର କିଛି ଘଣ୍ଟା ମଧ୍ୟରେ ଫରିଦାବାଦ୍ ପୁଲିସ ଖଣ୍ଡାବଲି ଗାଁରୁ ଏହି କାର୍‌କୁ ଖୋଜି ପାଇବାରେ ସକ୍ଷମ ହୋଇଛି। ଏହି କାର୍‌କୁ ସେଠାରେ ପାର୍କ କରିଥିବା ବ୍ୟକ୍ତି ଫହିମକୁ ଗିରଫ କରାଯାଇଛି। ଫହିମ ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଉମରର ସମ୍ପର୍କୀୟ ହୋଇପାରେ ବୋଲି ପୁଲିସ ଆଶଙ୍କା କରୁଛି। ଦୁଇଟି କାର ସାଥି ହୋଇ ବାହାରିଥିଲେ। ଉମର କାର୍‌ରେ ବିସ୍ଫୋରଣ ହୋଇଥିଲେ ମଧ୍ୟ ଏହି କାର୍‌ର ଖୋଜ ଖବର ନଥିଲା। ଏହି କାରଣରୁ ଦିଲ୍ଲୀ ପୁଲିସ ଆଲର୍ଟ ଜାରି କରିଥିଲା।

## ଇଣ୍ଟରପୋଲ୍‌ର ସହାୟତା ଲୋଡ଼ିଲା ପୁଲିସ

ଶ୍ରୀନଗର, ୧୩।୧୧(ଏଜେନ୍ସି): ଲାଲକିଲ୍ଲା ବିସ୍ଫୋରଣର ସଂଦିଗ୍ଧ ଅଭିଯୁକ୍ତ ଜଣେ କାଶ୍ମୀର ଡାକ୍ତର ବିରୋଧରେ ରେଡ କର୍ଣ୍ଣର ନୋଟିସ ଜାରି କରିବାକୁ ଜମ୍ମୁ-କଶ୍ମୀର ପୁଲିସ ଇଣ୍ଟରପୋଲ ସହିତ ଯୋଗାଯୋଗ କରିଛି। ଏହି ଡାକ୍ତର ହେଉଛନ୍ତି ଡା ମୁଜାଫର। ମୁଜାଫର ଜୈଶ-ଇ-ମହମ୍ମଦ ସହିତ ଜଡିତ ଏକ ବଡ଼ ଆତଙ୍କବାଦୀ ନେଟ୍‌ୱର୍କର ଅଂଶ ବୋଲି ଜଣା ପଡ଼ିଛି। ସେ ଦେଶ ବାହାରେ ଥିବାରୁ ରେଡ କର୍ଣ୍ଣର ନୋଟିସ ଦ୍ୱାରା ତାକୁ ଟ୍ରାକ କରାଯିବ। ମୁଜାଫର ହେଉଛି ଡା ଆଦିଲର ଭାଇ। ଆଦିଲ ଅନନ୍ତନାଗ ମେଡିକାଲ କଲେଜରେ କାର୍ଯ୍ୟରତ। ତେବେ ତା'ର ଲକରରୁ ଏକ ଏକେ-୪୭ ରାଇଫଲ ଜବତ ହେବା ପରେ ତାକୁ ଗିରଫ କରାଯାଇଥିଲା। ଗିରଫ୍ ହୋଇଥିବା ଅଭିଯୁକ୍ତଙ୍କୁ ପଚରାଉଚରା କରାଯିବା ପରେ ମୁଜାଫରର ନାମ ସାମ୍ନାକୁ ଆସିଥିଲା। ମୁଜାଫର ୨୦୨୧ରେ ଅଭିଯୁକ୍ତ ମୁଜାମିଲ ଗନାଇ ଓ ଉମର ନବୀ ସହ ତୁର୍କୀ ଯାଇଥିଲା। ଗତ ଅଗଷ୍ଟରେ ସେ ଦୁବାଇରୁ ଭାରତ ଆସିଥିଲା ଓ ଏବେ ସେ ଆଫଗାନିସ୍ତାନରେ ଅଛି ବୋଲି କୁହାଯାଉଛି। ଏହି ୩ ଜଣ ୨୧ ଦିନ ତୁର୍କୀରେ ଥିଲେ ବୋଲି ପୁଲିସ କହିଛି। କିନ୍ତୁ ତୁର୍କୀ କର୍ତ୍ତୃପକ୍ଷ ଏହାକୁ ଖଣ୍ଡନ କରିଛନ୍ତି।

**କାଶ୍ମୀର ଡାକ୍ତରଙ୍କ ବିରୋଧରେ ଜାରି ହେବ ରେଡ୍ କର୍ଣ୍ଣର ନୋଟିସ୍**

**କାନପୁର ମେଡିକାଲ ଛାତ୍ରଙ୍କୁ ଗିରଫ କଲା ୟୁପି ଏଟିଏସ୍**

ଉତ୍ତର ପ୍ରଦେଶର ଆଣ୍ଟି ଟେରରିଷ୍ଟ ସ୍କାଡ୍ (ଏଟିଏସ୍) ଲାଲ୍‌କିଲ୍ଲା ବିସ୍ଫୋରଣ ମାମଲାରେ କାନପୁରର ମେଡିକାଲ କଲେଜର କାର୍ଡିଲୋଜିଷ୍ଟ ଇନ୍‌ଷ୍ଟିଚ୍ୟୁଟର ଅଧ୍ୟୟନରତ ଜମ୍ମୁ-କଶ୍ମୀରର ଜଣେ ଛାତ୍ରଙ୍କୁ ଗିରଫ କରିଛି। ଏହି ଛାତ୍ର ହେଉଛନ୍ତି ଡା ମହମ୍ମଦ ଆରିଫ। ଗିରଫ ହୋଇଥିବା ମହିଳା ଡାକ୍ତର ଶାହିନ ସଇଦ୍‌ଙ୍କ ଫୋନ୍ ରେକର୍ଡ ଯାଞ୍ଚ୍ କରାଯିବା ବେଳେ ଆରିଫ୍‌ଙ୍କ ନାମ ସାମ୍ନାକୁ ଆସିଥିଲା। ଦୀର୍ଘଦିନ ଧରି ଦୁଇଜଣଙ୍କ ମଧ୍ୟ ସମ୍ପର୍କ ଥିଲା ବୋଲି ଏଟିଏସ୍ କହିଛି। ଆରିଫ୍ କାଶ୍ମୀରର ବାସିନ୍ଦା ଓ ସେ କାନପୁରର ଆଶୋକ ନଗର ଅଞ୍ଚଳ ଭଡ଼ାରେ ଏକ ଫ୍ଲାଟ୍‌ରେ ରହୁଥିଲା। ବୁଧବାର ରାତିରେ ଏଟିଏସ୍ ତା ଘରେ ଚଢ଼ାଉ କରି ଗିରଫ୍ କରିଥିଲା। ଜଣେ ପ୍ରତିଭାଶାଳୀ ଡାକ୍ତରରୁ ସେ ଏବେ ଆତଙ୍କବାଦୀରେ ପରିଣତ ହୋଇଛି। ପିଲାଟି ବେଳୁ ସେ ଡାକ୍ତର ହେବାକୁ ଚାହୁଁଥିଲା ବୋଲି ତାର ପରିବାର ଲୋକେ କହିଛନ୍ତି। ତେବେ ତାକୁ ପଚରାଉଚରା ପରେ ଏହି ଆତଙ୍କବାଦୀ ନେଟ୍‌ୱର୍କ ସଂପର୍କରେ ଅନେକ ତଥ୍ୟ ମିଳିବ ବୋଲି କୁହାଯାଉଛି।

## ମେଳ ଖାଇଲା ଡା ଉମର ମା'ଙ୍କ ଡିଏନ୍‌ଏ ରିପୋର୍ଟ

ନୂଆଦିଲ୍ଲୀ, ୧୩।୧୧(ଏଜେନ୍ସି): ଲାଲ୍‌କିଲ୍ଲା ବିସ୍ଫୋରଣରେ ମୁଖ୍ୟ ଅଭିଯୁକ୍ତ ଥିଲା ଡା ମହମ୍ମଦ ଉମର ନବୀ। ବିସ୍ଫୋରଣ ସମୟରେ ସେ କାର୍‌ରେ ଥିଲା। କାର୍‌ରୁ ଉମର ଦାନ୍ତ, ହାଡ଼, ରକ୍ତଲଗା ପୋଷାକ ଓ ପାଦର ଅଂଶ ଷ୍ଟିଅରିଂ ହ୍ୱିଲ୍ ଓ ଆକ୍ସିଲରେଟର ମଧ୍ୟରେ ଫସି ରହିଥିଲା। ଏହାକୁ ନେଇ ଡିଏନ୍‌ଏ ପରୀକ୍ଷା କରାଯାଇଥିଲା। ଉମରର ଡିଏନ୍‌ଏ ତା'ର ମାଙ୍କ ସହ ମେଳ ଖାଇଥିବା ଯାଞ୍ଚ୍‌ରୁ ଜଣାପଡ଼ିଛି। କାର୍‌ରେ ବିସ୍ଫୋରଣ ଘଟାଇବା ପୂର୍ବରୁ ଉମର ୫ଥର କାର୍ ସହିତ ଦେଖାଦେଇଛି। କିନ୍ତୁ ସେତେବେବେଳେ ତା ଉପରେ କୌଣସି ଯାଞ୍ଚ୍ ଏଜେନ୍ସିର ସନ୍ଦେହ ହୋଇ ନଥିଲା। ସେ ବିନାଭୟରେ ଦିଲ୍ଲୀର ସଡ଼କରେ ବୁଲୁଥିବାର ବିଭିନ୍ନ ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଛି। ସେ କେତେବେଳେ ମସଜିଦ ଯାଉଥିଲା ତ କେତେବେଳେ କନ୍ନଟ ପ୍ଲେସ ବୁଲୁଥିଲା। ବିସ୍ଫୋରଣ ପୂର୍ବରୁ ସେ ଲାଲ୍‌କିଲ୍ଲା ପାଖରେ ୩ ଘଣ୍ଟା ବସିଥିବାର ଦେଖାଯାଇଛି।

## ପାକ୍ ରାଷ୍ଟ୍ରପତି, ସେନାଧ୍ୟକ୍ଷଙ୍କୁ ମିଳିଲା ଆଜୀବନ ସୁରକ୍ଷା

ଇସଲାବାମାଦ୍, ୧୩।୧୧(ଏଜେନ୍ସି): ପାକିସ୍ତାନ ସଂସଦ ସେନାମୁଖ୍ୟ ଆସିମ ମୁନୀରଙ୍କ ଶକ୍ତି ବୃଦ୍ଧି କରିବାକୁ ଓ ସୁପ୍ରିମକୋର୍ଟଙ୍କ କ୍ଷମତା କମାଇବାକୁ ୨୭ତମ ସମ୍ବିଧାନ ସଂଶୋଧନକୁ ମଞ୍ଜୁରୀ ପ୍ରଦାନ କରିଛି। ଏହି ସଂଶୋଧନ ସହିତ ସମ୍ବିଧାନର ୪୮ ଟି ଧାରାରେ ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦିଆଯାଇଛି। ନ୍ୟାସନାଲ ଆସେମ୍ବ୍ଲି ଏହି ବିଲ୍‌କୁ ୨୩୪ ଭୋଟରେ ପାରିତ କରିଛି। ରାଷ୍ଟ୍ରପତି ଆସିଫ ଅଲି ଜର୍ଦ୍ଦାରୀ ସ୍ୱାକ୍ଷର କରିବା ପରେ ଏହା ଆଇନ୍‌ରେ ପରିଣତ ହେବ। ସେନାମୁଖ୍ୟ ମୁନୀର ଏଥିସହ ଜଳ, ସ୍ଥଳ ଓ ବାୟୁ ସେନାର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏଫ୍) ହେବାର ସୁଯୋଗ ପାଇବେ। ନଭେମ୍ବର ୨୭ରେ ଏହା ଲାଗୁ ହେବ। ପଦ ମିଳିବା ମାତ୍ରେ ହିଁ ମୁନୀରଙ୍କୁ ପରମାଣୁ ଅସ୍ତ୍ରର କମାଣ୍ଡ ମିଳିଯିବ। ନିଜ ପଦର କାର୍ଯ୍ୟକାଳ ଶେଷ ହେବା ପରେ ମଧ୍ୟ ସେ ନିଜ ପଦରେ ରହିବା ଏଥିସହ ସଂଶୋଧନ ଅନୁଯାୟୀ ରାଷ୍ଟ୍ରପତିଙ୍କ ସହ ସେନାଧ୍ୟକ୍ଷଙ୍କୁ ଆଜୀବନ ଆପରାଧୀ ମକଦ୍ଦମାରୁ ସୁରକ୍ଷା ମିଳିବ। ସେମାନେ ବଞ୍ଚିଥିବା ପର୍ଯ୍ୟନ୍ତ ସେମାନଙ୍କ ବିରୋଧରେ କୌଣସି ଫୌଜଦାରୀ ମକଦ୍ଦମା କରାଯାଇପାରିବ ନାହିଁ।

## ଭାରତ, ଆଫଗାନିସ୍ତାନ ସହ ଯୁଦ୍ଧ ଧମକ

କାବୁଲ୍, ୧୩।୧୧(ଏଜେନ୍ସି): ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ମଧ୍ୟ ପୁଣି ଥରେ ଆଫଗାନିସ୍ତାନ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛନ୍ତି। ପାକିସ୍ତାନ ଏକା ସଙ୍ଗେ ଭାରତ ଓ ଆଫଗାନିସ୍ତାନ ସହିତ ଯୁଦ୍ଧ କରିବାକୁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି। କୌଣସି ବିକଳ୍ପ ନଥିଲେ 'ଟୁ ଫ୍ରଣ୍ଟ ୱାର' ଅର୍ଥାତ ଏହି ଦୁଇ ଦେଶ ସହ ଗୋଟଏ ସମୟରେ ଯୁଦ୍ଧ କରିବାକୁ ପଛାଇବୁ ନାହୁଁ ବୋଲି ସେ କହିଛନ୍ତି।

ଇତିମଧ୍ୟରେ ପାକିସ୍ତାନ ସହ ଚାଲିଥିବା ରାଜନୈତିକ ଓ କୂଟନୈତିକ ସଂଘର୍ଷ ପାଇଁ ଆଫଗାନିସ୍ତାନ କେତୋଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି। ଆଗାମୀ ୩ ମାସ ମଧ୍ୟରେ ପାକିସ୍ତାନ ସହ ଆଫଗାନିସ୍ତାନ ସବୁ ବ୍ୟବସାୟ ବନ୍ଦ କରିବ ବୋଲି କହିଛି। ପାକିସ୍ତାନ ସହ ସୀମା ବନ୍ଦ ହେବା ମାତ୍ରେ ହିଁ ବ୍ୟବସାୟ ଠପ୍ ହେବ ବୋଲି ଆଫଗାନିସ୍ତାନ ଉପ-ପ୍ରଧାନମନ୍ତ୍ରୀ ମୁଲ୍ଲା ଅବଦୁଲ ଗନି ବରାଦର କହିଛନ୍ତି। ଏଥିପାଇଁ ତାଲିବାନ ବ୍ୟବସାୟୀ ଓ ଶିଳ୍ପପତିଙ୍କୁ ବିକଳ୍ପ ରାସ୍ତା ସନ୍ଧାନ କରିବାକୁ ନିର୍ଦ୍ଦେଶ ଦେଇଛି। ଏହାଦ୍ୱାରା ପ୍ରତିମାସ ପାଖାପାଖି ୨୦୦ ମିଲିଅନ ଆମେରିକା ଡଲାର ଅର୍ଥାତ ୧, ୭୦୦ କୋଟି ଟଙ୍କର କ୍ଷତି ହେବ ବୋଲି ସେ କହିଛନ୍ତି। ସୀମା ବନ୍ଦ କରିବା ପ୍ରକ୍ରିୟାକୁ ସେ ଆର୍ଥିକ ଯୁଦ୍ଧ ବୋଲି କହିଛନ୍ତି।

## ୬ କୋଟି 'ମୃତକ'ଙ୍କ ଆଧାର କାର୍ଡ ନିଷ୍କ୍ରିୟ

ନୂଆଦିଲ୍ଲୀ, ୧୩।୧୧(ଏଜେନ୍ସି): ଦେଶରେ ୨୦୦୯ ଜାନୁଆରୀ ଆଧାରକାର୍ଡ ଲାଗୁ ହୋଇଥିଲା। ଇତିମଧ୍ୟରେ ପ୍ରତ୍ୟେକ ନାଗରିକଙ୍କର ଆଧାର ନଂ ଜାରି କରିବାର ପ୍ରକ୍ରିୟାକୁ ୧୫ ବର୍ଷ ପୂରଣ ହୋଇଛି। ମୋଟ ଉପରେ ୧୪୨ କୋଟିରୁ ଅଧିକ ଆଧାର କାର୍ଡ ଜାରି କରାଯାଇଛି। କିନ୍ତୁ ୮ କୋଟିରୁ ଅଧିକ ଆଧାର କାର୍ଡ ଧାରକଙ୍କ ମୃତ୍ୟୁ ହୋଇଥିବା ବେଳେ ମାତ୍ର ୧. ୮୩ କୋଟି ମୃତକଙ୍କ କାର୍ଡ ନିଷ୍କ୍ରିୟ ହୋଇଛି। ପାଖାପାଖି ୬ କୋଟି ମୃତକଙ୍କ ଆଧାର କାର୍ଡ ଏବେବି ସକ୍ରିୟ ରହିଛି। ଏଗୁଡ଼ିକ ନିଷ୍କ୍ରିୟ କରିବା ଲାଗି ଆଧାର ପ୍ରାଧିକରଣ ଅଭିଯାନ ଆରମ୍ଭକରିଛି। ଏଥିରେ ।।ପେଶ୍ଚିମବଙ୍ଗରେ ପାଖାପାଖି ୩୪ଲକ୍ଷ ଆଧାର କାର୍ଡ ରହିଛି। ଏମାନଙ୍କର ମୃତ୍ୟୁ ହୋଇଯାଇଥିଲେ ମଧ୍ୟ ଅନ୍ୟମାନେ ଏହି କାର୍ଡ ଜରିଆରେ ବିଭିନ୍ନ ସରକାରୀ ଯୋଜନାର ଫାଇଦା ନେଉଛନ୍ତି। ତେଣୁ ଏଗୁଡ଼ିକୁ ନିଷ୍କ୍ରିୟ କରିବା ଲାଗି ଉଦ୍ୟମ ଆରମ୍ଭ ହୋଇଛି।



ୟୁଆଇଡିଏଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଭୁବନେଶ କୁମାର କହିଛନ୍ତି ଯେ ଏହାଦ୍ୱାରା ବ୍ୟାଙ୍କ ଠକାମୀ, ନକଲି ଖାତା, ସରକାରଙ୍କ ବିଭିନ୍ନ ଯୋଜନାର ଲାଭକୁ ନେଇ ହେରଫେର ହେବାର ଆଶଙ୍କା ରହିଛି। ଅଧାର କାର୍ଡର ଆରମ୍ଭ ୨୦୧୦ରେ ହୋଇଥିଲା ଓ ୨୦୧୬ ପରେ ୮ କୋଟି ଆଧାର ଧାରକଙ୍କ ମୃତ୍ୟୁ ହୋଇଛି। ସିଭିଲ ରେଜିଷ୍ଟ୍ରେସନ ସିଷ୍ଟମରୁ କେବଳ ୨୫ଟି ରାଜ୍ୟର ପରିସଂଖ୍ୟାନ ମିଳିଛି। ବାକି ରାଜ୍ୟଗୁଡିକରୁ ତଥ୍ୟ ହାସଲ ପାଇଁ କାର୍ଯ୍ୟ ଜାରି ରହିଛି ବୋଲି ସେ କହିଛନ୍ତି। ୧୦୦ ବର୍ଷ ପାର କରିଥିବା ୮.୩ ଲକ୍ଷ ବିରଷ୍ଠ ନାଗରିକଙ୍କ ଆଧାର ଯାଞ୍ଚ ହୋଇଛି ବୋଲି କୁହାଯାଇଛି।

ତେବେ ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାର ବିରୋଧ କରିଛନ୍ତି। ସେ କହିଛନ୍ତି ଯେ ଏବେ ରାଜ୍ୟରେ ଏସଆଇଆର ଚାଲିଥିବା ବେଳେ ଭୋଟର ତାଲିକାରୁ ଭୋଟରଙ୍କ ନାମ କାଟିବା ଲାଗି ଆଧାର ନାମରେ ଷଡ଼ଯନ୍ତ୍ର କରାଯାଉଛି। ଏଥିପାଇଁ ସେ ନିର୍ବାଚନ କମିସନଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି।

## ଲଦାଖରେ ଭାରତର ନ୍ୟୋମା ଏୟାରବେସ୍ କାର୍ଯ୍ୟକ୍ଷମ

ନୂଆଦିଲ୍ଲୀ, ୧୩।୧୧(ଏଜେନ୍ସି): ଚୀନ ସୀମା ନିକଟରେ ଓ ଲଦାଖସ୍ଥିତ ମୁଧ- ନ୍ୟୋମା ଏୟାରବେସ୍ ବୁଧବାର କାର୍ଯ୍ୟକ୍ଷମ ହୋଇଛି। ଭାରତୀୟ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂହ ଏହି ଏୟାର ବେସ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ସେ ନିଜେ ଗାଜିଆବାଦ୍‌ର ହିଣ୍ଡନ ଏୟାର ବେସ୍‌ରୁ ସି-୧୩୦ଜେ ସୁପର ହରକ୍ୟୁଲେସ୍ (ଟ୍ରାନ୍ସପୋର୍ଟ ଏୟାରକ୍ରାଫ୍ଟ)ରେ ଉଡାଣ ଭରିବା ସହ ମୁଧ- ନ୍ୟୋମା ଏୟାରବେସ୍‌ରେ ଅବତରଣ କରିଥିଲେ। ତାଙ୍କ ସହ ୱେଷ୍ଟର୍ଣ୍ଣ ଏୟାର କମାଣ୍ଡ ମୁଖ୍ୟ ଏୟାର ମାର୍ଶାଲ ଜିତେନ୍ଦ୍ର ମିଶ୍ରା ମଧ୍ୟ ଥିଲେ। ଏହି ଏୟାରବେସ୍ ଚୀନ ସହିତ ଥିବା ଲାଇନ୍ ଅଫ୍ ଆକ୍ଚୁଆଲ କଣ୍ଟ୍ରୋଲ (ଏଲ୍‌ଏସି) ଠାରୁ ମାତ୍ର ୨୫ କିମି ଦୂରରେ ଅବସ୍ଥିତ। ଏହି ଏୟାରବେସ ସମୁଦ୍ରପତ୍ତନଠାରୁ ୧୩, ୭୧୦ ଫୁଟ ଉଚ୍ଚରେ ଅବସ୍ଥିତ। ଏହା ବିଶ୍ୱର ସବୁଠାରୁ ଉଚ୍ଚ ଏୟାରବେସ୍‌ଗୁଡିକ ମଧ୍ୟରୁ ଅନ୍ୟତମ। ଏହି ଅତ୍ୟାଧୁନିକ ଏୟାର ବେସ୍‌ରେ ୨.୭ କିମି ଦୈର୍ଘ୍ୟର ରନୱେ ରହିଛି। ଏଠାରୁ ଲଢୁଆ ବିମାନ, ଟ୍ରାନ୍ସପୋର୍ଟ ଏୟାରକ୍ରାଫ୍ଟ ଓ ହେଲିକପ୍ଟର ଉଡାଣ ଭରିପାରିବ। ପାଖାପାଖି ୨୧୮ କୋଟି ଟଙ୍କା ବିନିମୟରେ ଏହାର ନିର୍ମାଣ କରାଯାଇଛି। ଏଠାରୁ ସୈନିକ ଓ ଅସ୍ତ୍ରଶସ୍ତ୍ର ନେଇ ଅତିଶୀଘ୍ର ଗୋଟିଏରୁ ଅନ୍ୟ ସ୍ଥାନକୁ ନିଆଯାଇପାରିବ। ନିକଟରେ ମୁଧା ଗାଁ ଥିବାରୁ ଏହି ଏୟାରବେସ୍‌ର ନାମ ମୁଧା- ନ୍ୟୋମା ରଖାଯାଇଛି। ୨୦୨୩ରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହି ଏୟାରବେସ୍‌ର ଶିଳାନ୍ୟାସ କରିଥିଲେ। ଲଦାଖରେ ଏହା ହେଉଛି ଭରାତୀୟ ବାୟୁସେନାର ଚତୁର୍ଥ ଏୟାରବେସ୍। ଅନ୍ୟ ୩ଟି ଏୟାରବେସ୍ ଲେହ, କାରଗିଲ ଓ ଥୋଇସ୍‌ରେ ଅବସ୍ଥିତ। ୧୯୬୨ରେ ଚୀନ ବିପକ୍ଷ ଯୁଦ୍ଧ ପରେ ନ୍ୟୋମା ଏୟାରବେସ୍ ବନ୍ଦ କରିଦିଆଯାଇଥିଲା। ସେତେବେଳେ ଏଥିରେ ମାଟିର ରନୱେ ଥିଲା। ବର୍ଷା ହେଲେ ରନୱେରେ କାଦୁଅ ଭରିଯାଉଥିଲା। ଏବେ କିନ୍ତୁ ଏହା ଅତ୍ୟାଧୁନିକ ଶୈଳୀରେ ସବୁ ଋତୁ ପାଇଁ ନିର୍ମାଣ କରାଯାଇଛି।

## ମୁକୁଲ ରଏଙ୍କ ବିଧାୟକ ପଦ ରଦ୍ଦ କଲେ କୋଲକାତା ହାଇକୋର୍ଟ



କୋଲକାତା, ୧୩।୧୧ (ଏଜେନ୍ସି): କୋଲକାତା ହାଇକୋର୍ଟ ଗୁରୁବାର ଦଳବଦଳ ବିରୋଧୀ ଆଇନ୍ ଅନୁସାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ମୁକୁଲ ରଏଙ୍କ ପଶ୍ଚିମବଙ୍ଗ ବିଧାନସଭା ସଦସ୍ୟତାକୁ ରଦ୍ଦ କରିଛନ୍ତି। ଜଷ୍ଟିସ ଦେବାଙ୍ଗସୁ ବସାକଙ୍କ ଖଣ୍ଡପୀଠ ବିରୋଧୀଦଳ ନେତା ଶୁଭେନ୍ଦୁ ଅଧିକାରୀ ଓ ବିଜେପି ବିଧାୟକ ଅମ୍ବିକା ରଏଙ୍କ ଆବେଦନର ଶୁଣାଣି କରି ଏହି ରାୟ ପ୍ରଦାନ କରିଛନ୍ତି। ଦଳବଦଳ ବିରୋଧୀ ଆଇନ୍ ନେଇ ଶୁଭେନ୍ଦୁ ମୁକୁଲଙ୍କ ସଦସ୍ୟତା ରଦ୍ଦ କରିବାକୁ ଆବେଦନ କରିଥିଲେ। ତେବେ ବିଧାନସଭା ବାଚସ୍ପତି ବିମାନ ବାନାର୍ଜୀ ଏହାକୁ ଖାରଜ କରିଥିଲେ। ଫଳରେ ଶୁଭେନ୍ଦୁ ହାଇକୋର୍ଟରେ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲେ। ମୁକୁଲ ବିଜେପି ଟିକେଟ୍‌ରେ ବିଜୟୀ ହୋଇଥିଲେ ମଧ୍ୟ ଟିଏମ୍‌ସିରେ ଯୋଗ ଦେଇଥିଲେ। ମୁକୁଲ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ସାଂସଦ ଅଭିଷେକ ବାନାର୍ଜୀଙ୍କ ଉପସ୍ଥିତିରେ ପାଖାପାଖି ୪ ବର୍ଷ ପରେ ଟିଏମ୍‌ସିକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପୂର୍ବରୁ ସେ ୨୦୧୭ରେ ଟିଏମ୍‌ସି ଛାଡି ବିଜେପିରେ ଯୋଗ ଦେଇଥିଲେ। ଶୁଭେନ୍ଦୁ ୨୦୨୧ ଜୁନ୍ ୧୮ରେ ମୁକୁଲଙ୍କ ବିଧାନସଭା ସଦସ୍ୟତା ରଦ୍ଦ କରିବାକୁ ବାଚସ୍ପତି ବିମାନଙ୍କୁ ଆବେଦନ କରିଥିଲେ।

## ଆମେରିକା ଇତିହାସର ସବୁଠାରୁ ଲମ୍ବା ସଟ୍‌ଡାଉନ୍ ଶେଷ

ୱାସିଂଟନ, ୧୩।୧୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ଏକ ସରକାରୀ ଫଣ୍ଡିଂ ବିଲ୍‌ରେ ସ୍ୱାକ୍ଷର କରିଛନ୍ତି। ଏଥିସହ ୪୩ ଦିନ ଜାରି ରହିଥିବା ଆମେରିକା ଇତିହାସର ସବୁଠାରୁ ଲମ୍ବା ସଟ୍‌ଡାଉନ୍ ଶେଷ ହୋଇଛି। ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସ (ନିମ୍ନ ସଦନ)ରେ ଏହି ବିଲ୍ ୨୨୨-୨୦୯ ଅନ୍ତରରେ ପାସ୍ ହୋଇଛି। ତେବେ ଏଥିରେ ହେଲଥ କେୟାର ପ୍ରୋଗ୍ରାମ୍ ଏସିଏ ସବସିଡ (ଓବାମା କେୟାର ସବସିଡ୍)ର ପ୍ରିମିୟର ଟ୍ୟାକ୍ସ କ୍ରେଡିଟ୍ସକୁ ବୃଦ୍ଧି କରାଯିବା ନେଇ କୌଣସି ପ୍ରତିଶ୍ରୁତି ଦିଆଯାଇନାହିଁ। ଏହି ଓବାମା କେୟାର ସବସିଡ୍ସ ୨୦୨୫ ଡିସେମ୍ବର ୩୧ରେ ଶେଷ ହେବାକୁ ଯାଉଛି। ଏହି ବିଧେୟକ ପୂର୍ବରୁ ସିନେଟ୍ ଅର୍ଥାତ ଉପର ଗୃହରେ ଗୃହିତ ହୋଇସାରିଛି। ଉଲ୍ଲେଖଥାଉ କି, ଏହାପୂର୍ବରୁ ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ୨୦୧୮ରେ ଦ୍ୱିତୀୟ ସର୍ବବୃହତ୍ ୩୫ ଦିନର ସଟ୍‌ଡାଉନ୍ ଲାଗୁ କରାଯାଇଥିଲା।

ବିଲ୍‌ରେ ସ୍ୱାକ୍ଷର କରିବା ପୂର୍ବରୁ ଟ୍ରମ୍ପ କହିଛନ୍ତି ଯେ, ଦେଶ ଏହାପୂର୍ବରୁ କେବେ ଏତେ ଭଲ ସ୍ଥିତିରେ ନଥିଲା। ଆମେରିକା ଏକ ମହାନ ଦେଶ। ଏହି ବିଲ୍ ସରକାରଙ୍କୁ ଜାନୁଆରୀ ୩୧ ସୁଦ୍ଧା ଫଣ୍ଡିଂ ଅର୍ଥାତ ପାଣ୍ଠି ଉପଲବ୍ଧ କରାଇବ। ଏହି ବିଧେୟକ ଅନୁସାରେ ବିଭିନ୍ନ ଏଜେନ୍ସିଗୁଡିକ ଜାନୁଆରୀ ୩୧ ପର୍ଯ୍ୟନ୍ତ କର୍ମଚାରୀଙ୍କୁ ଛଟେଇ କରିବାରୁ ରୋକିବ। ଅନ୍ୟପଟେ ଡେମୋକ୍ରାଟ ପାର୍ଟିର କିଛି ନେତା ଏସିଏ ସବସିଡ୍‌ର ଟ୍ୟାକ୍ସ କ୍ରେଡିଟ୍ସକୁ ବୃଦ୍ଧି କରିବା ନେଇ ଲଢ଼େଇ ଜାରି ରହିବ ବୋଲି ଘୋଷଣା କରିଛନ୍ତି। ଏହି ଲଢ଼େଇ ଏବେ ଶେଷ ହୋଇନାହିଁ ଓ ଏହାକୁ ଆମେ ଜାରି ରଖିବୁ ବୋଲି ସେମାନେ କହିଛନ୍ତି। ଏହି ଭୋଟିଂ ନ୍ୟୁଜର୍ସି ଓ ଆରିଜୋନାରେ ହାଇପ୍ରୋଫାଇଲ ନିର୍ବାଚନରେ ବିଜୟ ହାସଲ କରିବାର ୮ ଦିନପରେ ଅନୁଷ୍ଠିତ ହୋଇଛି। ଏହା ଦ୍ୱାରା ସ୍ୱାସ୍ଥ୍ୟବିମା ସବ୍‌ସିଡ୍‌ର ବିସ୍ତାର ନେଇ ସମ୍ଭାବନା ଦୃଢ଼ ହୋଇଛି। ତେବେ ଏହି ବୁଝାମଣା ଅନୁସାରେ ଡିସେମ୍ବରରେ ଏହି ସବ୍‌ସିଡ୍ ନେଇ ସିନେଟ୍‌ରେ ମତଦାନ କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। କିନ୍ତୁ ଗୃହରେ ଏପରି କୌଣସି ପ୍ରତିଶ୍ରୁତି ଦିଆଯାଇନାହିଁ। କିନ୍ତୁ ଗୃହ ଟ୍ରମ୍ପଙ୍କ ରବର ଷ୍ଟାମ୍ପ ନ ହେଉ ଓ ଟ୍ରମ୍ପଙ୍କ ଜିଦ୍ କାରଣରୁ ଛୋଟ ପିଲା ଖାଦ୍ୟ ଓ ଚିକିତ୍ସାରୁ ବଞ୍ଚିତ ନ ହୁଅନ୍ତୁ ବୋଲି ଡେମୋକ୍ରାଟ ସାଂସଦ ମିକି ସେରିଲ କହିଛନ୍ତି। ଏହି ତଥାକଥିତ ସ୍ୱାସ୍ଥ୍ୟାବିମା କମ୍ପାନୀଗୁଡିକୁ ଲାଭ ପହଞ୍ଚାଉଛି ଓ ଆମେରିକା ଲୋକଙ୍କ ପାଇଁ କ୍ଷତିକାରକ ବୋଲି ଟ୍ରମ୍ପ ସୋସିଆଲ ମିଡିଆ ଟ୍ରୁଥରେ ପୋଷ୍ଟ କରି କହିଥିଲେ। ସବ୍‌ସିଡ୍ ବଦଳରେ ଲୋକଙ୍କୁ ସିଧା ପଇସା ଦେଇ ସେମାନଙ୍କୁ ନିଜ ପସନ୍ଦର ବୀମା କ୍ରୟ କରିବାକୁ ସୁବିଧା ଦିଆଯିବା ଉଚିତ ବୋଲି ଟ୍ରମ୍ପ କହିଥିଲେ। ଦୁଇଟି ପାର୍ଟିର ନେତାଙ୍କ ସହ ସାକ୍ଷାତ କରି ଏହାର ସମାଧାନ କରିବାକୁ ପ୍ରସ୍ତୁତ ଅଛି ବୋଲି ସେ କହିଥିଲେ।

**■ ହେଲ୍‌ଥ କେୟାର ପ୍ରୋଗାମ ନେଇ ସହମତି ହୋଇନି**

**■ ଲଢ଼େଇ ଏବେବି ଜାରି ରହିଛି: ବିପକ୍ଷ**

## +୨ ଇଣ୍ଟରନାଲ୍ ପରୀକ୍ଷା ପାଇଁ ମାର୍ଗଦର୍ଶିକା ଜାରି

ଭୁବନେଶ୍ୱର,୧୩।୧୧(ସମିସ): ଡିସେମ୍ବର ୨୨ତାରିଖରୁ ଯୁକ୍ତ ଦୁଇ ଇଣ୍ଟରନାଲ୍ ପରୀକ୍ଷା ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପ୍ରସ୍ତୁତି ଆରମ୍ଭ କରିଛି। ଇଣ୍ଟରନାଲ୍ ବା ପ୍ରୋଜେକ୍ଟ ପରୀକ୍ଷାକୁ ସୁଚାରୁଭାବେ କରିବା ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି। କେବଳ ରେଗୁଲାର୍ ପରୀକ୍ଷାର୍ଥୀମାନେ ଇଣ୍ଟରନାଲ୍ ବା ପ୍ରୋଜେକ୍ଟ ପରୀକ୍ଷା ଦେବେ। ମୋଟ୍ ୨୦ରୁ ୬ ଏବଂ ୧୦ରୁ ୩ ମାର୍କ ରଖିଲେ କୃତକାର୍ଯ୍ୟ ହେବ। ଯେଉଁ ଛାତ୍ରଛାତ୍ରୀମାନେ ପ୍ରଥମ ସ୍ଲଟ୍ ବା ଡିସେମ୍ବର ୨୨ରୁ ୩୧ ମଧ୍ୟରେ ପରୀକ୍ଷା ଦେଇ ନ ପାରିବେ, ସେମାନଙ୍କୁ ଆଉ ଗୋଟିଏ ସୁଯୋଗ ପ୍ରଦାନ କରାଯିବ। ଜାନୁଆରୀ ୨ରୁ ୧୫ ତାରିଖ ମଧ୍ୟରେ ସେମାନେ ପରୀକ୍ଷା ଦେଇପାରିବେ। ଏକ୍ସ-ରେଗୁଲାର୍ ପିଲାଙ୍କୁ ଏହି ପରୀକ୍ଷା ଦେବାକୁ ପଡ଼ିବ ନାହିଁ। ପରୀକ୍ଷାରେ ଅନୁପସ୍ଥିତ ରହୁଥିବା ଛାତ୍ରଛାତ୍ରୀଙ୍କୁ ଫେଲ୍ ଭାବେ ଘୋଷଣା କରାଯିବ। ପରୀକ୍ଷାର ପ୍ରଶ୍ନପତ୍ର ପାଟର୍ଣ୍ଣ ମଧ୍ୟ ସିଏଚ୍‌ଏସ୍‌ଇ ପକ୍ଷରୁ ଜାରି କରାଯାଇଛି। ମୋଟ୍ ୨୦ ନମ୍ବର ଇଣ୍ଟରନାଲ୍ ପରୀକ୍ଷା ଥିବା ବିଷୟରେ ୫ଟି ଏକ ମାର୍କିଆ ପ୍ରଶ୍ନପତ୍ର ଆସିବ। ସେହିପରି ତିନୋଟି ଲେଖାଏଁ ୨ମାର୍କିଆ ଓ ୩ ମାର୍କିଆ ପ୍ରଶ୍ନ ଆସିବ। ଅନୁରୂପ ଭାବେ ମୋଟ୍ ୧୦ ନମ୍ବର ଥିବା ବିଷୟରେ ୫ଟି ଏକ ମାର୍କିଆ, ଗୋଟିଏ ଲେଖାଏଁ ୨ ଓ ୩ ମାର୍କ ବିଶିଷ୍ଟ ପ୍ରଶ୍ନପତ୍ର ଆସିବ। ସୂଚନାଯୋଗ୍ୟ, ଫେବୃଆରୀ ତୃତୀୟ ସପ୍ତାହରୁ ବାର୍ଷିକ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ଫେବୃଆରୀ ୧୪ ତାରିଖ ସୁଦ୍ଧା ପିଲାଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ଚଳିତ ବର୍ଷ ନୂତନ ଭାବେ ୮୯ କେନ୍ଦ୍ରରେ ପରୀକ୍ଷା ହେବ। ସମୁଦାୟ ୧୩୪୯ ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ ବୋଲି ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

**୨୦ରୁ ୬ ଏବଂ ୧୦ରୁ ୩ ମାର୍କ ରଖିଲେ ପାସ**

**ନୀଳଗିରିରେ ଏକତା ପଦଯାତ୍ରାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**

# ସମୃଦ୍ଧ ଓଡ଼ିଶା ନିର୍ମାଣରେ ନେତୃତ୍ୱ ନେବେ ଯୁବଗୋଷ୍ଠୀ

ନୀଳଗିରି, ୧୩।୧୧ (ସମିସ): ସମଗ୍ର ଭାରତବର୍ଷକୁ ଏକତାର ସୂତ୍ରରେ ବାନ୍ଧି ଏକ ବିକଶିତ ଭାରତ ଗଠନ କରିବାର ମୁଖ୍ୟବିନ୍ଧାଣୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମଜୟନ୍ତୀ ଅବସରରେ ଏକତା ବର୍ଷ ପାଳନ ହେଉଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବାଲେଶ୍ୱର ଜିଲ୍ଲା ନୀଳଗିରିଠାରେ ଏକତା ପଦଯାତ୍ରାର ଶୁଭାରମ୍ଭ କରିଛନ୍ତି। ନୀଳଗିରିଠାରୁ ମିତ୍ରପୁର ପର୍ଯ୍ୟନ୍ତ ଦୀର୍ଘ ୧୦ କିମି ରାସ୍ତାରେ ଆୟୋଜିତ ପଦଯାତ୍ରା(ରନ୍ ଫର୍ ୟୁନିଟ)ରେ ସହସ୍ରାଧିକ ଛାତ୍ରଛାତ୍ରୀ, ଯୁବକଯୁବତୀ, ସାଧାରଣଜନତା, ସରକାରୀ ଅଧିକାରୀ ସାମିଲ ହୋଇଥିଲେ।

ପଦଯାତ୍ରା ପୂର୍ବରୁ ମୁଖ୍ୟମନ୍ତ୍ରୀ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିର ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନକରି ଆଶିଷ ଭିକ୍ଷା କରିଥିଲେ। ପରେ ନୀଳଗିରି ପୁଲିସ ପଡିଆ ଯାଇ ସଭାରେ ସାମିଲ ହୋଇଥିଲେ। ପ୍ରଥମେ ସ୍ୱାଧୀନତା




ସଂଗ୍ରାମରେ ବାଲେଶ୍ୱର ମାଟିର ସୁପୁତ୍ରମାନଙ୍କର ଫଟୋଚିତ୍ର ଏବଂ ସର୍ଦ୍ଦାର ପଟେଲଙ୍କ ଜୀବନୀ ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ। ଏହି ଅବସରରେ ଆୟୋଜିତ ସାଧାରଣ ସଭାକୁ ମୁଖ୍ୟମନ୍ତ୍ରୀ ସମ୍ବୋଧିତ କରି କହିଥିଲେ ଯେ ବିଭାଜିତ ସ୍ୱାଧୀନ ଭାରତରେ ଦେଶୀୟ ରାଜ୍ୟଗୁଡ଼ିକୁ ମିଶ୍ରଣକରି ଏକତାର ସୂତ୍ରରେ ବାନ୍ଧିବା ପାଇଁ ସର୍ଦ୍ଦାର ପଟେଲଙ୍କ ଉଦ୍ୟମରେ ୫୬୪ଟି ଦେଶୀୟ ରାଜ୍ୟ ସ୍ୱାଧୀନ ଭାରତରେ ମିଶ୍ରଣ ହୋଇପାରିଥିଲା। ସର୍ଦ୍ଦାର ପଟେଲଙ୍କ ନିର୍ଦ୍ଦେଶରେ ଡ. ହରେକୃଷ୍ଣ ମହତାବ ନୀଳଗିରି ଗଡଜାତକୁ ପ୍ରଥମେ ସ୍ୱାଧୀନ ଭାରତରେ ମିଶ୍ରଣ କରିବାକୁ ପ୍ରବର୍ତ୍ତାଇ ଦସ୍ତଖତ କରିପାରିଥିଲେ। ପରେପରେ ଅନ୍ୟ ଦେଶୀୟ ରାଜ୍ୟ ଗୁଡିକ ଭାରତରେ ସାମିଲ ହୋଇଥିଲା। ତେଣୁ ଏଭଳି ଐତିହାସିକ ମାଟିରୁ ପ୍ରଥମେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ଅବସରରେ ଯୁବବର୍ଗ ଏକତାର ସୂତ୍ରରେ ବାନ୍ଧିହୋଇ ସମୃଦ୍ଧ ଓଡ଼ିଶା ଗଠନରେ ଭାଗୀଦାର ହେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଆହ୍ୱାନ ଦେଇଥିଲେ। ପଦଯାତ୍ରା ଅବସରରେ ରାଜ୍ୟ ଉଚ୍ଚଶିକ୍ଷା, ସଂସ୍କୃତି ଓ ଯୁବ ବ୍ୟାପାର ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଯୋଗଦେଇ ଯୁବସମାଜ ଦେଶ ଗଠନରେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଶାସକ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଜ୍ୟ ମହିଳାକମିଶନ ଅଧକ୍ଷା ଶୋଭନା ମହାନ୍ତି, ରନ୍ ଫର୍ ୟୁନିଟ ସଂଯୋଜକ ଗୋଲକ ମହାପାତ୍ର, ଈଶ୍ୱର ଚନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଧନ୍ୟବାଦ ଦେଇଥିଲେ।

## ଭିଜିଲାନ୍ସ ଜାଲରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ବରିଷ୍ଠ କିରାଣି

### ପେନସନ କାଗଜ କରାଇବାକୁ ନେଉଥିଲେ ୨୦ ହଜାର ଟଙ୍କା ଲାଞ୍ଚ

ଭବାନୀପାଟଣା,୧୩।୧୧(ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଡିଭିଜନର ବରିଷ୍ଠ କିରାଣୀ ଟି. ଭେଙ୍କଟ ଗିରି ରାଓ ୨୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। କିରାଣୀ ଶ୍ରୀ ରାଓ ତାଙ୍କ ସରକାରୀ କ୍ୱାର୍ଟର୍ସରେ ସେହି କାର୍ଯ୍ୟାଳୟର ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ୍ ଟଙ୍କା ଯଥା ଶୀଘ୍ର କରିବାକୁ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲ୍ଲାନ୍ସ ହାତରେ ଧାରା ପଡିଛନ୍ତି। ସେହି କାର୍ଯ୍ୟାଳୟର ଜଣେ ଅବସରପ୍ରାପ୍ତ କର୍ମଚାରୀ ଗତ ମାର୍ଚ୍ଚ ୨୦୨୪ ରେ ଅବସର ନେଇଥିଲେ। ଦୀର୍ଘ ଦେଢ଼ ବର୍ଷ ବିତିଯିବା ପରେ ମଧ୍ୟ ପେନସନ ଫାଇଲକୁ କିରାଣୀ ଶ୍ରୀ ରାଓ ଟଙ୍କା ଆଶାରେ ରଖି ଅଭିଯୋଗକାରୀଙ୍କୁ ନିରାଶ କରୁଥିଲେ। ପ୍ରକାଶ ଯେ, ଗତ ୩୧.୦୩.୨୦୨୪ରେ ଅଭିଯୋଗକାରୀ



ଅବସର ଗ୍ରହଣ କରିଥିଲେ। ସେବେ ଠାରୁ ସେ କିରାଣୀ ରାଓଙ୍କୁ ତାଙ୍କର ପେନ୍‌ସନ୍ କାଗଜପତ୍ର ପ୍ରସ୍ତୁତ କରିବାକୁ ଅନୁରୋଧ କରି ଆସୁଥିଲେ। ଅଭିଯୋଗକାରୀଙ୍କ ବାରମ୍ବାର ଅନୁରୋଧ ପରେ ମଧ୍ୟ ଅଭିଯୁକ୍ତ ଫାଇଲ ପ୍ରକ୍ରିୟାକରଣ କରୁ ନ ଥିଲେ ବରଂ ତାଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ଦେବାକୁ ବାରମ୍ବାର ବାଧ୍ୟ କରୁଥିଲେ। ଅଭିଯୋଗକାରୀ ରାଓ ତାଙ୍କୁ ହଇରାଣ କରୁଥିବା ନେଇ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହା ପରେ ଭିଜିଲାନ୍ସର ଏକ ଟିମ୍ ଗୁରୁବାର ପୂର୍ବ ଯୋଜନା ଅନୁଯାୟୀ ସେଠାରେ ପହଞ୍ଚିଥିଲେ। ହେଲେ ଭିଜିଲାନ୍ସ ଟିମ୍‌କୁ ଦେଖି ଅଭିଯୁକ୍ତ ରାଓ ତାଙ୍କ କ୍ୱାର୍ଟର୍ସର ଝରକା ପଟେ ଲାଞ୍ଚ ଟଙ୍କାକୁ ଫିଙ୍ଗିବା ଉଦ୍ୟମ କରୁଥିବା ବେଳେ ଭିଜିଲାନ୍ସ ଟିମ୍ କାବୁ କରିନେଲା। ଅନ୍ୟପକ୍ଷରେ ଅଭିଯୁକ୍ତ କିରାଣୀ ଭିଜିଲାନ୍ସ ଦ୍ୱାରା ଧରା ପଡିବା ପରେ ତାଙ୍କ ଅଫିସ ସମେତ ସରକାରୀ ଘର, ବଲାଙ୍ଗିରରେ ସ୍ତ୍ରୀ ରହୁଥିବା ଭଡାଘର ଏବଂ ରାଓଙ୍କ ବ୍ରହ୍ମପୁରରେ ଥିବା ନିଜ ବାସଭବନରେ ଭିଜିଲାନ୍ସ ବିଭାଗ ଏକକାଳୀନ ଚଢ଼ାଉ କରି ତଦନ୍ତ ଜାରି ରଖିଛି। ଗତ ଅଗଷ୍ଟ ୨୦୧୭ ମସିହାରୁ କଳାହାଣ୍ଡିରେ ଅଭିଯୁକ୍ତ କିରାଣୀ କାର୍ଯ୍ୟ କରି ଆସୁଛନ୍ତି। ତେବେ ଚଢ଼ଉରେ କେଉଁଠୁ କେତେ ସମ୍ପତି ମିଳିଛି ଜଣାପଡି ନାହିଁ। ଏ ନେଇ ଭିଜିଲାନ୍ସ ବିଭାଗ ୩୪/୨୦୨୫ରେ ମାମଲା ରୁଜୁ କରି ସନ୍ଧ୍ୟାରେ ଅଭିଯୁକ୍ତ ରାଓଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ପୂର୍ବତନ ପାକ୍ସ ସମ୍ପାଦକ ଗିରଫ

ବଲାଙ୍ଗିର,୧୩।୧୧(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ୍ ପଣ୍ଡାମୁଣ୍ଡା ପ୍ରାଥମିକ ସମବାୟ ସମିତି (ପାକ୍ସ)ର ପୂର୍ବତନ ପାକ୍ସ ସମ୍ପାଦକ କୁଶଧ୍ୱଜ ସାହୁ ଗିରଫ ହୋଇଛନ୍ତି। ସରକାରୀ ଅର୍ଥ ହେରଫେର ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ୨୦୧୭-୧୮ ଓ ୨୦୧୮-୧୯ ଆର୍ଥିକ ବର୍ଷରେ ସେ ଏହି ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରି ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ଶ୍ରୀ ଏହି ସମୟରେ



**୮ ଲକ୍ଷ ୩୪ ହଜାର ଟଙ୍କା ହେରଫେର ଅଭିଯୋଗ**

ପ୍ରାୟ ୮ ଲକ୍ଷ ଟଙ୍କା ୩୪ ହଜାର ଟଙ୍କା ହେରଫେର କରିଥିବା ଭିଜିଲାନ୍ସ ତଦନ୍ତ ପରେ ଜାଣିବାକୁ ପାଇଛି। ତାଙ୍କ ବିରୋଧରେ ଭିଜିଲାନ୍ସ ପାଖରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଥିଲା। ଏଥିରୁ ରୋଚକ ତଥ୍ୟ ସାମ୍ନାକୁ ଆସିଥିଲା। ୨୦୧୭-୧୮ର କ୍ଲୋଜିଂ ବାଲାନ୍ସ ଓ ୨୦୧୮-୧୯ ଓପନିଂ ବାଲାନ୍ସରେ ଫରକ ଦେଖାଦେଇଥିଲା। ଏନେଇ ଶ୍ରୀ ସାହୁ ସ୍ପଷ୍ଟ ଉତ୍ତର ରଖିପାରି ନ ଥିଲେ; ଯାହା ତାଙ୍କ ଦ୍ୱାରା କରାଯାଇଥିବା ହେରଫେର ସ୍ପଷ୍ଟ ସୂଚାଇଥିଲା। ଶେଷରେ ଭିଜିଲାନ୍ସ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଛି।

## କୂଅରୁ ଉଦ୍ଧାରବେଳେ ହାତୀ ଆକ୍ରମଣରେ ବନପାଳ ଗୁରୁତର





କଣ୍ଟାବାଞ୍ଜି/ମୁରିବାହାଲ, ୧୩।୧୧(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ଗୁଡିଘାଟ ସେକ୍ସନ ବିଜାମାଳରେ ଏକ କୂଅରେ ପଡି ଯାଇଥିବା ଗୋଟିଏ ଦନ୍ତାହାତୀକୁ ଉଦ୍ଧାରବେଳେ ଅଘଟଣ ଘଟିଛି। ହାତୀଟି ରାତିରେ କୂଅରେ ପଡିଥିବାବେଳେ ସକାଳେ ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ମୁରିବାହାଲ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ପହଞ୍ଚି ଥିଲେ। ଉଦ୍ଧାର ପାଇଁ ଜେସିବି ସାହାଯ୍ୟରେ କୂଅକୁ ବାଟ ଫିଟା ଯାଇଥିଲା। ତେବେ ହାତୀଟି କୂଅରୁ ବାହାରିବା ମାତ୍ରେ ଲୋକଙ୍କ ଆଡକୁ ଗୋଡାଇ ଆସିଥିଲା। ତ୍ରିକାପଡା କେନ୍ଦୁପତ୍ର ସେକ୍ସନର ବନପାଳ ପ୍ରଦୀପ ନାଥ ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତୁରନ୍ତ ବନ କର୍ମଚାରୀ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ ମୁରିବାହାଲ ରେଞ୍ଜର କହିଛନ୍ତି ଯେ, ବନପାଳ ପ୍ରଦୀପ ନାଥଙ୍କୁ ସେମାନେ ଡାକି ନ ଥିଲେ। ସେ ହାତୀ ଦେଖିବାକୁ ଆସି ଦୁର୍ଘଟଣାର ଶିକାର ହୋଇଛନ୍ତି।

**ପୀତବାସ ପଣ୍ଡା ହତ୍ୟା ମାମଲା**

## ଜେଲ୍‌ରେ ହେବ କୁରୁପତି, ଚିଣ୍ଟୁ ଓ ଯୋଗୀଙ୍କ ଟିଆଇ ପରେଡ୍

ବ୍ରହ୍ମପୁର,୧୩।୧୧(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନ ଓ ଯୋଗେନ୍ଦ୍ର ରାଉତ ଓରଫ ଯୋଗୀଙ୍କ ବ୍ରହ୍ମପୁର ଜେଲ୍‌ରେ ହେବ ଟିଆଇ ପରେଡ। ଏଥିପାଇଁ ତଦନ୍ତକାରୀ ଅଧିକାରୀ ଏସ୍‌ଡିପିଓ ପ୍ରୟସ ଗଂଜନ ଛୋଟରାୟ ସ୍ଥାନୀୟ ଏସ୍‌ଡିଜେଏମଙ୍କ କୋର୍ଟରେ ଆବେଦନ କରିଛନ୍ତି। ଆକାଶ ବିଷୋୟୀ ଓ ଏନ୍. କିରଣ କୁମାରଙ୍କ ସମେତ ୩ରୁ ଉର୍ଦ୍ଧ୍ୱ ସାକ୍ଷୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଟିଆଇ ପରେଡରେ ସାମିଲ ହେବେ ବୋଲି ସୂଚନା ମିଳିଛି।

ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଚିଣ୍ଟୁ ପ୍ରଧାନ ଘଟଣା ରାତିରେ ବାଇକ ଚଲାଉଥିବା ବେଳେ କୁରୁପତି ଭୂୟାଁ ପୀତବାସଙ୍କୁ ଗୁଳି ଚଳାଇଥିବା ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଥିଲେ। ଏପରିକି ଉଭୟ ଅଭିଯୁକ୍ତ ଚିଣ୍ଟୁ ଓ କୁରୁପତିଙ୍କ ମୁହଁରେ କଳାକନା ବା ମୁଖା ପିନ୍ଧାଇ ଘଟଣା ସ୍ଥଳରେ ସିନ୍ ରିକ୍ରିଏସନ କରାଯାଇଥିଲା। କିନ୍ତୁ କୋର୍ଟ ଚାଲାଣ ବେଳେ ଉଭୟଙ୍କ ସମେତ ଅନ୍ୟ ସମସ୍ତ ଅଭିଯୁକ୍ତଙ୍କ

**ପୂର୍ବତନ ବିଧାୟକ ବିକ୍ରମଙ୍କ ରିମାଣ୍ଡ ରିକଲ୍ ଆବେଦନର ରାୟ ଆଜି**

ମୁହଁ ଖୋଲା ରହିଥିଲା। ଫଳରେ ଅଭିଯୁକ୍ତଙ୍କୁ ସମସ୍ତେ ଦେଖିବାର ସୁଯୋଗ ପାଇଥିଲେ। ବର୍ତ୍ତମାନ କେଉଁ ପରିସ୍ଥିତିରେ ଟିଆଇ ପରେଡ କରାଯାଇ କି ତଥ୍ୟ ହାସଲ କରିବାକୁ ତଦନ୍ତକାରୀ ଅଧିକାରୀ କୋର୍ଟରେ ଆବେଦନ କରିଛନ୍ତି ତାକୁ ନେଇ ସାଧାରଣରେ ଉଠିଛି ପ୍ରଶ୍ନ। ଅନ୍ୟପକ୍ଷରେ ଘଟଣା ସ୍ଥଳରେ ଯୋଗୀର ଭୂମିକା କଣ ରହିଥିଲା ତାହା ସ୍ପଷ୍ଟ ଜଣାପଡ଼ିନଥିଲେ ହେଁ ଅଭିଯୁକ୍ତ ଯୋଗୀର ମଧ୍ୟ ପୁଲିସ ଟିଆଇ ପରେଡ଼ କରିବ। ମାମଲାରେ ପୁଲିସ ସାକ୍ଷ୍ୟ ଭାବେ ନେଇଥିବା ବ୍ୟକ୍ତିବିଶେଷ କେଉଁଠାରେ ରହି ଦେଖିଥିଲେ ଏବଂ ଅଭିଯୁକ୍ତଙ୍କୁ କିଭଳି ଚିହ୍ନଟ କରିବେ ତାହା ମଧ୍ୟ ଆଉ ଏକ ବଡ଼ ପ୍ରଶ୍ନ।

ଅନ୍ୟପକ୍ଷରେ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ରିମାଣ୍ଡ ରିକଲ ଆବେଦନ କରି ସର୍ତ୍ତମୂଳକ ଭାବେ ଖଲାସ କରିବା ନେଇ ହୋଇଥିବା ଆବେଦନ ଉପରେ ରାୟ ପ୍ରକାଶ ପୂର୍ବରୁ ସରକାରୀ ଓକିଲ ଦିନଟିଏ ସମୟ ମାଗିଥିଲେ। ଆବେଦନର ରାୟ ଶୁକ୍ରବାର ପ୍ରକାଶ ପାଇବ ବୋଲି ବିକ୍ରମଙ୍କ ଓକିଲ କୁମାରକାନ୍ତ ବେହେରା ଓ ଦୀପକ ପଟ୍ଟନାୟକ କହିଛନ୍ତି।

**ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା କମାଇବାକୁ ପ୍ରୟାସ**

# ୧୬ରୁ ଶୂନ ମୃତାହତ ପକ୍ଷ ପାଳନ

ଭୁବନେଶ୍ୱର,୧୩।୧୧(ସମିସ): ସଡ଼କ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଁ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ ଶୂନ ମୃତାହତ ପକ୍ଷ। ନିକଟରେ ଶୂନ ଦୁର୍ଘଟଣା ଦିବସ ପାଳନ ପରେ ଏବେ ନଭେମ୍ବର ୧୬ରୁ ୩୦ ତାରିଖ ଯାଏଁ ସାରା ରାଜ୍ୟରେ ଏହି ପକ୍ଷ ପାଳନ ପାଇଁ ନିଷ୍ପତ୍ତି ହୋଇଛି। ଏହି ସମୟରେ ଚାରିଟି “ଇ’ ଯଥା- ଏନ୍‌ଫୋର୍ସମେଣ୍ଟ, ଇଂଜିନିୟରିଂ, ଏଜୁକେସନ ଓ ଏମର୍ଜେନ୍ସି କେୟାରକୁ ପ୍ରାଧାନ୍ୟ ଦିଆଯିବ ବୋଲି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସଡ଼କ ଦୁର୍ଘଟଣାଜନିତ ଶୂନ ମୃତାହତ ପାଳନ ସମୟରେ ସଡ଼କ ନିୟମ ଉଲ୍ଲଙ୍ଘକାରୀଙ୍କ ବିରୋଧରେ ଶୂନ ସହନଶୀଳତା ନୀତି ଅବଲମ୍ବନ କରାଯିବ। ଏହି ସମୟରେ ସାରା ରାଜ୍ୟରେ କଡ଼ାକଡ଼ି ଯାଞ୍ଚ କରାଯିବ। ଏଥିପାଇଁ ସମସ୍ତ ଜିଲ୍ଲା ପ୍ରଶାସନକୁ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ପ୍ରଦାନ କରାଯାଇଛି। ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଏବଂ ଅନ୍ୟ ବିଭାଗ ସହ ମିଳିତ ଭାବରେ ଆଞ୍ଚଳିକ ପରିବହନ




- ରାଜ୍ୟବ୍ୟାପି ହେବ କଡ଼ାକଡ଼ି ଯାଞ୍ଚ
- ‘୪-ଇ’ ଅନୁପାଳନ ଉପରେ ଗୁରୁତ୍ୱ

କାର୍ଯ୍ୟାଳୟ ଦ୍ୱାରା ଏନଫୋର୍ସମେଣ୍ଟ କାର୍ଯ୍ୟକ୍ରମ ବ୍ୟାପକ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଜନଗହଳି ସ୍ଥାନ, ଟ୍ରାଫିକ ପଏଣ୍ଟ, ଶିକ୍ଷାନୁଷ୍ଠାନ, ମଲ୍, ବଜାର ଆଦି ସ୍ଥାନରେ ଟିମ୍ ମୁତୟନ ରହିବେ। ସଡ଼କରେ ବେପରୁଆ ଗାଡ଼ି ଚାଳନା କରି ନିଜ ସହ ଅନ୍ୟ ସଡ଼କ ବ୍ୟବହାରକାରୀଙ୍କ ପାଇଁ ବିପଦ ସୃଷ୍ଟି କରୁଥିବା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିଭଳି ଚିହ୍ନଟ ହୋଇଥିବା ଦୁର୍ଘଟଣାପ୍ରବଣ ରାସ୍ତା ଉପରେ ମଧ୍ୟ ବିଶେଷ ନଜର ରହିବ। କିଭଳି ସେଠାରେ ଦୁର୍ଘଟଣାକୁ ହ୍ରାସ କରାଯାଇପାରିବ, ସେଥିପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନଙ୍କୁ କୁହାଯାଇଛି। ରାସ୍ତା ଇଞ୍ଜିନିୟରିଂ ସଂସ୍ଥା ମାନେ ଏ ଦିଗରେ ସକ୍ରିୟ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ତ୍ରୁଟି ଗୁଡ଼ିକୁ ସଂଶୋଧନ କରିବା, ରାସ୍ତା ସାଇନେଜ୍ ଲଗାଇବା ଭଳି ବିଷୟକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ପୂର୍ବ ବର୍ଷମାନଙ୍କରେ ଶୂନ ମୃତାହତ ସପ୍ତାହ ପାଳନ କରାଯାଇଛି। ଏହି ସମୟରେ ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିଲା। ଏହାକୁ ଦୃଷ୍ଟିରେ ବିଭାଗ ଚଳିତ ଥର ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ଶୂନ ମୃତାହତ ପକ୍ଷ ପାଳନ ପାଇଁ ନିଷ୍ପତ୍ତି ନେଇଛି।

**ନିଃସର୍ତ୍ତ କ୍ଷମାପ୍ରାର୍ଥନା ପରେ କାହିଁକି ହେଉନି କାର୍ଯ୍ୟାନୁଷ୍ଠାନ**

# ବ୍ରହ୍ମପୁର ଏସ୍‌ପିଙ୍କୁ ହଟାଇବାକୁ ଦାବିକଲା କଂଗ୍ରେସ

ଭୁବନେଶ୍ୱର,୧୩।୧୧(ସମିସ): ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ଏବଂ ଏହି ଘଟଣାର ତଦନ୍ତଭାର ନେଇଥିବା ବ୍ରହ୍ମପୁର ଏସ୍‌ପିଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା ପରେ ଏହି ହତ୍ୟାକାଣ୍ଡରେ ତାଙ୍କର ତଦନ୍ତ ପ୍ରକ୍ରିୟା ଓ ଭୂମିକାକୁ ନେଇ ବର୍ଷିଛି ରାଜ୍ୟ କଂଗ୍ରେସ। ଏହି ଘଟଣାକୁ ନେଇ ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ ଯେଉଁ ତଥ୍ୟ ରଖିଥିଲେ, ତାହାକୁ ୱେବ୍‌ସିରିଜର କାହାଣୀ କହି ଦଳ ତାଙ୍କୁ ସମାଲୋଚନା କରିଛି। ଏହାସହିତ ଏଭଳି ବାହାଦୁରୀ ପାଇଁ ହାଇକୋର୍ଟ ତାଙ୍କୁ ଭର୍ତ୍ସନା କରିବା ଓ ଏସ୍‌ପି ଏଥିପାଇଁ ହାଇକୋର୍ଟରେ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିବା ପରେ ମଧ୍ୟ ତାଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ ବୋଲି ଦଳ ପ୍ରଶ୍ନ କରି ସରକାରଙ୍କ ଭୂମିକା ଉପରେ ସନ୍ଦେହ ପ୍ରକଟ କରିଛି।

ଗୁରୁବାର ଏହି ବିଷୟକୁ ନେଇ କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସିର ବରିଷ୍ଠ ମୁଖପାତ୍ର ସୋନାଲି ସାହୁ କହିଛନ୍ତି, ବିଜେପି ଶାସନରେ କେଉଁଠି ବୋମା ବିସ୍ଫୋରଣ ହେଲାଣି ତ କେଉଁଠି ୱେବ୍‌ସିରିଜ କାହାଣୀ କୁହାଗଲାଣି। ବ୍ରହ୍ମପୁରରେ ଘଟିତ ବହୁ ଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟାକାଣ୍ଡକୁ ନେଇ ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ ସାମ୍ବାଦିକ ସମ୍ମିଳନୀରେ ୱେବ ସିରିଜର ସ୍କ୍ରିପ୍ଟ ଭଳି ମନଗଢ଼ା



କାହାଣୀ ଅତି ସୁନ୍ଦର ଭାବରେ ଉପସ୍ଥାପନା କଲେ। ବିନା ତଥ୍ୟ ଆଧାରରେ କାହାଣୀ କହିବା ଯୋଗୁଁ ହାଇକୋର୍ଟ ବ୍ରହ୍ମପୁର ଏସପିଙ୍କୁ ଭର୍ତ୍ସନା କରିବା ସହିତ କୋର୍ଟରେ ବ୍ୟକ୍ତିଗତ ହାଜିର ପାଇଁ ଆଦେଶ ଦେଇଥିଲେ। ଏସ୍‌ପି ହାଇକୋର୍ଟ ଯାଇ ନିସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ଏହା ଓଡିଶା ରାଜନୀତିରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି। କାରଣ ଏସ୍‌ପି ଯେଉଁ ସ୍କ୍ରିପ୍ଟ କହିଲେ, ପ୍ରକୃତରେ ବିଜେପି ସରକାରଙ୍କ ଦ୍ୱାରା ତାହା ଲିଖିତ ନା, ଆରଏସଏସ ଲେଖି ଥିଲା ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଛନ୍ତି। ସେହିପରି ପୀତବାସ ପଣ୍ଡାଙ୍କ ହତ୍ୟାକାରୀ ପୂର୍ବରୁ ରେକୀ କରିଥିଲେ ବୋଲି ସିସିଟିଭି ଫୁଟେଜ ଦେଖାଯାଇଛି; କିନ୍ତୁ ହତ୍ୟାକାଣ୍ଡ ବେଳର ଫୁଟେଜ ଦେଖାଇଲେ

**ୱେବ୍‌ସିରିଜ କାହାଣୀ ପଠନ କରୁଛନ୍ତି ଏସ୍‌ପି**

ନାହିଁ। ଏସ୍‌ପି କ’ଣ ଜ୍ୟୋତିଷ ନା ଦ୍ୱିତୀୟ ସାରଥୀ ବାବା ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ ପଚାରିଛନ୍ତି।

ଶ୍ରୀମତୀ ସାହୁ ପୁଣି କହିଛନ୍ତି ଯେ ଏସ୍‌ପିଙ୍କ କାହାଣୀ ପଠନ ସବୁ ବିଜେପି, ଆରଏସଏସ ଓ ପ୍ରଶାସନର ମିଳିତ ଚକ୍ରାନ୍ତ ଥିଲା। କାରଣ ନୂଆପଡା ନିର୍ବାଚନକୁ ପ୍ରଭାବିତ କରିବା ସହ ବାଲି ମାଫିଆଙ୍କ ସହ ସରକାରଙ୍କ ସମ୍ପର୍କ ଲୁଚେଇବା ପାଇଁ ଏହି ଷଡ଼ଯନ୍ତ୍ର ରଚାଯାଇଥିଲା। ବିଜେପି ସରକାର ଓଡିଶା ପୁଲିସକୁ ଆରଏସଏସ ପୁଲିସରେ ରୂପାନ୍ତରିତ କରିବାକୁ ଚାହୁଁଛି। ନିଜକୁ କଣ୍ଟକମୁକ୍ତ କରିବା ପାଇଁ ସରକାରୀ ଦଳ ସମସ୍ତ ତଥ୍ୟ ପ୍ରମାଣ ଲୁଚାଇବାକୁ ଚାହୁଁଛି। ମନଗଢ଼ା କାହାଣୀ ପାଇଁ ଏସ୍‌ପିଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ଓଡିଶାବାସୀଙ୍କ ମୁଣ୍ଡ ତଳକୁ କରି ଦେଇଛି। ଏତେ ଲଜ୍ଜାଜନକ ଘଟଣା ଘଟିଯିବା ସତ୍ତ୍ୱେ ସରକାର, ପ୍ରଶାସନ କିମ୍ବା ପୁଲିସ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଏପର୍ଯ୍ୟନ୍ତ ଦିଆ ଯାଇନାହିଁ। ତେଣୁ ଏସ୍‌ପିଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ପରେ ସରକାର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଏହାସହ ବ୍ରହ୍ମପୁର ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରୁ ଏସପି ଶ୍ରବଣାଙ୍କୁ ହଟାଯାଉ ବୋଲି ଶ୍ରୀମତୀ ସାହୁ ଦାବି କରିଛନ୍ତି।

ଦଳର ଅନ୍ୟତମ ମୁଖପାତ୍ର ବିଭୁତି ଭୂଷଣ ମହାପାତ୍ର ଏସ୍‌ପିଙ୍କ ନିସର୍ତ୍ତ କ୍ଷମାପ୍ରାର୍ଥନା ପରେ ତାଙ୍କୁ ପୁଲିସ ଡିଜି ଓ ଗୃହମନ୍ତ୍ରୀ କେବେ ଦାୟିତ୍ୱମୁକ୍ତ କରିବେ ବୋଲି ପ୍ରଶ୍ନ କରିଛନ୍ତି। ବ୍ରହ୍ମପୁର ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସେ ଏସ୍‌ପି ଦାୟିତ୍ୱରେ ରହିବାର ନୈତିକତା ହରାଇ ବସିଛନ୍ତି। ତେଣୁ ଏସ୍‌ପି ଶ୍ରବଣାଙ୍କ ବିରୋଧରେ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ ପଚାରିଛନ୍ତି।

ନନ୍ଦିଘୋଷ

**‘ନନ୍ଦିଘୋଷ ଟିଭି’**

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା



**ବିଞ୍ଝାରପୁର, ୧୩।୧୧(ସମିସ):** ବିଞ୍ଝାରପୁର ବ୍ଲକର ଲୋକମାନେ ମୁଖ୍ୟତଃ କୃଷି ଉପରେ ନିର୍ଭର କରିଥାନ୍ତି। ବିଞ୍ଝାରପୁର ଅଞ୍ଚଳର କୃଷକର ବିକାଶ ଏବଂ ସେମାନଙ୍କ ଆୟକୁ ଦ୍ୱିଗୁଣିତ କରିବା ଉଦ୍ଦେଶ୍ୟରେ ବିଞ୍ଝାରପୁର ଯଜ୍ଞ ପଡ଼ିଆଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. ବିମଳ କୁମାର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ମୁଖ୍ୟ ଅତିଥି ରୂପେ ବିଞ୍ଝାରପୁର ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଯୋଗଦେଇ ମେଳାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିରୂପେ ଯାଜପୁର ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀଙ୍କ ପ୍ରତିନିଧି ଦେବାଶିଷ ସ୍ୱାଇଁ, ମୁଖ୍ୟବକ୍ତା ରୂପେ ଯାଜପୁର ଜିଲ୍ଲା ଅତିରିକ୍ତ ପ୍ରାଣୀଧନ ଅଧିକାରୀ ଡା. ରଞ୍ଜିତ କୁମାର ସାହୁ, ଜିଲ୍ଲାପରିଷଦ ସଭ୍ୟା ଅହଲ୍ୟା ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ସେକ୍ ଇର୍ସାଦ, ବିଞ୍ଝାରପୁର ସରପଞ୍ଚଙ୍କ ପ୍ରତିନିଧି ଅଶୋକ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଦ୍ୱାରା କୃଷି ଓ କୃଷକଙ୍କୁ ଅବଗତ କରାଇବା ନିମନ୍ତେ ମେଳାରେ ଆୟୋଜିତ ଷ୍ଟଲଗୁଡ଼ିକୁ ବୁଲି ଦେଖିଥିଲେ। ପରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଗୋପାଳନ କୃଷି ଉଦ୍ୟୋଗ କରିଥିବା ହିତାଧିକାରୀଙ୍କୁ ଅତିରିକ୍ତ ରିହାତି, ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନାରେ କୁକୁଡ଼ା ପାଳନ, ଛେଳି, ମେଣ୍ଢା ପାଳନ, ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନାରେ ନୂତନ ଗୋଶାଳା ପାଇଁ ସହାୟତା ସମେତ ମତ୍ସ୍ୟ ଚାଷ ବିଷୟରେ ସଭାରେ ଆଲୋକପାତ କରାଯାଇଥିଲା। ପୂର୍ବ ସରକାର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଦ୍ୱାରା ଚାଷୀମାନଙ୍କ ପାଇଁ ଲୋକାଭିମୁଖୀ ଯୋଜନା କରି ସେମାନଙ୍କୁ ସହାୟତା କରି ଆସୁଥିଲେ। ମାତ୍ର ନୂତନ ସରକାର କୌଣସି ନୂତନ ଯୋଜନା ଆରମ୍ଭ କରିନାହିଁ, କେବଳ ମେଳା ଆୟୋଜନ କରି ହୋର୍ଡିଂ ମାରିବା ଏବଂ ଅର୍ଥ ଖର୍ଚ୍ଚ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ପ୍ରକାଶ କରିଥିଲେ। ବ୍ଲକର ଶ୍ରେଷ୍ଠ ଗୋପାଳକ ଭାବେ ରମେଶ ଦାସ, ଛେଳି ପାଳକ ଭାବେ ଅଜିଜୁଲ ବାରୀ, କୁକୁଡ଼ା ଚାଷୀ ଭାବେ ନୃସିଂହ ସାହୁ ଏବଂ ସଫଳ ମତ୍ସ୍ୟଚାଷୀ ଭାବେ ବିଭୂତି ଭୂଷଣ ଦାସ, ମିନତୀ ମିଶ୍ର, ପଦ୍ମଲୋଚନ ମହାଲିକ, ନିତାଇ ଗୌର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଟୁମ୍‌କି ଜେନା ପ୍ରମୁଖଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ଚେକ୍ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଞ୍ଝାରପୁର ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ରାଜନାରାୟଣ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ବିଞ୍ଝାରପୁର ମତ୍ସ୍ୟ ବିଭାଗ ସହକାରୀ ମତ୍ସ୍ୟ ଅଧିକାରିଣୀ ମୀରାବାଈ ସାହୁ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଏହି ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ବିଞ୍ଝାରପୁର ବ୍ଲକର ସମସ୍ତ ଗ୍ରାମପଞ୍ଚାୟତରୁ ବହୁ ସଂଖ୍ୟାରେ ମତ୍ସ୍ୟ ଓ ପ୍ରାଣୀଧନ ଚାଷୀ ଯୋଗଦେଇ ଥିଲେ।

# ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଶୋଚନୀୟ; ହୀନସ୍ତା ହେଉଛନ୍ତି ଗ୍ରାମବାସୀ



**କୟାଁଗୋଲା, ୧୩।୧୧:(ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତର କମାଡ଼ିହଠାରୁ ଦରଭା ପର୍ଯ୍ୟନ୍ତ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ୫ ବର୍ଷ ହେଲା ଅବହେଳିତ ହୋଇପଡ଼ିଛି। ରାସ୍ତାରୁ ପିଚୁ ଉଠିଗଲାଣି। ରାସ୍ତା ସାରା ଖାଲଖମା। ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଏଭଳି ଅବସ୍ଥା ଯୋଗୁଁ ଅନେକ ଦୁର୍ଘଟଣା ଘଟୁଥିବା ଲୋକ ଅଭିଯୋଗ କରିଛନ୍ତି। ବିଶେଷକରି ଦୁଇ ଚକିଆରେ ଯାଉଥିବା ଲୋକେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଥରେ ଯିଏ ଏହି ରାସ୍ତାରେ ପଡ଼ି ଖଣ୍ଡିଆଖାବରା ହେଉଛି, ଦ୍ୱିତୀୟ ଥର ଯିବାବେଳେ ଭାବୁଛନ୍ତି। ଏହି ରାସ୍ତା ଉପରେ ୩ଟି ଜିଲ୍ଲା ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ାର ଲୋକ ନିର୍ଭର କରିବା ସହ ଗମନାଗମନ କରିଥାନ୍ତି। ଅନ୍ୟ ରାସ୍ତା ନଥିବାରୁ ବାଧ୍ୟ ହୋଇ ଏହି ରାସ୍ତା ଉପରେ ଯିବା ଆସିବା କରୁଛନ୍ତି। ତେବେ ସରକାର ରାସ୍ତାର ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ରାସ୍ତାର ରକ୍ଷଣାବେକ୍ଷଣ ନେଇ କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଦେଖା ନାହିଁ। ସ୍ଥାନୀୟ ଜନ ପ୍ରତିନିଧି ମଧ୍ୟ ଚୁପ୍। ଏଣୁ ସାଧାରଣ ଲୋକ ହଇରାଣ ହେଉଛନ୍ତି। ଜରୁରିକାଳୀନ ସମୟରେ ଏହି ରାସ୍ତାରେ ଆମ୍ବୁଲାନ୍ସ କିମ୍ବା ଦମକଳ ଯିବା ବଡ଼ ସମସ୍ୟା ସୃଷ୍ଟି ହେଇଛି। ଏ ନେଇ ବିଭାଗୀୟ ଅଧିକାରୀ ଯନ୍ତ୍ରୀ ଅଶୋକ କୁମାର ଜେନାଙ୍କୁ ପଚାରିବାରୁ ଏହା ଟେଣ୍ଡର ହେଇ ନାହିଁ, ହେଲେ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି କହିଛନ୍ତି।

## ପୁନରୁଦ୍ଧାର ହେଉନି ବେଙ୍ଗା ନାଳ

# ଭର୍ତ୍ତି ହେଲାଣି ନାଗଫେଣି, କଲକତି ଦଳ





**କୟାଁଗୋଲା, ୧୩।୧୧(ସମିସ)**

ସ୍ଥାନୀୟ ଚାଷୀଭାଇଙ୍କ ଜୀବନ ରେଖା ସାଜିଥିବା ବେଙ୍ଗା ନାଳ ଏବେ ଦୁଃଖ ପାଲଟିଛି। ପୁନରୁଦ୍ଧାର ନାଁରେ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ନାଳ ଅବସ୍ଥା ସୁଧୁରିବା ପରିବର୍ତ୍ତେ ଅଧିକରୁ ଅଧିକ ବ୍ୟବହାର ଅନୁପଯୋଗୀ ହୋଇପଡୁଛି। ରାଜନେତା ଓ ଚାଷୀ ବିଭିନ୍ନ ସମୟରେ ଜନପ୍ରତିନିଧିଙ୍କୁ ଭେଟି ପ୍ରତିକାର ପାଇଁ ଅବଗତ କରୁଥିଲେ ବି କୌଣସି ସୁଫଳ ମିଳିପାରୁନାହିଁ। ପୁନରୁଦ୍ଧାର ପାଇଁ ପ୍ରତିଶ୍ରୁତି ମିଳୁଥିଲେ ବି ବାସ୍ତବରେ ନାଳ ପୂର୍ବ ଭଳି ପଡ଼ିରହିଛି। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନାଗ ଫେଣି ଓ କଲକତି ଦଳରେ ନାଳ ଭର୍ତ୍ତି ହୋଇଥିବାବେଳେ ଜଳ ପରିଚାଳନାରେ ସମସ୍ୟା ହେଉଛି। ପୂର୍ବେ ଏହି ନାଳ ଉପରେ ନିର୍ଭର କରି ଚାଷୀ ପାରମ୍ପରିକ ଧାନ ଫସଲ ସହ ପନିପରିବା ଚାଷ କରି ଗୁଜୁରାଣ ମେଣ୍ଟାଇବା ସହିତ ଗାଧୁଆପାଧୁଆ, ବାସନକୁସନ, ଗୃହପାଳିତ ପଶୁ ପାଣି ପିଇବା ପାଇଁ ମଧ୍ୟ ବ୍ୟବହାର ହେଉଥିଲା। ଏତଦ୍ ବ୍ୟତୀତ ପ୍ରତିବର୍ଷ ରୋହି, ଭାକୁର, ଶେଉଳ, କେରାଣ୍ଡି, କଣ୍ଟିଆ ମାଛ ଧରି ବହୁ ଲୋକ ଉପକୃତ ହେଉଥିଲେ। ଏବେ ତାହା ହୋଇପାରୁନାହିଁ। ଗୃହପାଳିତ ପଶୁ ଏହାର ଜଳ ବ୍ୟବହାର କରିପାରୁ ନାହାନ୍ତି ଓ ଅଞ୍ଚଳବାସୀ ବ୍ୟବହାର କରିବା ଦଶନ୍ଧି ଦଶନ୍ଧି ଧରି ଏକ ପ୍ରକାର ଭୁଲିଗଲେଣି ଓ ସୁନ୍ଦରୀ ମୁହଁଠାରୁ ବାହାରି କୁସୁନପୁର ସଫେଇ ନଦୀରେ ମିଶିଥିବା ଏହି ନାଳ ଏବେ ଲୋକଙ୍କ ପାଇଁ ଦୁଃଖର କାରଣ ପାଲଟିଛି। ଅନ୍ୟପକ୍ଷରେ ଚିଙ୍ଗୁଡ଼ିଆ ଦଳ ମଧ୍ୟ ମାଇଲ ମାଇଲ ଲମ୍ବି ଥିବା ବେଙ୍ଗା ନାଳକୁ ସମ୍ପୂର୍ଣ୍ଣ ଆଚ୍ଛାଦିତ କରି ରଖିଥିବା ଦେଖିବାକୁ ମିଳିଛି। ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନାଳର ପୁନରୁଦ୍ଧାର କରିବାକୁ ସାଧାରଣରେ ଦାବି ହେଉଛି।

# ଲୋକଙ୍କ ସମସ୍ୟା ପଚାରି ବୁଝିଲେ ପ୍ରୀତି ରଞ୍ଜନ



**ଯଖପୁରା,୧୩।୧୧(ସମିସ):** ନୂଆପଡ଼ା ଉପନିର୍ବାଚନ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇ ରହିଛି। ମାତ୍ର ଆଉ କିଛି ଘଣ୍ଟା ପରେ ନୂଆପଡ଼ା ଉପ ନିର୍ବାଚନର ଫଳ ପ୍ରକାଶ ପାଇବ। ବିଜେଡି ସୁପ୍ରିମୋ ନୂଆପଡ଼ା ଉପନିର୍ବାଚନକୁ ଗୁରୁତର ସହ ନେଇଛନ୍ତି। ନୂଆପଡ଼ା ଉପ ନିର୍ବାଚନ ପରିଚାଳନା ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଅନେକ ନେତାଙ୍କୁ ଦାଇତ୍ୱ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇଙ୍କୁ ମଧ୍ୟ ନୂଆପଡ଼ା ଉପନିର୍ବାଚନ ପାଇଁ ଦାଇତ୍ୱ ଦେଇଥିଲେ। ନୂଆପଡ଼ା ଉପନିର୍ବାଚନ ପ୍ରଚାର, ସଂଗଠନ ପାଇଁ ପ୍ରୀତି ରଞ୍ଜନ ନୂଆପଡ଼ାରେ କିଛି ଦିନ ଧରି ରହିଥିଲେ।ଫଳରେ ତାଙ୍କ ନିର୍ବାଚନ ମଣ୍ଡଳୀରେ ଲୋକଙ୍କ ସହ ଯୋଡ଼ି ହୋଇପାରୁ ନଥିଲେ। ଅଞ୍ଚଳର ଲୋକଙ୍କ ସୁଖ ଦୁଃଖରେ ସାମିଲ ହୋଇ ପାରୁନଥିଲେ। ଫଳରେ ତାଙ୍କ ସମର୍ଥକମାନେ ତାଙ୍କ ନେତାଙ୍କୁ ପାଖରେ ନପାଇ ହତାଶ ହୋଇପଡ଼ିଥିଲେ। ମାତ୍ର ନୂଆପଡ଼ା ଉପନିର୍ବାଚନର ପ୍ରଚାର କାର୍ଯ୍ୟକ୍ରମ ସାରିବା ପରେ ପୂର୍ବତନ ବିଧାୟକ ତୁରନ୍ତ ଆସି ତାଙ୍କ ଅଞ୍ଚଳର ବିଭିନ୍ନ ସ୍ଥାନକୁ ଯାଉଛନ୍ତି। ଲୋକଙ୍କ ସହିତ ଯୋଡ଼ି ହେଉଥିବାର ଦେଖିବାକୁ ମିଳୁଛି। ବିଭିନ୍ନ ଗାଁକୁ ଯାଇ ଲୋକଙ୍କ ସୁଖ ଦୁଃଖରେ ସାମିଲ ହେଉଛନ୍ତି। ସେହି ଭିତ୍ତିରେ ଦାନଗଦି ବ୍ଲକର ଅନେକ ଅଞ୍ଚଳକୁ ଯାଉଥିବାର ଦେଖିବାକୁ ମିଳୁଛି। ଗତକାଲି ଖପୁରିଆପଦା ଗ୍ରାମ ପଞ୍ଚାୟତର ବିଭିନ୍ନ ଗାଁକୁ ଯାଇ ଲୋକଙ୍କ ସୁଖ ଦୁଃଖରେ ସାମିଲ ହୋଇ ଥିବାର ଦେଖିବାକୁ ମିଳୁଛି। ଆଜି ସକାଳୁ ସକାଳୁ ମାଣତୀରା ପଞ୍ଚାୟତର କେନ୍ଦୁଡିପ ଗ୍ରାମକୁ ଯାଇଥିବାର ଦେଖିବାକୁ ମିଳିଥିଲା। ନଭେମ୍ବର ୧ ତାରିଖ ଦିନ କେନ୍ଦୁଡିପ ଗ୍ରାମର ବିଜୟ କୁମାର ପାଳଙ୍କ ପୁତ୍ର ଆଶିଷ କୁମାର ପାଳଙ୍କ ଦେହାନ୍ତ ହୋଇଥିଲା। ଏହି ଖବର ଶୁଣି ସେତେବେଳେ ପ୍ରୀତିରଞ୍ଜନ ଦୁଃଖ ପ୍ରକାଶ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ଆଶ୍ୱାସନା ଦେଇଥିଲେ ମାତ୍ର ତାଙ୍କ ଘରକୁ ଆସି ପାରିନଥିଲେ। କାରଣ ସେ ନୂଆପଡ଼ା ଉପନିର୍ବାଚନ ପାଇଁ ନୂଆପଡ଼ାରେ ରହିଥିଲେ। ନୂଆପଡ଼ାରୁ ଫେରିଲା ପରେ ତୁରନ୍ତ ଆସି ମୃତ ଛାତ୍ରଙ୍କ ଘରକୁ ଯାଇ ତାଙ୍କ ପରିବାର କୁ ଆଶ୍ୱାସନା ଦେଇଥିବାର ଦେଖିବାକୁ ମିଳିଛି। ତାଙ୍କ ପ୍ରିୟ ନେତାଙ୍କୁ ପାଖରେ ପାଇ ପରିବାର ଲୋକଙ୍କ ସହିତ ଗ୍ରାମବାସୀ ଖୁସି ପ୍ରକଟ କରିଛନ୍ତି। ପ୍ରୀତି ରଞ୍ଜନଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ଦୁଃଖ ସୁଖରେ ସାମିଲ ହେବାକୁ ନେଇ ତାଙ୍କ କର୍ମୀ ମାନେ ଉତ୍ସାହିତ ହୋଇ ପଡିଛନ୍ତି।ତାଙ୍କର ଏପରି କାର୍ଯ୍ୟକୁ ସାଧାରଣ ରେ ପ୍ରଶଂସା କରାଯାଇଛି।

# ପକ୍ଷାଘାତ ରୋଗୀଙ୍କୁ ସହାୟତା

**ଧର୍ମଶାଳା, ୧୩।୧୧( ସମସ):** ଧର୍ମଶାଳା ଯୁବସଙ୍ଗଠକ ରାଜେଶ କୁମାର ପାଳଙ୍କ ନେତୃତ୍ୱରେ ଭାଜପା ଯୁବମୋର୍ଚ୍ଚାର କର୍ଯ୍ୟକର୍ତାମାନେ ଚହଟା ଗ୍ରାମପଞ୍ଚାୟତ ରେ ପହଂଚି ଜନସାଧାରଣ ଓ ଯୁବ ସାଥି ମାନଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମ ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ସହ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ଏହା ସହ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ତରଫରୁ ପାରାଲିସିସ ରୋଗରେ ପୀଡ଼ିତ ଥିବା ଏହି ଗ୍ରାମର ବିଦ୍ୟାଧର ସେଠୀ , ବିନୟ ମଲିକଙ୍କ ର ଆଖି ଅପରେସନ, ରତ୍ନାକର ମଲ୍ଲିକଙ୍କର ଟ୍ୟୁମର ଅପରେସନ, କାର୍ତ୍ତିକ ସେଠୀଙ୍କର ହାର୍ଟ ଅପରେସନ, ଅର୍ଚ୍ଚନା ମହାନ୍ତି ପାରାଲିସିସ ରୋଗରେ ଆକ୍ରାନ୍ତ , ଶଙ୍କର୍ଷଣ ମହାନ୍ତି କିଡନୀ ରୋଗରେ ଆକ୍ରାନ୍ତ ଭଳି ସମସ୍ୟା ରେ ଥିବା ଅସହାୟ ଲୋକ ମାନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଶରତ ଓଝା ଜାରକା ମଣ୍ଡଳ ସଭାପତି ଦେବଦତ ପଣ୍ଡା, ବାରବାଟୀ ମଣ୍ଡଳ ସଭାପତି ତୀର୍ଥରାଜ ପଣ୍ଡ, ବିଶ୍ୱଜିତ ପୃଷ୍ଟି, ଲୋକନାଥ ମହାନ୍ତି, ରମେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।





# ଦିଲ୍ଲୀ ବିସ୍ଫୋରଣ ପରେ ମଙ୍ଗଳପୁର ପୁଲିସ ତତ୍ପର

**କୟାଁଗୋଲା, ୧୩।୧୧(ସମିସ):** ଦିଲ୍ଲୀର ଐତିହାସିକ ଲାଲକିଲା ନିକଟରେ ହୋଇଥିବା ବିସ୍ଫୋରଣରେ ୧୦ରୁ ଊର୍ଦ୍ଧ୍ୱ ଜୀବନ ଯାଇଥିବାବେଳେ ଅନେକ ଲୋକ ଆହତ ହୋଇଛନ୍ତି। ଏହି ସମ୍ବେଦନଶୀଳ ଘଟଣା ପରେ ସାରା ଦେଶର ପ୍ରମୁଖ ସହର ହାଇଆଲର୍ଟରେ ରହିଛି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲାର ମଙ୍ଗଳପୁର ଅଞ୍ଚଳରେ ପୁଲିସ ତତ୍ପର ହୋଇଛି। ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚେକିଂ, ପାଟ୍ରୋଲିଂ କଡ଼ାକଡ଼ି କରାଯାଉଛି। ମଙ୍ଗଳପୁର ବଜାର, ସହ, ଲାଲବାଗ, ବଉଳାଙ୍ଗ, ଦୁବକଣ, ଦକ୍ଷିଣବନ୍ଧ ଆଦି ଛକରେ କଡ଼ାକଡ଼ି ଚେକିଂ କରାଯାଉଛି। ମାତ୍ର ଜନସାଧାରଣ ଏଥିରେ ଭୟଭୀତ ନ ହୋଇ ସଜାଗ ରହିବା ସହ କୌଣସି ସନ୍ଦେହ ବ୍ୟକ୍ତି ଗ୍ରାମରେ ଦେଖିଲେ ନିକଟସ୍ଥ ଥାନା ବା ୧୧୨ ନମ୍ବରକୁ ଫୋନ୍ କରିବାକୁ ଲୋକମାନଙ୍କୁ କହିଥିଲେ। ଏହି ପାଟ୍ରୋଲିଂରେ ଥାନା ଇନ୍ସପେକ୍ଟର ବିଭୂତି ମହାପାତ୍ର, ଏସ୍ ଆଇ ଅନିତା ପ୍ରଧାନ, ଏ ଏସ୍‌ଆଇ ଜଟାଧାରୀ ଦାସ ଉପସ୍ଥିତ ଥିଲେ।

## ଅନିଶ୍ଚିତତା ଭିତରେ ୮୪ ଲକ୍ଷର ଟେଣ୍ଡର!

# ମାସେ ପରେ ବି କାମ ଆରମ୍ଭ କରୁନି ପୂର୍ତ୍ତ ବିଭାଗ

**ପ୍ରୀତିପୁର/ବିଞ୍ଝାରପୁର, ୧୩।୧୧(ସମିସ)**

ରାସ୍ତା ମରାମତି ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। ଠିକାଦାର ମଧ୍ୟ ନିଯୁକ୍ତି ହେଇଛନ୍ତି। କିନ୍ତୁ କାମ ଆରମ୍ଭ ହେଉନି। ଫଳରେ ଯନ୍ତ୍ରଣା ଭୋଗୁଛନ୍ତି ବିଞ୍ଝାରପୁରବାସୀ। ଏପରିକି ପାଖାପାଖି ୮୪ ଲକ୍ଷ ଟଙ୍କାକୁ ହଜମ କରିବା ପାଇଁ ଠିକାଦାର ଆଉ ବିଭାଗୀୟ ଯନ୍ତ୍ରୀ ମସୁଧା କରୁଥିବା ଅଭିଯୋଗ ହେଉଛି।

ଅଭିଯୋଗ ଅନୁଯାୟୀ ଯାଜପୁର ଜିଲ୍ଲା ବିଞ୍ଝାରପୁର ପୂର୍ତ୍ତ ବିଭାଗ ଉପଖଣ୍ଡ ଅଧୀନରେ ଥିବା ବିଞ୍ଝାରପୁର ସିଂହପୁର ରାସ୍ତା ଏବଂ ବିଞ୍ଝାରପୁର ଯାଜପୁର ରାସ୍ତାର ଅବସ୍ଥା କଥା ନକହିଲେ ଭଲ। କେଉଁଠି ଗୋଡ଼ି ଉଠି ଗଲାଣି ତ କେଉଁଠି ଗାଡ଼ିଆ ଆକୃତିର ଗର୍ତ୍ତ ସୃଷ୍ଟି ହେଲାଣି। ଗତ କେଇ ମାସ ତଳେ ବିଭାଗ ପକ୍ଷରୁ ମରାମତି କରାଯାଇଥିଲେ ମଧ୍ୟ ରାସ୍ତାର ଅବସ୍ଥା ଯଥା ପୂର୍ବଂ ତଥା ପରଂ। ବିଭାଗୀୟ ଅଧିକାରୀଙ୍କ ତଦାରଖର ଅଭାବ, ଆଉ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଏଭଳି ହେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ତେବେ ବାରମ୍ବାର ଅଭିଯୋଗ ପରେ ମରାମତି ପାଇଁ ବିଞ୍ଝାରପୁର-ସିଂହପୁର ଏବଂ ବିଞ୍ଝାରପୁର-ଯାଜପୁର ରାସ୍ତାର ମରାମତି ପାଇଁ ଟେଣ୍ଡରର ପ୍ରକ୍ରିୟା ଆରମ୍ଭ କରିଥିଲା ପୂର୍ତ୍ତ ବିଭାଗ। ଟେଣ୍ଡର ପ୍ରକ୍ରିୟା ମଧ୍ୟ ପାଖାପାଖି ମାସେ ହେବ ସରିଲାଣି। କିନ୍ତୁ ରାସ୍ତାର ଅବସ୍ଥା ବଦଳୁ ନାହିଁ। ବିଞ୍ଝାରପୁରରୁ ସିଂହପୁର ପର୍ଯ୍ୟନ୍ତ ୧୦କିମି ରାସ୍ତାର ମରାମତି ପାଇଁ ୪୨ ଲକ୍ଷର ଟେଣ୍ଡର ଏବଂ ବିଞ୍ଝାରପୁରରୁ ଯାଜପୁର ରାସ୍ତାର ପାଖାପାଖି ୧୨ କିମି ରାସ୍ତାର ମରାମତି ପାଇଁ ୪୨ ଲକ୍ଷ, ଏପରି ମୋଟ ୮୪ ଲକ୍ଷର ଟେଣ୍ଡର ସାରି ଚୁପ୍ ବସିଛି ବିଭାଗ। ବିଞ୍ଝାରପୁର ଯାଜପୁର ରାସ୍ତାର ବିଞ୍ଝାରପୁର ସୟଦପୁର ମଝି ରାସ୍ତା, ମଇଁଦା ପେଟ୍ରୋଲ ପମ୍ପ ପୂର୍ବ ରାସ୍ତା, ଅରେଇ ଶରତ ଢାବା ନିକଟସ୍ଥ ରାସ୍ତାର ଅବସ୍ଥା ଏବେ ଯାତ୍ରୀଙ୍କ ପାଇଁ ମରଣ ଯନ୍ତା ପାଲଟିଛି। ପ୍ରତିଦିନ ଏହି ରାସ୍ତାରେ ଯିବା ସମୟରେ ବଡ଼ ବଡ଼ ଗର୍ତ୍ତ ଯୋଗୁଁ ଦୁର୍ଘଟଣା ଘଟୁଛି। ଏହି ରାସ୍ତାରେରେ କିଛି ଡବ୍ଲ୍ୟୁଏମ୍‌ଏମ୍ ପକାଇ ଠିକାଦାର ବାକି ଅର୍ଥ ଆତ୍ମସାତ କରିବା ଚକ୍କରରେ ଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ସେହିଭଳି ବିଞ୍ଝାରପୁର ସିଂହପୁର ରାସ୍ତାର ମରାମତି କାର୍ଯ୍ୟ ଆଦୌ ଆରମ୍ଭ ହୋଇନାହିଁ। କେବେ ଆରମ୍ଭ ହେବ ତା'ର କିଛି ସଙ୍କେତ ମଧ୍ୟ ନାହିଁ। ଖାଲି ସେତିକି ନୁହେଁ, ବିଞ୍ଝାରପୁର ଯାଜପୁର ଏବଂ ବିଞ୍ଝାରପୁର ସିଂହପୁର ରାସ୍ତା ୪ ଲେନ୍ ହେବା ପାଇଁ ଡିପିଆର୍ ମଧ୍ୟ ଯାଇ ସାରିଛି। ଆଉ କିଛି ଦିନ ପରେ ଏହାର ଟେଣ୍ଡର କରାଯାଇ ରାସ୍ତା କାର୍ଯ୍ୟ ମଧ୍ୟ ଆରମ୍ଭ ହେବ। କିନ୍ତୁ ଏପର୍ଯ୍ୟନ୍ତ ଏ ପୂର୍ବ ରାସ୍ତାର ମରାମତି କାମ ସରିଲା ନାହିଁ। କୁହା ଯାଉଛି ଅଳ୍ପ ମରାମତି କରି ସମୟ ଗଡ଼ାଇ ଠିକାଦାରଙ୍କୁ ମାଧ୍ୟମ କରି ପୂର୍ତ୍ତ ବିଭାଗ ଅଧିକାରୀମାନେ ନିଜ ପକେଟ ଗରମ କରିବା ଯୋଜନାର ଅଛନ୍ତି। ଆଉକିଛି ଦିନ ପରେ ଆରମ୍ଭ ହେବ ଓଡ଼ିଶା ପ୍ରସିଦ୍ଧ ବରୁଣେଶ୍ୱର ମେଳା। ଆଉ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଲକ୍ଷାଧିକ ଲୋକଙ୍କ ଭିଡ଼ ଏହି ରାସ୍ତାରେ ଜମିବ। କିନ୍ତୁ ଚେଇଁ ଶୋଇଛି ପୂର୍ତ୍ତ ବିଭାଗ। ଠିକାଦାରଙ୍କୁ ପୂର୍ଣ୍ଣ ସୁରକ୍ଷା ପୂର୍ତ୍ତ ବିଭାଗ ଯନ୍ତ୍ରୀ ଦେଉଥିବା ଅଭିଯୋଗ ହୋଇଛି। ତେବେ ଏ ନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ପଚାରିବାରୁ ଖାଲି ଥିବା ଏସ୍‌ଡିଓ ଏବଂ କିରାଣି ପଦବୀକୁ ଦାୟୀ କରି ନିଜ ଦାୟିତ୍ୱ ସାରି ଦେଇଛନ୍ତି।



# ପ୍ରଧାନଶିକ୍ଷକ ଭାଗୀରଥି ପୃଷ୍ଟିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ମଙ୍ଗଳପୁର/କୟାଁଗୋଲା, ୧୩।୧୧ (ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ଦରବା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗୀରଥି ପୃଷ୍ଟି ଚାକିରିରୁ ଅବସର ଗ୍ରହଣ କରିଥିବା ବେଳେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଜୟଚଣ୍ଡୀ ମଣ୍ଡଳ ସାଧନା କେନ୍ଦ୍ର ସଂଯୋଜକ ପ୍ରିୟରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ଶିକ୍ଷକ ସନାତନ ନାୟକ ସଭାପତିତ୍ୱ କରିଥିଲେ।

ମୁଖ୍ୟ ଅତିଥି ଭାବେ ଦଶରଥପୁର ବ୍ଲକର ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା, ମୁଖ୍ୟ ବକ୍ତା ଭାବେ କୟାଁଗୋଲା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଳମଣି ମଲ୍ଲିକ, ସମ୍ମାନିତ ଅତିଥିଭାବେ ସହ ଶିକ୍ଷା ଅଧିକାରୀ ନୃସିଂହ ଚରଣ ମହାନ୍ତି, ଏବିଓ ଅଜିତ ଜେନା, ସିଆର୍‌ସିସି ଗୌତମ ବେହେରା, ସିଆର୍‌ସିସି ବିକାଶ କୁମାର ମଲ୍ଲିକ, ଦୁବକଣ ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର କାଣ୍ଡି, ବରିଷ୍ଠ ଶିକ୍ଷକ ପ୍ରବୀର କୁମାର ନାୟକ, ବିଭୂତି ଭୂଷଣ ରଣା, ଅଭିରାମ ମଲ୍ଲିକ, ମଳୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀପୃଷ୍ଟି ଜଣେ ଛାତ୍ର ବତ୍ସଳ, ସ୍ନେହୀ, ପରୋପକାରୀ ଓ କର୍ତ୍ତବ୍ୟ ପରାୟଣ ଶିକ୍ଷକ ଭାବେ ଅଞ୍ଚଳରେ ବେଶ ସୁନାମ ଅର୍ଜନ କରିପାରିଛନ୍ତି ବୋଲି ଅତିଥିମାନେ କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗବନ୍ଧୁ ବାରିକଙ୍କ ସମେତ ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ମହେଶ୍ୱର ବେହେରା, ତାପସ କୁମାର ରଣାଙ୍କ ସହ ଅର୍ଚ୍ଚନା ନାୟକ, ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଅଧ୍ୟାପକ ପ୍ରଦୀପଙ୍କୁ ୨୦୨୫ ଯୁବ ନାଟ୍ୟ ପ୍ରତିଭା ସମ୍ମାନ



**ସୁକିନ୍ଦା,୧୩।୧୧(ସମିସ):** ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ପ୍ରତିଭା ନାଟ୍ୟ ପରିଷଦ ଏବଂ ଉତ୍କଳ ନାଟ୍ୟମ ପ୍ରଯୋଜନାରେ ଓଡ଼ିଶା ପ୍ରତିଭା ସମ୍ମାନ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଫକୀରମୋହନ ବିଶ୍ଵବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର କୁମରବର ଦାସ, ନାଟ୍ୟକାର ମାୟା ଦାଶ, ପଦ୍ମଶ୍ରୀ ଡକ୍ଟର ଅଶୋକ ମହାପାତ୍ର, ନାଟ୍ୟ ନିର୍ଦ୍ଦେଶକ ଦୀପ୍ତିରଞ୍ଜନ୍ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।ଏହି ଅବସରରେ ସୁକିନ୍ଦା ଅନ୍ତର୍ଗତ ଭାରତୀ ବିହାର ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ପ୍ରଦୀପ କୁମାର ପ୍ରଧାନଙ୍କୁ ଓଡ଼ିଶା ଯୁବ ନାଟ୍ୟ ପ୍ରତିଭା ସମ୍ମାନ ୨୦୨୫ରେ ସମ୍ମାନିତ କରାଯାଇଛି । ସୂଚନା ଥାଉକି ପ୍ରଦୀପ କୁମାର ପ୍ରଧାନ ଏକାଧାରରେ ଜଣେ, ଅଧ୍ୟାପକ, କଣ୍ଠଶିଳ୍ପୀ, ଅଭିନେତା, ନିର୍ଦ୍ଦେଶକ, ସଙ୍ଗୀତ ନିର୍ଦ୍ଦଶକ, ଗୀତିକାର, ସାହିତ୍ୟିକ ।ଅଧ୍ୟାପନା ସହ କଳା, ସଂସ୍କୃତି, ଅଭିନୟ, ସଙ୍ଗୀତ, ଓ ଜାତୀୟ ସେବା ଯୋଜନା ରେ ଆଗକୁ ଆହୁରି ଅଧିକ କାମ କରିବାର ଲକ୍ଷ୍ୟ ରହିଛି ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ।

# ଡକ୍ଟର ସରସ୍ଵତୀ ପଣ୍ଡାଙ୍କ ପୁସ୍ତକ ଲୋକାର୍ପିତ

**ଯାଜପୁର ୧୩।୧୧(ସମିସ):** ନରସିଂହ ଚୌଧୁରୀ ମହାବିଦ୍ୟାଳୟର ପ୍ରେକ୍ଷାଳୟରେ ପ୍ରାଧ୍ୟାପକ ଡକ୍ଟର ସରସ୍ଵତୀ ପଣ୍ଡାଙ୍କ ଏକ ଗବେଷଣାତ୍ମକ ସନ୍ଦର୍ଭ ପୁସ୍ତକ 'ଓମାନ କ୍ୟାରେକ୍ଟର ଅଫ ରାଜା ରାଓ' ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକଟି ପ୍ରଖ୍ୟାତ ଔପନ୍ୟାସିକ ରାଜା ରାଓ ଙ୍କର ବହୁ ଚର୍ଚ୍ଚିତ ସାମଗ୍ରିକ କୃତ୍ତି ମାନଙ୍କୁ ନେଇ ପ୍ରସ୍ତୁତ କରାଯାଇ ଅଛି। ବିଶେଷ କରି ନାରୀ ଏକ ଶକ୍ତି ତଥା ନାରୀ ର ଅପୂରଣୀୟ କ୍ଷମତା ଓ ଭୂମିକା ଉପରେ ବିଷଦ ଭାବେ ଏଥିରେ ବର୍ଣ୍ଣନା କରାଯାଇଅଛି। ଜଣେ ପୁରୁଷ ର ସ୍ଥିତାବସ୍ଥା ର ସର୍ବାଙ୍ଗୀନ ଉନ୍ନତି ପାଇଁ ନାରୀ ର ସାହଚର୍ଯ୍ୟ ଯେ ଅବଶ୍ୟମ୍ଭାବି ଏ କଥା ଏଥିରେ ସେ ପ୍ରମାଣ କରି ଦେଇଛନ୍ତି।

ଏହି କାର୍ଯ୍ୟକ୍ରମ ରେ ସଭାପତିତ୍ଵ କରିଥିଲେ ଏନ୍.ସି କଲେଜ ର ଅଧ୍ୟକ୍ଷ ଶ୍ରୀ ରଞ୍ଜନ କୁମାର ବେହେରା। ମୁଖ୍ୟ ଅତିଥି ଭାବେ ସେବାନିବୃତ୍ତ ଇଂରାଜୀ ଭାଷା ସାହିତ୍ୟ ର ପ୍ରାଧ୍ୟାପକ ତଥା ବରିଷ୍ଠ ଲେଖକ ଶ୍ରୀ ବ୍ରଜ ମୋହନ ମିଶ୍ର ବିଭିନ୍ନ ଆଧ୍ୟାତ୍ମିକ ତଥା ପାଶ୍ଚାତ୍ୟ ସାହିତ୍ୟ ରେ ନାରୀ ର ବହୁବିଧ ଭୂମିକା ସହିତ ଲେଖିକା ଡକ୍ଟର ପଣ୍ଡା ଙ୍କ ସନ୍ଦର୍ଭ ର ଏକ ତୁଳନାତ୍ମକ ଚିତ୍ର ର ଏକ ମଞ୍ଜୁଳ ଉପସ୍ଥାପନା କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ତଥା ସ୍ଵନାମଧନ୍ୟ ଇଂରାଜୀ ପ୍ରାଧ୍ୟାପକ ଡକ୍ଟର କିଶୋର କୁମାର ଗାନ୍ଧୀ ଜୀବନ ରେ ନାରୀ ର ଉପାଦେୟତା ଉପରେ ରାଜା ରାଓ ଦେଇଥିବା ଦୃଷ୍ଟାନ୍ତମୂଳକ ପ୍ରସଙ୍ଗ ମାନ ଉପସ୍ଥାପନା କରିଥିଲେ। ଏହି ପୁସ୍ତକ ର ପ୍ରକାଶନ ର ଦାୟିତ୍ଵ ବହନ କରିଥିବା ସୁବର୍ଣ୍ଣଶ୍ରୀ ପ୍ରକାଶନର ପ୍ରକାଶକ ଡକ୍ଟର କାଳୀପଦ ପଣ୍ଡା ତାଙ୍କର ଅନୁଭୂତିମୂଳକ ବକ୍ତବ୍ୟ ରଖିଥିବା ବେଳେ ଲେଖିକା ଡକ୍ଟର ସରସ୍ଵତୀ ପଣ୍ଡା ଅତିଥି ପରିଚୟ ପ୍ରଦାନ ଓ ସ୍ଵାଗତ ଭାଷଣ ଦେବା ସହିତ ପୁସ୍ତକର ବିଷୟବସ୍ତୁ ଉପରେ ଏକ ସଂକ୍ଷିପ୍ତ ଅବଧାରଣା ପ୍ରଦାନ କରି ଥିଲେ। ଏହି କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## କୋରେଇରେ ବାଲି ମାଫିଆଙ୍କ ରାଜ୍

# ଗାଡ଼ିରୁ ଆଦାୟ ହେଉଛି ବେଆଇନ ଚାନ୍ଦା

**ଯାଜପୁର,୧୩।୧୧(ସମିସ):**

ଗତ ସାଧାରଣ ନିର୍ବାଚନରେ କୋରେଇ ମା, ମାଟି ଓ ସ୍ଵାଭିମାନକୁ ନେଇ ପ୍ରସଙ୍ଗ କରାଯାଇଥିଲା। କିନ୍ତୁ ନିର୍ବାଚନ ପରଠାରୁ ନିର୍ବାଚନ ପ୍ରସଙ୍ଗ ଏବେ ଅପ୍ରାସଙ୍ଗିକ ହୋଇଯାଇଥିବା ଲକ୍ଷ୍ୟ କରାଯାଉଛି। କୋରେଇ ନିର୍ବାଚନ ମଣ୍ଡଳୀରେ ଥିବା ଲଘୁ ଖଣିଜ ସଂପଦ ଏବେ ଲୁଟେରାଙ୍କ କବଜାରେ ରହିଛି। ପ୍ରତିଦିନ ଲକ୍ଷ ଲକ୍ଷ ମୂଲ୍ୟର ଲଘୁ ଖଣିଜ ସଂପଦ ଲୁଟ କରାଯାଉଥିବା ଅଭିଯୋଗ ହୋଇଛି। ବୈତରଣୀ ନଦୀର ବିଭିନ୍ନ ଘାଟରୁ ପ୍ରତ୍ୟେହ ବାଲି ଚୋରା ଚାଲାଣ ହେଉଛି। ଦିନ ରାତି ଏହି ବାଲି ଚୋରା ଚାଲାଣ କରାଯାଉଛି। ଏଥିପାଇଁ ବାରମ୍ବାର ପୁଲିସଠାରୁ ଆରମ୍ଭ କରି ଖଣି ବିଭାଗ ନିକଟରେ ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତ ଦୂରେ ଥାଉ ଓଲଟି ସେମାନଙ୍କୁ ସୁରକ୍ଷା ଦିଆଯାଉଛି। ସ୍ଥାନୀୟ ପୁଲିସ ବାଲି ମାଫିଆଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ହେଉଛି। ପ୍ରତିଦିନ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିବାରୁ ରାତି ରେ ଶହ ଶହ ଟ୍ରକ ମାଧ୍ୟମରେ ଚୋରା ଚାଲାଣ ହେଉଛି। ଏହାର ସୁଯୋଗ ନେଇ ରାସ୍ତାର ବିଭିନ୍ନ ସ୍ଥାନରେ ବେଆଇନ ଟ୍ରକରୁ ବେଆଇନ

## ପୁଲିସର ଫାଙ୍କା ଗୁଳିଚାଳନା

ଭାବେ ଚାନ୍ଦା ଆଦାୟ କରାଯାଉଛି। ଯାହାକୁ ନେଇ ବିଭିନ୍ନ ସମୟରେ ଗଣ୍ଡଗୋଳ ଦେଖାଦେଉଛି। ଗତ କାଲି ବିଳମ୍ବିତ ରାତ୍ରୀ ରେ ବୈତରଣୀ ନଦୀରୁ ଆସୁଥିବା ବାଲି ଭାରଯାନ (ହାଇୱା) ବରୁଣ୍ଡାଇ ବଜାରରୁ ସଠିପୁର ଦେଇ ଆସିବା ବେଳେ ଏହାକୁ ନେଇ ଲଙ୍କାକାଣ୍ଡ ହୋଇଥିବା ଜଣାପଡିଛି। ଷଠିପୁର-ବରୁଣ୍ଡାଇ ରାସ୍ତା କାମ ଚାଲୁଥିବାରୁ ଏହି ରାସ୍ତାରେ ଭାରିଯାନ ଚଳାଚଳ ଉପରେ ଜିଲ୍ଲାପାଳ ନିଷେଧାଜ୍ଞା ଜାରି କରିଛନ୍ତି। ଏଥି ସହିତ କୋରେଇ ମୀନା ବଜାରରୁ ରଗଡିରେ ଭାରିଯାନ ଚଳାଚଳ କରିବାକୁ ଆଦେଶ ଦେଇଛନ୍ତି। କିନ୍ତୁ ବାଲି ଗାଡି ଗୁଡିକ କୋରେଇରୁ ରଗଡି ନଯାଇ ପାଣିକୋଇଲି ଆସୁଛନ୍ତି। ବେଆଇନ ବାଲି ଗାଡ଼ଗୁଡିକୁ ଅଟକାଇ ବିଭିନ୍ନ ସ୍ଥାନରେ ଚାନ୍ଦା ଆଦାୟ କରାଯାଉଛି। ଯେହେତୁ ବାଲି ଗାଡ଼ିର କୌଣସି କାଗଜପତ୍ର ନାହିଁ ସେମାନେ ମଧ୍ୟ ବାଟ ସାରା ଚାନ୍ଦା ଦେଇ ଆସୁଛନ୍ତି। ପାଣିକୋଇଲି ଥାନା ଅନ୍ତର୍ଗତ କୋରେଇ ପାଣିକୋଇଲି ରାସ୍ତାରେ ମୁଲରୀ ଛକ ଠାରେ କୋତେକ ଯୁବକ ଚାନ୍ଦା ଆଦାୟ କରୁଥିଲେ। ଏ ସଂପର୍କରେ ଖବର ପାଇ କୋରେଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବେଆଇନ ଚାନ୍ଦା ଆଦାୟ କରୁଥିବା ଗୋଷ୍ଠୀଙ୍କୁ ଭୟଭୀତ କରିଥିଲା। କିନ୍ତୁ ବେଆଇନ ବାଲି ଚାଲାଣ କରୁଥିବା ମାଫିଆ ଙ୍କୁ ସୁରକ୍ଷା ଦେବା ପାଇଁ ଚାନ୍ଦା ଆଦାୟ କାରୀ ମାନଙ୍କୁ ଡରାଇବା ପାଇଁ ୩ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରିଥିଲା। ଭୟରେ ଯୁବକ ମାନେ ଦୌଡି ପଳାଇବା ବେଳେ ୬ ଜଣଙ୍କୁ ମାଡମାରି ଏନକାଉଂଟରର ଧମକ ଦେଇ ପୁଲିସ ଗାଡିରେ ଥାନାକୁ ଉଠାଇନେଇଥିବା ଅଭିଯୋଗ ହୋଇଥିଲା। ଏହି ସ୍ଥାନଟି ପାଣିକୋଇଲି ଥାନା ଅଧିନରେ ଯାଉଥିବା ବେଳେ କୋରେଇ ପୋଲିସ କିଭଳି ବେଆଇନ ଭାବେ ଅନ୍ୟ ଏକ ଥାନା ଅଧିନକୁ ଯାଇ ଏଭଳି ଫାଙ୍କା ଗୁଳିଚାଳନା କଲା ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏ ସଂପର୍କରେ ପୋଲିସ ବିରୋଧରେ ଲୋକେ ଏକାଠି ହେବା ପରେ ବାଧ୍ୟ ହୋଇ ବେଆଇନ ଭାବେ କୋରେଇ ପୋଲିସ ଉଠାଇନେଇଥିବା ୬ ଜଣଙ୍କୁ ଛାଡି ଦେଇଥିଲା। । ତେବେ ଏହି ଘଟଣା ନେଇ ପୋଲିସର କାର୍ଯ୍ୟକଳାପକୁ ନିନ୍ଦା କରାଯାଇଥିବା ବେଳେ ତୁରନ୍ତ ଏଭଳି ବେଆଇନ ବାଲି ଚାଲାଣ ବନ୍ଦ ହେବା ସହିତ ମାଫିଆ ଓ ଚାନ୍ଦା ଆଦାୟକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବୀ ହେଉଛି।

# ବାଦ ପଡ଼ିବେ ୨୨ ହଜାର ରାସନକାର୍ଡ ହିତାଧିକାରୀ!

**ଦଶରଥପୁର,୧୩।୧୧(ସମିସ):** ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନାରେ ଉପକୃତ ହେଉଥିବା ରାସନକାର୍ଡ ହିତାଧିକାରଙ୍କୁ ଚିହ୍ନଟ କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ହିତାଧିକାରୀଙ୍କ ଏକ ସ୍ଵତନ୍ତ୍ର ତାଲିକା ଦଶରଥପୁର ବ୍ଲକ ପ୍ରଶାସନ ନିକଟରେ ପହଞ୍ଚିବା ପରେ ବ୍ଲକରେ ଥିବା ହିତାଧିକାରୀ ଚିନ୍ତାରେ ପଡ଼ିଛନ୍ତି। ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ବ୍ଲକ ଅଧୀନ ୩୫ ପଞ୍ଚାୟତର ପିଇଓଙ୍କୁ ସମ୍ପୃକ୍ତ ହିତାଧିକାରୀଙ୍କ ଉପରେ ତଦନ୍ତ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶନାମା ମୁତାବକ ୨ରୁ ଅଧିକ ୩ ଚକିଆ ଓ ଗୋଟିଏ ୪ ଚକିଆ ଯାନ ରଖିଥିବା ହିତାଧିକାରୀଙ୍କୁ ଅଯୋଗ୍ୟ ଭାବେ ଚିହ୍ନଟ କରାଯିବ। ସେହିପରି ରାଜ୍ୟ ବାହାରେ ସରକାରଙ୍କ ଖାଉଟି ସାମଗ୍ରୀ ପାଉଥିବା ହିତାଧିକାରୀ, ଲଗାତାର ୬ ମାସ କିମ୍ବା ବର୍ଷେ ପର୍ଯ୍ୟନ୍ତ ଖାଉଟି ସାମଗ୍ରୀ ଉଠାଇ ନଥିବା ହିତାଧିକାରୀଙ୍କୁ ଆଉ ମିଳିବନି ଖାଦ୍ୟ ସୁରକ୍ଷା ଯୋଜନାରେ ଖାଉଟି ସାମଗ୍ରୀ। ଏହି କ୍ରମରେ ଦଶରଥପୁର ବ୍ଲକ ଅନ୍ତର୍ଗତ ୩୫ ପଞ୍ଚାୟତରେ ଏବେ ୧ଲକ୍ଷ ୭୦ ହଜାର ୮୧୬ ହିତାଧିକାରୀ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ ସାମଗ୍ରୀ ପାଉଥିବା ବେଳେ ପହଂଚିଥିବା ତାଲିକା ମୁତାବକ ୨୨ ହଜାର ୧୦୪ ପିଏମ କିସାନ ନିଧି ଯୋଜନାରେ ସାମିଲ ହିତାଧିକାରୀ ମାନଙ୍କ ଉପରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ସମ୍ପୃକ୍ତ ପଞ୍ଚାୟତ ପିଇଓ ମାନଙ୍କୁ ତାଲିକା ପ୍ରଦାନ କରାଯାଇଛି। ସେହିପରି ୧୬୮୮ ଆୟକର ଦାତାଙ୍କ ସମେତ ଲଗାତାର ଭାବେ ୬ମାସ ହେବ ଖାଉଟି ସାମଗ୍ରୀ ଉଠାଇ ନଥିବା ୨୫୧ ହିତାଧିକାରୀ ଥିବା ବେଳେ ଏକ ବର୍ଷେ ହେବ ରାସନ ଉଠାଇ ନଥିବା ୮୯ ହିତାଧିକାରୀଙ୍କ ତାଲିକା ରହିଛି। ୨୧୯ ହିତାଧିକାରୀଙ୍କ ନିକଟରେ ୩ ଓ ୪ ଚକିଆ ଯାନ ଥାଇ ରାସନ ସାମଗ୍ରୀ ନେଉଥିବାର ତାଲିକା ପହଞ୍ଚିଛି। ରାଜ୍ୟ ବାହାରେ ଥାଇ ସେଠାରେ ଖାଦ୍ୟ ସୁରକ୍ଷା ଯୋଜନାରେ ୨ ହିତାଧିକାରୀ ରାସନ ପାଉଥିବା ହିତାଧିକାରୀଙ୍କୁ ଚିହ୍ନଟ କରି ଦଶରଥପୁର ବ୍ଲକ୍ ରାସନ ହିତାଧିକାରୀଙ୍କ ତାଲିକାରୁ ସେମାନଙ୍କ ନାମକୁ ବାଦ ଦେବାକୁ ଯୋଗାଣ ବିଭାଗ ତରଫରୁ ବୈଠକରେ ଆଲୋଚନା ହୋଇଥିବା ଜଣାଯାଇଛି। ଅପରପକ୍ଷେ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ତାଲିକାକୁ ନେଇ ସବୁଠି ଅସନ୍ତୋଷ ପ୍ରକାଶ ପାଇଛି। ସରକାର ପ୍ରଧାନମନ୍ତ୍ରୀ (ପିଏମ) କିସାନ ନିଧି ହେଉ କିମ୍ବା ମୁଖ୍ୟମନ୍ତ୍ରୀ (ସିଏମ) କିସାନ ନିଧି ଯୋଜନାରେ ନିଜ ନାମ ପଞ୍ଜୀକୃତ ପାଇଁ ହିତାଧିକାରୀଙ୍କ ନାମରେ ରାସନକାର୍ଡ ଥିବା ବାଧ୍ୟତାମୂଳକ କରିଥିବା ବେଳେ ଏବେ କିସାନ ନିଧି ଯୋଜନାର ହିତାଧିକାରୀଙ୍କ ରାସନ ବନ୍ଦ କରିବା ଦୁର୍ଭାଗ୍ୟଜନକ ବୋଲି ବହୁ ସଂଖ୍ୟାରେ ରାସନ ହିତାଧିକାରୀ ସରକାରଙ୍କ ନିକଟରେ ପ୍ରଶ୍ନ ବାଢିଛନ୍ତି। ଏ ସମ୍ପର୍କରେ ଦଶରଥପୁର ବ୍ଲକ ଯୋଗାଣ ଅଧିକାରିଣୀ ତପସ୍ଵିନୀ ରାୟଙ୍କୁ ପଚାରିବାରେ ଉପଲବ୍ଧ ତାଲିକାର ତଦନ୍ତ କରିବାକୁ ନିର୍ଦ୍ଦେଶ ରହିଛି। ହିତାଧିକାରୀ ସରକାରଙ୍କ ମାନଦଣ୍ଡ ପୂରଣ କରୁଛନ୍ତି କି ନାହିଁ ରିପୋର୍ଟ ପ୍ରସ୍ତୁତ ହେବ ବୋଲି କହିବା ସହିତ ଏଥି ନେଇ ହିତାଧିକାରୀ ଚିନ୍ତାବ୍ୟକ୍ତ କରିବା ଉଚିତ ନୁହେଁ ବୋଲି କହିଥିଲେ।

# ବାଜବାଟୀ କଳାପଥର ଖାଦାନରେ ଏନ୍‌ଜିଟି ସ୍ଵତନ୍ତ୍ର ଟିମର ତଦନ୍ତ



**ଧର୍ମଶାଳା,୧୩।୧୧( ସମିସ):** ଧର୍ମଶାଳା ତହସିଲ ଅଞ୍ଚଳରେ ଲଘୁ ଖଣିଜ ସମ୍ପଦ ଲୁଟ ଘଟଣା ସବୁ ବେଳେ ଚର୍ଚ୍ଚାରେ ରହିଥାଏ। କିଛି ମାସ ତଳେ ବାଜବାଟୀ କଳାପଥର ଖାଦାନକୁ ନେଇ ଏନଜିଟିରେ ଅଭିଯୋଗ ହୋଇଥିଲା। ଅଭିଯୋଗ ମୁତାବକ, ଜିଲ୍ଲାପାଳଙ୍କ ଦ୍ଵାରା ଗଠିତ ସ୍ଵତନ୍ତ୍ର ଟିମ ଆଜି ସମ୍ପୃକ୍ତ ଖାଦାନ ଅଞ୍ଚଳରେ ପହଞ୍ଚି ତଦନ୍ତ କରି ଫେରିଯାଇଛି। ବାଜବାଟୀର ୨ ଓ ୬ ନଂ ଖାଦାନରେ ଚଢ଼ାଉ କରାଯାଇଥିଲା। ଏଠାରେ ମାତ୍ରାଧିକ କଳାପଥର ଖନନ ସହ ଉତୋଳନ ଓ ପ୍ରଦୂଷଣ ମାତ୍ରା ବୃଦ୍ଧିକୁ ବନ୍ଦ କରିବା ନେଇ ସ୍ଥାନୀୟ କାନପୁର ଅଞ୍ଚଳର ଉର୍ବଶୀ ଜେନା ନାମକ ଜଣେ ମହିଳା ଏନଜିଟିରେ ଅଭିଯୋଗ କରିଥିଲେ। ଜିଲ୍ଲା ଖଣି ଉପନିର୍ଦ୍ଦେଶକ ଜୟ ପ୍ରକାଶ ନାୟକ, ଖଣି ଅଧିକାରୀ ଝସକେତନ ସେଠି, ପ୍ରଦୂଷଣ ଅଧିକାରୀ ମଦନ ମୋହନ ସାହୁ, ସିଆର ଅଧିକାରୀ ପ୍ରଦୀପ କୁମାର ନାୟକ ଓ ତହସିଲଦାର ସମୀର ରଞ୍ଜନ ଦାସ ପ୍ରମୁଖ ତଦନ୍ତ କରିଥିଲେ। ଏହି ସମୟରେ ଲିଜଧାରୀ ଶରତ କୁମାର ବେହେରା ଓ ସମୀର ରଞ୍ଜନ ନାୟକ ଉପସ୍ଥିତ ଥିଲେ। ଏହି ଦୁଇଗୋଟି ଖାଦାନର ଲିଜ ଅବଧି ୨୮ ମସିହା ପର୍ଯ୍ୟନ୍ତ ରହିଥିବା ତହସିଲଦାର ସୂଚନା ଦିଆଯାଇଛି । ଏ ସମ୍ପର୍କରେ ଖଣି ଉପନିର୍ଦ୍ଦେଶକ ଶ୍ରୀ ନାୟକଙ୍କୁ ପଚାରିଲେ ଅଭିଯୋଗ ଅନୁଯାୟୀ ତଦନ୍ତ କରାଯାଇଛି। ଜିଲ୍ଲାପାଳଙ୍କ ସହିତ ଆଲୋଚନା ପରେ କାର୍ଯ୍ୟାନୁଷ୍ଠାନ ହାତକୁ ନିଆଯିବ ବୋଲି ସେ କହିଛନ୍ତି।

# ସାହାପୁର ହାଟରୁ ବାଇକ୍ ଚୋରି

**ପାଣିକୋଇଲି, ୧୩।୧୧(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ସାହାପୁର ହାଟରୁ ବାଇକ ଚୋରି ନେଇ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏନେଇ ଏକ ମାମଲା ୩୬୯/୨୫ ରୁଜୁ କରି ତଦନ୍ତ କରୁଛି। ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ଅଳତିରି ଗ୍ରାମର ଗୋପାଳ ସାହୁ ସାହାପୁର ହାଟକୁ ତାଙ୍କ ବାଇକ୍ (ଓଡି୩୪ଇ୭୦୬୭) ନେଇ ଯାଇଥିଲେ। ବାଇକ ରଖି ହାଟ କରି ଫେରିବା ପରେ ତାଙ୍କ ବାଇକ ଚୋରି ହୋଇଯାଇଥିଲା। ଯାହାକୁ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି।

# ତେଲ ଗୋଦାମରୁ ୫୪୭ପେଟି ତେଲ ଚୋରି

**ପାଣିକୋଇଲି, ୧୩।୧୧(ସମିସ):** ପାଣିକୋଇଲି ବଜାର ନିକଟ ଓଟିନ୍ଦା ରୋଡର ସାଇ ମନ୍ଦିର ନିକଟରେ ରାମେଶ୍ଵର ଭଣ୍ଡାର ନାମକ ତେଲ ଗୋଦାମ ରହିଛି। ଏହି ଗୋଦାମରୁ ୫୪୭ ପେଟି ତେଲ ଚୋରି ହେବା ନେଇ ଥାନାରେ ଅଭିଯୋଗ ହୋଇଛି। ପାଣିକୋଇଲି ପୁଲିସ ୩୭୦/୨୫ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏହି ଗୋଦାମରୁ ସରର୍ ଭାଙ୍ଗ ସୋରିଷ ତେଲ ୫୭ ପେଟି, ରିଫାଇନ ୪୨ ପେଟି, ରୁଚି ଗୋଲ୍ଡ ୨୮୦ ପେଟି, ରୁଚି ଗୋଲ୍ଡ ରିଫାଇନ ୧୬୮ ପେଟି, ମୋଟ ୫୪୭ ପେଟି ତେଲ କାର୍ଟୁନ ଚୋରି ହୋଇଛି। ଯାହାର ମୂଲ୍ୟ ୭ଲକ୍ଷ ଦୁଇ ହଜାର ବୋଲି ଦର୍ଶାଯାଇଛି। ଏନେଇ ଗୋଦାମ ମାଲିକ ଯାଜପୁରରୋଡର ଲୋକନାଥ ଗୁପ୍ତାଙ୍କ ସ୍ତ୍ରୀ ସୀତାଦେବୀ ଗୁପ୍ତା ଥାନାରେ ଅଭିଯୋଗ କରିଛନ୍ତି।

# ନରେନ୍ଦ୍ର ପ୍ରସାଦ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ମଙ୍ଗଳପୁର, ୧୩।୧୧(ସମିସ):** ଦଶରଥପୁର ବ୍ଲକ କସପା ପଞ୍ଚାୟତ ପଲହାସାଇ ସ୍ଥିତ କାଳୀ ପଡ଼ିଆଠାରେ ନରେନ୍ଦ୍ର ପ୍ରସାଦ ମେମୋରିଆଲ ୟୁଥ କ୍ଲବ ଆନୁକୂଲ୍ୟରେ ୩୦ତମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦଘାଟନ ଦିବସରେ ଯାଜପୁରର ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଦଶରଥପୁର ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, କଷ୍ପା ପଞ୍ଚାୟତର ଯୁବନେତା ମନୋଜ ରାଉତ, ଧାମନଗର ବ୍ଲକ ହସନାବାଦ ପଞ୍ଚାୟତ ସରପଞ୍ଚ ଅଜୟ ମଲ୍ଲିକ, ଦୁଦୁରାଅନ୍ତା ପଞ୍ଚାୟତ ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ତ୍ରିପାଠୀ, କଷ୍ପା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ପ୍ରଭାତ ନାୟକ, ମଲ୍ଲୀକାପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ସ୍ଵପ୍ନେନ୍ଦୁ ଦାସ, ଯୁବନେତା ଜୟନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଟୁର୍ଣ୍ଣାମେଣ୍ଟରେ ପଦ୍ମଲୋଚନ ଜେନା, ନିତ୍ୟାନନ୍ଦ ଦାସ ଅମ୍ପେୟାର ଦାୟିତ୍ଵ ତୁଲାଇ ଥିବାବେଳେ ସତ୍ୟରଞ୍ଜନ ସାହୁ,ପୁଷ୍ପକ ସାହୁ ଓ ରସିଦ ଖାଁ ଭାଷ୍ୟକାର ଦାୟିତ୍ଵ ତୁଲାଇଥିଲେ । ପ୍ରେସକ୍ଲବ କଟକ କ୍ରିକେଟ ଟିମ ଟସ ଜିଣି ପ୍ରଥମେ ଫିଲଡିଂ କରିବା ପାଇଁ ନିଷ୍ପତି ନେଇଥିଲେ। ବାଲେଶ୍ଵରର ୟୁ ଆଣ୍ଡ ମି କ୍ରିକେଟ ଟିମ ନିର୍ଦ୍ଧାରିତ ୨୦ଓଭରରେ ୭ଉଇକେଟ ହରାଇ ୧୯୧ ରନ ସଂଗ୍ରହ କରିଥିବାବେଳେ ପ୍ରେସ କ୍ଲବ କଟକ ସମସ୍ତ ଉଇକେଟ ହରାଇ ୧୩୭ରନ ସଂଗ୍ରହ କରିଥିଲା | ଫଳରେ ଆଜି ପ୍ରଥମ କ୍ଵାର୍ଟର ଫାଇନାଲ ମ୍ୟାଚରେ କଟକ ପ୍ରେସ କ୍ଲବକୁ ହରାଇ ୟୁ ଆଣ୍ଡ ମି ବାଲେଶ୍ଵର ପ୍ରଥମ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ କ୍ଲବର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ ।

# ଧର୍ମଶାଳା ପ୍ରେସ କ୍ଲବର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ

**ଧର୍ମଶାଳା,୧୩।୧୧(ସମିସ):** ଧର୍ମଶାଳା ପ୍ରେସ କ୍ଲବର ସାଧାରଣ ପରିଷଦ ବୈଠକ ଓ ନୂତନ କର୍ମକର୍ତ୍ତା ନିର୍ବାଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ଼. ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ ଓ ସାଧାରଣ ସମ୍ପାଦକ ଅବିନେଶ୍ଵର ଶତପଥୀ ପ୍ରମୁଖ ଯୋଗଦେଇ ପ୍ରେସ କ୍ଲବର କାର୍ଯ୍ୟାଧାରା ଉପରେ ଆଲୋଚନା କରିଥିଲେ। ଏଥିସହ ବାର୍ଷିକ ଆୟବ୍ୟୟ ସମୀକ୍ଷା କରାଯାଇଥିଲା। ଏହି ଅବସରରେ ଆଗାମୀ ଦୁଇ ବର୍ଷପାଇଁ ନୂତନ କର୍ମକର୍ତା ଚୟନ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ରମାକାନ୍ତ ଜେନା, ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, ଗୁଲାମ ଗସ ଓ ସୀତାକାନ୍ତ ସାମଲଙ୍କୁ ଉପଦେଷ୍ଟା ଭାବରେ ମନୋନୀତ କରାଯାଇଥିଲା। ପ୍ରେସ କ୍ଲବର ନୂତନ ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କୁ ମନୋନୀତ କରାଯାଇଥିବା ବେଳେ ଅବିନେଶ୍ଵର ଶତପଥୀଙ୍କୁ ଦ୍ଵିତୀୟ ଥର ପାଇଁ ସାଧାରଣ ସମ୍ପାଦକ ଭାବରେ ଚୟନ କରାଯାଇଥିଲା। ସେହିପରି କାର୍ଯ୍ୟକାରୀ ସଭାପତି ଭାବରେ ଅଖିଳ କୁମାର ସ୍ଵାଇଁ, ଉପ-ସଭାପତି ମାନସ ରଞ୍ଜନ ଜେନା , ସହ ସଂପାଦକ ପ୍ରଶାନ୍ତ କୁମାର ଗନ୍ତାୟତ, କୋଷାଧ୍ୟକ୍ଷ ଭାବେ ବିବେକାନନ୍ଦ ରାୟ ଓ ଆଇନ ପରାମର୍ଶଦାତା ଭାବରେ କ୍ଷୀରୋଦ ଚନ୍ଦ୍ର ମୁଦୁଲିଙ୍କୁ ଚୟନ କରାଯାଇଥିଲା। ଏହି ବୈଠକରେ ସାମ୍ବାଦିକ କପିଳେନ୍ଦ୍ର ରାଉତ, ଗିରିଧାରୀ ବେହେରା, ସୁବ୍ରତ ଜେନା, କିଶୋର ରାଉତ, ବିନୋଦ ବିହାରୀ ସାହୁ, ଅନିଲ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ବିକ୍ରମ କେଶରୀ ମହାନ୍ତି ଧନ୍ୟବାଦ ଦେଇଥିଲେ।



# ଦୁର୍ଘଟଣାରେ ସାଇକଲ ଆରୋହୀ ମୃତ, ରାସ୍ତା ଅବରୋଧ

**ସୁକିନ୍ଦା,୧୩।୧୧(ସମିସ):** ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଭୁବନ ରାସ୍ତାର ବୋତଲଣ୍ଡା ଛକ ନିକଟରେ ଏକ ଦ୍ରୁତଗାମୀ ହାଇୱା ଦୁର୍ଘଟଣାରେ ସାଇକେଲ ଆରୋହି ମୃତ୍ୟୁ ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ସ୍ଥାନୀୟ ଲୋକେ ରାଜପଥ ଅବରୋଧ କରିଥିବା ଜଣାପଡିଛି। ସୂଚନା ମୁତାବକ ବୋତଲଣ୍ଡା ଗ୍ରାମର ନୟନ ଦେହୁରୀଙ୍କ ପୁଅ ସୁକୁରା ଦେହୁରୀ(୪୦) ସୁକିନ୍ଦା ଖଣି ଅଞ୍ଚଳର ଏକ ଖଣିରେ କାର୍ଯ୍ୟ ସାରି ସନ୍ଧ୍ୟାରେ ସାଇକେଲ ଯୋଗେ ଘରକୁ ଫେରୁଥିବା ସମୟରେ ବୋତଲଣ୍ଡା ଛକ ନିକଟରେ ଏକ ଦ୍ରୁତଗାମୀ ହାଇୱା ତାଙ୍କୁ ଦୁର୍ଘଟଣା ଘଟାଇଥିଲା। ଘଟଣାସ୍ଥଳରେ ସୁକୁରାର ମୃତ୍ୟୁ ଘଟିଥିବା ବେଳେ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜିତ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିକରି ମୃତଦେହ ରଖି ରାଜପଥ ଅବରୋଧ କରିଥିଲେ। ଦୀର୍ଘ ଦୁଇ ଘଣ୍ଟା ଧରି ଅବରୋଧ ରହିଥିଲା। ସୁକିନ୍ଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ପୁଲିସ ସଂପୃକ୍ତ ଗାଡି ଓ ମୃତଦେହ ଜବତ କରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

# ୨୦ରେ ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷ ନିର୍ବାଚନ

**ଧର୍ମଶାଳା,୧୩।୧୧ ( ସମିସ):** ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ନିର୍ବାଚନ ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବା ଲଗି ପ୍ରଶାସନ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଛି। ଏନେଇ ଯାଜପୁର ଜିଲ୍ଲାପଳ ଅମ୍ବର କୁମାର କର ଚିଠି ମାଧ୍ୟମରେ ବ୍ଲକର ସମସ୍ତ ସମିତିସଭ୍ୟ ଓ ସରପଞ୍ଚଙ୍କୁ ଅବଗତ କରାଇଛନ୍ତି। ଏଥି ସହ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନରେ ଧର୍ମଶାଳା ତହସିଲଦାର ସମିର ଦାସ ପ୍ରିଜାଇଡିଂ ଅଫିସର ରହିବେ ବୋଲି ଜିଲ୍ଲାପାଳ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଜାରିକରିଛନ୍ତି। ଏହି ନିର୍ବାଚନ ଲାଗି ୧୨ ତାରିଖରେ ନୋଟିଫିକେସନ ଜାରି କରାଯାଛି। ଏଥିଲାଗି ବ୍ଲକରୁ ନୋମିନେସନ ଫର୍ମ ୨୦ ତାରିଖ ୧୦ଟା ଠାରୁ ୧୧ଟା ମଧ୍ୟରେ ଦିଆଯିବ। ସେହିଦିନ ୧୧ଟାରୁ ସାଢ଼େ ୧୧ଟା ମଧ୍ୟରେ ଫର୍ମ ଦାଖଲ ଓ ମଧ୍ୟାହ୍ନ ୧୨ ଟା ପୂର୍ବରୁ ନୋମିନେସନ ପ୍ରତ୍ୟାହାର ପାଇଁ ସମୟ ନିର୍ଘଣ୍ଟ କରାଯାଇଛି। ସେହି ଦନ ଅର୍ଥାତ ୨୦ ତାରିଖ ଦିନ ୧୨ଟା ୩୦ ରୁ ୨ଟା ମଧ୍ୟରେ ଭୋଟ ଗ୍ରହଣ କରାଯିବ। ସୂଚନା ମୁତାବକ ଏହି ବ୍ଲକର ଅଧ୍ୟକ୍ଷ ପ୍ରଭାତ ବଳବନ୍ତ ରାୟ ଥିଲେ। କିନ୍ତୁ ବ୍ୟକ୍ତିଗତ କାରଣ ଦର୍ଶାଇ ସେ ନିଜ ପଦବୀରୁ ଇସ୍ତଫା ଦେଇଥିଲେ। ଏହା ପରଠାରୁ ବ୍ଲକ ଉପାଧ୍ୟକ୍ଷ ଥିବା ବିଶ୍ଵବିଜୟିନୀ ମିଶ୍ର ଅସ୍ଥାୟୀ ଅଧ୍ୟକ୍ଷ ପଦରେ ରହିଛନ୍ତି।

# ରୋଗୀଙ୍କୁ ଡାକ୍ତରଙ୍କ ଦୁର୍ବ୍ୟବହାର ଅଭିଯୋଗ

**ଦଶରଥପୁର,୧୩।୧୧(ସମିସ):**

ଦଶରଥପୁର ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଗୋଷ୍ଠୀ ସ୍ଵାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଅସୁସ୍ଥ ଥାଇ ସ୍ଵାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିବା ଜଣେ ରୋଗୀଙ୍କୁ ଅସଭ୍ୟ ଭାଷା କହି ଦୁର୍ବ୍ୟବହାର କରିଥିବା ସମ୍ପୃକ୍ତ ବ୍ୟକ୍ତି ମଙ୍ଗଳପୁର ଗୋଷ୍ଠୀ ସ୍ଵାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀଙ୍କୁ ଉକ୍ତ ଡାକ୍ତରଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ନିର୍ଦ୍ଦିଷ୍ଟ ଦାବିକୁ ନେଇ ଦଶରଥପୁର ବ୍ଲକ ନିଜାମପୁର ପଞ୍ଚାୟତ ପାରିପଦା ଅଞ୍ଚଳରେ ଗତ ୧୫ ଦିନ ହେବ ଗ୍ରାମର କିଛି ବୟସ୍କ ବ୍ୟକ୍ତି ଆମରଣ ଅନଶନ ମାଧ୍ୟମରେ ଜିଲ୍ଲା ପ୍ରଶାସନ ନିକଟରେ ନିଜର ଦାବି ଜଣାଇବାକୁ ବସି ରହିଛନ୍ତି। ଏତେ ଦିନ ପର୍ଯ୍ୟନ୍ତ ଅନଶନ ଜାରିରହିଥିବା କାରଣରୁ ପାରିପଦା ଗ୍ରାମର ସୁଜନ କୁମାର ସାହୁ ଅନଶନ ସ୍ଥଳରେ ଗତ ରାତିରେ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ। କିଛି



ସହଯୋଗୀଙ୍କ ସହାୟତାରେ ତାଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ଵାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଜରୁରୀକାଳୀନ ସ୍ଵାସ୍ଥ୍ୟସେବା କୋଠରୀରେ ଉପସ୍ଥିତ ଆୟୁଷ ଡାକ୍ତର ହେମନ୍ତ ବେହେରା ତାଙ୍କର ଚିକିତ୍ସା କରିବା ସହିତ ପ୍ରେସ୍କ୍ରିପସନରେ ଔଷଧ ଲେଖି ପାଖ କୋଠରୀରେ ବସିଥିବା ଡାକ୍ତର ଦେବୀ ପ୍ରସନ୍ନ ସାହୁଙ୍କୁ ଆଉ ଥରେ ଦେଖାଇ ନେବାକୁ ପରାମର୍ଶ ଦେଇଥିଲେ। ଆୟୁଷ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସୁଜନ ପାଖ କୋଠରୀରେ ବସିଥିବା ଡାକ୍ତର ଦେବୀ ପ୍ରସନ୍ନ ସାହୁଙ୍କ ନିକଟକୁ ଯାଇ ପ୍ରେସ୍କ୍ରିପସନ ଦେଖିବାକୁ ଅନୁରୋଧ କରିବାରୁ ଡାକ୍ତର ଶ୍ରୀ ସାହୁ କ୍ରୋଧିତ ହୋଇ ସୁଜନଙ୍କୁ ଏତେ ରାତିରେ କାହିଁକି ଆସିଛ କହିବା ସହିତ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି କୋଠରିରୁ ବାହାରି ଯିବାକୁ କହିଥିଲେ। ଅସୁସ୍ଥ ସୁଜନ ସାର, ମୋତେ କାହିଁକି ଗାଳି ଗୁଲଜ କରୁଛନ୍ତି ପଚାରିବାରୁ ଡାକ୍ତର ଶ୍ରୀ ସାହୁ ପୁନର୍ବାର ଗାଳିଗୁଲଜ କରିଥିଲେ। ଯାହାକୁ ନେଇ ସୁଜନ ମଙ୍ଗଳପୁର ଗୋଷ୍ଠି ସ୍ଵାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀଙ୍କୁ ଡାକ୍ତର ଦେବୀ ପ୍ରସନ୍ନ ସାହୁଙ୍କ ବିରୋରେ ଲିଖିତ ଅଭିଯୋଗ କରିବା ସହିତ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

**OFFICE OF THE GENERAL SECRETARY, OSSTA, NAYASARAK, CUTTACK**

Wanted two young proactive & driven male candidate for the post of Jr. Clerk cum Data Entry Operator & one peon for our office on contractual basis.

Candidate for Data Entry Operator must know how to use a computer & should be versed with MS-Office, Page Maker, Adobe Photoshop, Coreldraw & Typing in Hindi, Odia & English with a minimum speed of 60 words per minute with PGDCA from a recognized Institution. Salary is negotiable & more preference will given to MCA candidates.

Interested candidates can apply to the **General Secretary, OSSTA, At-Nayasarak, Po- Chandini Chowk, Dist- Cuttack, Pin- 753002** with their C.V.(Bio-Data) with all testimonials latest by 10th December 2025.

**General Secretary, OSSTA, Nayasarak, Cuttack-2**

# ସମ୍ପାଦକୀୟ



ଜାତୀୟ ସୁରକ୍ଷା ସହିତ ଭାରତ କେବେ ବି ରାଜନୀତି କିମ୍ବା ସାଲିସ୍ କରିନାହିଁ।

-ଅଟଳ ବିହାରୀ ବାଜପେୟୀ

ସକାଳ
THE SAKALA

## ବନ୍ଦୋବସ୍ତ ସଂସ୍କାର

ଜମିଜମା ପ୍ରସଙ୍ଗ ଜନସାଧାରଣ ଓ ସରକାର(ରାଜା ଓ ପ୍ରଜା) ଉଭୟଙ୍କ ପାଇଁ ଏକ ଜଞ୍ଜାଳ। କିନ୍ତୁ ଏ ସମ୍ପର୍କିତ ପ୍ରଚଳିତ ଆଇନ୍ କାନୁନ, ନୀତି ନିୟମ ଅନାବଶ୍ୟକ ଭାବେ ଏତେ ଜଟିଳ ଯେ ଏଥିଯୋଗୁଁ ଏହାଦ୍ୱାରା ଜମି କ୍ରେତା ଓ ବିକ୍ରେତା ହନ୍ତସନ୍ତ ହେବା ସହିତ ବିଭିନ୍ନ କୋର୍ଟକଚେରିରେ ମାମଲା ବୋଝ ବଢ଼ିଚାଲିଛି। ଏଥିସହିତ ସରକାର ମଧ୍ୟ ଅଯଥା ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ଜମି ମାଲିକଙ୍କ ନାମରେ ଜମିର ମାଲିକାନା ରେକର୍ଡଭୁକ୍ତ ବା ପଟ୍ଟା ପ୍ରଦାନ ପାଇଁ ଉଦ୍ଦିଷ୍ଟ ନିୟମାବଳୀର ସଂଶୋଧନ ପାଇଁ ବହୁଦିନରୁ ଦାବି ହୋଇଆସୁଥିଲା। ସୁଖର କଥା ରାଜ୍ୟ ସରକାର ସେ ଦିଗରେ ଆନ୍ତରିକତା ପ୍ରକାଶ କରିଛନ୍ତି। ଏ ସମ୍ପର୍କିତ 'ଓଡ଼ିଶା ସର୍ଭେ ଆଣ୍ଡ ସେଟଲ୍‌ମେଣ୍ଟ ରୁଲ୍‌ସ'କୁ ସଂଶୋଧନ କରିବା ପାଇଁ ଆଗତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଏହା କ୍ୟାବିନେଟ୍ ମଞ୍ଜୁରୀ ପାଇ ସରକାରୀ ବିଜ୍ଞପ୍ତି ଆକାରରେ ପ୍ରକାଶ ପାଇବା ପରେ କାର୍ଯ୍ୟକାରୀ ହେବା ପାଇଁ ଆଉ କିଛିଦିନ ଲାଗିପାରେ। ତେବେ ସରକାରୀ ଇଚ୍ଛାଶକ୍ତି ବଳରେ ତାହା ମଧ୍ୟ ଅଚିରେ ସମ୍ଭବ। ଯାହା ଆଦୌ ହେଉନଥିଲା ତାହା ଏବେ ହେବାକୁ ଯାଉଥିବାରୁ କିଛି ସମୟ ପ୍ରତୀକ୍ଷା କଲେ ମନ୍ଦ ନୁହେଁ।

ଜମିଜମା ରେକର୍ଡ ମାମଲା ମଧ୍ୟରୁ ସବୁଠାରୁ ଜଟିଳ ହେଉଛି ବନ୍ଦୋବସ୍ତ ଶିବିର ବା ସେଟଲ୍‌ମେଣ୍ଟ କ୍ୟାମ୍ପ ସହିତ ଜଡ଼ିତ ଆନୁଷଙ୍ଗିକ ପ୍ରସଙ୍ଗ। ପ୍ରଚଳିତ ନିୟମ ଅନୁସାରେ ବନ୍ଦୋବସ୍ତ କ୍ୟାମ୍ପରେ ଦୀର୍ଘବର୍ଷର ଜମିର ସ୍ୱତ୍ୱାଧିକାର ସଂଶୋଧନ ହେବାର ବ୍ୟବସ୍ଥା ଥିବା ବେଳେ ଯଦି କେହି କ୍ରେତା କ୍ୟାମ୍ପ ବିଷୟରେ ଜାଣିପାରୁ ନାହାନ୍ତି ତେବେ ତାଙ୍କୁ ରାଜସ୍ୱ ପରିଷଦ ଓ ସଂଶୋଧନ ଅଦାଲତରେ ଆବେଦନ କରିବାକୁ ପଡୁଛି। ଏହି ପ୍ରକ୍ରିୟାଟି ଏତେ ଜଟିଳ ଯେ ଏଥିରେ କ୍ରେତା ବା ପକ୍ଷଭୁକ୍ତ କୋର୍ଟକୁ ଦୌଡ଼ି ଓକିଲଙ୍କ ପିଛା ଖର୍ଚ୍ଚ କରି କରି ନୟାନ୍ତ ଓ ଖର୍ଚ୍ଚାନ୍ତ ହେଉଥିବା ବେଳେ ସରକାରଙ୍କ ଅଯଥା କୋର୍ଟ, ବିଚାରପତି, କର୍ମଚାରୀ, ଅଧିକାରୀ ଆଦି ନିଯୁକ୍ତି, ଦରମା ବାବଦ ଖର୍ଚ୍ଚ ବୋଝ କେବଳ ବଢ଼ିବା ହିଁ ସାର ହେଉଛି। ଏପରିକି ସେଟଲ୍‌ମେଣ୍ଟ କୋର୍ଟରେ କାର୍ଯ୍ୟରତ ପୂର୍ବତନ ବିଚାରପତି ଓ ଅଧିକାରୀ, ପୂର୍ବତନ ତହସିଲ୍‌ଦାର ଓ ଜିଲ୍ଲାପାଳ, ଉପଜିଲ୍ଲପାଳସ୍ତରୀୟ ଅଧିକାରୀମାନେ ମଧ୍ୟ ଅବସର ପରେ ସରକାରୀ କ୍ଷମତା ନଥିବାରୁ ଏପରି ମାମଲାରେ ଧନ୍ଦି ହେଉଥିବା ଦେଖାଯାଉଛି। ସାଧାରଣ ଲୋକଙ୍କ କଥା କଣ କହିବା? ଏଥିରେ ନା ତ ସରକାରଙ୍କ ନା ଲୋକଙ୍କର କାହାର କିଛି ଲାଭ ହେଉନାହିଁ। କେବଳ ଓକିଲଙ୍କ ପାଇଁ ଏହା ଆୟର ଏକ ସୁଗମ ରାସ୍ତା ହୋଇପାରିଛି।

ଯେଉଁମାନେ ଅଜ୍ଞାନବଶତଃ ସେଟଲ୍‌ମେଣ୍ଟ କ୍ୟାମ୍ପ ବିଷୟରେ ଜାଣିପାରୁନାହାନ୍ତି ସେମାନଙ୍କ ଆବେଦନର ବିଚାର ସମ୍ପୃକ୍ତ ତହସିଲଦାରଙ୍କ ଇଜିଲାସରେ ହୋଇଯିବା କଥା। କିନ୍ତୁ ପ୍ରଚଳିତ ନିୟମଟି ଏତେ ଜଟିଳ ଯେ ଥରେ କ୍ୟାମ୍ପ ଉଠିଗଲା ପରେ ତା'ପୂର୍ବରୁ କିଣାବିକା ହୋଇଥିବା ଜମିଜମାର ମାଲିକାନାସ୍ୱତ୍ୱ ଫଏସଲା ଅଧିକାର ତହସିଲଦାରଙ୍କ ହାତରୁ ଚାଲିଯାଉଛି କିମ୍ବା ପୁନଃ କ୍ୟାମ୍ପ ବସିବା ପର୍ଯ୍ୟନ୍ତ ଘୁଞ୍ଚିଯାଇଛି। ତେଣୁ କ୍ରେତାମାନେ ବାଧ୍ୟ ହୋଇ ଓକିଲ ଜରିଆରେ ରାଜସ୍ୱ ପରିଷଦର ଦ୍ୱାରସ୍ଥ ହେଉଛନ୍ତି। ଆଉ ସେଟଲ୍‌ମେଣ୍ଟ କ୍ୟାମ୍ପ ହେବ ନାହିଁ ବୋଲି ସରକାରୀ ନିଷ୍ପତ୍ତି ହେବା ପରେ ପରିଷଦର କୋର୍ଟମାନଙ୍କରେ ମାମଲା ବୋଝ ଏତେ ବଢ଼ିଗଲାଣି ଯେ ତାହା ଫଏସଲା ହେବା ବେଳକୁ କେତେ ସମୟ ଲାଗିବ ତାହା ଈଶ୍ୱରଙ୍କୁ ଜଣା। କେବଳ ପ୍ରଚଳିତ ବ୍ୟବସ୍ଥାର ସାମାନ୍ୟ ସଂଶୋଧନରେ ଯେ ଏତେ ବଡ଼ ସମସ୍ୟାର ସମାଧାନର ହୋଇପାରନ୍ତା ତାହା ବୋଧହୁଏ ନୀତି ନିର୍ଦ୍ଧାରକମାନେ ଚିନ୍ତା କରିନାହାନ୍ତି କିମ୍ବା ଉଦ୍ଦେଶ୍ୟମୂଳକ ଭାବେ ଜାରି ରଖିଛନ୍ତି।

ସୁଖର କଥା ସରକାର ଜନସାଧାରଣଙ୍କ ଏହି ମାର୍ମିକ ବେଦନା ଅନୁଭବ କରି ମହତ୍ ପଦକ୍ଷେପଟିଏ ନେବାକୁ ଯାଉଛନ୍ତି, ଯାହା ରାଜ୍ୟ ଜମିଜମା ବନ୍ଦୋବସ୍ତରେ ଐତିହାସିକ ସାବ୍ୟସ୍ତ ହେବ। ଏଣିକି ବନ୍ଦୋବସ୍ତ ପୂର୍ବରୁ କିଣାବିକା ହୋଇଥିବା ଜମିଜମା ସଂକ୍ରାନ୍ତୀୟ ସ୍ୱତ୍ୱାଧିକାର ପାଇଁ ମଧ୍ୟ କ୍ରେତା ତହସିଲ୍ କାର୍ଯ୍ୟାଳୟରେ ଆବେଦନ କରିପାରିବେ ଏବଂ ସମ୍ପୃକ୍ତ ତହସିଲଦାର ସେଥିପାଇଁ କ୍ଷମତାପ୍ରାପ୍ତ ହେବେ। କିନ୍ତୁ ଜମିଜମା ରେକର୍ଡ ଓ ସ୍ୱତ୍ୱ ପରିବର୍ତ୍ତନ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ତଥା ନିର୍ଣ୍ଣାୟକ ଭୂମିକା ନିର୍ବାହ କରନ୍ତି ରାଜସ୍ୱ ନିରୀକ୍ଷକ ବା ଆରଆଇମାନେ। ଏହି ତୃଣମୂଳସ୍ତରୀୟ ରିପୋର୍ଟକୁ ତହସିଲ୍‌ଦାରମାନେ ଆଖିବୁଜି ଗ୍ରହଣ କରିନିଅନ୍ତି। ତେଣୁ ଆରଆଇମାନଙ୍କୁ ସନ୍ତୁଷ୍ଟ କରିବାରେ ଅକ୍ଷମତା କିମ୍ବା ଅଜ୍ଞାନତା କାରଣରୁ ଜମିମାଲିକ ବା କ୍ରେତା ଆବଶ୍ୟକ ସଠିକ୍ ଦଲିଲ୍ ପ୍ରମାଣପତ୍ର, ଦସ୍ତାବେଜ୍ ଥାଇ ମଧ୍ୟ ବର୍ଷ ବର୍ଷ ଧରି ନ୍ୟାୟ ପାଇପାରୁନାହାନ୍ତି। ଏହି ସ୍ତରଟି ଯେପରି ସ୍ୱଚ୍ଛ, ଦକ୍ଷ ଓ ସମୟାନୁସାରୀ ହୋଇପାରିବ ତା' ଉପରେ ମଧ୍ୟ ସରକାର ଗୁରୁତ୍ୱ ଦେଲେ ସଂଶୋଧିତ ଜମିଜମା ଆଇନ ଯୁଗାନ୍ତକାରୀ, ବାସ୍ତବବାଦୀ ଓ ଲୋକହିତୈଷୀ ହୋଇପାରିବ।

ଏଠାରେ ଆଉ ଏକ ଆଇନଗତ ଜଟିଳତା ବିଷୟରେ ଆମେ ଉଲ୍ଲେଖ କରିବାକୁ ଉଚିତ ମନେ କରୁଛୁ। ଯେଉଁ କ୍ରେତାମାନେ ରାଜସ୍ୱ ପରିଷଦ ବା ରିଭିଜନ୍ କୋର୍ଟରେ ମାମଲା ଦାଖଲ ବା ଆବେଦନ କରିସାରିଛନ୍ତି ସେମାନେ ସଂଶୋଧିତ ନିୟମାବଳୀ କାର୍ଯ୍ୟକାରୀ ହେବା ପରେ ତହସିଲ୍‌ଦାରଙ୍କ ଇଜିଲାସରେ ପୁନଃଆବେଦନ କରିପାରିବେ କି ନାହିଁ ସେ ବିଷୟରେ ସରକାର ନିଷ୍ପତ୍ତି ନେଇ ଗେଜେଟ୍ ବିଜ୍ଞପ୍ତିରେ ସ୍ପଷ୍ଟ କଲେ ଆହୁରି ଭଲ ହେବ। କାରଣ ଅଦାଲତ ଆଇନର ଜଟିଳ ଶବ୍ଦକାନନ ଘେରା ଏକ ଅଞ୍ଚଳ। ଆଇନର ଶବ୍ଦ ଏତେ ଜଟିଳ ଓ କୁଟିଳ ଯେ ଯିଏ ଯେମିତି ବୁଝିଲା ଏବଂ ବୁଝାଇ ପାରିଲା ସେହି ଅନୁଯାୟୀ ଦାବି ହାସଲ୍ କରିନେଲା। ବନ୍ଦୋବସ୍ତ ବ୍ୟବସ୍ଥା ସରଳୀକରଣ ସହିତ ଏ ଦିଗଟିକୁ ମଧ୍ୟ ସରଳ ଓ ସ୍ପଷ୍ଟ କରିବା ପାଇଁ ସରକାରଙ୍କୁ ଅନୁରୋଧ। ଆଇନର ଶବ୍ଦ ବୁଝିପାରୁନଥିବା ଏବଂ ଧାର କରଜ କରି ଜମି କିଣିଥିବା ଅଶିକ୍ଷିତ ଓ ଅଳ୍ପଶିକ୍ଷିତମାନେ ଓକିଲଙ୍କ ଦେୟ ଦେଇପାରୁନଥିବା ବେଳେ କଷ୍ଟାର୍ଜିତ ଜମି ଖଣ୍ଡିକ ନିଜ ନାଁରେ କରିପାରୁନାହାନ୍ତି। ସେମାନେ ଯେତେ ଦହଗଞ୍ଜ ହେଉଛନ୍ତି ତାହା ଭୁକ୍ତଭୋଗୀ ହିଁ ଜାଣେ। ଗୋଟିଏ କାର୍ଯ୍ୟାଳୟରୁ ଅନ୍ୟ କାର୍ଯ୍ୟାଳୟକୁ, ଗୋଟିଏ ଟେବୁଲ୍‌ରୁ ଆଉ ଗୋଟିଏ ଟେବୁଲ୍ ପାଖକୁ ଚାବିଦିଆ ଖେଳନା ପରି ବିବଶ ହୋଇ ଧାଇଁବା ବ୍ୟତୀତ ସେମାନଙ୍କ ପାଖରେ ସାହା ଭରସା କେହି ନାହାନ୍ତି କି ଗୁହାରି ଶୁଣିବା ପାଇଁ ଉଚ୍ଚପଦାଧିକାରୀଙ୍କ ପାଖରେ ବେଳ ନାହିଁ। ତେଣୁ ସଂଶୋଧିତ ନିୟମର ଭାଷା ଏତେ ସରଳ ହେଉ ଯେ ତାହା ଜଣେ ଅଳ୍ପଶିକ୍ଷିତ ବୁଝିପାରିବ ଏବଂ ଦୀର୍ଘବର୍ଷ ଧରି ବଳବତ୍ତର ରହି ଏକ ଉଦାହରଣ ସୃଷ୍ଟି କରିବ। ●

## ଉଚ୍ଚଶିକ୍ଷିତଙ୍କ ଆତଙ୍କବାଦ

ସାଧାରଣତଃ କୁହାଯାଏ ବେକାରୀ, ଅଶିକ୍ଷା, କୁପରିବେଶ, କୁସଙ୍ଗ ଆଦି କାରକ ଉଗ୍ରବାଦ, ଆତଙ୍କବାଦ, ଚରମପନ୍ଥୀବାଦକୁ ଜନ୍ମ ଦିଏ। କ୍ରମାଗତ ନିର୍ଯାତନା, ଲାଞ୍ଛନା, ଅପମାନ, ଅବହେଳା ଓ ଅନ୍ୟାୟର ପ୍ରଭାବରେ ଜଣେ ପ୍ରତିଶୋଧପରାୟଣ ହୋଇ ହିଂସାର ପଥ ଆବୋରି ନିଏ ଏବଂ ଆତଙ୍କବାଦୀ ହେବାକୁ ବାଧ୍ୟ ହୁଏ। କିନ୍ତୁ ପିଏଚଡି ଡିଗ୍ରୀଧାରୀ ଆଇଏସଆଇଏସ ମୁଖ୍ୟ ଅବୁ ବକର ଅଲ-ବାଗଦାଦିଠାରୁ ଆରମ୍ଭ କରି ଅଲ-କାଏଦାର ଡାକ୍ତର ଅୟମାନ ଅଲ-ଜୱାହିରୀ, ସିଭିଲ ଇଞ୍ଜିନିୟରିଂରେ ସ୍ନାତକଡିଗ୍ରୀଧାରୀ ଓସାମା ବିନ୍ ଲାଦେନ ଏବଂ ସମ୍ପ୍ରତି ନୂଆଦିଲ୍ଲୀରେ ଆତ୍ମଘାତୀ କାରବୋମା ବିସ୍ଫୋରଣ ଘଟାଇଥିବା ଡାକ୍ତର ଉମର ଉନ୍ ନବି, ଧରାପଡ଼ିଥିବା ଅନ୍ୟ ଚାରିଜଣ ଡାକ୍ତରଙ୍କ କାର୍ଯ୍ୟକଳାପକୁ ତର୍ଜମା କଲେ ଉପରୋକ୍ତ ଧାରଣା ଭୁଲ୍ ସାବ୍ୟସ୍ତ ହୁଏ। ବିଶ୍ୱର ସବୁଠାରୁ ଭୟଙ୍କର ଏହି ଉଗ୍ରବାଦୀ ନେତାମାନେ ଉଚ୍ଚଶିକ୍ଷିତ, ତାଲିମପ୍ରାପ୍ତ ଓ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରୁ ଡିଗ୍ରୀଧାରୀ। ଏଭଳି ଉଚ୍ଚଶିକ୍ଷିତ ମାନେ କିଭଳି ନାରକୀୟ କାଣ୍ଡ ରଚନା କରିପାରନ୍ତି, ବିଶେଷକରି ଜୀବନରକ୍ଷା ପାଇଁ ଶପଥ ନେଉଥିବା ଡାକ୍ତରମାନେ ଯେ ନରସଂହାର ପାଇଁ ବ୍ରତୀ ହୋଇପାରନ୍ତି ତାହା ସତତ ଅବିଶ୍ୱସନୀୟ। ବିଶ୍ୱର କୌଣସି ମତ, ପନ୍ଥ, ଧର୍ମ ଓ ସମ୍ପ୍ରଦାୟ ଏହାକୁ ସ୍ୱୀକୃତି ଦିଏ ନାହିଁ କି ସମର୍ଥନ କରେନାହିଁ। କିନ୍ତୁ ଏଭଳି ଅଭୂତପୂର୍ବ ଘଟଣାମାନ ଘଟି ଚାଲିଥିବାରୁ ମାନବ ସଭ୍ୟତାର ଗତି କେତେ ଅସ୍ଥିର ଓ ଭବିଷ୍ୟତ କେତେ ଅସୁରକ୍ଷିତ ତାହା ଅନ୍ବେବହୁତ ଅନୁମେୟ।



ନୂଆଦିଲ୍ଲୀ କାରବୋମା ବିସ୍ଫୋରଣ ଭାରତଭୂମିରେ ଆତଙ୍କ, ଆତଙ୍କବାଦ ଓ ଆତଙ୍କବାଦୀର ଭାଷାକୁ ନୂଆ ଢଙ୍ଗରେ ଉପସ୍ଥାପନ କରିଛି। ପ୍ରାଥମିକ ପର୍ଯ୍ୟାୟରେ ଏହା ଆମକୁ ଚେତାଇ ଦେଉଛି ଯେ ଆତଙ୍କ ଓ ଆତଙ୍କବାଦୀ ଆମେ ପରିକଳ୍ପନା କରୁଥିବା ଚେହେରା ନେଇ ଆସେ ନାହିଁ। ଆମେ ଚାରିପାଖରେ ରହୁଥିବା ଆମର ଆତ୍ମୀୟ, ଏପରିକି ସବୁଠାରୁ ବିଶ୍ୱସ୍ତମାନେ, ସମାଜକୁ ନୈତିକ ଶିକ୍ଷା ଦେଉଥିବା ଧର୍ମଗୁରୁମାନେ, ନାଗରିକ ଗଠନରେ ସମର୍ପିତ ଶିକ୍ଷକମାନେ, ଧର୍ମାନୁଷ୍ଠାନରେ ପ୍ରତିଦିନରେ ସାକ୍ଷାତ ହେଉଥିବା ସାଧୁଶ୍ରେଣୀୟ ବ୍ୟକ୍ତିମାନେ, ଆମ ସହିତ ସକାଳ ସନ୍ଧ୍ୟାରେ ପାଦ ମିଳାଇ ଚାଲୁଥିବା ଓ ଦୁଃଖସୁଖ ବାଣ୍ଟୁଥିବା ନମ୍ର, ଧୀର ଓ ମିଷ୍ଟଭାଷୀମାନେ, ଅସମୟରେ ଆମ ପାଖରେ ଠିଆ ହୋଇଥିବା ଓ ଅଯାଚିତ ଭାବେ ସହାୟତାର ହାତ ବଢ଼ାଇ ଦେଉଥିବା ଦୟାଳୁ, ପରୋପକାରୀ ଭଦ୍ରବ୍ୟକ୍ତିମାନେ, ଜଟିଳ ସମସ୍ୟାର ସରଳ ସୂତ୍ର ବତାଇ ଦେଉଥିବା ବିଦ୍ୱାନମାନେ ମଧ୍ୟ ଯେ ଆତଙ୍କବାଦୀ ହୋଇପାରନ୍ତି ଏହି ଅବିଶ୍ୱସନୀୟତାକୁ ଗ୍ରହଣ କରିନେବା ପାଇଁ ଆମେ ଆମର ମାନସିକତା ଓ ଧାରଣାକୁ ପରିବର୍ତ୍ତନ କରିବାକୁ ପଡ଼ିବ।

ଆତଙ୍କବାଦ ଓ ଆତଙ୍କବାଦୀ ଇତିହାସରେ ଏଭଳି ଅନେକ 'ହ୍ୱାଇଟ୍ କଲାର ଟେରରିଷ୍ଟ' ବା 'ଉଚ୍ଚଶିକ୍ଷିତ ଆତଙ୍କବାଦୀ'ଙ୍କ କାହାଣୀ ରହିଛି, ଯାହା ମାନବତା ପରି ଶବ୍ଦକୁ ସ୍ୱତଃ ଲଜ୍ଜିତ କରିବା ପାଇଁ ଯଥେଷ୍ଟ। କାନ୍ଦାହାର ବିମାନ ଅପହର୍ତ୍ତା, ଆମେରିକୀୟ ସାମ୍ବାଦିକ ଡାନିଏଲ୍ ପର୍ଲଙ୍କ ଅପହର୍ତ୍ତା ଓ ହତ୍ୟାକାରୀ ଓମାର ସୟଦ୍ ସେଖ୍ ମଧ୍ୟ ଥିଲେ ଅର୍ଥନୀତିରେ ଉଚ୍ଚଶିକ୍ଷିତ। ୯/୧୧ ଆତଙ୍କବାଦୀ ଆକ୍ରମଣରେ ବ୍ୟବହୃତ ବିମାନର ମୁଖ୍ୟ ଅପହରଣକାରୀ ମହମ୍ମଦ ଆଟ୍ଟା କାଇରୋ ବିଶ୍ୱବିଦ୍ୟାଳୟରେ 'ସ୍ଥାପତ୍ୟ ଓ ନଗର ଯୋଜନା' ବିଷୟରେ ଡିଗ୍ରୀ ହାସଲ କରିବା ପରେ ହାମବର୍ଗରେ 'ନଗର ଯୋଜନା'ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଅନ୍ୟତମ ଅପହର୍ତ୍ତା ମାରୱାନ ଅଲ-ଶେହି ଜର୍ମାନୀରେ ଉଚ୍ଚତର ଡିଗ୍ରୀ ହାସଲ କରିଥିଲେ ଏବଂ ଜିଆଦ ଜାରାହ ହାମବର୍ଗ ଆପ୍ଲାଏଡ୍ ସାଇନ୍ସ ବିଶ୍ୱବିଦ୍ୟାଳୟରେ ପଢ଼ିଥିଲେ। ଆଇଏସ୍‌ଆଇଏସ୍ ତା'ର ସଦସ୍ୟ ଭାବେ ମୁଖ୍ୟତଃ ୟୁକେ, ସୁଦାନ ଆଦି ଅଞ୍ଚଳରେ ରହୁଥିବା ଡାକ୍ତର ଓ ଡାକ୍ତରୀଛାତ୍ରମାନଙ୍କୁ ଗ୍ରହଣ କରିଥାଏ। ତାମିଲ ଗରିଲା ଏଲ୍‌ଟିଟିଇର ସଦସ୍ୟମାନଙ୍କ ମଧ୍ୟରେ ଅନେକ ବରିଷ୍ଠ ନେତା, ସ୍ନାତକ, ଶିକ୍ଷକ ଓ ଇଞ୍ଜିନିୟର ଥିଲେ ଏବଂ ଏହାର ଆତ୍ମଘାତୀ ବାହିନୀ ପ୍ରାୟତଃ ସେମାନଙ୍କ ବିଦ୍ୟାଳୟସ୍ତରରେ ଉତ୍କର୍ଷ ହାସଲ କରିଥିଲେ। 'ଆଇରିଶ ରିପବ୍ଲିକାନ୍ ଆର୍ମି' ବିଶ୍ୱବିଦ୍ୟାଳୟ ଛାତ୍ର, ସରକାରୀ କର୍ମଚାରୀ ଏବଂ ବୃତ୍ତିଗତମାନଙ୍କୁ ନିଯୁକ୍ତି ଦେଇଥିଲା, ଯେଉଁମାନେ ବିଶ୍ୱାସ କରୁଥିଲେ ଯେ ସେମାନେ ଏକ ବୈଧ ରାଜନୈତିକ ସଂଘର୍ଷ କରୁଛନ୍ତି।

ଭାରତରେ ୧୯୮୦ ଦଶକର ଖଲିସ୍ତାନୀ ସଂଗଠନରେ ଡାକ୍ତର, ସରକାରୀ କର୍ମଚାରୀ, ପଞ୍ଜାବ ଓ ଦିଲ୍ଲୀର କଲେଜ୍ ପଢ଼ୁଆମାନେ ସାମିଲ୍ ଥିଲେ। ଡାଲ ଖାଲସା ପ୍ରତିଷ୍ଠାତା ଗଜିନ୍ଦର ସିଂହ ୧୯୮୧ ମସିହାରେ ଇଣ୍ଡିଆନ ଏୟାରଲାଇନ୍ସର ଏକ ବିମାନ ଅପହରଣର ନେତୃତ୍ୱ ନେଇଥିଲେ। ମୃଦୁଭାଷୀ, ପଠନପ୍ରିୟ ଗଜିନ୍ଦରଙ୍କ ମତରେ ଅପହରଣ ଏକ ଅପରାଧ ନୁହେଁ, ବରଂ ଖଲିସ୍ତାନ ଆନ୍ଦୋଳନର ସେବାରେ ଏକ ନୈତିକ କାର୍ଯ୍ୟ। ପୁଲ୍‌ୱାମା ଆତ୍ମଘାତୀ ବିସ୍ଫୋରଣର ସମ୍ପର୍କୀୟମାନଙ୍କ ଜୀବନଶୈଳୀ ଅତ୍ୟୁଚ୍ଚ ଧନୀଙ୍କ ଠାରୁ କମ୍ ନଥିଲା।

ଏଭଳି ଶିକ୍ଷିତ ଆତଙ୍କବାଦୀଙ୍କ ପାଖରେ ଥିଲା ହିଂସାକୁ କର୍ତ୍ତବ୍ୟ ଭାବରେ ପ୍ରତିପାଦନ କରିବାର ଅଦମ୍ୟ ଉତ୍ସାହ, ନିଷ୍ଠା, ଆନ୍ତରିକତା ଓ ଦୃଢ଼ ମନୋବଳ। ସେଥିପାଇଁ ସେମାନଙ୍କୁ ଯଥେଷ୍ଟ ଶକ୍ତିଶାଳୀ ପୃଷ୍ଠଭୂମି ମଧ୍ୟ ମିଳିଯାଉଥିଲା। ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏଭଳି ଉଚ୍ଚଶିକ୍ଷିତ ଓ ସମ୍ମାନଜନକ ବୃତ୍ତିଧାରୀମାନେ ହିଂସାର ପଥକୁ ଆବୋରି ନିଅନ୍ତି କାହିଁକି? ଜର୍ଜଟାଉନ୍ ବିଶ୍ୱବିଦ୍ୟାଳୟରେ ମୌଳବାଦୀକରଣ ଉପରେ ଗବେଷଣା କରୁଥିବା ରାଜନୈତିକ ମନସ୍ତତ୍ତ୍ୱବିତ୍ ଡକ୍ଟର ଫାଥାଲି ମୋଘାଦମଙ୍କ କହିବା ଅନୁଯାୟୀ, 'ମୌଳବାଦୀକରଣ କେବଳ ଦାରିଦ୍ର୍ୟ କିମ୍ବା ଅଜ୍ଞତାରେ ଜନ୍ମ ହୁଏ ନାହିଁ। ଏହା ସେତେବେଳେ ଘଟେ ଯେତେବେଳେ ଲୋକମାନେ ନୈତିକ ଭାବରେ ଅପମାନିତ, ସାମାଜିକ ଭାବରେ ଅସମ୍ମାନିତ ଏବଂ ରାଜନୈତିକ ଭାବରେ ଅବହେଳିତ ଅନୁଭବ କରନ୍ତି। ଶିକ୍ଷିତ ବ୍ୟକ୍ତିମାନେ ମାନସିକସ୍ତରରେ ପ୍ରାୟତଃ ଅଧିକ ଦୁର୍ବଳ। ତେଣୁ ହିଂସା ସେମାନଙ୍କ ମନରେ ବିନାଶ ନୁହେଁ ବରଂ ଉଦ୍ଦେଶ୍ୟର ଏକ କାରକ ଭାବେ ପ୍ରବେଶ କରେ। ବିଦ୍ୱାନ ଅରୁଣ କୁନ୍ଦନାନି ତାଙ୍କ ପୁସ୍ତକ 'ଦି ମୁସଲିମ୍‌ସ ଆର କମିଂ! ଇସଲାମୋଫୋବିଆ, ଏକ୍ସଟ୍ରିମିଜିମ୍ ଆଣ୍ଡ ଦି ଡୋମେଷ୍ଟିକ୍ ୱାର୍ ଅନ୍ ଟେରର୍' ରେ ଉଲ୍ଲେଖ କରିଛନ୍ତି ଯେ କାହିଁକି ମୌଳିବାଦକରଣ ବା ଚରମପନ୍ଥା 'ଅକସ୍ମାତ୍ ମାନସିକ ଦୁର୍ବଳତାର ଏକ କାରକ' ନୁହେଁ ବରଂ 'ରାଜନୈତିକ ପ୍ରସଙ୍ଗରେ ଏକ ରାଜନୈତିକ ପ୍ରତିକ୍ରିୟା'। ଆଉ କେତେକ ବିଦ୍ୱାନଙ୍କ ମତରେ ଅନୁଭୂତ ଅନ୍ୟାୟ ପ୍ରତି ନୈତିକ ଆକ୍ରୋଶ, ବ୍ୟକ୍ତିଗତ କିମ୍ବା ରାଜନୈତିକ ଆଘାତ ଦ୍ୱାରା ସୃଷ୍ଟି ହୋଇଥିବା ଜ୍ଞାନାତ୍ମକ ପରିପ୍ରକାଶ, ମୌଳିକ ଚିନ୍ତାଧାରାକୁ ସମର୍ଥନ ମିଳୁଥିବା କଠୋର ସମକକ୍ଷ ମଞ୍ଚ, ସମ ବିଚାରଧାରାର ନିଶ୍ଚିତତା, ସମଆଗ୍ରହ ଆଦି ଉଚ୍ଚଶିକ୍ଷିତ ଆତଙ୍କବାଦର କାରଣ।

ଏବେ ମୂଳ ଓ ବାସ୍ତବ ପ୍ରଶ୍ନ ହେଉଛି ଉପରୋକ୍ତ ଉଚ୍ଚଶିକ୍ଷିତମାନେ କାହିଁକି ବିଶ୍ୱାସ କରିନେଲେ ଯେ ଆତଙ୍କବାଦର ପଥ ହିଁ ସର୍ବାଧିକ ଉଚିତ। ଏହି ପ୍ରଶ୍ନର ଉତ୍ତର ଗୁରୁତ୍ୱର ସହ ଖୋଜିବାକୁ ପଡ଼ିବ। ଏହା କେବଳ ମନସ୍ତତ୍ତ୍ୱବିତ୍‌ଙ୍କ ଦାୟିତ୍ୱ ନୁହେଁ; ଏହା ସମାଜଶାସ୍ତ୍ରୀ, ନୀତି ନିର୍ଦ୍ଧାରକ ସର୍ବୋପରି ଜନସାଧାରଣଙ୍କ ନୈତିକ ଦାୟିତ୍ୱ। ଆତଙ୍କବାଦର ଏହି ପରିବର୍ତ୍ତିତ ପରିଭାଷା କେବଳ ରାଷ୍ଟ୍ରର ସୁରକ୍ଷା ଓ ଅଖଣ୍ଡତା ପ୍ରତି ଏକ ବିପଦ ନୁହେଁ, ବରଂ ମାନବତା ଓ ମାନବ ସଭ୍ୟତା ପ୍ରତି ନୈତିକ ଆହ୍ୱାନ। ●

(ସକାଳ ମିଡିଆ ସର୍ଭିସ୍)

## ଭୋଟରଙ୍କ ମାନସିକତା ବଦଳୁଛି

ଡ. ବିମଳ ଷଡ଼ଙ୍ଗୀ

ଜାତିଗତ ଭେଦଭାବକୁ ଆୟୁଧ କରି ନିର୍ବାଚନ ଜିତିଥିବା ଡୋନାଲ୍ଡ ଟ୍ରମ୍ପଙ୍କ ତୃତୀୟ ପ୍ରୟାସକୁ ସଚେତନ ଆମେରିକା ଭୋଟର ନ୍ୟୁୟର୍କ ସହରରେ ଭାଙ୍ଗି ଚୁରମାର କରିଛନ୍ତି। ଘୃଣା, ଦ୍ୱେଷ, ଆତ୍ମପ୍ରଚାର, ଅହଂକାର ଜଣେ ହୀନ ରାଜନେତାର ପରିଚୟ, ଯାହାକୁ ଆଜି ପ୍ରମାଣ କରିଛନ୍ତି ନ୍ୟୁୟର୍କର ସଚେତନ ଜନତା। ୨୦୨୫, ନଭେମ୍ବର ମାସରେ ୩୪ ବର୍ଷୀୟ ଅଗ୍ନିବର୍ଷୀ ଗଣତାନ୍ତ୍ରିକ ସମାଜବାଦୀ ଜୋହରାନ୍ କ୍ୱାମେ ମାମଦାନି ନ୍ୟୁୟର୍କ ସହରର ଇତିହାସର ଦ୍ୱିତୀୟ ସର୍ବକନିଷ୍ଠ ମେୟର ଭାବରେ ବିଜୟ ହାସଲ କରିଛନ୍ତି। ଭାରତୀୟ ହିନ୍ଦୁ ମାତା ତଥା ଚଳଚ୍ଚିତ୍ର ନିର୍ମାତା ମୀରା ନାୟାର ଏବଂ ଉଗାଣ୍ଡା ମୁସଲିମ ପିତା ଶିକ୍ଷାବିତ୍ ମହମ୍ମଦ ମାମଦାନିଙ୍କ ଔରସରୁ ଜନ୍ମଗ୍ରହଣ କରିଥିବା ଏହି ପ୍ରବାସୀ ଯୁବନେତା କେବଳ ନିର୍ବାଚନ ଜିତି ନାହାନ୍ତି, ବରଂ ଟ୍ରମ୍ପବାଦ ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛନ୍ତି।

ନିର୍ବାଚନ ପ୍ରଚାର ସମୟରେ ମାମଦାନୀଙ୍କୁ ମୁସଲିମ, ନ୍ୟୁୟର୍କକୁ ନଷ୍ଟ କରିବାକୁ ଆସିଥିବା ବାମ ମୌଳବାଦୀ, ଆମେରିକୀୟ ବିରୋଧୀ, ଧର୍ମ ବିରୋଧୀ ଆଦି ଆଖ୍ୟାଦେଇ ତିରସ୍କାର କରିବାକୁ ପଛାଇ ନଥିବା ଟ୍ରମ୍ପଙ୍କୁ ନିର୍ବାଚନ ଫଳାଫଳ ମାଧ୍ୟମରେ ଉତ୍ତର ଦେଇଥିଲେ ମାମ୍‌ଦାନୀ। ବିଜୟୀ ପ୍ରାର୍ଥୀ ଟ୍ରମ୍ପଙ୍କ ରାଜନୀତିର ବିପରୀତ ମୂଲ୍ୟବୋଧକୁ ଆୟୁଧ କରିଥିଲେ। ଟ୍ରମ୍ପ ଦୃଢ଼ ଜାତୀୟତାବାଦ, ରକ୍ଷଣଶୀଳ ପରିଚୟ ଏବଂ ଆକ୍ରମଣାତ୍ମକ ଭାଷଣବାଜି ଦ୍ୱାରା ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରିଥିବା ବେଳେ ମାମଦାନୀ ନିଜକୁ ମୁସଲିମ ବୋଲି ପରିଚୟ ଦେବା ସହିତ ପ୍ରଗତିଶୀଳ ନୀତି ଏବଂ ପ୍ରବାସୀଙ୍କୁ ସମାନ ଅଧିକାର, ଧର୍ମନିରପେକ୍ଷତା ଏବଂ ନୂତନ ଦିଗଦର୍ଶନ ମାଧ୍ୟମରେ ଭୋଟରମାନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲେ। ଟ୍ରମ୍ପଙ୍କୁ ଖରାପ ନକହି ତାଙ୍କ ପ୍ରଚଳିତ ନୀତିକୁ ବିରୋଧ କରିଥିଲେ, ଯାହା ପ୍ରମାଣ କରିଥିଲା ଯେ ଅନେକ ଆମେରିକୀୟ ବିଶେଷକରି ସହରଗୁଡ଼ିକରେ ଥିବା ଶିକ୍ଷିତ ଭୋଟର ଟ୍ରମ୍ପଯୁଗର ବିଭାଜନକାରୀ ରାଜନୀତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

ଯୁବ ଭୋଟରଙ୍କ ଅଧିକ ଭାଗୀଦାରୀରେ ନିର୍ବାଚନରେ ପାଖାପାଖି ୨ ନିୟୁତ ଭୋଟ ମିଳିଥିଲା ଯାହା ଦଶନ୍ଧି ମଧ୍ୟରେ ନ୍ୟୁୟର୍କର ମେୟର ନିର୍ବାଚନରେ ସର୍ବାଧିକ ଭୋଟଦାନ ଥିଲା। ଏହା ପ୍ରମାଣ କରିଥିଲା ଯେ ବଡ଼ ସହରଗୁଡ଼ିକରେ ଗୃହ ନିର୍ମାଣରେ ବର୍ଦ୍ଧିତ ଖର୍ଚ୍ଚ, ବ୍ୟୟବହୁଳ ଦୈନନ୍ଦିନ ଖର୍ଚ୍ଚ, ଧର୍ମନିରପେକ୍ଷତାର ବିରୋଧ, ଶ୍ରମିକଙ୍କ ସମ୍ମାନହାନି ଓ ଅସୁରକ୍ଷିତ ପ୍ରବାସୀ ନୀତିଗୁଡ଼ିକର କୁପରିଣାମ ଲୋକଙ୍କୁ ଭୋଗିବାକୁ ପଡ଼ିଥିଲା। ତେଣୁ ସେମାନେ ଟ୍ରମ୍ପ ଓ ଟ୍ରମ୍ପ ନୀତିକୁ ବିରୋଧ କରିଥିଲେ ଏବଂ ନୂଆ ଭାବନା ଓ ନୂଆ ନେତୃତ୍ୱକୁ ଜିତାଇବାକୁ ମନସ୍ଥ କରିଥିଲେ।

ନ୍ୟୁୟର୍କ ଭଳି ବହୁ-ସଂସ୍କୃତି ସହରରେ ଅଳ୍ପସଂଖ୍ୟକ ଓ ପ୍ରବାସୀମାନଙ୍କର ସ୍ୱର ଶକ୍ତିଶାଳୀ ହେଉଛି, ଯାହା ଦର୍ଶାଉଛି ଯେ ସମାଜିକ ଅସମାନତା ବିଷୟରେ ଲୋକ ଅଧିକ ସଚେତନ। ତତ୍‌ସହିତ ପ୍ରଗତିଶୀଳ ରାଜନୀତିର ଉଦୟ ହୋଇଛି। ଆମେରିକାର ରାଷ୍ଟ୍ରପତି ରୂପେ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳର ଗୋଟିଏ ବର୍ଷରୁ କମ୍ ସମୟ ମଧ୍ୟରେ ତାଙ୍କର ଅସଲ ଚେହେରା ପଦାକୁ ଆସିଥିଲା। ପରିବାରବାଦ, ଭୟ ସୃଷ୍ଟି, ବେକାରୀ, ଦରଦାମ ବୃଦ୍ଧି ସହିତ ଆନ୍ତର୍ଜାତିକ ସ୍ତରରେ ଆମେରିକାର କ୍ଷୁର୍ଣ୍ଣ ରୂପ, ଭୁଲ ବୈଦେଶିକ ନୀତି, ଶିକ୍ଷାର ପ୍ରଗତିରେ ବାଧା, ନ୍ୟାୟିକ ବ୍ୟବସ୍ଥାରେ ହସ୍ତକ୍ଷେପ, ପରବାରବାଦ, ଗଣମାଧ୍ୟମକୁ ନିଜ ଇଚ୍ଛାରେ ବ୍ୟବହାର ଆଦି ଟ୍ରମ୍ପନୀତିର ବିରୋଧ ଏବଂ ମାମଦାନୀଙ୍କ ବିଜୟ ଏକ ଜାତୀୟ ଜନମତକୁ ସୂଚାଉଛି।

ମମଦାନୀଙ୍କ ବିଜୟ ବିଶ୍ୱକୁ ବାର୍ତ୍ତା ଦେଇଛି ଯେ ଆକ୍ରମଣାତ୍ମକ ରାଜନୀତି, ଜାତି ଜାତି ବିରୁଦ୍ଧରେ ବିଭେଦ ସୃଷ୍ଟି କରିବା, ଭ୍ରଷ୍ଟାଚାର, ବ୍ୟକ୍ତିଗତ ଆକ୍ଷେପକୁ ଭୋଟର ନାପସନ୍ଦ କରିଛନ୍ତି। ଦଳୀୟ ପରିଚୟ ଠାରୁ ଲୋକଙ୍କ କାମ ଏବେ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଲୋକମାନେ ଏବେ ଶାନ୍ତି ଚାହୁଁଛନ୍ତି। ବାଦବିବାଦ, ଟ୍ୱିଟର ରାଜନୀତି, ସଂସ୍କୃତି ଯୁଦ୍ଧ ଆଦି ପରେ ଲୋକ ଏବେ ସ୍ଥିରତା ଓ ବିବେକୀ ନେତୃତ୍ୱକୁ ସ୍ୱାଗତ କରୁଛନ୍ତି। ଏହି ଫଳାଫଳ କେବଳ ଏକ ସହର ନିର୍ବାଚନର କଥା ନୁହେଁ, ବରଂ ସମଗ୍ର ବିଶ୍ୱର ରାଜନୀତିରେ ଚାଲୁଥିବା ଏକ ନୂଆ ପରିବର୍ତ୍ତନର ପ୍ରତିଛବି।

ଗତ ୧୦-୧୫ ବର୍ଷ ଧରି ବିଶ୍ୱର ବହୁ ଦେଶରେ ଉଚ୍ଚ ସ୍ୱରରେ ବକ୍ତୃତା, ପ୍ରଚଣ୍ଡ ଭାବନା, ଜନଆନ୍ଦୋଳନ, ଜାତିଆଣ ଭେଦଭାବ ଓ ଦେଶ ଦେଶ ବିରୁଦ୍ଧରେ ଜନତାଙ୍କୁ ଉସକେଇବା ରାଜନୀତି ବହୁତ ବୃଦ୍ଧି ପାଇଲାଣି। କିନ୍ତୁ ଏବେ ଲୋକମାନେ ବୁଝିଲେ ଯେ କେବଳ କଥାକୁହା ରାଜନୀତି ଦେଶକୁ ଚଳାଇପାରିବ ନାହିଁ। ଉନ୍ନତି, କାର୍ଯ୍ୟ ଓ ପରିଣାମ ସହିତ ଦେଶ-ବିଦେଶ ସହିତ ସୁସମ୍ପର୍କ ପାଇଁ ଲୋକେ ଇଚ୍ଛୁକ। ଲୋକମାନେ ଏବେ ପ୍ରଶ୍ନକରିବା ସହିତ ବିଭେଦ ରାଜନୀତିକୁ ଅସ୍ୱୀକାର କରୁଛନ୍ତି। ଯୁବକ ଓ ଶିକ୍ଷିତ ଭୋଟରମାନେ ସମ୍ମାନ, ସାଧାରଣ ଜୀବନ ଓ ସ୍ଥିର ଅଗ୍ରଗତି ଚାହୁଁଛନ୍ତି। ବିଶ୍ୱ ଏବେ ନାରା ଓ ଡ୍ରାମା ନୁହେଁ; ଉନ୍ନତି ଓ ଉତ୍ତରଦାୟୀତା ନେତୃତ୍ୱକୁ ସ୍ୱାଗତ କରିବାକୁ ଶ୍ରେୟ ମନେକରୁଛି। ●

ଭୁବନେଶ୍ୱର

## ଢୁଙ୍ଗରି ଦେବୀ ଭାବେ ପୂଜା ପାଆନ୍ତି ଅସୁରୁଣୀ ହିଡ଼ିମ୍ବା

ଓଜସ୍ୱିନୀ

### ବିଚିତ୍ର ବିଶ୍ୱାସ

ମହାଭାରତର ବର୍ଣ୍ଣନା ଅନୁସାରେ ପଞ୍ଚୁପାଣ୍ଡବ ବନବାସ ସମୟରେ ହିମାଚଳ ପ୍ରଦେଶର ମନାଲିଠାରେ କିଛିଦିନ ପାଇଁ ରହିଥିଲେ। ସେହିସ୍ଥାନରେ ହିଡ଼ିମ୍ବା ନାମକ ଜଣେ ଅସୁରୁଣୀ ଏବଂ ତାଙ୍କ ଭାଇ ହିଡ଼ିମ୍ବଙ୍କ ରାଜୁତି ଥିଲା। ହିଡ଼ିମ୍ବ ବହୁତ ବଳଶାଳୀ ଏବଂ ହିଡ଼ିମ୍ବା ତନ୍ତ୍ରମନ୍ତ୍ରର ଅଧିକାରୀଣୀ ଥିଲେ। ଏକଦା ହିଡ଼ିମ୍ବ ଖାଦ୍ୟ ସନ୍ଧାନରେ ଜଙ୍ଗଲରେ ବୁଲୁଥିବା ସମୟରେ ପଞ୍ଚୁପାଣ୍ଡବଙ୍କୁ ଦେଖି ସେମାନଙ୍କୁ ଭକ୍ଷଣ କରିବାକୁ ଉଦ୍ୟତ ହେଲେ। କିନ୍ତୁ ଅପ୍ରତ୍ୟାଶିତ ଭାବେ ଭୀମଙ୍କ ସହ ହିଡ଼ିମ୍ବଙ୍କୁ ଯୁଦ୍ଧ କରିବାକୁ ପଡ଼ିଲା। ଯୁଦ୍ଧରେ ହିଡ଼ିମ୍ବ ପରାସ୍ତ ହେଲେ। ହିଡ଼ିମ୍ବା ଭୀମଙ୍କ ବୀରତ୍ୱରେ ଅତିଶୟ ପ୍ରଭାବିତ ହୋଇ ତାଙ୍କୁ ବିବାହ କଲେ। ବିବାହ ପରେ ହିଡ଼ିମ୍ବା ମାନବୀ ରୂପରେ ପତିବ୍ରତା ଧର୍ମ ପାଳନ କରିବା ସହିତ କାଳାନ୍ତରରେ ଘୋର ତପସ୍ୟାରେ ଲୀନ ହୋଇ ଅସୁରୁଣୀରୁ ଦେବୀ ଭାବେ ଆବିର୍ଭୂତା ହେଲେ। ତପସ୍ୟା ଦ୍ୱାରା ତାଙ୍କର ସମସ୍ତ ଆସୁରିକ ଶକ୍ତି କ୍ଷୟ ହୋଇଥିଲା ଏବଂ ସେ ମନାଲିର ଆରାଧ୍ୟା ଦେବୀ ଏବଂ କୁଲ୍ଲୁ ରାଜବଂଶର କୁଳଦେବୀ ଭାବେ ଉପାସିତ ହୋଇ ଆସୁଛନ୍ତି।

ଭାରତର ସବୁଠାରୁ ସୁନ୍ଦର ପର୍ଯ୍ୟଟନ ସହରର ମାନ୍ୟତା ହାସଲ କରିଥିବା ମନାଲିଠାରେ ହିଡ଼ିମ୍ବାଙ୍କୁ ସମର୍ପିତ ଏକ ପ୍ରାଚୀନ ଗୁମ୍ଫା ମନ୍ଦିର ଅଛି। ମନ୍ଦିର ଭିତରେ ଥିବା ଏକ ପ୍ରାକୃତିକ ଚଟାଣର ନିମ୍ନଭାଗରେ ଦେବୀ ହିଡ଼ିମ୍ବାଙ୍କ ଆସ୍ଥାନ ରହିଛି। ଏଠାରେ ମା'ଙ୍କର ପଦଚିହ୍ନର ପୂଜା କରାଯାଏ। ଏହି ସ୍ଥାନରେ ହିଡ଼ିମ୍ବା ଦେବତ୍ୱ ଲାଭ କରିଥିଲେ ବୋଲି ବିଶ୍ୱାସ ରହିଆସିଛି। ସ୍ଥାନୀୟ ଭାଷାରେ ଏହି ପ୍ରାକୃତିକ ଚଟାଣକୁ 'ଢୁଙ୍ଗ' କୁହାଯାଉଥିବାରୁ ଏହାର ନାମାନୁସାରେ ମାତା ହିଡ଼ିମ୍ବା 'ଢୁଙ୍ଗ୍‌ରି ଦେବୀ' ଭାବେ ପୂଜା ପାଉଛନ୍ତି। ତେଣୁ କାହିଁ କେଉଁ କାଳରୁ ଆସ୍ଥାର ପ୍ରତୀକ ଭାବେ ରହିଥିବା ଏହି ମନ୍ଦିରକୁ ଭକ୍ତ ଓ ପର୍ଯ୍ୟଟକମାନେ ମାତା ହିଡ଼ିମ୍ବାଙ୍କ ଆଶୀର୍ବାଦ ନେବା ପାଇଁ ଆସିଥା'ନ୍ତି।

ହିଡ଼ିମ୍ବା ମାତାଙ୍କ ମନ୍ଦିର ପାଗୋଡ଼ା ଶୈଳୀରେ ନିର୍ମିତ। ଦେବଦାରୁ ଗଛରେ ପରିପୂର୍ଣ୍ଣ ଏହି ଅଞ୍ଚଳ ଏବଂ ମନ୍ଦିରର ଶୋଭା ତୁଷାରପାତ ସମୟରେ ଦ୍ୱିଗୁଣିତ ହୋଇଥାଏ। ମନ୍ଦିରରେ ଥିବା ଏକ ଶିଖାଲେଖ ଅନୁସାରେ ଏହି ମନ୍ଦିରକୁ କୁଲ୍ଲୁ ରାଜ୍ୟର ଶାସକ ରାଜା ବାହାଦୂର ସିଂ ନିର୍ମାଣ କରିଥିଲେ। ତିନୋଟି ଛାତ ବିଶିଷ୍ଟ ଏହି ମନ୍ଦିରଟି ସମ୍ପୂର୍ଣ୍ଣ ଭାବେ ଦେବଦାରୁର ମଞ୍ଜକାଠରେ ନିର୍ମାଣ କରାଯାଇଛି ଏବଂ ମନ୍ଦିରର ଭିତର ପାର୍ଶ୍ୱ ଏବଂ ମୁଖ୍ୟଦ୍ୱାରରେ କାଠ ଉପରେ କରାଯାଇଥିବା କାରୁକାର୍ଯ୍ୟ ବେଶ୍ ମନମୁଗ୍ଧକର। ମନ୍ଦିରର ସର୍ବୋଚ୍ଚ ଛୋଟ ଛାତ ଉପରେ ତମ୍ବା ଓ ପିତଳ ମିଶ୍ରିତ ଆଉ ଏକ ତ୍ରିଭୁଜାକାର ଛତ୍ର ରହିଛି। ବିଶ୍ୱାସ ରହିଛି ଯେ, ଶ୍ରଦ୍ଧାଳୁମାନେ ହିଡ଼ିମ୍ବା ମାତାଙ୍କୁ ଭକ୍ତି ଓ ଶ୍ରଦ୍ଧାର ସହିତ ପୂଜାର୍ଚ୍ଚନା କଲେ ତାଙ୍କର ସବୁ ଦୁଃଖକଷ୍ଟ ଦୂର ହେବା ସହିତ ସମସ୍ତ ମନସ୍କାମନା ପୂରଣ ହୋଇଥାଏ।

ଲୋକକଥା ଅନୁସାରେ ସ୍ୱୟଂ ଶ୍ରୀକୃଷ୍ଣ ହିଡ଼ିମ୍ବା ଦେବୀଙ୍କୁ ବନବାସ ସମୟରେ ପ୍ରେରଣ କରି ଦିବ୍ୟଲୀଳା ପ୍ରକାଶ କରିଥିଲେ ଏବଂ ପରବର୍ତ୍ତି ସମୟରେ ସଂସାରର କଲ୍ୟାଣାର୍ଥେ ଦେବୀ ସ୍ୱରୂପା ହେବାର ବରଦାନ ଦେଇଥିଲେ। ମାତା ହିଡ଼ିମ୍ବା କୁଲ୍ଲୁ ରାଜବଂଶର କୁଳଦେବୀ ଭାବେ କାହିଁକି ପୂଜିତା, ସେ ସମ୍ପର୍କରେ ମଧ୍ୟ ଏକ ଜନଶ୍ରୁତି ରହିଛି। ବିହଙ୍ଗମଣି ପାଲ୍ ନାମକ ଜଣେ ବ୍ୟକ୍ତିଙ୍କୁ ସ୍ୱୟଂ ଦେବୀ ହିଡ଼ିମ୍ବା କୁଲ୍ଲୁର ରାଜା ହେବା ପାଇଁ ବରଦାନ ଦେଇଥିଲେ। କୁଲ୍ଲୁର ପ୍ରଥମ ଶାସକ ଭାବେ ବିହଙ୍ଗମଣି ରାଜ୍ୟଭାର ଗ୍ରହଣ କରି ରାଜା ହେଲେ ଏବଂ ତାଙ୍କଠାରୁ କୁଲ୍ଲୁ ରାଜବଂଶର ସୃଷ୍ଟି ହୋଇଥିବାରୁ ଦେବୀ ହିଡ଼ିମ୍ବାଙ୍କୁ କୁଳଦେବୀ ଭାବେ ପୂଜା କରାଯାଉଛି। ଭକ୍ତି ଓ ଶ୍ରଦ୍ଧାରେ ମାତା ହିଡ଼ିମ୍ବାଙ୍କୁ କୁଲ୍ଲୁ ରାଜବଂଶର ଜେଜେମା' ବୋଲି କୁହାଯାଉଛି। ପରମ୍ପରା ଅନୁସାରେ ଏବେ ମଧ୍ୟ କୁଲ୍ଲୁ ଦଶହରା ସମୟରେ ଡିଡ଼ିମ୍ବା ଦେବୀଙ୍କ ପ୍ରତୀକ କୁଲ୍ଲୁ ଅଞ୍ଚଳକୁ ଗମନ କରନ୍ତି ଏବଂ ସାତଦିନ ପର୍ଯ୍ୟନ୍ତ ଢାଲପୁରାସ୍ଥିତ ନିଜର ଦେବସ୍ଥାନରେ ଅବସ୍ଥାନ କରିଥା'ନ୍ତି। ହିଡ଼ିମ୍ବା ଦେବୀ ଦେବସ୍ଥାନରେ ନ ପହଞ୍ଚିବା ପର୍ଯ୍ୟନ୍ତ କୁଲ୍ଲୁ ଦଶହରାର ବିଧିବିଧାନ ଆରମ୍ଭ ହୋଇନଥାଏ।

ହିଡ଼ିମ୍ବାଙ୍କ ମନ୍ଦିରର ଅନତିଦୂରରେ ତାଙ୍କର ପୁତ୍ର ଘଟୋତ୍କଚଙ୍କ ମନ୍ଦିର ମଧ୍ୟ ଅଛି। ମାତା ହିଡ଼ିମ୍ବାଙ୍କ ଦର୍ଶନ କରିବା ପରେ ଶ୍ରଦ୍ଧାଳୁମାନେ ଘଟୋତ୍କଚଙ୍କ ଦର୍ଶନ କରିଥା'ନ୍ତି। ଅନ୍ୟଥା ମାତାଙ୍କ ଦର୍ଶନର ପୁଣ୍ୟଫଳ ମିଳିନଥାଏ ବୋଲି ବିଶ୍ୱାସ ଅଛି। ମାତା ହିଡ଼ିମ୍ବା ଓ ତାଙ୍କର ପୁତ୍ର ଘଟୋତ୍କଚ ଅସୁର ଭାବେ ଜନ୍ମ ନେଇଥିଲେ ମଧ୍ୟ ଭକ୍ତଙ୍କ ଭକ୍ତି, ବିଶ୍ୱାସ ଓ ଶ୍ରଦ୍ଧା ଯୋଗୁଁ ଈଶ୍ୱରୀୟ ଶକ୍ତି ଭାବେ ପୂଜା ପାଉଛନ୍ତି। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମାମଲା ରୁଜୁ କଲା...

ଅନେକ କିଛି କାମ ହୋଇଛି ବୋଲି ସିବିଆଇ ସନ୍ଦେହ କରିଛି । ଏଣୁ ଏହି ରାଜ୍ୟ ଗୁଡ଼ିକରେ ତଦନ୍ତର ଆବଶ୍ୟକତା ରହିଛି । ରାଜ୍ୟ ଗୁଡ଼ିକରେ ମାମଲାର ଯାଞ୍ଚ ଏବଂ ଅଭିଯୁକ୍ତଙ୍କୁ ଗିରଫ ପାଇଁ ମାନବ ସମ୍ବଳ ଓ ଆନୁଷଙ୍ଗୀକ ସହଯୋଗର ଆବଶ୍ୟକତା ଥିବାରୁ ଏଥିପାଇଁ ଦିଲ୍ଲୀ କାର୍ଯ୍ୟାଳୟକୁ ଚିଠି ଲେଖାଯାଇଛି ।

୨୦୨୪ ମସିହାରେ ସମ୍ପୂର୍ଣ୍ଣ ଦେଶରେ ନିଟ୍-ୟୁଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଥିଲା । ଏଥିରେ ୧୪ରୁ ଊର୍ଦ୍ଧ୍ୱ ଲୋକଙ୍କୁ ବିହାର ଏବଂ ଝାଡ଼ଖଣ୍ଡରୁ ଗିରଫ କରାଯାଇଥିଲା । କିଛି ଅଭିଯୁକ୍ତ ପ୍ରାଶ୍ନପତ୍ର ଲିକ୍ ମାମଲାରେ ଜେଲ ଥାଇ ମଧ୍ୟ ଏହି ରାକେଟ୍‌କୁ ଅପରେଟ୍ କରୁଥିଲେ ବୋଲି ଚର୍ଚ୍ଚା ହେଉଥିଲା । ଏଣୁ ରାଜ୍ୟ ବାହାର ଅଭିଯୁକ୍ତଙ୍କ ସହ ଶଙ୍କର ପୃଷ୍ଟି ଓ ଗିରଫ ହୋଇଥିବା ଅନ୍ୟ ଅଭିଯୁକ୍ତମାନଙ୍କ ସହ କିଭଳି ସମ୍ପର୍କ ରହିଛି । ରାଜ୍ୟ ବାହାର ଗ୍ୟାଙ୍ଗ୍‌ରୁ ସେମାନେ କେଉଁ ପ୍ରକାର ସହାୟତା ପାଇଛନ୍ତି, ଏସବୁର ତଦନ୍ତ କରିବାକୁ ଭୁବନେଶ୍ୱର ସିବିଆଇ ଏହି ରାଜ୍ୟ ଗୁଡ଼ିକୁ ଯିବ । ଏହା ସହ ସିବିଆଇ ଓଡ଼ିଶା ସମେତ ରାଜ୍ୟ ବାହାରେ ଏକ ମିଳିତ ରେଡ୍ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି ।

ଅନ୍ୟ ପକ୍ଷରେ ସିବିଆଇକୁ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ସମସ୍ତ ତଥ୍ୟ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି । କ୍ରାଇମ୍‌ବ୍ରାଞ୍ଚ ଏସ୍‌ଆଇ ଚାକିରି ବିକ୍ରି ମାମଲାର ମାଷ୍ଟରମାଇଣ୍ଡ ସିଲିକନ୍‌ର ସିଇଓ ସୁରେଶ, ପଞ୍ଚସଫ୍ଟର ମାଲିକ ଶଙ୍କର ପୃଷ୍ଟି ଏବଂ ସେମାନଙ୍କ ସହଯୋଗୀଙ୍କ ସମେତ ମୋଟ୍ ଗିରଫ ହୋଇଥିବା ୧୨୬ଙ୍କ ନାମ ସିବିଆଇକୁ ହସ୍ତାନ୍ତର କରିଛି । ତଦନ୍ତ ବେଳେ ସେମାନଙ୍କ ସମ୍ପୃକ୍ତି, କିଏ କେଉଁ ପର୍ଯ୍ୟାୟରେ ରହି ଏହି କେଳେଙ୍କାରୀ କରିଛନ୍ତି । ତାହାର ଦସ୍ତାବିଜ ହସ୍ତାନ୍ତର କରିଛି କ୍ରାଇମ୍‌ବ୍ରାଞ୍ଚ । ଏହା ସହ ତଦନ୍ତ ବେଳେ ରାଜ୍ୟ ବାହାର କିଛି ନାମ ସାମ୍ନାକୁ ଆସିଥିବା କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଉଲ୍ଲେଖ କରାଯାଇଛି । ସୂଚନାଯୋଗ୍ୟ ବିରୋଧୀ ଦଳ ଏହାର ତଦନ୍ତ ସିବିଆଇ ଦ୍ୱାରା କରାଇବାକୁ ଦାବି କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାମଲାର ଗୁରୁତ୍ୱ ଏବଂ ରାଜ୍ୟବାହାର ଲିଙ୍କ୍ ଜାଣିବା ପରେ ସିବିଆଇ ତଦନ୍ତ ପାଇଁ ସୁପାରିସ୍ କରିଥିଲେ । ଏହି ଅନୁଯାୟୀ ସିବିଆଇ ଏସ୍‌ଆଇ ଚାକିରି ବିକ୍ରି ମାମଲାର ତଦନ୍ତ ଭାର ସମ୍ଭାଳିଛି ।

## ଆଜି ବିହାର...

୧୫୦ରୁ ୧୭୦ ପର୍ଯ୍ୟନ୍ତ ଆସନ ମିଳିପାରେ । ଏହାକୁ ନେଇ ଶାସକ ଦଳ ମଧ୍ୟରେ ଉତ୍ସାହ ରହିଛି । ତଥାପି ନେତାମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ଏହାର ମୁଖ୍ୟ କାରଣ ହେଉଛି ଅଧିକ ମତଦାନ ହାର । ରାଜ୍ୟରେ ଦୁଇଟି ପର୍ଯ୍ୟାୟରେ ହୋଇଥିବା ମତଦାନ ହାର ରହିଛି ୬୬.୯୧, ଯାହାକି ଗତ ନିର୍ବାଚନ ଅପେକ୍ଷା ୯.୬୨ ଅଧିକ ।

ବିହାର ବିଧାନସଭା ନିର୍ବାଚନରେ ୬୬.୯୧ ପ୍ରତିଶତ ମତଦାନ ହାର ସମସ୍ତ ପୂର୍ବ ରେକର୍ଡକୁ ଭାଙ୍ଗିଦେଇଛି । ପ୍ରଥମ ପର୍ଯ୍ୟାୟରେ ୬୫.୦୮ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୬୮.୭୬ ପ୍ରତିଶତ ମତଦାନ ହୋଇଥିଲା । ମୋଟାମୋଟି ଭାବେ ଦେଖିବାକୁ ଗଲେ ୨୦୨୦ ନିର୍ବାଚନ ( ୫୭.୨୯)ତୁଳନାରେ ଏଥର ୯.୬୨ ଅଧିକ ମତଦାନ ହୋଇଛି । ଶାସକ ମେଣ୍ଟକୁ ଯେଉଁ କଥାଟି ଚିନ୍ତାରେ ପକାଇଛି, ତାହା ହେଲା ଯେ ରାଜ୍ୟ ବିଧାନସଭା ନିର୍ବାଚନରେ ଯେତେବେଳେ ମତଦାନ ହାର ପୂର୍ବ ଅପେକ୍ଷା ୫ ପ୍ରତିଶତରୁ ଅଧିକ ବା କମ୍ ସେତେବେଳେ ସରକାରର ପତନ ଘଟିଛି । ଏହା ବିହାରର ନିର୍ବାଚନ ଇତିହାସ କହୁଛି । ୧୯୬୭ରେ ପୂର୍ବ ନିର୍ବାଚନ ତୁଳନାରେ ୭ ପ୍ରତିଶତ ଅଧିକ ମତଦାନ ହୋଇଥିବା ବେଳେ କଂଗ୍ରେସ ସରକାରର ପତନ ଘଟିଥିଲା । ସେହିବର୍ଷ ଅଣ-କଂ।।ଗ୍ରେସ ଦଳ ମେଣ୍ଟ ସରକାର ଗଠନ କରିଥିଲେ । ସେହିଭଳି ୧୯୮୦ରେ ପୂର୍ବ ନିର୍ବାଚନ ତୁଳନାରେ ୬.୮ ପ୍ରତିଶତ ଅଧିତ ମତଦାନ ହୋଇଥିଲା ଏବଂ କ୍ଷମତାରେ ପରିବର୍ତ୍ତନ ହୋଇଥିଲା । ୧୯୯୦ରେ ପୂର୍ବ ନିର୍ବାଚନ ତୁଳନାରେ ୫.୭ ପ୍ରତିଶତ ଅଧିକ ମତଦାନ ହୋଇଥିଲା ଏବଂ କଂଗ୍ରେସ ସରକାରର ପତନ ଘଟିଥିଲା । ଏହା ସ୍ଥାନରେ ଜନତା ଦଳ ସରକାର ଗଠନ କରିଥିଲା ।

ଏହି ଧାରା ଏଥର ଜାରି ରହିଲେ ସରକାର ପରିବର୍ତ୍ତନ ହେବା ନିଶ୍ଚିତ । ତେବେ ଭୋଟର ଏହି ଧାରାକୁ ଭାଙ୍ଗିଛନ୍ତି କି ନାହିଁ ତାହା ଆସନ୍ତାକାଲି ୧୪ ତାରିଖେରେ ହିଁ ଜଣାପଡ଼ିବ । ସୂଚନାଯୋଗ୍ୟ ଏଥର ନିର୍ବାଚନରେ ମହିଳାମାନଙ୍କ ମତଦାନ ହାର ପୁରୁଷମାନଙ୍କ ଅପେକ୍ଷା ଅଧିକ ରହିଛି । ମହିଳାମାନଙ୍କ ମତଦାନ ହାର ୭୧.୬ % ଥିବା ବେଳେ ପୁରୁଷମାନଙ୍କ ମତଦାନ ହାର ୬୨.୮% ରହିଛି ।

ନୀତୀଶ କୁମାର ୨୦୧୫ରୁ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀପଦରେ ରହିଛନ୍ତି । ଏହାପୂର୍ବରୁ ୨୦୦୫ରୁ ୨୦୧୪ ପର୍ଯ୍ୟନ୍ତ ସେ ମୁଖ୍ୟମନ୍ତ୍ରୀ ଥିଲେ ।

## ଫଳ ପୂର୍ବରୁ...

ଝିଟିକି ୟୁପି ସ୍କୁଲ (ବୁଥ୍ ନମ୍ବର ୧୬)ରେ ୭୫୬ ଭୋଟର ଥିବାବେଳେ ମତଦାନ କରିଛନ୍ତି ୭୧୦ । ଗୋଟିଗୋଟି ଲେଖିବସିଲେ ଏହି ତାଲିକା ବେଶ୍ ଦୀର୍ଘ ହେବ । ତେବେ ଭୋଟଦାନର ଏପରି ଅସ୍ୱାଭାବିକ ହାର ପଛରେ କେଉଁଠି ନା କେଉଁଠି କିଛି ବିଭ୍ରାଟ ହୋଇଥିବା ସ୍ୱାଭାବିକ ସନ୍ଦେହ କରାଯାଉଛି । ବିଶେଷକରି ନିର୍ଦ୍ଧାରିତ ସମୟରେ ଭୋଟିଂ ସମୟ ଶେଷ ଅର୍ଥାତ ସନ୍ଧ୍ୟା ୫ଟା ପରେ ପ୍ରାୟ ୮ ପ୍ରତିଶତରୁ ଅଧିକ ଭୋଟ ପଡିବା ଏହି ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରିଛି । ଏପରିକି ସରକାରୀ କଳ ଓ ବଳର ଅପପ୍ରୟୋଗ କରି ଶାସକ ଦଳ ଫାଇଦା ଉଠାଇଥିବା ବିରୋଧୀ ଅଭିଯୋଗ କରିଛନ୍ତି ।

ଗୁରୁବାର ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବରିଷ୍ଠ ସାଧାରଣ ସମ୍ପାଦକ ଡ ଲେଖାଶ୍ରୀ ସାମନ୍ତସିଂହାର, ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି ନୂଆପଡ଼ା ମତଦାନ ପ୍ରସଙ୍ଗରେ ସରକାର ଓ ନିର୍ବାଚନ ଅଧିକାରୀଙ୍କୁ କଠୋର ସମାଲୋଚନା କରିଛନ୍ତି । ଶାସକ ଦଳ ସରକାରୀ କଳକୁ ସମ୍ପୂର୍ଣ୍ଣ ବ୍ୟବହାର କରିଥିବା ଏବଂ ନିର୍ବାଚନ ଅଧିକାରୀଙ୍କ ମୁକ୍ତ ଓ ଅବାଧ ନିର୍ବାଚନ ଦାବି ଏକ ପ୍ରହସନରେ ପରିଣତ ହୋଇଛି ବୋଲି ବିଜେଡି ନେତାମାନେ କହିଛନ୍ତି । ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ନିର୍ବାଚନ ସମୟରେ ସନ୍ଧ୍ୟା ୫ଟା ସୁଦ୍ଧା ୭୫ ପ୍ରତିଶତ ଭୋଟିଂ ହୋଇଛି ବୋଲି ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା ; କିନ୍ତୁ ପରବର୍ତ୍ତୀ ସମୟରେ ଏହା ୮୩.୫ ପ୍ରତିଶତକୁ ବୃଦ୍ଧି ପାଇଥିବା କୁହାଗଲା । ଭୋଟିଂ ସମୟ ଶେଷ ହେବା ପରେ ପ୍ରାୟ ୮ ପ୍ରତିଶତରୁ ଅଧିକ ଭୋଟ ପଡିବା ସନ୍ଦେହଜନକ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୪୧ଟି ବୁଥରେ ୯୧ ପ୍ରତିଶତରୁ ଅଧିକ ଭୋଟିଂ ଭୋଟ ରିଗିଙ୍ଗ ଦିଗ ପ୍ରତି ଅଙ୍ଗୁଳିନିର୍ଦ୍ଦେଶ କରୁଛି । ନିର୍ବାଚନ ପ୍ରଚାର ଚାଲିଥିବା ସମୟରେ ବିଜେପି ପ୍ରତି ସରକାରୀ ଅଧିକାରୀଙ୍କ ଅହେତୁକ ସହଯୋଗ ଦେଖିବାକୁ ମିଳିଥିଲା । ସାଇଲେଣ୍ଟ ପିରିଅଡରେ ଭୋଟରଙ୍କୁ ପ୍ରଭାବିତ କରିବାକୁ ବିଜେପି ନେତାଙ୍କ ପାଇଁ ସୁଯୋଗ ଦିଆଗଲା । ଏ ସଂକ୍ରାନ୍ତ ଅଭିଯୋଗକୁ ବି ଗୁରୁତ୍ୱ ଦିଆଗଲା ନାହିଁ ବୋଲି ସେ କହିଛନ୍ତି ।

ଏହି ଅବସରରେ ଡ ଲେନିନ ମହାନ୍ତି ଯେଉଁ ବୁଥ୍ ଗୁଡିକରେ ୯୦ ପ୍ରତିଶତରୁ ଅଧିକ ଭୋଟିଂ ହୋଇଛି, ସେଇ ବୁଥ୍ ଗୁଡିକର ସିସିଟିଭି ଫୁଟେଜ ପ୍ରଦାନ ପାଇଁ ଦାବି କରିଛନ୍ତି । ବାସ୍ତବରେ ଲୋକ ଭୋଟ ଦେଇଛନ୍ତି ନା ହେରଫେର ହୋଇଛି ତାହା ଏଥିରୁ ପ୍ରମାଣିତ ହେବ । । ଇଭିଏମ ମେସିନ ଗୋଟିଏ ଘରୋଇ ଗାଡିରେ ବୁଲୁଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି । ମୁକ୍ତ ଓ ଅବାଧ ନିର୍ବାଚନ କରିବା ଉକ୍ତି ଏହି ଉପନିର୍ବାଚନରେ ପ୍ରହସନରେ ପରିଣତ ହୋଇଛି ବୋଲି ସେ କହିଛନ୍ତି ।

ଡ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ଜିତିବା ବିଜେପି ପକ୍ଷରେ ସମ୍ଭବ ନୁହେଁ ବୋଲି ଜାଣି ବିଜେପି ପ୍ରଶାସନିକ କଳର ଅପବ୍ୟବହାର କରିଛି । ୯୦ ପ୍ରତିଶତ ଭୋଟିଂ ଏକ ବିରଳ ଘଟଣା । ବିଶେଷକରି ଉପନିର୍ବାଚନରେ ଏପରି ହେବା ନିଶ୍ଚିତ ଭାବେ ସନ୍ଦେହ ସୃଷ୍ଟି କରିଛି । ସରକାରୀ ଅଧିକାରୀ ମାନେ ବିଜେପିର ଏଜେଣ୍ଟ ସାଜି କାମ କରିଛନ୍ତି, ଶେଷ ପର୍ଯ୍ୟାୟରେ ପୁଲିସର ତତ୍ତ୍ୱାବଧାନରେ ଟଙ୍କା ବଣ୍ଟା ହେଲା, ବୁଥ୍ ଭିତରେ ବିଜେପି ତରଫରୁ ପ୍ରଚାର କରାଗଲା । ବିଜେଡିର ଆପତ୍ତିକୁ ଗ୍ରହଣ କରାଗଲା ନାହିଁ ବୋଲି ସେ କହିଛନ୍ତି ।

## ୨୦ରୁ ଆରମ୍ଭ ହେବ...

ଧାନର ଏଫଏକ୍ୟୁ ମାନ ନେଇ ଚାଷୀଙ୍କୁ ହଇରାଣ, ମିଲରଙ୍କ ମନମାନିକୁ ନେଇ ଚାଷୀ ହନ୍ତସନ୍ତ ହୋଇଥିବା ଓ ଏହାର ସମାଧାନରେ ଯୋଗାଣ ବିଭାଗ ବିଫଳ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି । ଏପରିକି ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷୀ ଆନ୍ଦୋଳନ ସଂଗଠିତ ହୋଇଥିବା ବେଳେ ମିଲରଙ୍କ ମନମାନିକୁ ମଧ୍ୟ ସେତେବେଳେ ରାଜ୍ୟ ସରକାର ପରୋକ୍ଷରେ ସ୍ୱୀକାର କରିଥିଲେ । ଅପରପକ୍ଷେ ଚଳିତ ବର୍ଷ ଚାଷୀ ପଞ୍ଜିକରଣ ଆରମ୍ଭରେ ସରକାରଙ୍କ ଅତ୍ୟନ୍ତ ଜଟିଳ ନିୟମକୁ ନେଇ ତାତିଥିଲେ ଚାଷୀ । ଏନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ସରକାର ନିୟମରେ କୋହଳ କରିଥିଲେ । ତେଣୁ ଏଥର ଯେପରି ଧାନ କିଣା ତ୍ରୁଟି ଶୂନ୍ୟ ହେବ, ସେ ନେଇ ସରକାର ଆଗୁଆ ସମସ୍ତ ପଦକ୍ଷେପ ନିଅନ୍ତୁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ଅପରପକ୍ଷେ ଚଳିତ ଥର ଧାନ ସଂରକ୍ଷଣ ପାଇଁ ମଣ୍ଡିରେ ଅତ୍ୟାଧୁନିକ ବ୍ୟବସ୍ଥା ହୋଇଛି ବୋଲି ବିଭାଗୀୟ ମନ୍ତ୍ରୀ ଶ୍ରୀ ବଳସାମନ୍ତ ସୂଚନା ଦେଇଛନ୍ତି । ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଆସନ୍ତା ୨ ବର୍ଷ ମଧ୍ୟରେ ୧୦୦ଟି ମଡେଲ ମଣ୍ଡି ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି । ପ୍ରଥମ ପର୍ଯ୍ୟାୟରେ ୩୮ଟି ମଡେଲ ମଣ୍ଡି ନିର୍ମାଣ କରାଯିବ । ଏଥିପାଇଁ ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହୋଇ ସାରିଛି । ପୁନଶ୍ଚ ଚଳିତ ବର୍ଷ ୮୦ ସମବାୟ ସମିତିରେ ୨୦୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଘର ନିର୍ମାଣ ପାଇଁ ୨୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ୨୫ ହଜାର ହେବ...

ବୋର୍ଡ ବୈଠକରେ ଆଲୋଚନା ହେବାର ଆଶା କରାଯାଉଛି । ଯଦି ଏହି ପ୍ରସ୍ତାବକୁ ମଞ୍ଜୁରି ମିଳେ ତେବେ କର୍ମଚାରୀଙ୍କ ମାସିକ ପେନସନ୍ ପାଣ୍ଠି ଜମା ୧୨୫୦ ଟଙ୍କାରୁ ୨୦୮୩ ଟଙ୍କାକୁ ବୃଦ୍ଧି ପାଇବ । ଏହାକୁ ଏବେ ଇପିଏଫ୍‌ଓ-୩.୦ ଅଧୀନରେ ଅନ୍ତର୍ଭୁକ୍ତ କରାଯାଇପାରେ, ଯାହା ୬୫ ନିୟୁତରୁ ଅଧିକ ସଦସ୍ୟଙ୍କୁ ଲାଭ ଦେବ ।

ଭାରତରେ ପିଏଫ୍ ଆକାଉଣ୍ଟଗୁଡ଼ିକ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ ଦ୍ୱାରା ପରିଚାଳିତ ହୁଏ । ଇପିଏଫ୍‌ଓ ସଦସ୍ୟଙ୍କ ବାଧ୍ୟତାମୂଳକ ବେତନ ସୀମା ୧୫,୦୦୦ରୁ ୨୫,୦୦୦ ଟଙ୍କାକୁ ବୃଦ୍ଧି କରିଲେ ଉଚ୍ଚ ବେତନପ୍ରାପ୍ତ କର୍ମଚାରୀମାନେ ମଧ୍ୟ ଇପିଏସ୍ ଯୋଜନା ଅଧୀନରେ ସାମାଜିକ ସୁରକ୍ଷାର ଲାଭ ପାଇବେ । ଇପିଏଫ୍ ଏବଂ ଇପିଏସ୍ ଉଭୟ ପାଇଁ କର୍ମଚାରୀ ଏବଂ ନିଯୁକ୍ତିଦାତାଙ୍କୁ ପ୍ରତ୍ୟେକଙ୍କୁ ଦରମାର ୧୨% ଯୋଗଦାନ କରିବାକୁ ପଡିବ । କର୍ମଚାରୀଙ୍କ ସମ୍ପୂର୍ଣ୍ଣ ୧୨% ଇପିଏଫ୍‌କୁ ଯାଏ, ଯେତେବେଳେ କି ନିଯୁକ୍ତିଦାତାଙ୍କ ଯୋଗଦାନ ଦୁଇଟି ଭାଗରେ ବିଭକ୍ତ ହୋଇଛି । ନିଯୁକ୍ତି ଦାତା ୮.୩୩%ଇପିଏସ୍‌କୁ ଏବଂ ୩.୬୭% ଇପିଏଫ୍‌କୁ ଯୋଗଦାନ ଦେଇଥାନ୍ତି । ସଦସ୍ୟଙ୍କ ବେତନ ସୀମାରେ ବୃଦ୍ଧି ଇପିଏଫ୍- ଇପିଏସ୍ କର୍ପସକୁ ଦ୍ରୁତ ଗତିରେ ବୃଦ୍ଧି କରିବ, ଯାହା ଫଳରେ କର୍ମଚାରୀଙ୍କ ଅବସର ପେନସନ ଏବଂ ସୁଧ ଉଭୟ ବୃଦ୍ଧି ପାଇବ । ବର୍ତ୍ତମାନ ଇପିଏଫ୍ ର ମୋଟ ପାଣ୍ଠି ପରିମାଣ ପ୍ରାୟ ୨୬ ଲକ୍ଷ କୋଟି ଟଙ୍କା । ଏହାର ୭୬ ନିୟୁତ ସକ୍ରିୟ ସଦସ୍ୟ ଅଛନ୍ତି । ବର୍ତ୍ତମାନ ପ୍ରଚଳିତ ନିୟମ ଅନୁଯାୟୀ, ଇପିଏସ୍- ୯୫ ଅନ୍ତର୍ଗତ ପେନସନ ପାଣ୍ଠିରେ ଯୋଗଦାନକୁ ମୂଳ ଦରମାର ସର୍ବାଧିକ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ଗଣନା କରାଯାଏ । ଏହାର ଅର୍ଥ ହେଉଛି ଯେ ଆପଣଙ୍କର ଦରମା ୩୦,୦୦୦ କିମ୍ବା ୪୦,୦୦୦ ଟଙ୍କା ହୋଇ ଥାଉ ନା କାହିଁକି, ଆପଣଙ୍କର ପେନସନ କେବଳ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ଗଣନା କରାଯାଏ । ଏଠାରେ ସୂଚନାଯୋଗ୍ୟ ଯେ, ଇପିଏସ୍ ସୀମା ଶେଷ ଥର ପାଇଁ ୨୦୧୪ ରେ ୬୫୦୦ ରୁ ୧୫,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା ।

## ୭ ଡିଗ୍ରୀକୁ...

୪-୬ ଡିଗ୍ରୀ କମ୍ ରେକର୍ଡ ହୋଇଛି । ଏହି ଦୃଷ୍ଟିରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତଲହରୀ ସ୍ଥିତି ସୃଷ୍ଟି ହେବା ନେଇ ମଧ୍ୟ ଆଶଙ୍କା ରହିଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ରାଜ୍ୟରେ ତାପମାତ୍ରା ଆହୁରି ତଳକୁ ଖସିଛି । ଏହି କ୍ରମରେ ୪ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରେକର୍ଡ ହୋଇଥିବା ବେଳେ ୯ ସହରରେ ପାରଦ ୧୨ ଡିଗ୍ରୀ ତଳେ ରହିଛି । ୭.୧ ଡିଗ୍ରୀ ସହ ସେମିଳିଗୁଡାରେ ରାଜ୍ୟର ସବୁଠୁ କମ୍ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଜି. ଉଦୟଗିରି ୭.୪, ଦାରିଙ୍ଗବାଡି ୭.୫, ଫୁଲବାଣୀ ୮.୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ଏହା ବ୍ୟତୀତ ଝାରସୁଗୁଡ଼ାରେ ୧୦.୯, ରାଉରକେଲା ୧୧.୧, ଚିପିଲିମା ୧୧.୨, କିରେଇ ୧୧.୫, ଭବାନୀପାଟଣା ୧୧.୫, ଅନୁଗୁଳ ୧୨ ଡିଗ୍ରୀ ସହ ଦ୍ୱୈତ ନଗରୀ କଟକରେ ୧୪.୬ ଏବଂ ଭୁବନେଶ୍ୱରରେ ୧୪.୧ ଡାଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ବଡ଼ କଥା ହେଉଛି ଯେ ଏଥି ମଧ୍ୟରୁ ଅନେକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ତାପମାତ୍ରା ଯଥେଷ୍ଟ ହ୍ରାସ ହୋଇଛି । ଭୁବନେଶ୍ୱରରେ ସ୍ୱାଭାବିକ ତୁଳନାରେ ତାପମାତ୍ରା ୫.୩ ଡିଗ୍ରୀ କମ୍ ରହିଥିବା ବେଳେ ଅନୁଗୁଳରେ ୫.୮, ଝାରସୁଗୁଡ଼ାରେ ୬.୨ ଓ ଗୋପାଳପୁରରେ ତାପମାତ୍ରା ସ୍ୱାଭାବିକଠାରୁ ୫ ଡିଗ୍ରୀ କମ୍ ରହିଛି ।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ରାଜ୍ୟରେ ସପ୍ତାହେ ପର୍ଯ୍ୟନ୍ତ ଥଣ୍ଡା ଜାରି ରହିବ । ଶୁକ୍ରବାର ରାତିଠାରୁ କେତେକ ସ୍ଥାନରେ ରାତିର ତାପମାତ୍ରା ଆହୁରି କମିବ । ବ୍ରହ୍ମପୁର, ଭୁବନେଶ୍ୱର, ଭଦ୍ରକ, ପୁରୀ, ବାଲେଶ୍ୱରରେ ଶୁକ୍ରବାର ରାତିରୁ ପରବର୍ତ୍ତୀ ୩ ଦିନ ମଧ୍ୟରେ ତାପମାତ୍ରା ୧-୩ ଡିଗ୍ରୀ ହ୍ରାସ ପାଇବ । ୧୮ ପର୍ଯ୍ୟନ୍ତ ଏହା ଅପରିବର୍ତ୍ତିତ ରହିବ । ବାଲେଶ୍ୱରରରେ ୧୪ରୁ ୧୬ ଡିଗ୍ରୀ ସହ ବ୍ରହ୍ମପୁରରେ ୧୫-୧୭ ଡିଗ୍ରୀ, ରାଉରକେଲାରେ ୧୦-୧୨ ଡିଗ୍ରୀ, ସମ୍ବଲପୁରରେ ୧୩-୧୫ ଡିଗ୍ରୀ ତାପମାତ୍ରା ରହିପାରେ । ଅନ୍ୟାନ୍ୟ ସ୍ଥାନରେ ପ୍ରାୟତଃ ଆଜିର ତାପମାତ୍ରା ଚାଲୁ ରହିବ । ଆଭ୍ୟନ୍ତରୀଣ ଅପେକ୍ଷା ଉପକୂଳରେ ତାପମାତ୍ରା ଅଧିକ କମିବ । ୧୯-୨୧ ମଧ୍ୟରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୨-୩ ଡିଗ୍ରୀ ବଢ଼ିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି ।

ଭୁବନେଶ୍ୱର ଏୟାରପୋର୍ଟରେ ପ୍ରତି ୩୦ ମିନିଟ ଅନ୍ତରାଳରେ ନିଆଯାଇଥିବା ପର୍ଯ୍ୟବେକ୍ଷଣରୁ ଜଣାପଡ଼ିଛି ଯେ, ରାଜ୍ୟ ମଧ୍ୟକୁ ଗତକାଲି ରାତ୍ରି ୧୦ ଟା ପରଠାରୁ ଏପର୍ଯ୍ୟନ୍ତ କ୍ରମାଗତ ଭାବେ ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହିତ ହେଉଛି, ଯାହା ପ୍ରଭାବରେ ବିଭିନ୍ନ ସ୍ଥାନରେ ରାତିର ତାପମାତ୍ରା ତଳମୁହାଁ ହେଉଛି । ଏହି ଶୁଷ୍କ ବାୟୁ ଅନେକ ସ୍ଥାନରେ ଶୀତ ଲହରୀ ସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି । ସେହିପରି ଗୁରୁବାର ଆଇଏମ୍‌ଡି ପକ୍ଷରୁ ପ୍ରକାଶିତ ବିସ୍ତାରିତ ପରିସର ଆକଳନ ଅନୁଯାୟୀ ଆଗାମୀ ଦୁଇ ସପ୍ତାହ ଯାଏଁ (୧୪ ରୁ ୨୭ ତାରିଖ) ଦେଶର ବିଭିନ୍ନ ଭାଗରେ ସର୍ବନିମ୍ନ ରାତିର ତାପମାତ୍ରା କମ୍ ରହିବ । ଏହା ପ୍ରଭାବରେ ଶୀତଲହରୀର ସମ୍ଭାବନା ସୃଷ୍ଟି ହେବ । ଏହି ସମୟରେ ଓଡ଼ିଶାରେ ମଧ୍ୟ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହିବ ବୋଲି ଆଇଏମ୍‌ଡି ନିଜ ଆକଳନରେ ଦର୍ଶାଇଛି ।

## ଅନିଶ୍ଚିତତାରେ ସୁବର୍ଣ୍ଣରେଖା...

ଜନସ୍ୱାର୍ଥ ମାମଲା ଏବେ ବିଚାରାଧୀନ ରହିଛି । ଏହି ସବୁ ଦୃଷ୍ଟିରୁ ଏହି ମେଗା ପ୍ରକଳ୍ପର ଭବିଷ୍ୟତ ଅନିଶ୍ଚିତତା ଆଡକୁ ଟାଣି ହୋଇ ଯାଇଛି । ୨୦୦୬ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲଙ୍ଗଳେଶ୍ୱର କାଳିଝାଟି ପଡିଆରେ ଏକ ଜନସଭାକୁ ସମ୍ବୋଧିତ କରିବା ଅବସରରେ ଚୌମୁଖଠାରେ ଘରୋଇ ଉଦ୍ୟୋଗ ରେ ବନ୍ଦର ହେବ ବୋଲି ଘୋଷଣା କରିଥିଲେ । ପରେ ଚେନ୍ନାଇର କ୍ରିଏଟିଭ ପୋର୍ଟ ନାମକ ଏକ ସଂସ୍ଥା ଏମଓୟୁ ସରକାରଙ୍କ ସହିତ କରିଥିଲେ । ଅନ୍ୟ ଏକ ସହଯୋଗୀ ସଂସ୍ଥା ଏଥିରୁ ଓହରି ଯିବାରୁ ପ୍ରକଳ୍ପ କାର୍ଯ୍ୟ ଧିମେଇ ଯାଇଥିଲା । ଦୀର୍ଘ ଦିନର ବ୍ୟବଧାନ ପରେ ଟାଟା କମ୍ପାନୀ ଏଥିରେ ଯୋଡିବାରୁ ସୁବର୍ଣ୍ଣ ରେଖା ବନ୍ଦର ପ୍ରକଳ୍ପ କାର୍ଯ୍ୟ କିଛି ମାତ୍ରାରେ ଆଗେଇ ଥିଲା । ରାସ୍ତା ଓ ରେଳ କରିଡର ପାଇଁ କମ୍ପାନୀ ୪୦ ପ୍ରତିଶତ ଜମି ଅଧି ଗ୍ରହଣ କରିଥିଲେ । ଟାଟା ବାଲିଆପାଳ ଓ ବସ୍ତା ଅଞ୍ଚଳ ରେ ଲୋକଙ୍କ ନିକଟ ତର ହେବା ପାଇଁ ବିଭିନ୍ନ ସେବା ଶିବିର, ସଂସ୍କୃତିକ କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀଙ୍କୁ ମେଧା ବୃତ୍ତି, ଦିନ ଦରିଦ୍ରଙ୍କୁ ଆର୍ଥିକ ସହାୟତା ଆଦି ଦେଇ ଆସୁଛନ୍ତି । ଏଥିପାଇଁ କମ୍ପାନୀ କାଳିପଦା, ବାଲିଆପାଳ, ବାଲେଶ୍ୱର ସଦରରେ କାର୍ଯ୍ୟାଳୟ ମାନ ଖୋଲି ଛନ୍ତି । ତେବେ ବର୍ଷେ ହେବ ବନ୍ଦର କାମରେ ଧିମା ପଡ଼ିଥିବା ଦେଖିବାକୁ ମିଳିଛି । ଏ ବାବଦରେ ବାଲିଆପାଳ ସୂଚନା ଅଧିକାର ଅଭିଯାନ ସଂଘର ସଭାପତି ଅନୁଜ କୁମାର ମହାପାତ୍ର ଓ ବ୍ଲକ ଉପାଧ୍ୟକ୍ଷ ରାଜେଶ କୁମାର ଚୌଧୁରୀ ହାଇକୋର୍ଟର ଦ୍ୱାରସ୍ଥ ହୋଇ ଥିବା ବେଳେ କମ୍ପାନୀ ଉଚ୍ଚ ଅଧିକାରୀଙ୍କ ଠାରୁ କୌଣସି ଉତ୍ତର ମିଳିପାରିନାହିଁ ।

# ଷଣ୍ଢକୁ ପାରି କଲାବେଳେ ଦେବୀ ନଦୀରେ ୩ ନିଖୋଜ

କଣ୍ଟାପଡ଼ା,୧୩ା୧୧(ସମିସ): କଟକ ଜିଲ୍ଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ସିମଳଦା ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି । ଷଣ୍ଢ ପ୍ରତ୍ୟହ ଫସଲ ନଷ୍ଟ କରୁଥିବାରୁ ବ୍ୟଥିତ ହୋଇ ତାକୁ ନଦୀ ପାରି କରାଇବାକୁ ଚେଷ୍ଟା କରିଥିବା ତିନି ଜଣ ବ୍ୟକ୍ତି । ଗୁରୁବାର ଅପରାହ୍ନ ପ୍ରାୟ ୪ଟା ବେଳେ ସିମଳଦା ନିକଟରେ ପ୍ରବାହିତ ହେଉଥିବା ଦେବୀ ନଦୀରେ ନିଖୋଜ ହୋଇଯାଇଛନ୍ତି । ନିଖୋଜ ବ୍ୟକ୍ତିମାନେ ହେଲେ ଗୋବିନ୍ଦପୁର ଥାନା ଅନ୍ତର୍ଗତ ପାଇକପଡ଼ା ଗ୍ରାମର ଶଶି ଭୋଇ (୫୦), ବିଶିପଦା ଗ୍ରାମର ରତ୍ନାକର ଭୋଇ (୬୦) ଓ ନାହାଳପୁରର ଭରତ ପ୍ରଧାନ (୫୦) । ଘଟଣାସ୍ଥଳରେ ଉପରୋକ୍ତ ତିନି ଜଣଙ୍କ ପ୍ୟାଣ୍ଟ, ସାର୍ଟ ଓ ଚପଲ ନଦୀକୂଳରେ ପଡ଼ିଥିବା ଦେଖିବାକୁ ମିଳିଥିଲା । ଦୁର୍ଘଟଣା ସମ୍ପର୍କରେ ଖବର ପାଇବା ପରେ ଅଗ୍ନିଶମ ବାହିନୀ, ସ୍ଥାନୀୟ ପୁଲିସ ଏବଂ ଜନସାଧାରଣ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ସେତେବେଳକୁ ଷଣ୍ଢଟି ନଦୀର ଅଧା ପାଣିରେ ଛିଡ଼ା ହୋଇଥିଲା । ସମସ୍ତଙ୍କ ମିଳିତ ପ୍ରଚେଷ୍ଟାରେ ଷଣ୍ଢଟିକୁ ସୁରକ୍ଷିତ ଭାବେ କୂଳକୁ ଆଣିବାରେ ସକ୍ଷମ ହୋଇଥିଲେ । ତେବେ ଏ ଖବର ଲେଖା ହେବା ପର୍ଯ୍ୟନ୍ତ ନିଖୋଜ ତିନି ଜଣ ବ୍ୟକ୍ତିଙ୍କୁ ଠାବ କରିବାରେ ଅଗ୍ନିଶମ ବାହିନୀ ସକ୍ଷମ ହୋଇପାରି ନାହିଁ । ଦେବୀ ନଦୀରେ ଅଗ୍ନିଶମ ବାହିନୀ କର୍ମଚାରୀମାନେ ପାଣିରେ ପଶି ଖୋଜାଖୋଜି ଜାରି ରଖିଥିଲେ ମଧ୍ୟ ସନ୍ଧାନ ମିଳି ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି । ପ୍ରଶାସନ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଉଦ୍ୟମ ଜାରି ରଖିଛି ।

SDCCB
THE SAMBALPUR DISTRICT CO-OPERATIVE CENTRAL BANK
Letter No. 3842 Date: 12.11.2025
Quotation Call Notice
The Sambalpur District Co-operative Central Bank (SDCCB) invites Quotation call notice for UPS and Batteries for Various Branches & H.O. under the Sambalpur District Co-operative Central Bank Ltd. (SDCCB), Bargarh, Odisha. For details please visit Bank's website: www.sambalpurdccb.bank.in. The last date for receipt of proposal is 20.11.2025, 2:00 P.M.SDCCB reserves the right to accept/reject any/all Quotation without assigning any reason thereof.
Sd/-Chief Executive Officer
THE SAMBALPUR DISTRICT CO-OPERATIVE CENTRAL BANK
HEAD OFFICE: BARGARH – 768028
Email: headoffice@sambalpurdccb.com

ଭା.କ.ନି. CCI
ଭାରତୀୟ କପା ନିଗମ ଲିମିଟେଡ୍
ଶାଖା କାର୍ଯ୍ୟାଳୟ: ରାୟଗଡା
ଭବନାରାୟଣ ନୀଳୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧
ମୋବାଇଲ ଆପ
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୧୩.୧୧.୨୦୨୫
କପା ଚାଷୀଙ୍କୁ ଆହ୍ୱାନ
ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ । ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ ।
ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି ।
ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ ।
ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ । କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ ।
ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି । ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ ।
ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ ।
ସ୍ୱା/-ଶାଖା ପ୍ରମୁଖ

LOST
By virtue of an affidavit, I, Manisha Khatua, W/o Ranjeet Kumar Dalai, Village/PO/P.S-Erasama, Dist.- Jagatsinghpur solemnly affirm that I have obtained an original sale deed no. 10392306357, dt.04.05.2023 after registration of land bearing Khata No. 686/3286, Plot No. 704/9394 of Mouza - Adalia. That unfortunately, the said sale deed has been lost somewhere while I was going to Erasama Bazar from my residence situated at Erasama on 19.10.2025. That inspite of my best effort, I could not able to trace out it. That I declare that I have not mis-utilised the said sale deed any anywhere for any purpose. If found by anybody kindly inform at my above address.

AFFIDAVIT
I, Ranjan Kumar Agrawala, aged about 58 years, S/o- Ramotar Agrawala, resident of Tikrapada, Po- Balangir, Ps- Town, Bolangir, Dist- Balangir, Odisha, PIN-767001 declare by this affidavit No. 2301, dtd-13/11/2025, that now onwards I shall be known as **RANJAN KUMAR AGRAWAL** for all future purposes.

NOTICE
By virtue of an affidavit sworn before the Notary Public, Cuttack, dated 12.11.2025, I, Ahalya Kumari Jena, D/o- Bhagirathi Jena, W/o- Late Bipin Bihari Jena, permanent resident of At-154, Nuabazar, P.O.- Paradeep, P.S.- Paradeep, Dist.- Jagatsinghpur, Odisha, PIN–754142, have changed my name and surname from Ahalya Swain to Ahalya Kumari Jena. Henceforth, I shall be known as **Ahalya Kumari Jena** for all purposes.
Ahalya Kumari Jena

NOTICE
By virtue of an affidavit sworn before the Notary Public, Cuttack, dated 06.11.2025, I, Pratap Kumar Samantaray, S/o- Jambeswar Samantaray, resident of At- Chhakadipur, P.O.- Biribadi, P.S.- Tangi, Dist.-Khorda, Odisha, PIN–752027, have changed my name from Pratap Samantaray to Pratap Kumar Samantaray. Henceforth, I shall be known as **Pratap Kumar Samantaray** for all purposes.
Pratap Kumar Samantaray

NOTICE
By virtue of an Affidavit sworn before the Notary Public, Bhubaneswar, Dtd. 09/10/2025. I Kishor Chandra Rout, S/o: Late Chakradhar Rout, Resident of At: Govindapur, P.O.: Gadadhar Prasad, Via: Itamati, P.S.: Itamati, Dist.: Nayagarh, Odisha, PIN-752068, have changed my name from Kishor Chandra Raut to **Kishor Chandra Rout** & my father's name also have changed from Chakradhar Raut to **Chakradhar Rout** & my mother's name also changed from Chhatiani Raut to **Chhatiani Rout** for all purposes.

AFFIDAVIT
By virtue of an affidavit before the Notary Public, Titilagarh, on dated- 08/11/2025. I, **Panchu Bag** (applicant name), S/o Anama Bag, permanent resident of AT-Jugirata, PO- Haldi, PS- Muribahal, Dist-Balangir, (Odisha), PIN- 767037 now residing at the same place declare that I have changed my minor son's name from **Jituranjan Bag** (old name) to **Jitumani Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he shall be known as **Jitumani Bag** (new name) for all future purposes.
Panchu Bag

AFFIDAVIT
I, Sujay Pattanayak, age- 45 , S/o- Shripati Pattanayak of village - Palasia, Po- Kothapada, Ps- Basta, Dist- Balasore,Odisha . declared by affidavit before In The Court of Executive Magistrate and Tahasildar,Basta No- 3345,dtd-04/09/2025 that as per aadhar card and pan card my name is Sujay Pattanayak but my R.O.R Moza–Palasia,PS-Basta Thana no-113,Khata no-94/19 & 94/29 recorded my name with my brothers and my name mentioned as Sujay Pattanayak S/o- Sripati Pttnayak, and khata no-94/17 & 94/51 recorded my name with my brother's name Sujay kumar Pattanayak , and Khata No- 94/16 recorded my name with my brothers and my name is mentioned Sasanka Pattanayak s/o- Sripati Kumar Pattanayak . Hence I Declared that **Sujay Pattanayak alias Sujay Kumar Pattanayak alias Sasanka Pattanayak, S/o- Sripati Pattanayak alias Shripati Pattanayak alias Sripati Kumar Pattanayak** is same and one person there is no other person in that name and style in above noted address for all future purpose .
Sujay Pattanayak

AFFIDAVIT
By virtue of an affidavit sworn before the Executive Magistrate Padampur, Dist.- Bargarh dated 11th November 2025, CF No.-05, I Atmaram Satnami aged about 33 years, S/o.- Habelal Satnami, resident of village- Sikaripali, Ps.-Jagdalpur, Block- Jharbandh, Dist.- Bargarh, Pin- 768042 hereby declares that for and on behalf of my minor daughter Hatasini Satnami. I have changed my minor doughter's name from **Htasini Satnami to Hatasini Satnami**. Hance she will be known as **Hatasini Satnami** for all future purposes.

AFFIDAVIT
By virtue of an affidavit sworn before Executive Magistrate, Bhubaneswar, CF No. 106 on dated 11.11.2025, I Nilanchala Patro, currently resident at Pragati Vihar, Plot No-211/5796, Bhubaneswar, PIN-751016 Dist- Khordha, Odisha, declare that I have changed my son's name from Rudransu Patro to Rudransh Patro. Henceforth, He shall be known as **RUDANSH PATRO** for all future purposes.
Nilanchala Patro

AFFIDAVIT
By virtue of an affidavit sworn before Executive Magistrate, Rayagada, dated 07/11/2025, I, P. RUVIAH resident of Village- Lelibadi, Po.- Dunduli, Ps.- Chandili, Dist.- Rayagada, Odisha vide affidavit no. 1018 dtd. 07.11.2025 declare that, I have changed my name from **RUAI PEDENTI** to **P. RUVIAH**. Henceforth, I shall be known as **P. RUVIAH** for all purposes.
Sd/- P. Ruviah

AFFIDAVIT
I Sarbajeet Pattnaik S/o- Late Biswanath Pattnaik resident of Patrapada PO- Dumduma Housing Board Colony PS- Bharatpur Dist- Khordha PIN-751019 Odisha declare by this affidavit No 693 dtd- 11/11/2025 that now onwards I shall be known as **Sarbajeet Pattanaik** for all future purposes.

AFFIDAVIT
By virtue of an affidavit sworn before the Executive Magistrate, Sohela dated 13/11/2025 I Taranisen Budhia resident of Village Jampali P/O.- Tungibandhali, P/S.- Sohela, Dist.- Bargarh, Pin-768033 declare that I have changed my son name **Dev Budhia** to **Devranjan Budhia**. Henceforth he shall be known as **Devranjan Budhia** for all purpose.

AFFIDAVIT
By virtue of an affidavit before the Notary Public, Kodala, Ganajm, I, A Jyothi Patra, D/o- Tarakeswar Rao Nalla And W/o- A Manoja Kumar Patra, resident of Vill.- Beguniapada, P.S.- Beguniapada, Dist.- Ganjam, Odisha (PIN-761031), do hereby declare that I have changed my name from JYOTHI BALLA to **A JYOTHI PATRA**. Henceforth, I shall be known as **A JYOTHI PATRA** for all purposes.
Sd/- A JYOTHI PATRA

NOTICE
By virtue of an affidavit sworn before Executive Magistrate, Rairakhol, dated 29/10/2025, I Pradeep Mukhi, S/o- Durjodhan Mukhi, resident of Village- Samsingha, Poa.- Kadaligarh, Ps.- Rairakhol, Dist.- Sambalpur, Odisha, Pin- 768106 declare that, I have changed the name of my minor daughter from **Smitarani Mukhi** to **Priya Mukhi**. Henceforth, she shall be known as **Priya Mukhi** for all purposes.
Sd/- Pradeep Mukhi

CHANGE OF NAME
I,**SAPANA MAHARANA** (OLD NAME) as per Board of SSC marks list. Orissa. residing at Plot.No.55, Nagarjuna Hills, Punjagutta,Hyderabad.,Telengana-500082. Hereby declare that I have changed my name as **SAPNA MAHARANA** (NEW NAME) (Aadhar Card) D/o DEENABANDHU MAHARANA.

AFFIDAVIT
I, Bhupesh Kumar Gandha, aged about 60 years, S/o- Late Laxmidas Kalyanji, resident of At- Back side of Mafidar Building, Cox Colony, Dist- Jharsuguda, Odisha, Pin- 768203 declare by this affidavit No. CF No-5943, dated-13/10/2025 that now onwards I shall be known as **BHUPESH GANDHA** for all future purposes.

### ସମବାୟ ସମିତି କାର୍ଯ୍ୟାଳୟ ନିର୍ମାଣ ନେଇ ଅନିଶ୍ଚିତତା

# ସରିବାକୁ ବସିଲାଣି ଅବଧି; ଖୋଜା ଚାଲିଛି ଜମି

**ଦୋବଲ, ୧୩।୧୧(ସମିସ)**

ଧାମନଗର ବ୍ଲକ ଦୋବଲ ସେବା ସମବାୟ ସମିତି କାର୍ଯ୍ୟାଳୟ ନିର୍ମାଣରେ ଅନିଶ୍ଚିତତା ଦେଖାଦେଇଛି। ନିର୍ମାଣ ଅବଧି ସରିବାକୁ ବସିଥିବାବେଳେ ଏବେ ଜମି ଖୋଜା ଚାଲିଛି। ଆସନ୍ତା ୨୦୨୬ ମସିହା ଜାନୁୟାରୀ ୨୬ ସୁଦ୍ଧା ନିର୍ମାଣ ସରିବ। ଏଥିଲାଗି ୨୦୨୫ ଅଗଷ୍ଟ ପହିଲାରୁ କାମ ଆରମ୍ଭ ହେବା କଥା। ଆଜି ଯାଏ କିନ୍ତୁ ଜମି ଚିହ୍ନଟ ହୋଇପାରିନାହିଁ। ଧାମନଗର ବ୍ଲକ ଦୋବଲ ସେବା ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଓ ଗୋଦାମ ଘର ନିର୍ମାଣକୁ ନେଇ ଏଭଳି ପରିସ୍ଥିତି ଦେଖାଦେଇଛି। ଦୋବଲ, ମୁସ୍ତଫାପୁର, ଖଡ଼ିପଦା, ଆନନ୍ଦପୁର ଓ କରଦାର କିଛି ଅଂଶ ବା ୧୭ଟି ରାଜସ୍ୱ ଗ୍ରାମର ଚାଷୀଙ୍କୁ ନେଇ ଦୋବଲ ସେବା ସମବାୟ ସମିତି ୧୯୬୮ରେ ଗଠନ ହୋଇଥିଲା। ଏବେ ସମିତିରେ ପ୍ରାୟ ୨୦୦୦ ଚାଷୀ ସଦସ୍ୟ ଅଛନ୍ତି। ଆରମ୍ଭରୁ ଗୋଟିଏ ଛୋଟିଆ ଆଜବେଷ୍ଟସ ଛପର ଘରେ ଅଫିସ ଆରମ୍ଭ ହୋଇଥିଲା। ପରେ ତା ପାଖକୁ ଗୋଦାମ ଘରଟିଏ ନିର୍ମାଣ




କରାଯାଇଥିଲା। ଦୀର୍ଘ ବର୍ଷର ଘର ବର୍ଷା ଖରା ଯୋଗୁଁ ନଷ୍ଟ ହୋଇଯାଇଥିଲା। ନୂଆ ଘର ଓ ଗୋଦାମ ଘର ନିର୍ମାଣ ଲାଗି ବହୁ ବର୍ଷ ଧରି ଦାବି ହୋଇ ଆସୁଥିଲା। ନିକଟରେ ଘର ନିର୍ମାଣ ପାଇଁ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉଦ୍ୟମରୁ ଅର୍ଥ ମଞ୍ଜୁର ହୋଇଥିଲା। ପ୍ରାୟ ୨୪ ଲକ୍ଷ ଟଙ୍କାରେ ଅଫିସ ଗୃହ ଓ ୫୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଘର ନିର୍ମାଣ ଲାଗି ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟେଣ୍ଡର ଫାଇନାଲ ହେବା ସହ ଠିକାଦାର ମଧ୍ୟ ଚୟନ ହୋଇସାରିଛନ୍ତି। ଅପରପକ୍ଷରେ ପୁରୁଣା ଘରୁ ଅଫିସକୁ ଏକ ଭଡ଼ା ଘରକୁ ସ୍ଥାନାନ୍ତର କରାଯାଇଛି। ସେହିଠାରେ ଅଫିସ କାମ ହେଉଛି। ସରିତା ଦାସଙ୍କୁ ଠିକା ମିଳିଥିବାରୁ ସେ ଅଫିସ ଗୃହ ଓ ଗୋଦାମ ଘର ନିର୍ମାଣ ଲାଗି ଜାଗା ଖୋଜୁଛନ୍ତି। ପ୍ରଶାସନ ପକ୍ଷରୁ ତାଙ୍କୁ ଦୋବଲ, ମୁସ୍ତଫାପୁର-ଧାମନଗର ରାସ୍ତାର ଘୋଡ଼ାଗଣ୍ଡ ନାଳ ପାଖ ପ୍ରସ୍ତାବିତ ନୂଆ ବସଷ୍ଟାଣ୍ଡ ନିକଟରେ ନିର୍ମାଣ ଲାଗି କୁହାଯାଇଥିଲା। ହେଲେ ଏହାକୁ ସ୍ଥାନୀୟ ଲୋକେ ଗ୍ରହଣ କରିନଥିଲେ। ଏହା ଦୋବଲ ସେବା ସମବାୟ ସମିତି ଭାବେ ନାଁ ରହିଛି। ନିର୍ମାଣ ସ୍ଥଳଟି ମୁସ୍ତଫାପୁର ପଞ୍ଚାୟତ ଅଧିନରେ ଆସୁଛି। ସରକାରଙ୍କ ନୂଆ ନିୟମ ଅନୁସାରେ ପ୍ରତି ପଞ୍ଚାୟତରେ ଏକ ସମବାୟ ସମିତି ସ୍ଥାପନ କରାଯିବ। ଏପରି ହେଲେ, ବହୁ ବର୍ଷର ପୁରୁଣା ଦୋବଲ ସେବା ସମବାୟ ସମିତିର ନାଁ ବୁଡ଼ିଯିବ। ଏଣୁ ସେହି ପୁରୁଣା ଜାଗାରେ ହିଁ ସମିତି ଘର ଓ ଗୋଦାମ ଘର କରିବାକୁ ଚାଷୀ ଦାବି କରୁଛନ୍ତି। ଅନ୍ୟପକ୍ଷରେ ଶାସକ ଦଳର କିଛି କର୍ମୀ ନୂଆ ଜାଗାରେ କରିବାକୁ କହୁଛନ୍ତି। ଏହି ଟଣାଓଟରା ଭିତରେ ଠିକାଦାର ଫସିଛନ୍ତି। ପ୍ରସ୍ତାବିତ ୫୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଘର ନିର୍ମାଣ ଲାଗି ପୁରୁଣା ସ୍ଥାନରେ ଜାଗା ଅଛି। ମାତ୍ର ୨୦୦୦ ବର୍ଗଫୁଟ ଜମି ହେଲେ ଗୋଦାମ ଘର ହୋଇଯିବ। ସେହିପରି ଆଉ ୧୫୦୦ ବର୍ଗଫୁଟରେ ସୁନ୍ଦର ଅଫିସ ଘର ହୋଇଯିବ। ଏଣୁ ସେହି ପୁରୁଣା ଜାଗାରେ ନିର୍ମାଣ ଲାଗି ଦାବି ଜୋର ହେଉଛି। ଅପର ପକ୍ଷରେ କାର୍ଯ୍ୟାଦେଶ ଅନୁସାରେ ନିର୍ମାଣ ଅବଧି ବି ସରି ଆସୁଛି। ଏଣୁ ଅବଧି ଭିତରେ ନିର୍ମାଣ ନ ହେଲେ ଟଙ୍କା ଫେରିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ସେପଟେ ଏଭଳି ସ୍ଥିତି ନେଇ ସେବା ସମବାୟ ସମିତିର ସମ୍ପାଦକ ରାମଚନ୍ଦ୍ର କର କିଛି କହିବାକୁ ମନା କରିଛନ୍ତି।

# ଲୁଟ୍ ଅଳଙ୍କାର ଓ ରୁପା ଉଦ୍ଧାର; ଅଭିଯୁକ୍ତ ଗିରଫ

**ଭଦ୍ରକ, ୧୩।୧୧(ସମିସ):** ଭଦ୍ରକ ଟାଉନ ଥାନା ଆଧିକାରୀ ପ୍ରଭାଂଶୁ ମିଶ୍ରଙ୍କୁ ମିଳିଛି ବଡ଼ ସଫଳତା। ଚରମ୍ପା ଅଞ୍ଚଳରେ ଘଟିଥିବା ଲୁଟ୍ ଘଟଣାର ପର୍ଦ୍ଦାଫାସ କରି ଶ୍ରେୟ ନେଇଛି ଭଦ୍ରକ ପୁଲିସ। ପ୍ରଥମେ ଚରମ୍ପା ଷ୍ଟେସନ ରୋଡ଼ରୁ ବାଇକ ଡିକିରୁ ୪.୬ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ସଫଳତା ପରେ ପୁଣି ଆଜି ମିଳିଛି ଆଉ ଏକ ସଫଳତା। ପ୍ରକାଶ ଥାଉକି, ୩ ଦିନ ତଳେ ଅର୍ଥାତ ଗତ ସୋମବାର ଚରମ୍ପା ସ୍ଥିତ ଏକ ଜଳଖିଆ ଦୋକାନାରେ ନିଜ ଶିଶୁକୁ ଖାଇବାକୁ ଅଟକି ଥିବା ବେଳେ ଜଗତସିଂହପୁର ଅଞ୍ଚଳର ଚିନ୍ମୟୀ ସାହୁ ଭ୍ୟାନେଟି ବ୍ୟାଗଟି ଚୋରି ହୋଇଯାଇଥିଲା। ସେଥିରେ ପାଖାପାଖି ୧୦ ଭରି ସୁନା ଓ ୨୫ ଗ୍ରାମ ରୁପା ଅଳଙ୍କାର ଥିଲା ବୋଲି ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କ ନିର୍ଦ୍ଦେଶ କ୍ରମେ ଟାଉନ ଥାନା ଆଧିକାରୀ ଶ୍ରୀ ମିଶ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯିବ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ତେବେ ବେଳେ ପୁଲିସ ଜଣଙ୍କୁ ଗିରଫ କରି ଥିବା ବେଳେ ଚିରି ହୋଉଥିବା ସୁନା ଓ ରୁପା ଅଳଙ୍କାର ଉଦ୍ଧାର କରିଛି। ଅଭିଯୁକ୍ତ ଜଣକ





ନାବାଳକ ହୋଇଥିବା ବେଳେ ଏହାର ମୁଖ୍ୟ ଆସାମୀ ଫେରାର ରହିଛି। ତେବେ ଚରମ୍ପା ଅଞ୍ଚଳର ଘଟିଥିବା ୨ଟି ଲୁଟ ଘଟଣାରେ ଟାଉନ ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଇଛି। ସୂଚନାଯୋଗ୍ୟ, ଗତ ୧୦ ତାରିଖ ଜଗତସିଂହପୁର ଜିଲା ତିର୍ତ୍ତୋଲ ଅଞ୍ଚଳର ପଦ୍ମନାଭ ସ୍ୱାଇଁ ଓ ତାଙ୍କ ପତ୍ନୀ ଚିନ୍ମୟୀ ସ୍ୱାଇଁ କଟକରୁ ବାଲେଶ୍ୱର ଅଭିମୁଖେ ଏକ ବାଇକ୍ ଯାଉଥିଲେ। ଚଟମ୍ପା ନିକଟରେ ଥିବା କପିଳା ସାହୁଙ୍କ ଦୋକାନରେ ନିଜର ଛୁଆକୁ ଖୁଆଉ ଥିବା ବେଳେ ସୁନା ଗହଣା ଥିବା ବ୍ୟାଗକୁ ଦୋକାନ ବେଞ୍ଚରେ ରଖିଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ବ୍ୟାଗଟିକୁ ନେଇ ଚମ୍ପଟ ମାରିଥିଲେ। ପରେ ପୁଲିସ ସିସିଟିଭି ଯାଞ୍ଚକରି ଅଭିଯୁକ୍ତକୁ ଗିରଫ କରିଛି। ଏହି ଲୁଟେରା ପାଖରୁ ୮୦ ଗ୍ରାମ ସୁନା ଅଳଙ୍କାର ଓ ୭୦ ଗ୍ରାମର ରୁପା ଅଳଙ୍କାର ଜବତ ହୋଇଛି। ଗିରଫ ଅଭିଯୁକ୍ତ ନାବାଳକ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଖୋଜୁଛି।

## ବାଳିକା ହାଇସ୍କୁଲରେ ମହତାବଙ୍କ ଜୟନ୍ତୀ



**ବନ୍ତ/ଆଗରପଡ଼ା, ୧୩।୧୧(ସମିସ):** ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲରେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଉତ୍କଳକେଶରୀ ଡ.ହରେକୃଷ୍ଣ ମହତାବଙ୍କ ସରକାରୀ ସ୍ତରରେ ଚାଲିଥିବା ବର୍ଷେ ତମାମ ୧୨୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିଶିଷ୍ଟ ଐତିହାସିକ ତଥା ଗବେଷକ ଡ. ଭାଗବତ ତ୍ରିପାଠୀ, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ପଦ୍ମନ ରାୟ ଅତିଥିଭାବେ ଯୋଗଦେଇ ଡ.ମହତାବଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସହକାରୀ ଶିକ୍ଷକ ଅଜିତ ରାଉଳ ସ୍ୱାଗତ ଭାଷଣ, ବିରେନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୈଳାସ ପଣ୍ଡା, ଭୀମସେନ ପାଳ, ପ୍ରମୋଦିନୀ ସାହୁ, ଭାଗ୍ୟଶ୍ରୀ ପଣ୍ଡା, ରଞ୍ଜିତା ଶିଅଳ, ବନଜିନୀ ନାୟକ, ସାଗରିକା ମହାନ୍ତି, ବିଦ୍ୟୁତଲତା ଦାସ, ସାବିତ୍ରୀ ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଧର୍ମପରାୟଣାଙ୍କ ସ୍ମୃତିସଭା



**ଭଣ୍ଡାରିପୋଖରୀ/ବାରିକପୁର, ୧୩।୧୧ (ସମିସ):** ପ୍ରତିଭା ଜାଗରଣ ମଞ୍ଚ ଆନୁକୂଲ୍ୟରେ ଧର୍ମପରାୟଣା ମହିଳା ଅନ୍ନପୂର୍ଣ୍ଣା ଦେବୀଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ରାଜେନ୍ଦ୍ରପୁରଠାରେ ଶିକ୍ଷାବିତ କିଶୋର ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଞ୍ଜନ ନାୟକ, ଇଂ. ବସନ୍ତ ପାଣିଗ୍ରାହୀ, ଧାମନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ବେଜ, ଶିକ୍ଷାବିତ ବିଷ୍ଣୁଚରଣ ଜେନା, 'ଅଞ୍ଜଳି'ର ସମ୍ପାଦକ ପ୍ରକାଶ ମହାପାତ୍ର, ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଗୟାଧର ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ରୁକ୍ମିଣୀ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ବିଶ୍ୱାଳ, ହରିଶ୍ଚନ୍ଦ୍ର ଜେନା, ମଧୁସୂଦନ ଜେନା, ନାରାୟଣ ପାଢ଼ୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଅନ୍ନପୂର୍ଣ୍ଣା ଦେବୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ନିରବ ପ୍ରାର୍ଥନା କରାଯାଇଥିଲା। ସୁରଞ୍ଜନ ପଣ୍ଡା ମା'ଙ୍କ ସ୍ମୃତିଚାରଣ ସହ କୃତଜ୍ଞତା ଜ୍ଞାପନ କରିଥିଲେ।

### ବନ୍ଦେ ମାତରଂ ରଚନାର ୧୫୦ ବର୍ଷ ପୂର୍ତ୍ତି

# ଏନ୍‌ସିସି କ୍ୟାଡେଟ୍‌ଙ୍କ ବିଶାଳ ତ୍ରିରଙ୍ଗା ରାଲି



**ଭଦ୍ରକ, ୧୩।୧୧(ସମିସ):** ଭଦ୍ରକ ଏନ.ସି.ସି (ସ୍ଥଳ ଓ ନୌସେନା ବିଭାଗ) ତରଫରୁ ଆଜି ବନ୍ଦେ ମାତରଂର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏନସିସି କ୍ୟାଡେଟଙ୍କ ଦ୍ୱାରା ଏକ ତ୍ରିରଙ୍ଗା ରାଲି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦.୩୦ରେ ଭଦ୍ରକ ଜିଲ୍ଲା ସ୍କୁଲରେ ଜିଲ୍ଲାପାଳ ଦିଲୀପ ରାଉତରାଏ ଯୋଗଦେଇ ମହାତ୍ମା ଗାନ୍ଧୀ ଓ ସୁବାଷ ଚନ୍ଦ୍ର ବୋଷ ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କର କାର୍ଯ୍ୟକ୍ରମକୁଉଦଘାଟନ କରିଥିଲେ। ଏଥିରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, କମାଣ୍ଡିଂ ଅଫିସର ଓ କମାଣ୍ଡର ସୁଦିପ କୁମାର ସାହୁଙ୍କ ସମେତ ଶତାଧିକ ଏନ.ସି.ସି କ୍ୟାଡେଟ୍ ଭାଗ ନେଇଥିଲେ। ଅପରାହ୍ନ ୪.୩୦ରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରୁ ଏକ ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ଜିଲ୍ଲାରୁ ଆସିଥିବା ଏନ.ସି.ସି କ୍ୟାଡେଟ୍‌ଙ୍କୁ ତ୍ରିରଙ୍ଗା ରାଲି ପାଇଁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ହାତରେ ଏକ ବିଶାଳ ତ୍ରିରଙ୍ଗା ଧରି ଭାରତ ମାତା କୀ ଜୟ ଓ ବନ୍ଦେ ମାତରଂ ସ୍ଲୋଗାନ ଦେଇ ଜିଲ୍ଲା ସ୍କୁଲ ଅଭିମୁଖେ ଯାତ୍ରା କରିଥିଲେ। ଜନସାଧାରଣଙ୍କ ଉପସ୍ଥିତିରେ ସେହି ସ୍ଥାନଟିରେ ଏକ ଜାତୀୟତାବୋଧ ପରିବେଶ ସୃଷ୍ଟି ହୋଇଥିଲା। ଜିଲ୍ଲା ସ୍କୁଲରୁ ରାଲିଟି ପୁଣି ପ୍ରତ୍ୟାବର୍ତ୍ତନ କରି ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ପରେ ସେଠାରେ ଏନ.ସି.ସି କ୍ୟାଡେଟ୍‌ଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମନ୍ତ୍ରୀ ବିଭିନ୍ନ ବିଭାଗରେ କୃତକାର୍ଯ୍ୟ ହୋଇଥିବା ଏନ.ସି.ସି କ୍ୟାଡେଟ୍‌ଙ୍କୁ ଉପଢୌକନ ପ୍ରଦାନ କରିବା ସହିତ ଜାତୀୟ ଏକତା ବିଷୟରେ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ବିର୍ଶା ମୁଣ୍ଡା, ସୁବାଷ ଚନ୍ଦ୍ର ବୋଷ ଓ ଅନେକ ମହାନ ବ୍ୟକ୍ତିତ୍ୱଙ୍କ ରାଷ୍ଟ୍ରଭକ୍ତି କିପରିଭାବରେ ଦେଶର ଶକ୍ତି ଓ ଅଗ୍ରଗତିରେ ମୂଳ ଆଧାର ହୋଇଛି ତାହା ପ୍ରକାଶ କରିଥିଲେ ଓ ଆମେ ସମସ୍ତେ ଏକ ଭାବନାରେ ଏକତା ବଦ୍ଧ ହୋଇ ଆମ ଦେଶର ସମୃଦ୍ଧି, ସୁଖ ଓ ଶାନ୍ତି ପାଇଁ ପ୍ରୟାସ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ।

## କେନାଲ ରାସ୍ତା ନବୀକରଣ କାର୍ଯ୍ୟ ଆରମ୍ଭ

**ବାରିକପୁର, ୧୩।୧୧(ସମିସ):** ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ହସ୍ତକ୍ଷେପ ପରେ ବଡକୋଳିପଦୀ ମାଇନର ରାସ୍ତାର ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଉକ୍ତ କେନାଲ ରାସ୍ତାର ପାଳଦା ମଣୀନାଥପୁର ପୂର୍ତ୍ତ ରାସ୍ତା ଠାରୁ ବସଷ୍ଟାଣ୍ଡକୁ ସଂଯୋଗ କରୁଛି। ଦୀର୍ଘ ୧୫/୨୦ ବର୍ଷ ହେବ ଏହି କ୍ଷୁଦ୍ର ରାସ୍ତାଟି ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ବର୍ଷେ ଦୁଇ ବର୍ଷରେ ଥରେ ଜଳସମ୍ପଦ ବିଭାଗ ଏହା ଉପରେ ନାଲିଗୋଡି କିଛି ପକାଇ ଦେଇ କାମ ସାରି ଦେଉଥିଲା। ଖରାଦିନେ ଯଥେକଷ୍ଟେ ଲୋକେ ଯାତାୟାତ କରୁଥିବା ବେଳେ ବର୍ଷା ଋତୁ ଆସିଲେ ଦୁଃଖ ବଢ଼ିଯାଏ। ଶିକ୍ଷାବିତ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ଓ ସ୍ଥାନୀୟ ଲୋକେ ଏନେଇ ଲିଖିତ ଭାବେ ପଦାଧିକାରୀଙ୍କୁ ଜଣାଇଥିଲେ। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ବିଧାୟକ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ଏହାର ମରାମତି ନୁହେଁ ବରଂ ନବୀକରଣ କାର୍ଯ୍ୟ ଆରମ୍ଭ କରିବାକୁ କହିଥିଲେ। ତଦନୁଯାୟୀ ଦୁଇ ମାସ ମଧ୍ୟରେ ଏଷ୍ଟିମେଟ ହେବା ପରେ ଟେଣ୍ଡର ଜରିଆରେ ଏବେ ତିନି ଶହ ମିଟର କେନାଲ ରାସ୍ତାର କଂକ୍ରିଟ ନିର୍ମାଣ ହେବାକୁ ଯାଉଛି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଖୁସି ଦେଖାଯାଇଛି।





## ବ୍ଲକ୍‌ରେ ବହୁ ପ୍ରାଥମିକ ବିଦ୍ୟାଳୟ ବିପଦସଂକୁଳ

**ବାରିକପୁର, ୧୩।୧୧(ସମିସ):** ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ସଦୃଢ଼ିକରଣ ପାଇଁ ସର୍ବଶିକ୍ଷା ଅଭିଯାନ ଆରମ୍ଭ ହୋଇଥିଲା। 'ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ' ସ୍ଲୋଗାନ ଜରିଆରେ ଛାତ୍ରଛାତ୍ରୀ ବିଦ୍ୟାଳୟ ଅଭିମୁଖୀ ହୋଇଥିଲେ। ଏଥିପାଇଁ ଗାଁଠାରୁ ସହର ବସ୍ତି ଯାଏଁ ସବୁଠି ନୂତନ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ପ୍ରାୟ ୩୦ରୁ ୩୨ଟି ସ୍ଥାନରେ ବିଦ୍ୟାଳୟ ନିର୍ମାଣ ହୋଇଥିଲା। ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏଁ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନ କରୁଥିଲେ। ବିଶେଷ କରି ଛୋଟଛୋଟ ଗାଁରେ ବିଦ୍ୟାଳୟ ନଥିବା ବେଳେ ସର୍ବଶିକ୍ଷା ଅଭିଯାନ ଯୋଗୁଁ ସେଠାରେ ପ୍ରାଥମିକ ଶିକ୍ଷାର ଭିତ୍ତିଭୂମି ପଡ଼ିଥିଲା। ସବୁ କିଛି ଠିକ୍ ଚାଲିଥିବାବେଳେ ହଠାତ୍ ଯୋଜନାକୁ ବନ୍ଦ କରିଦିଆଗଲା। ନିର୍ମାଣାଧୀନ ବିଦ୍ୟାଳୟକୁ ପାଖ ବିଦ୍ୟାଳୟଗୁଡ଼ିକରେ ମିଶାଇ ଦିଆଗଲା। ଏବେ ବ୍ଲକର ବନ୍ଦ ହୋଇଥିବା ବିଦ୍ୟାଳୟ ମଧ୍ୟରୁ ଅନେକ ଗୃହ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଗାଁ ମୁଣ୍ଡରେ ଥିବା ବିଦ୍ୟାଳୟ ଏବେ ଭୂତକୋଠିରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। କେତେକ ବିଦ୍ୟାଳୟ ପରିସର ଲତାଗୁଳ୍ମରେ ଭର୍ତ୍ତି ହୋଇଗଲାଣି। ଏପରିକି ପରିସର ସରିସୃପଙ୍କ ବାସସ୍ଥଳୀ ପାଲଟିଛି। ବନ୍ଦ ହୋଇଥିବା ବିଦ୍ୟାଳୟ ଗୃହ ଗୁଡିକ ମଧ୍ୟରୁ କେତୋଟି ସରକାରୀ କାର୍ଯ୍ୟାଳୟରେ ପରିଣତ ହୋଇଛି ଏବଂ ଆଉ କେତୋଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ତାହାର ହିସାବ ମଧ୍ୟ କାହାରି ପାଖରେ ନାହିଁ। କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ନିର୍ମିତ ହୋଇଥିବା ଗୃହଗୁଡିକର ରକ୍ଷଣାବେକ୍ଷଣ କରିବା ନିମନ୍ତେ ପ୍ରଶାସନ ଭୁଲି ଯାଇଥିବା ନେଇ ଚର୍ଚ୍ଚା ହେଉଛି।

# ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'; ମନସ୍ମିତା ଚାମ୍ପିଅନ

**ବନ୍ତ/ଆଗରପଡ଼ା, ୧୩।୧୧(ସମିସ):** ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଜିଲ୍ଲାର ୭ଟି ବ୍ଲକ ମଧ୍ୟରୁ ବନ୍ତ ବ୍ଲକ ସଫଳତାର ଶୀର୍ଷ ସ୍ଥାନ ଅଧିକାର କରିଥିଲା। ବରିଷ୍ଠ ବିଭାଗ ତର୍କରେ ପିଏମଶ୍ରୀ ହାଇସ୍କୁଲ, ସେଣ୍ଡିରା ଛାତ୍ରୀ ଶୁଭଲକ୍ଷ୍ମୀ ଦାସ ପ୍ରଥମ ସ୍ଥାନ, ବରିଷ୍ଠ ବିଭାଗ ପତ୍ରଲିଖନରେ ପିଏମଶ୍ରୀ ହାଇସ୍କୁଲ, ସେଣ୍ଡିରା ଛାତ୍ରୀ ମାନସୀ ନାୟମ ପ୍ରଥମ ସ୍ଥାନ, ଚିତ୍ରାଙ୍କନରେ ଉଚ୍ଚ ମାଧ୍ୟମିକ ବରିଷ୍ଠ ବିଭାଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପଳାସଗଡ଼ିଆ ଏକାଦଶ ଶ୍ରେଣୀ ଛାତ୍ରୀ ମାନ୍ୟତା ବାରିକ ପ୍ରଥମ ସ୍ଥାନ, ସୃଜନାତ୍ମକ ଲେଖା ବରିଷ୍ଠ ବିଭାଗରେ ସରକାରୀ ବାଳିକା ହାଇସ୍କୁଲ, ଆଗରପଡ଼ା ୯ମ ଶ୍ରେଣୀ ଛାତ୍ରୀ ମନସ୍ମିତା ରାଉତ ପ୍ରଥମ ସ୍ଥାନ, ହସ୍ତାକ୍ଷର ଏବଂ ଶ୍ରୁତଲିଖନ କନିଷ୍ଠ ବିଭାଗରେ ସତ୍ୟନାରାୟଣ ନୋଡ଼ାଲ ବିଦ୍ୟାଳୟ ୬ଷ୍ଠ ଶ୍ରେଣୀ ପ୍ରଜ୍ଞା ପ୍ରିୟଦର୍ଶିନୀ ଜେନା ପ୍ରଥମ ସ୍ଥାନ ଅଧିକାର



କରିଛନ୍ତି। ଏମାନେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଉକ୍ତ ୫ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ସଫଳତା ସୃଜନାତ୍ମକ ଲେଖା ବରିଷ୍ଠ ବିଭାଗରେ ସରକାରୀ ବାଳିକା ହାଇସ୍କୁଲ, ଆଗରପଡ଼ା ୯ମ ଶ୍ରେଣୀ ଛାତ୍ରୀ ମନସ୍ମିତା ରାଉତ ରାଜ ଚାମ୍ପିଅନ ହୋଇଛନ୍ତି। ଶୁକ୍ରବାର ଭୁବନେଶ୍ୱର ଠାରେ ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତିଥି ଭାବେ ଯୋଗ ଦେଇ ମନସ୍ମୀତାଙ୍କୁ ସମ୍ମାନିତ କରିବେ। ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି, ପରିଚାଳନା କମିଟି ଅଧ୍ୟକ୍ଷା ବର୍ଷାରାଣୀ ମଲ୍ଲିକ, ସଭ୍ୟ ତଥା ସାମ୍ବାଦିକ ଅକ୍ଷୟ ସିଂହ, ସିଆରସିସି ନିରଞ୍ଜନ ଖିଲାର, ସହକାରୀ ଶିକ୍ଷକ ଅଜିତ ରାଉଳ, ବିରେନ ମିଶ୍ର, କୈଳାସ ପଣ୍ଡା, ଭୀମସେନ ପାଳ, ପ୍ରମୋଦିନୀ ସାହୁ, ଭାଗ୍ୟଶ୍ରୀ ପଣ୍ଡା, ରଞ୍ଜିତା ଶିଅଳ, ବନଜିନୀ ନାୟକ, ସାଗରିକା ମହାନ୍ତି, ବିଦ୍ୟୁତଲତା ଦାସ, ସାବିତ୍ରୀ ଦାଶ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ସେ ଶିକ୍ଷାବିତ୍ ସମୀକ୍ଷା ପ୍ରସାଦ ରାଉତ ଓ ମଧୁସ୍ମିତା ଜେନାଙ୍କ ଝିଅ।

# ବରପଦା ଇଂଜିନିୟରିଂ କଲେଜ ଦୁର୍ନୀତି ମାମଲା ଖାରଜ

**ଭଦ୍ରକ, ୧୩।୧୧(ସମିସ)**

ଭଦ୍ରକ ବରପଦା ଇଂଜିନିୟରିଂ କଲେଜ ପରିଚାଳନା କମିଟି (ସୋସାଇଟି) ବିରୋଧରେ ରୁଜୁ ହୋଇଥିବା ଦୁର୍ନୀତି, ଅନିୟମିତା ମାମଲା ଶେଷରେ ଖାରଜ ହୋଇଛି। ଭଦ୍ରକ ଏସ୍‌ଡିଜେଏମଙ୍କ କୋର୍ଟ ପକ୍ଷରୁ ଏହି ମାମଲାକୁ ଖାରଜ କରଯାଇଛି। ଫଳରେ ଦୀର୍ଘ ୯ବର୍ଷ ର ନ୍ୟାୟିକ ଲଢେଇ ପରେ ଶେଷରେ ସତ୍ୟର ଜୟ ହେଲା ବୋଲି ଆଜି ବରପଦା ଇଂଜିନିୟରିଂ କଲେଜ ସୋସାଇଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସଭାପତି ଇଂ.ପ୍ରୟାସକାନ୍ତି ସାମଲ କହିଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ, ଗତ ୯ବର୍ଷ ହେଲା ବରପଦା ଇଂଜିନିୟରିଂ କଲେଜ ବିରୋଧରେ ଅର୍ଥ ଆତ୍ମସାତ, ଜମି ବିକ୍ରିରେ ହେରଫେର, ଦରମା ବଣ୍ଟନରେ ଅନିୟମିତା, ଦାମୀ ଗାଡି କ୍ରୟ ସର୍ବୋପରି ଅର୍ଥ ଆତ୍ମସାତ ଭଳି ମାମଲା ଆଜି ମିଥ୍ୟା ପ୍ରମାଣିତ ହୋଇଛି। ଏହି ମାମଲା ଯୋଗୁଁ



**୪ ଅଭିଯୁକ୍ତଙ୍କୁ ଅଦାଲତରୁ ନିସ୍ତାର**

**୯ ବର୍ଷ ପରେ ମିଳିଲା ନ୍ୟାୟ**

ବରପଦା ଶିକ୍ଷାନୁଷ୍ଠାନର ମର୍ଯ୍ୟାଦାହାନି ହେବା ସହ ତାଙ୍କ ପରିବାରର ପ୍ରତିଷ୍ଠା ବି କ୍ଷୁଣ୍ଣ ହୋଇଛି। ତେବେ ବିଳମ୍ବରେ ହେଲେ ବି ସତ୍ୟର ଜୟ ହୋଇଛି। ବରପଦା ଇଂଜିନିୟରିଂ କଲେଜ ବିରୋଧରେ ଆଗତ ଦୁର୍ନୀତି ମାମଲାକୁ ଖାରଜ କରି ଅଦାଲତ କ୍ଲିନ ଚିଟ୍ ଦେଇଛନ୍ତି। ତେଣୁ ସମସ୍ତଙ୍କ ସହଯୋଗରେ ଏହି ଶିକ୍ଷାନୁଷ୍ଠାନ କିଭଳି ପୂର୍ବ ଗୌରବ ଫେରି ପାଇବ ସେ ଦିଗରେ ସେ ଜିଲ୍ଲା ର ମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କ ସହ ପ୍ରଶାସନକୁ ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଗତ ୨୦୧୬ ମସିହାରେ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ବରପଦା କୁସୁନ ନଗର ଅଧିବାସୀ ବିକାଶ ରଞ୍ଜନ ଜେନା ବରପଦା ବୈଷୟିକ ଶିକ୍ଷାନୁଷ୍ଠାନରେ ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ପୁତ୍ର ତଥା ପ୍ରାକ୍ତନ ଭଦ୍ରକ ପୌରାଧ୍ୟକ୍ଷ ପ୍ରୟାସକାନ୍ତି ସାମଲ ସୋସାଇଟି ସଭାପତି ହେବା ପରେ ୨୩ କୋଟି ଟଙ୍କାର ବିଭିନ୍ନ ପ୍ରକାର ଆର୍ଥିକ ଅନିୟମିତା ହୋଇଥିବା ଅଭିଯୋଗ କରିଥିଲେ। ପରେ ଭଦ୍ରକ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଏନେଇ ଏକ ମାମଲା (୧ସିସି ନମ୍ବର-୨୫୨/୧୬) ରୁଜୁ କରିଥିଲେ। ଏଥିରେ ଶ୍ରୀ ସାମଲଙ୍କ ସମେତ ପୂର୍ବତନ ଅଧ୍ୟକ୍ଷ ମନୋଜ କୁମାର ଗୋସ୍ୱାମୀ, କ୍ୟାସିଅର ଭୀମଚରଣ ସାମଲ ଓ ଦେବେନ୍ଦ୍ର କୁମାର ମହାନ୍ତିଙ୍କୁ ମାମଲା ଭୁକ୍ତ କରିଥିଲେ। ପରେ ଏହି ମାମଲା ନେଇ ଶ୍ରୀ ଜେନା ହାଇକୋର୍ଟରେ ଦୁଇ ଦୁଇଟି ମାମଲା ରୁଜୁ କରିଥିଲେ। ତେବେ ଉଚ୍ଚ ନ୍ୟାୟାଳୟ ଉକ୍ତ ମାମଲାରେ ଭଦ୍ରକ ଏସ୍‌ଡିଜେଏମଙ୍କ କୋର୍ଟକୁ ଏହାର ବିଚାର କରିବାକୁ ଆଦେଶ ଦେଇଥିଲେ। ପରେ ଏହି ମାମଲାକୁ ଭଦ୍ରକ ଏସ୍‌ଡିଜେଏମ୍‌ଙ୍କ କୋର୍ଟ ଖାରଜ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଭଦ୍ରକ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଇଂ.ପ୍ରିୟବ୍ରତ ନାୟକ, ସମାଜସେବୀ ପ୍ରବୀର ଜେନା ଓ ପ୍ରାକ୍ତନ ଅଧ୍ୟକ୍ଷ ମନୋଜ ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିବାହିତା ସାନଭଉଣୀର ପ୍ରେମିକକୁ ପିଟିପିଟି ମାରିଦେଲେ

ଦୋବଲ, ୧୩।୧୧(ସମିସ): ଧାମନଗର ଥାନାଞ୍ଚଳ ଦିହୁଡ଼ି ଆନନ୍ଦପୁର ପଞ୍ଚାୟତ ଉତେଇପୁର ଗାଁରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବିବାହିତା ସାନଭଉଣୀର ପ୍ରେମିକକୁ ଡାକି ଘରେ ପୂରେଇ ନିସ୍ଥୁକ ମାଡ଼ ମାରିଛନ୍ତି ମହିଳା ଓ ଭଉଣୀ ଜ୍ୱାଇଁଙ୍କ ପରିବାର ଲୋକେ। ଆକ୍ରମଣରେ ସଂପୃକ୍ତ ପ୍ରେମିକଙ୍କ ମୁଣ୍ଡ ଫାଟି ଯାଇଥିବାବେଳେ ଦୁଇ ଗୋଡ଼ ଭାଙ୍ଗି ଯାଇଛି। ଗଣ୍ଡଗୋଳ ସଂପର୍କରେ ଖବର ପାଇ ଧାମନଗର ଥାନା ପୁଲିସର ଏକ ଟିମ୍ ଆହତ ଯୁବକଙ୍କୁ ଉଦ୍ଧାର କରି ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା ବେଳେ ପରେ ଚିକିତ୍ସାଧୀନ ଅବସ୍ଥାରେ ସମ୍ପୃକ୍ତ ଯୁବକଙ୍କ ମୃତ୍ୟୁ ଘଟିଛି। ଆକ୍ରମଣରେ ସଂପୃକ୍ତ ଅଭିଯୋଗରେ ଉତେଇପୁରର ମଦନ ପାତ୍ରଙ୍କ ସ୍ତ୍ରୀ ମଧୁସ୍ମିତା ପାତ୍ର, ମଧୁସ୍ମିତାଙ୍କ ସାନ ଭଉଣୀଙ୍କ ସ୍ୱାମୀ ରମାକାନ୍ତ ବେହେରା, ରମାକାନ୍ତଙ୍କ ସାନ ଭାଇ ପ୍ରଶାନ୍ତ ବେହେରା, ପ୍ରିୟବ୍ରତ ବେହେରା ଓ ସେମାନଙ୍କ ଜଣେ ସାଙ୍ଗଙ୍କୁ ଥାନାକୁ ନେଇ ଅଟକ ରଖିଛି ପୁଲିସ। ଉତେଇପୁରର ମଦନ ପାତ୍ରଙ୍କ ଶାଳୀ ତଥା ଅଭିଯୁକ୍ତା ମଧୁସ୍ମିତାଙ୍କ ସାନ ଭଉଣୀଙ୍କ ଘର ଚାନ୍ଦବାଲି ବ୍ଲକ ତେନ୍ତୁଲିଡିହ ଅଞ୍ଚଳରେ। ସେ କିଛି ମାସ ହେଲା ବିବାହ ମଧ କରି ସାରିଛନ୍ତି। ତେବେ ମଧୁସ୍ମିତାଙ୍କ ସାନ ଭଉଣୀଙ୍କୁ ତାଙ୍କର ପୂର୍ବତନ ପ୍ରେମିକା ସେହି ଚାନ୍ଦବାଲି ବ୍ଲକ ତେନ୍ତୁଲିଡିହ ପଞ୍ଚାୟତ ବଇଁଚା ଗାଁର ଯୁବକ ସଞ୍ଜୟ ରାଉତ ଦୀର୍ଘ ବର୍ଷ ଧରି ପ୍ରେମ କରି ଆସୁଥିଲେ। ଏପରିକି ସେ ବିବାହ କରିଲା ପରେ ବି ସଞ୍ଜୟ ତାଙ୍କ ପିଛା ଛାଡ଼ି ନଥିଲେ। ବାରମ୍ବାର ଫୋନ୍ କରିବା ସହ ହଇରାଣ ହରକତ କରୁଥିଲେ। ଏଥିରେ ଅସହ୍ୟ ହୋଇ ସେ ନିଜର ବଡ଼ ଭଉଣୀ ମଧୁସ୍ମିତାଙ୍କୁ ଜଣାଇଥିଲେ। ଏବେ ଉତେଇପୁର ନିକଟ ମାନଲାପୁରରେ ରାସ ପୂର୍ଣ୍ଣିମା ଅବସରରେ ମେଳା ଚାଲିଥିବାରୁ ମଧୁସ୍ମିତାଙ୍କ ଶାଶୂ ଘରକୁ ମହିଳା ଜଣକ ଆସିଥିଲେ। ଆଉ ସଞ୍ଜୟଙ୍କୁ ପାନେ ଦେବା ଲାଗି ଦୁଇ ଭଉଣୀ ଯୋଜନା କରିଥିଲେ। ଏହାପରେ ମଧୁସ୍ମିତା ତାଙ୍କ ସାନ ଭଉଣୀଙ୍କ ସ୍ୱାମୀ ଓ ଦିଅରଙ୍କୁ ଡକେଇଥିଲେ। ତା ପରେ ସଞ୍ଜୟଙ୍କୁ ବିଭିନ୍ନ ବାହାନା କରି ଡାକି ଆଣିଥିଲେ। ଆଜି ଅପରାହ୍ଣରେ ସଞ୍ଜୟ ପହଞ୍ଚିବା ପରେ ତାଙ୍କୁ ଗୋଟେ ଘର ଭିତରେ ପୂରେଇ ମଧୁସ୍ମିତା, ସାନ ଭଉଣୀଙ୍କ ସ୍ୱାମୀ ରମାକାନ୍ତ, ତାଙ୍କ ଭାଇ ପ୍ରଶାନ୍ତ, ପ୍ରିୟବ୍ରତ ଓ ସାଙ୍ଗ ମିଶିକି ଅମାନୁଷିକ ଭାବେ ବାଡ଼େଇ ଚାଲିଥିଲେ। ଏଥିରେ ସଞ୍ଜୟ ଗୁରୁତର ଆହତ ହୋଇଥିଲେ। ସଞ୍ଜୟଙ୍କ ଚିତ୍କାର ଓ ହୋ ହଲ୍ଲା ଶବ୍ଦ ଶୁଣି ଗାଁ ଲୋକେ ପୁଲିସକୁ ଖବର ଦେଇଥିଲେ।

# ରକ୍ତଦାନ ଶିବିର: ୨୫ ୟୁନିଟ୍ ସଂଗ୍ରହ



ଅସୁରାଳି, ୧୩।୧୧(ସମିସ): ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ରାଉତଙ୍କ ଜୟନ୍ତୀ ଉପଲକ୍ଷେ ଏକ ରକ୍ତଦାନ ଶିବିର ସାଆଁଳପୁର ଆଇଜିଏମ୍‌କଲେଜଠାରେ ଅନୁଷ୍ଠିତ ହୋଇଛି। "ଜଗନ୍ନାଥ ରାଉତ ଚାରି ଟେବୁଲ ଟ୍ରଷ୍ଟ ଆଣ୍ଡ ଏଜୁକେସନାଲ ରିସର୍ଚ୍ଚ' ପକ୍ଷରୁ ଅନୁଷ୍ଠିତ ଏହି ଶିବିରକୁ ଧୂଷୁରୀ ଥାନା ଆଇଆଇସି ଅଜୟ ସୁଦର୍ଶନ ବାଗେ ଉଦଘାଟନ କରିଥିଲେ। ପ୍ରଥମେ ଉକ୍ତ କଲେଜ ପରିସରରେ ଥିବା ସ୍ୱର୍ଗତ ଜଗନ୍ନାଥ ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବତନ ସାଂସଦ ମୁରଲୀଧର ଜେନା, ବରିଷ୍ଠ କଂଗ୍ରେସ ନେତା ନାରାୟଣଚନ୍ଦ୍ର ପାଢୀ, ବରିଷ୍ଠ କଂଗ୍ରେସ ନେତା ବିଦ୍ୟାଧର ଜେନା, ରମେଶ ବେହେରା କଂଗ୍ରେସ ବ୍ଲକ୍ ସଭାପତି, ନରେନ୍ଦ୍ର ମଲ୍ଲିକ, ହୃଦାନନ୍ଦ ସେଠୀ, ପଣ୍ଡିତ ପଞ୍ଚାନନ ମିଶ୍ର, ଟ୍ରଷ୍ଟର ସଭାପତି ତଥା ସ୍ୱର୍ଗତ ରାଉତଙ୍କ ସୁପୁତ୍ର ଅଭିଷେକ ରାଉତ, ବରିଷ୍ଠ ସାମ୍ବାଦିକ ସନ୍ତୋଷ ଦାସ, ସାମ୍ବାଦିକ ଦୀପ୍ତିରଞ୍ଜନ ନାୟକ, ସାମ୍ବାଦିକ ରତିକାନ୍ତ ନାୟକ, ଅଧ୍ୟାପକ ଚିତରଞ୍ଜନ ଦାସ, ସୁଧିର ଖଟୁଆ, ଅଧ୍ୟକ୍ଷ ଗୌରାଙ୍ଗ ଚନ୍ଦ୍ର ନାୟକ, ଅର୍ଚ୍ଚନା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ରକ୍ତ ଭଣ୍ଡାରର ରବିନ୍ଦ୍ର ଜେନା, ଯାଜ୍ଞସେନୀ ସାହୁ, ଅରୁଣ ପରିଡା, ମାନସ ପଣ୍ଡାଙ୍କ ତତ୍ତ୍ୱାବଧାନରେ ୨୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା



ଧାମନଗର,୧୩।୧୨(ସମିସ): ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ସମୀର ଗୋସ୍ୱାମୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ନଗର ପ୍ରତିନିଧି କୈଳାସଚନ୍ଦ୍ର ମହାପାତ୍ର, ସାଂସଦ ନଗର ପ୍ରତିନିଧି ସରୋଜ ମହାପାତ୍ର, ବିଡିଓ ବନବିହାରି ଦିନ୍ଦା, ଏବିଡିଓ ଶର୍ମିଷ୍ଠା ମଲ୍ଲିକ, ଅରବିନ୍ଦ ପତି, ବିଜୟ କୁମାର ରାମ ପ୍ରମୁଖ ଯୋଗ ଦେଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ କାର୍ଯ୍ୟକୁ ବୁଲି ଦେଖିବା ସହ ବିଦ୍ୟା ଓ ଶିକ୍ଷା ଏବଂ ବୈଜ୍ଞାନିକ ହେବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉକ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

# ତୀର୍ଥଯାତ୍ରାରୁ ଫେରିଲେ ୧୧୭ ବରିଷ୍ଠ ନାଗରିକ



ଭଦ୍ରକ, ୧୩।୧୧(ସମିସ): ଭଦ୍ରକ ଜିଲ୍ଲାର ୧୧୭ ଜଣ ବରିଷ୍ଠ ନାଗରିକ ବାରାଣସୀ ଏବଂ ଅଯୋଧ୍ୟା ତୀର୍ଥ ଯାତ୍ରା ସଫଳତାର ସହିତ ସମାପ୍ତ କରି ଆଜି ଜିଲ୍ଲାକୁ ଫେରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଯାତ୍ରୀମାନଙ୍କ ପାଇଁ ସମସ୍ତ ପ୍ରୟୋଜନୀୟ ବ୍ୟବସ୍ଥା କରାଯାଇଥିଲା ଓ ସମଗ୍ର ଯାତ୍ରା ସୁସଂଗଠିତ ଭାବେ ସଫଳ ହୋଇଛି। ଏହି ଯାତ୍ରାରେ ୪ ଜଣ ଏସ୍କର୍ଟ ଅଫିସର ଡ. ଭଗବାନ ବାରିକ, ପ୍ରକାଶ ସାହୁ, ସୌମ୍ୟଜିତ ସାହୁ ଓ ଶୋଭନ ପାଢୀ ପ୍ରମୁଖ ଯାତ୍ରୀମାନଙ୍କ ସୁବିଧା, ନିରାପତ୍ତା ଓ ସମନ୍ୱୟ ଦେଖିଥିଲେ। ଜିଲ୍ଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ସମନ୍ୱୟରେ ଏହି ବାରାଣସୀ–ଅଯୋଧ୍ୟା ତୀର୍ଥ ଯାତ୍ରା ସଫଳ ହୋଇଥିଲା।

## ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟା

# 'ସମଗ୍ର ଉତ୍କଳରେ ଭଦ୍ରକର ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଅନନ୍ୟ'

ଭଦ୍ରକ,୧୩।୧୧(ସମିସ)







ଭଦ୍ରକ ଭୂମି ତ୍ୟାଗ, ତିତିକ୍ଷା, ସଂଗ୍ରାମ ଓ ବଳିଦାନର ଭୂମି। ଦେଶର ସ୍ୱାଧୀନତା ସଂଗ୍ରାମ ପୃଷ୍ଠାରେ ସୁବର୍ଣ୍ଣ ସ୍ୱାକ୍ଷର ଆଙ୍କିଛି। ସେହିପରି ସଂସ୍କୃତି, ଐତିହ୍ୟ ଓ ପରମ୍ପରାରେ ସମଗ୍ର ଉତ୍କଳର ଅନନ୍ୟ ସ୍ଥାନ ଭାବେ ଆଦୃତ ହୋଇଛି। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଜାତୀୟ କବି ବାଞ୍ଛାନିଧି ମହାନ୍ତି ଭଳି ଅମର କବି ଜାତୀୟବାଦୀ ସଂଗୀତର ସାରସ୍ୱତ ଝଙ୍କାରତୋଳି ସ୍ୱାଧୀନତା ସଂଗ୍ରାମକୁ ତେଜିୟାନ କରିଥିବା ବେଳେ ବିପ୍ରକବି ବଂଶୀ ବଲ୍ଲଭ ଗୋସ୍ୱାମୀ, ଲୋକକବି ଜଗନ୍ନାଥ ପାଣି, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, କେଶବକବି କୃଷ୍ଣପ୍ରସାଦ ବେହେରା, ଯାତ୍ରା ସମ୍ରାଟ ଶ୍ୟାମସୁନ୍ଦର ମହାପାତ୍ର, ନାଟ୍ୟକାର ଉମାକାନ୍ତ ବେହେରା ପ୍ରମୁଖ ବହୁ ସାରସ୍ୱତ ସାଧକ ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଋଦ୍ଧିମନ୍ତ କରିଛନ୍ତି। ଚରମ୍ପା ଅବନ୍ତିକା ଆବାସିକ ମହାବିଦ୍ୟାଳୟ ପ୍ରାୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟାରେ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି।

ମହୋତ୍ସବର ଚତୁର୍ଥ ସନ୍ଧ୍ୟାକୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସ୍ମୃତିରେ ଉତ୍ସର୍ଗିତ ହେବା ସହ 'ଭଦ୍ରକର ସଂସ୍କୃତି, ଐତିହ୍ୟ ଓ ପରମ୍ପରା' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜାତୀୟତାବାଦୀ ଆନ୍ଦୋଳନ ପୃଷ୍ଠାରେ ଭଦ୍ରକ ମହୋତ୍ସବର ଉପଦେଷ୍ଟା, ଶିକ୍ଷାବିତ ଗୟାଧର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଭଦ୍ରକର ପୌରାଧକ୍ଷା ଗୁଲମକ୍କୀ ଦଲାୱାଜୀ ହବିବ୍ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷାବିତ କାର୍ତ୍ତିକଚନ୍ଦ୍ର ସ୍ୱାଇଁ, ଅବସର ପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ପୁରୁଷୋତ୍ତମ ଧଳ, ବରିଷ୍ଠ ସାହିତ୍ୟିକ ଓ ସଙ୍ଗଠକ ବାବୁଲାଲ ଦାସ ବରେଣ୍ୟ ଅତିଥି ଏବଂ ବରିଷ୍ଠ କବି ଉମେଶଚନ୍ଦ୍ର ମହାପାତ୍ର ବରେଣ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। କବୟିତ୍ରୀ ରତିକା ନାୟକ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସମ୍ପାଦକ ରବି ନାରାୟଣ ଖିଲାର ଅତିଥି ପରିଚୟ ଓ ସଭାପତି ଇଂ ଅଭୟ ସୂତାର ସ୍ୱାଗତ ଭାଷଣ ଦେଇଥିଲେ। ଆବାହକ ଅଧ୍ୟାପକ ନିହାର ରଞ୍ଜନ କର ଧନ୍ୟବାଦ ଅର୍ପଣ କରିଥିଲେ। ବର୍ଷାରାଣୀ ପୁହାଣ ଓ ଅଙ୍କିତା ପୁହାଣ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଡା.ଅନିଲ କୁମାର ଦାଶ, ପ୍ରଧାନ ଶିକ୍ଷୟିତ୍ରୀ ଡ.ଜାନକୀ ପାଢ଼ୀ, ମମତା ବଳ ଓ ସୀମନ୍ତିନୀ ବାରିକ ଓ ଦମୟନ୍ତୀ ରାଉତ କୁଇଜ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହୋତ୍ସବ କାର୍ଯ୍ୟକ୍ରମକୁ ମିଡ଼ିଆ ସେଲ୍ ଅଧ୍ୟକ୍ଷ ପ୍ରମୋଦ ରାୟ, ସୁଶ୍ରୀ ଅଞ୍ଜନା ମିଶ୍ର, କଳ୍ପନା ଜେନା, ପ୍ରଭାକର ପରିଡ଼ା, ଅଧ୍ୟାପକ ନାଶିର ବକ୍ସ ପରିଚାଳନା କରିଥିଲେ।

● ବରପଦା ଇଞ୍ଜିନିୟରିଂ କଲେଜର ୨୫ ଏକର ଜମି ପ୍ରଦାନ ପ୍ରସଙ୍ଗ

# ଜମିର ସ୍କେଚ୍‌ମ୍ୟାପ୍ ନେଇ ଉପଜିଲ୍ଲାପାଳଙ୍କ କ୍ଷେତ୍ରୀୟ ତଦନ୍ତ



ଭଦ୍ରକ, ୧୩।୧୧(ସମିସ): ଭଦ୍ରକରେ ଏକ ସରକାରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଜିଲ୍ଲାବାସୀଙ୍କ ବହୁଦିନରୁ ଦାବି ହୋଇଆସିଛି। ରାଜ୍ୟ ସରକାର ଭଦ୍ରକରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓ ମେଡ଼ିକାଲ କଲେଜ୍ ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି। ଏଥିପାଇଁ ଜମି ଖୋଜା ଚାଲିଛି। ଏହି ପରିପ୍ରେକ୍ଷୀରେ ବରପଦା ଇଞ୍ଜିନିୟରିଂ କଲେଜ ଦଖଲରେ ଥିବା ଶିଳ୍ପ ବିଭାଗର ୨୦ ଏକର ଜମି ସହ କଲେଜ ନାମରେ ଥିବା ୫ ଏକର ଜମିକୁ ମିଶାଇ ମୋଟ ୨୫ ଏକର ଜମି ରାଜ୍ୟ ସରକାରଙ୍କୁ ହସ୍ତାନ୍ତର ଲାଗି ସମ୍ମତିପତ୍ର ପ୍ରଦାନ କରାଯାଇଛି। ଏହାପରେ ଗୁରୁବାର ଅପରାହ୍ନରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି ଜମିର ଏକ ସ୍କେଚ୍‌ମେପ୍ ନେଇ ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ସହ ଏକ ଟିମ ଏହି ଜମିର ସରଜମିନ ତଦନ୍ତ କରିବାକୁ ଯାଇଥିଲେ। ପ୍ରଥମେ ବରପଦା ଇଞ୍ଜିନିୟରିଂ କଲେଜ ପରିସରରେ ଥିବା ୨୫ ଏକର ଜମି ବୁଲି ଦେଖିବା ପରେ କଲେଜ ନିକଟସ୍ଥ ତହସିଲ ଅନ୍ତର୍ଗତ ଗଣିଜାଙ୍ଗ ମୌଜାରେ ଥିବା ୪୭ ଏକର ସରକାରୀ ଜମି ବୁଲି ଦେଖିଥିଲେ। ମୋଟ ୭୨ ଏକ ଜମି ଭଦ୍ରକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଯୋଗାଇ ଦିଆଯିବ ବୋଲି ଯୋଜନା ପ୍ରଶାସନିକ ସ୍ତରରେ ଚାଲିଥିବା ବେଳେ ଆଜି ଏହି କ୍ଷେତ୍ରୀୟ ତଦନ୍ତ ପରେ ଉପଜିଲ୍ଲାପାଳ ଏହି ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିବେ। ଜିଲ୍ଲାପାଳ ଦିଲୀପ ରାଉତରାଏ ଏହି କ୍ଷେତ୍ରୀୟ ତଦନ୍ତ ରିପୋର୍ଟ ପାଇବା ପରେ ରାଜ୍ୟ ସରକାରଙ୍କୁ ଜଣାଇବେ। ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଭଦ୍ରକରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାସ୍ତା ପରିଷ୍କାର ହେବ ବୋଲି ଜଣାପଡିଛି। ଏହି ପରିଦର୍ଶନ ବେଳେ ବରପଦା ଇଂଜିନିୟରିଂ କଲେଜ ଅଧ୍ୟକ୍ଷ ଗଙ୍ଗାଧର ଧଳ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି, ବରପଦା ଇଞ୍ଜିନିୟରିଂ କଲେଜ ଦଖଲରେ ଥିବା ଜମି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଯୋଗାଇ ଦେବା ପାଇଁ ଇଞ୍ଜିନିୟରିଂ କଲେଜ(ସୋସାଇଟି) ସଭାପତି ଇଂ ପ୍ରୟସକାନ୍ତି ସାମଲ ଓ କଲେଜ ପରିଚାଳନା କମିଟି ସଦସ୍ୟମାନେ ଗତ ୪ ତାରିଖରେ ଭଦ୍ରକ ଜିଲାପାଳଙ୍କୁ ଭେଟି ନିଜର ସମ୍ମତିପତ୍ର ପ୍ରକାଶ କରିଥିଲେ। ଭଦ୍ରକର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ଜମି ଯୋଗାଇ ଦିଆଯିବ ବୋଲି ଶ୍ରୀ ସାମଲ ଗଣମାଧ୍ୟମକୁ କହିଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା





ଧାମନଗର, ୧୩।୧୧(ସମିସ): ଧାମନଗର ବ୍ଲକ ବୟାଙ୍ଗଡିହ ପଞ୍ଚାୟତ ସଇଦଜାଫର ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତିର ଅଭିଯୋଗ ହୋଇଛି। ଆବାସ ନିର୍ମାଣ ସମାପ୍ତ ହେବା ପରେ ଏନଆରଇଜିଏସ ଟଙ୍କା ଅନ୍ୟ ଆକାଉଣ୍ଟ ମାଧ୍ୟମରେ ପଞ୍ଚାୟତର ଏଡିଓ ଉଠାଇ ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ସଇଦଜାଫର ଗ୍ରାମର ଶିବରାମ ବେହେରାଙ୍କ ପୁଅ ପ୍ରଫୁଲ୍ଲ ବେହେରା ୨୦୧୭-୧୮ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ କରି ସମ୍ପୂର୍ଣ୍ଣ ଟଙ୍କା ଗ୍ରହଣ କରିଥିଲେ। ଘର ନିର୍ମାଣ ପରେ ଆବଶ୍ୟକ ଏନଆରଇଜିଏସ ମଜଦୁର ଟଙ୍କା ତାଙ୍କ ନାମରେ ଜାରି ହୋଇଥିଲା କିନ୍ତୁ ତାହା ଅନ୍ୟ ଆକାଉଣ୍ଟକୁ ଯାଇଛି। ଏହି ଟଙ୍କା ଆମ୍ବିଳିଗାଁ ଗ୍ରାମର ୪ ଜଣ ବ୍ୟକ୍ତିଙ୍କ ଆକାଉଣ୍ଟକୁ ପହଞ୍ଚିଥିବା ଅଭିଯୋଗରେ ଦର୍ଶାଯାଇଛି।

**ମନରେଗା ଟଙ୍କା ଅନ୍ୟ ଆକାଉଣ୍ଟରେ**

ପ୍ରତ୍ୟେକ ବ୍ୟକ୍ତିଙ୍କ ନାମରେ ୪,୩୬୮ ଟଙ୍କା ଲେଖାଯାଇ, ମୋଟ ୧୭,୪୭୨ ଟଙ୍କା ଯାଇଛି। ଏହି ଘଟଣା ସମ୍ପର୍କରେ ଗ୍ରାମ ରୋଜଗାର ସାଥୀ (ଏଡିଓ) ଗୌରାଙ୍ଗ ସେଠୀଙ୍କ ନାମରେ ଅଭିଯୋଗ ଆସିଛି। ସେ ଟଙ୍କା ହଡପ କରି ନେଇଥିବା ଅଭିଯୋଗରେ ପ୍ରଫୁଲ୍ଲ ବେହେରା ଧାମନଗର ବିଡ଼ିଓଙ୍କ ପାଖରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମିଳିବା ପରେ ଗୁରୁତ୍ୱର ସହ ଧାମନଗର ବିଡ଼ିଓ ବନବିହାରୀ ଦିନ୍ଦା ତଦନ୍ତ ଆରମ୍ଭ କରିଛନ୍ତି।

## ମତୋ ବଜାରରେ ଜବରଦଖଲ ଉଚ୍ଛେଦ ଘଟଣା

# ଦଳୀୟ ଭିତ୍ତିରେ ଉଚ୍ଛେଦ ଅଭିଯାନକୁ ବିରୋଧ

ଭଦ୍ରକ,୧୩।୧୧(ସମିସ): ଶାସକ ଦଳ ଇଙ୍ଗିତରେ ଗରିବ ଲୋକଙ୍କ ପେଟକୁ ଲାତ ମାରୁଛି ପ୍ରଶାସନ। ବିନା ସୂଚନାରେ ଭାଙ୍ଗୁଛି ଦୋକାନ ଘର। ଏମିତି କିଛି ଅଭିଯୋଗ ଆସିଛି ଚାନ୍ଦବାଲି ବ୍ଲକ୍ ମତୋ ବଜାର ଅଞ୍ଚଳରୁ। ସୂଚନା ମୁତାବକ, ଚାନ୍ଦବାଲି ବ୍ଲକ ମତୋ ଏକ ପୁରୁଣା ଓ ଜନଗହଳିପୂର୍ଣ୍ଣ ବଜାର। ଏହି ବଜାର ଉପରେ ଆଖପାଖ ୨୦ଟି ପଞ୍ଚାୟତର ଲୋକ ନିର୍ଭର କରନ୍ତି। ପ୍ରତିଦିନ ଏହି ବଜାରରେ ଭିଡ଼ ଜମିବା ଫଳରେ ଟ୍ରାଫିକ ସମସ୍ୟା ମଧ ଉପୁଜେ। ଯାହାକୁ ନେଇ ପ୍ରଶାସନ ତରଫରୁ ଜବର ଦଖଲ ହଟାଇବାର ନିଷ୍ପତ୍ତି ହୋଇଥିଲା। ଜବରଦଖଲ ହଟାଇବା ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ସ୍ଥାନୀୟ ଲୋକେ; ମାତ୍ର ଦଳୀୟ ଭିତ୍ତିରେ ଉଚ୍ଛେଦକୁ ବିରୋଧ କରିଛନ୍ତି। ନିର୍ଦ୍ଦିଷ୍ଟ ଦଳର କିଛି ଲୋକଙ୍କ ଘରକୁ ଛାଡ଼ି ଅନ୍ୟ ଦଳର ଲୋକଙ୍କ ଘରକୁ ଭାଙ୍ଗିବା କେତେ ଯୁକ୍ତିସଂଗତ ବୋଲି ପ୍ରଶ୍ନ କରିଛନ୍ତି। ଚାନ୍ଦବାଲି ତହସିଲଦାର ଶାସକ ଦଳର ଏଜେଣ୍ଟ ସାଜି କାର୍ଯ୍ୟ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ମତୋର ବ୍ୟବସାୟୀ ସଙ୍ଘର ହାପିଜ ସାହ ଓ ପୂର୍ବତନ ସରପଞ୍ଚ ଅଭୟ ସାହୁ।

# ମୋହରିର ସଦନରେ ତୈଳଚିତ୍ର ଉନ୍ମୋଚିତ

ଭଦ୍ରକ, ୧୩।୧୧(ସମିସ): ଭଦ୍ରକ ମୋହରିର ସଦନଠାରେ ଦିବଙ୍ଗତ ମୋହରିର ସ୍ୱର୍ଗତ ନାରାୟଣ ରାଉତ ଓ ସ୍ୱର୍ଗତ ବିମଳକୃଷ୍ଣ ପାତ୍ରଙ୍କ ତୈଳଚିତ୍ର ଉନ୍ମୋଚିତ ହୋଇଯାଇଛି। ମୋହରିର ସଂଘ ସଭାପତି ଉମାକାନ୍ତ ସାହୁଙ୍କ ସଭାପତିତ୍ୱରେ ଏକ ନିରାଡମ୍ବର ସଭା ମୋହରିର ସଂଘ ଦ୍ୱାରା ଆୟୋଜିତ ହୋଇଥିଲା। ଏହି ସଭାରେ ମୁଖ୍ୟଅତିଥି ଭାବରେ ବରିଷ୍ଠ ଅଧିବକ୍ତା ପର୍ଶୁରାମ ୨ଦିବଙ୍ଗତ ମୋହରିରଙ୍କ ତୈଳଚିତ୍ରକୁ ଉନ୍ମୋଚନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଆୟୋଜିତ ସଭାରେ ମୋହରିର ସଂଘର ସମ୍ପାଦକ ରାମଚନ୍ଦ୍ର ନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୋହରିର ସଂଘର ସଦସ୍ୟ ପ୍ରଫୁଲ୍ଲ କୁମାର ଦାସ, ଉପସଭାପତି ପ୍ରମୋଦ କୁମାର ଦାସ, ଜଗବନ୍ଧୁ ମହାନ୍ତି, ପ୍ରଭାକର ପାଢୀ, ଅଶୋକ କୁମାର ସାହୁ, ଆନନ୍ଦଚନ୍ଦ୍ର ବେହେରା, ନରେନ୍ଦ୍ର





ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବରେ ଓକିଲ ସଂଘ ସଭାପତି ସନ୍ତୋଷ କୁମାର ଆଚାର୍ଯ୍ୟ, ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର ଓ ବରିଷ୍ଠ ଅଧିବକ୍ତା ଗଦାଧର ବଳ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ମୋହରିର ସଂଘର ସଭାପତି ସର୍ବେଶ୍ୱର ଜେନା ଓ ଉପଦେଷ୍ଟା ନିଶାକର ସାହୁ ବରିଷ୍ଠ ମୋହରିର ଖଗେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ କୁମାର ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେଶ କୁମାର ସାହୁ, ତରୁଣ ପାତ୍ର, ଦିଲ୍ଲୀପ କୁମାର ନାୟକ, ଶଶିକାନ୍ତ ବେହେରା, ସତ୍ୟସୁନ୍ଦର ପଣ୍ଡା, ଭୀମସେନ ଅରଖ ମନୋରଞ୍ଜନ ନାଥ, ରବୀନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିବା ବେଳେ ସଦସ୍ୟ ଗୋବିନ୍ଦଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋରୁ ବୋଝେଇ ପିକ୍‌ଅପ୍ ଗାଡ଼ି ଜବତ

# ୧୫ ଉଦ୍ଧାର, ୨ ମୃତ



ଅସୁରାଳି, ୧୩।୧୧(ସମିସ): ମଙ୍ଗଳପୁର-ଝାଟିଆସାହି ରାସ୍ତାରେ ଧୂଷୁରୀ ଥାନା ଅଧୀନ କୋରୁଆ କେନାଲ ନିକଟରୁ ଗୋରୁ ଭର୍ତ୍ତି ଏକ ବେଆଇନ ପିକଅପ ଗାଡ଼ିକୁ ଜବତ କରାଯାଇଛି। ଗାଡ଼ିରୁ ୧୫ଟି ଗୋରୁଙ୍କୁ ଜୀବନ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିବା ବେଳେ ୨ଟି ମୃତ ଅବସ୍ଥାରେ ମିଳିଛି। ସୂତ୍ରରୁ ଜଣାପଡ଼ିଛି, ଉକ୍ତ ଗାଡ଼ି ପାଣିକୋଇଲିରୁ ବାହାରି ବାରିକପୁର ଛକ ଓ ଗୋବିନ୍ଦପୁର ଦେଇ ଯାଉଥିଲା। ଏହାକୁ ବଜରଙ୍ଗ ଦଳର କର୍ମୀମାନେ ପିଛା କରି ଭୋର ୪ଟା ସମୟରେ କୋରୁଆ କେନାଲ ନିକଟରେ କାବୁ କରିଥିଲେ। ଘଟଣା ସମୟରେ ଡ୍ରାଇଭର ଫେରାର ହୋଇଯାଇଥିଲା। ଖବର ପାଇ ଧୂଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ ତାଙ୍କ ଟିମ୍ ସହିତ ସ୍ଥଳରେ ପହଞ୍ଚି, ଗାଡ଼ିକୁ ନିଜ ନିୟନ୍ତ୍ରଣରେ ନେଇଥିଲେ। ଏହାସହ କେସ୍ ନଂ ୫୨୧/୨୫ ରୁଜୁକରି ତଦନ୍ତ ଆରମ୍ଭ କରାଯାଇଛି। ଜବତ ହୋଇଥିବା ଗୋରୁମାନଙ୍କୁ ସୁରକ୍ଷା ପାଇଁ ଅସୁରାଳିସ୍ଥିତ ଗୋଶାଳା ଓ ମଇତାପୁରସ୍ଥିତ ଗୋଶାଳାକୁ ସ୍ଥାନାନ୍ତରିତ କରାଯାଇଛି। ଏହି ଘଟଣାରୁ ପୁନର୍ବାର ପ୍ରମାଣିତ ହେଲା ଯେ ଅଞ୍ଚଳରେ ବେଆଇନ ଗୋରୁ ପରିବହନ ରୋକିବା ପାଇଁ ପୁଲିସ୍ ଓ ସାମାଜିକ ସଂଗଠନଙ୍କ ସଚେତନ ପ୍ରୟାସ ଅତ୍ୟାବଶ୍ୟକ।

# ବିପଦସଙ୍କୁଳ ସ୍ଥାନ ପଡ଼ିଛି; ଭଲ ରାସ୍ତାକୁ ମରାମତି

ବାରିକପୁର, ୧୩।୧୧(ସମିସ):



ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ପ୍ରଶସ୍ତୀକରଣ କାର୍ଯ୍ୟ ହୋଇ ସାରିବା ପରେ ନିର୍ମାଣକାରୀ ସଂସ୍ଥା ହାତରେ ରହିଛି ରକ୍ଷଣାବେକ୍ଷଣ ଦାୟିତ୍ୱ। ୬ ଲେନ ବିଶିଷ୍ଟ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ କିଛି ଦିନ ଅନ୍ତରରେ ଏବେ ମରାମତି କାର୍ଯ୍ୟ ହେଉଛି। ତେବେ, ଯେଉଁଠି ରାସ୍ତା ଅତ୍ୟଧିକ ବିପଦ ସଙ୍କୁଳ ରହିଛି ସେଠାରେ ମରାମତି କାର୍ଯ୍ୟ ହେଉନାହିଁ; ବରଂ ସାମାନ୍ୟ ତଥା ବିଲକୁଲ ସଙ୍କଟାପନ୍ନ ନଥିବା ସ୍ଥାନଗୁଡିକରେ ପ୍ରଥମେ ମରାମତି କାର୍ଯ୍ୟ ହେଉଛି। ରାସ୍ତାର ୱୋହୁ ଦରଡା, ବାରିକପୁର, ଡାହାଲା, ପୁରିପଡା, ଛତାବର ପ୍ରମୁଖ ସ୍ଥାନରେ ବଡ଼ ବଡ଼ ନାଳ ସୃଷ୍ଟି ହୋଇଛି। ସେଠାରେ ଦୀର୍ଘ ଦିନ ହେବ ମରାମତି କାର୍ଯ୍ୟ ହେଉନାହିଁ। ଉକ୍ତ ସ୍ଥାନଗୁଡ଼ିକରେ ଅଧିକାଂଶ ସମୟ ଦୁର୍ଘଟଣା ଘଟୁଛି। ରାସ୍ତା ଦବି ଯାଇ ବୃହତ ନାଳ ସୃଷ୍ଟି ହେବା ଯୋଗୁଁ ବିଶେଷ କରି ବାଇକ ଆରୋହୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାଉପରେ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ଓ ନିର୍ମାଣକାରୀ ସଂସ୍ଥା ଦୃଷ୍ଟି ଦେଉନାହାଁନ୍ତି। ଧର୍ମକୁ ଆଖି ଠାର ଭଳି ଅନେକ ସମତଳ ସ୍ଥାନଗୁଡ଼ିକରେ ପିଚୁକୁ ଉଠାଇ ସେଠାରେ ପୁନଃ ମରାମତି କାର୍ଯ୍ୟ ହେଉଛି। ଯାହାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଧିକ ଲାଭ ଆଶାରେ ଏଭଳି ମରାମତି ହେଉଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଏହାଉପରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଶ୍ରୀସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ଶୋଭାଯାତ୍ରା



ଭଦ୍ରକ, ୧୩।୧୧(ସମିସ): ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଶୁଭ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଏକ ଶୋଭାଯାତ୍ରା ଭଦ୍ରକ ଜିଲ୍ଲା ଚାନ୍ଦବାଲିସ୍ଥିତ ମା' ଦକ୍ଷିଣେଶ୍ୱରୀ କାଳୀ ମନ୍ଦିରଠାରୁ ଆରମ୍ଭ ହୋଇ ସମଗ୍ର ସହରଟିକୁ ପରିକ୍ରମା କରି ସତ୍ୟସାଇ ମନ୍ଦିରରେ ଆରତୀ ଅର୍ପଣ କରାଯାଇ ସମାପ୍ତ ହୋଇଥିଲା। ସତ୍ୟସାଇ ବାବାଙ୍କୁ ଏକ ସୁଶୋଭିତ ରଥରେ ବସାଇ ଭକ୍ତମାନେ ଭଜନ ଗାନ କରି ସମଗ୍ର ସହର ପରିବେଶକୁ ଭକ୍ତିମୟ କରିଦେଇଥିଲେ । ସାଇଜିଲା ଭଦ୍ରକ-୨ର ଜିଲ୍ଲା ସଭାପତି ବୃନ୍ଦାବନଚନ୍ଦ୍ର ବେହେରା, ରାଜ୍ୟ ଗ୍ରାମସେବା ନିର୍ବାହକ ବିଷ୍ଣୁମୋହନ ନାୟକ ସତ୍ୟସାଇ ବାବାଙ୍କ ମିଶନ ବାର୍ତ୍ତା, ମାନବ ସମାଜକୁ ତାଙ୍କ ଅବଦାନ ଏବଂ ସମଗ୍ର ବିଶ୍ୱକୁ ଏକ ପରିବାର କରିବାର ସଂକଳ୍ପ ସମ୍ବଳିତ ଏକ ସ୍ମାରକ ପତ୍ର ବିଡ଼ିଓ, ତହସିଲଦାର ଓ ଆରକ୍ଷୀ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଘଣ୍ଟେଶ୍ୱର ସତ୍ୟସାଇ ସେବାସମିତି ଓ ଚାନ୍ଦବାଲି ସତ୍ୟସାଇ ସେବାସମିତିର ଅନେକ ଭକ୍ତ ଯୋଗଦାନ କରିଥିଲେ। ଜିଲ୍ଲା କର୍ମକର୍ତ୍ତା ବିକାଶଚନ୍ଦ୍ର କାଠ, ଦେବକୀ ଦାଶ, ପ୍ରଦୀପ ବାରିକ, ମମତା ନାୟକ, ଉଦିତନାରାୟଣ ପଣ୍ଡା, ଆରତିଲତା ବିଳାଶ, ପାର୍ଥସାରଥୀ ସାହୁ, ରଂଜିତ ଜେନା ସମେତ ସ୍ଥାନୀୟ ସେବା ସମିତିର ଆବାହକ ଗତିକୃଷ୍ଣ ରଣା, ସୀତାକାନ୍ତ ଜେନା, ସନ୍ତୋଷ ପତି, ଚିତରଞ୍ଜନ ରାଉତ ରବୀନ୍ଦ୍ର ବଳ, ରବୀନ୍ଦ୍ର ନାୟକ ପ୍ରମୁଖ ପରିଚାଳନା କରିଥିଲେ।

### ୨୭ରେ ବିଧାନସଭା ଶୀତ ଅଧିବେଶନକୁ ସମ୍ବୋଧିତ କରିବେ ରାଷ୍ଟ୍ରପତି

# ଗସ୍ତ ପୂର୍ବରୁ ମୁଖ୍ୟ ସଚିବଙ୍କ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ



**ଭୁବନେଶ୍ୱର,୧୩।୧୧(ସମିସ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନଭେମ୍ବର ୨୭ରେ ଓଡ଼ିଶା ଗସ୍ତରରେ ଆସିବେ। ଏହି ଗସ୍ତରେ ରାଷ୍ଟ୍ରପତି ଓଡ଼ିଶା ବିଧାନସଭାକୁ ସମ୍ବୋଧିତ କରିବା ସହ ରାଜଭବନରେ ନୂଆ କଳିଙ୍ଗ ଅତିଥି ନିବାସର ଉଦ୍‌ଘାଟନ କରିବେ। ରାଷ୍ଟ୍ରପତିଙ୍କ ଏହି ଗସ୍ତ ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଏହି ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ବସିଥିବା ବେଳେ ପରେ ପରେ ଅପରାହ୍ନରେ ଓଡ଼ିଶା ବିଧାନ ସଭାରେ ସ୍ୱତନ୍ତ୍ର ପ୍ରକୋଷ୍ଠରେ ମଧ୍ୟ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କରାଯାଇଛି।

ଓଡ଼ିଶା ଗସ୍ତ ପୂର୍ବରୁ ଆଗାମୀ ନଭେମ୍ବର ୨୦ ତାରିଖରେ ମଧ୍ୟ ରାଷ୍ଟ୍ରପତି ଓଡ଼ିଶାର ଝାରସୁଗୁଡ଼ା ଦେଇ ଛତିଶଗଡ଼ ଯିବାର ଏକ କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଥିବା ଜଣାପଡ଼ିଛି। ୨୦ରେ ରାଷ୍ଟ୍ରପତି ଛତିଶଗଡ଼ର ଅମ୍ବିକାପୁର ଠାରେ "ଜନ ଜାତୀୟ ଗୌରବ ଦିବସ' କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରପତି ସେଦିନ ସକାଳ ୮ଟା ୨୫ରେ ନୂଆ ଦିଲ୍ଲୀରୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ବାହାରି ସକାଳ ୧୦ଟା ୫ରେ ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ଅବତରଣ କରିବେ। ସେଠାରୁ ସେ ବାୟୁସେନାର ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ଛତିଶଗଡ଼ ଯାଇ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ପୁନଶ୍ଚ ରାଷ୍ଟ୍ରପତି ଝାରସୁଗୁଡ଼ା ଦେଇ ସେଦିନ ଅପରାହ୍ନ ୧ ଟା ୪୫ ସୁଦ୍ଧା ସେ ଆନ୍ଧ୍ରପ୍ରଦେଶ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ନଭେମ୍ବର ୨୦ ତାରିଖରେ ରାଷ୍ଟ୍ରପତିଙ୍କ ଝାରସୁଗୁଡାଠାରେ ଅବତରଣ ଏବଂ ସେଠାରେ ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ସାମୟିକ ରହଣି ନିମନ୍ତେ ଜିଲ୍ଲାପାଳ ଓ ଏସପି ଝାରସୁଗୁଡାଙ୍କ ସହିତ ପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯାଇଛି।

**୨୭ ଅପରାହ୍ଣ ୨ରେ ପହଞ୍ଚି ୨୮ ସକାଳ ୯.୩୫ରେ ଓଡ଼ିଶା ଛାଡ଼ିବେ ରାଷ୍ଟ୍ରପତି**

**ରାଜଭବନ ନୂଆ କଳିଙ୍ଗ ଅତିଥି ନିବାସର ହେବ ଉଦ୍‌ଘାଟନ**

**ନଭେମ୍ବର ୨୦ରେ ଝାରସୁଗୁଡ଼ା ଦେଇ ଛତିଶଗଡ଼ ଯିବେ ରାଷ୍ଟ୍ରପତି**

ସେହିପରି ନଭେମ୍ବର ୨୭ ତାରିଖରେ ଭୁବନେଶ୍ୱର ଗସ୍ତ କାର୍ଯ୍ୟକ୍ରମ ପାଇଁ ରାଷ୍ଟ୍ରପତି ୧୧ ଟା ୫୦ରେ ନୂଆ ଦିଲ୍ଲୀରୁ ସ୍ୱତନ୍ତ୍ର ବିମାନ ଯୋଗେ ବାହାରି ଅପରାହ୍ଣ ୨ ଟା ସମୟରେ ଭୁବନେଶ୍ୱର ବିମାନ ବନ୍ଦରରେ ଅବତରଣ କରି ରାଜଭବନରେ ପହଞ୍ଚିବେ। ମଧ୍ୟାହ୍ନ ବିରତି ପରେ ରାଷ୍ଟ୍ରପତି ଅପରାହ୍ଣ ୪ ଟାରେ ରାଜଭବନ ସ୍ଥିତ ନୂଆ କଳିଙ୍ଗ ଅତିଥି ନିବାସର ଗୃହ ଉଦ୍‌ଘାଟନ କରିବେ। ଅପରାହ୍ଣ ୪.୨୦ରେ ସେ ଓଡ଼ିଶା ବିଧାନସଭାରେ ପହଞ୍ଚିବେ ଏବଂ ୪.୩୦ରୁ ୫.୩୦ ପର୍ଯ୍ୟନ୍ତ ବିଧାନସଭାର ସଦସ୍ୟ ସଦସ୍ୟାମାନଙ୍କୁ ସମ୍ବୋଧନ କରିବେ। ପରେ ପରେ ସେଦିନ ରାଷ୍ଟ୍ରପତି ରାଜଭବନଠାରେ ରାଜ୍ୟପାଳଙ୍କ ପକ୍ଷରୁ ଆୟୋଜିତ ରାତ୍ରଭୋଜନ କାର୍ଯ୍ୟକ୍ରମରେ ଯୋଗଦେବେ ଓ ପରଦିନ ୨୮ ତାରିଖ ସକାଳୁ ୯ ଟା ୩୫ରେ ଭୁବନେଶ୍ୱର ବିମାନବନ୍ଦରରୁ ବାହାରି ଲକ୍ଷ୍ନୌ ବିମାନ ବନ୍ଦର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି। ୨୭ ତାରିଖରେ ରାଷ୍ଟ୍ରପତିଙ୍କ ଆଗମନ ଠାରୁ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ସମସ୍ତ ପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଅନୁ ଗର୍ଗ, ସ୍ୱରାଷ୍ଟ୍ର ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ପୁଲିସ ମହା ନିର୍ଦ୍ଦେଶକ ୱାଇବି ଖୁରାନିଆ, ଅଗ୍ନିସେବା ଡିଜି ଡଃ ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

■ ଦୀର୍ଘ ଦିନ ପରେ ଦାବି ପୂରଣ କଲା ରେଳ ବିଭାଗ

## ଇସ୍ପାତ ଏକ୍ସପ୍ରେସ୍ ଜୁନାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ



**କେସିଙ୍ଗା,୧୩।୧୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଅଞ୍ଚଳବାସୀଙ୍କ ଏକ ଦଶନ୍ଧିରୁ ହେଉଥିବା ଏକ ଦାବି ଭାରତୀୟ ରେଳ ବିଭାଗ ପୂରଣ କରିଛି। ରେଳ ବିଭାଗର ଚିଠି ସଂଖ୍ୟା ସିସି ୨୭୧/୨୦୨୫ ତାରିଖ ୩୧.୧୦.୨୫ ଅନୁଯାୟୀ ରେଳ ବିଭାଗ ହାୱଡା ଟିଟଲାଗଡ ଏକ୍ସପ୍ରେସ୍ ଟ୍ରେନକୁ ଜୁନାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଆଦେଶ ଦେଇଛି।ଆଗରୁ ଉକ୍ତ ଟ୍ରେନଟି ହାୱଡାରୁ ଆସି ଟିଟଲାଗଡ଼ରେ ରହି ଯାଉଥିଲା ।ବର୍ତ୍ତମାନ ସେହି ଟ୍ରେନ ଟିଟଲାଗଡ଼ରେ ନ ରହି ଜୁନାଗଡ଼ ପର୍ଯ୍ୟନ୍ତ ଯିବ କେବେ ଠୁ ଚଳାଚଳ କରିବ ଖବର ନ ଥିଲେ ମଧ୍ୟ ବହୁତ ଶୀଘ୍ର ଏହା ଚଳାଚଳ କରିବ ବୋଲି ଶୁଣିବାକୁ ମିଳୁଛି। ଏହା ଜିଲ୍ଲାବାସୀଙ୍କ ପାଇଁ ନିହାତି ପକ୍ଷେ ଖୁସିର ବିଷୟ। ଏଥିପାଇଁ ରେଳ ବିଭାଗକୁ ଜିଲ୍ଲାବାସୀଙ୍କ ପକ୍ଷରୁ ବହୁତ ବହୁତ ଧନ୍ୟବାଦ ।ଏହି ଟ୍ରେନ ଚଳାଚଳ ପାଇଁ କେସିଙ୍ଗାର ରେଳ ଯାତ୍ରୀ ସଂଘ ସମେତ କେସିଙ୍ଗା ସିଟିଜନ ଫୋରମ ଅନେକ ଦିନରୁ ଦାବି କରିଆସୁଥିଲେ ।ଯାହାବି ହେଉ ବିଳମ୍ବରେ ହେଲେ ମଧ୍ୟ ଦାବି ପୂରଣ ହେଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ହସ୍ତକ୍ଷେପ ପରେ ରେଳ ବିଭାଗ ତତ୍ପର ଦେଖାଇ ଟ୍ରେନ ଚଳାଚଳ ପାଇଁ ନିଷ୍ପତ୍ତି ନେଇଛି।କିନ୍ତୁ ଅଞ୍ଚଳବାସୀଙ୍କ ରେଳ ବିଭାଗକୁ ଦେଇଥିବା ଦାବିପତ୍ର ମଧ୍ୟରୁ ପ୍ରମୁଖ ଦାବି କେସିଙ୍ଗାରୁ ସିଧା ସଳଖ ଟ୍ରେନ ଆଜି ପର୍ଯ୍ୟନ୍ତ ପୂରଣ ହୋଇନାହିଁ। ସେଥିପାଇଁ ବୁଦ୍ଧିଜିବୀ ମହଲରେ ଅସନ୍ତୋଷ ରହିଛି।ବର୍ତ୍ତମାନ ଦେଖିବାକୁ ବାକି ରହିଲା ରେଳ ବିଭାଗ କେବେ ଅଞ୍ଚଳବାସୀଙ୍କ ପ୍ରମୁଖ ଦାବି ରାଜଧାନୀ ପାଇଁ ସିଧାସଳଖ ଟ୍ରେନ ଚଳାଚଳ ପାଇଁ ବିଭାଗୀୟ ଚିଠି ଜାରି କରୁଛି।

**ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲା**

## ଦୁଇ ଅଭିଯୁକ୍ତଙ୍କ ଜାମିନ ମଞ୍ଜୁର

**ବ୍ରହ୍ମପୁର,୧୩।୧୧(ସମିସ):** ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲାରେ ସ୍ଥାନୀୟ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଗୁରୁବାର ୨ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଜାମିନ ପାଇଥିବା ଅଭିଯୁକ୍ତ ହେଲେ ଶେଖର ସାହୁ ଓ ପ୍ରକାଶ ସାହୁ। ଅନ୍ୟପକ୍ଷରେ ବିଶ୍ୱରଞ୍ଜନ ବେହେରା ଓ ତଫିମ ଅହମ୍ମଦ ଖାନଙ୍କ ଜାମିନ ଆବେଦନକୁ କୋର୍ଟ ଖାରଜ କରିଥିବା ଜଣାପଡ଼ିଛି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି, ଅରବିନ୍ଦ ଦାସ ଓ ସିଲିକନ ଟେକର ମାଲିକ ସୁରେଶ ଚନ୍ଦ୍ର ନାୟକଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତା ୨୦ରେ ହେବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲାର ମାଷ୍ଟରମାଇଣ୍ଡ ଗଞ୍ଜାମର ଶଙ୍କର ପୃଷ୍ଟି ସମେତ ମୋଟ ୧୨ଜଣ ଦଲାଲ ଓ ଏଜେଣ୍ଟ ବର୍ତ୍ତମାନ ବ୍ରହ୍ମପୁର ଜେଲରେ ଅଛନ୍ତି। ଏଥିରେ ଜଡ଼ିତ ରହି ପୂର୍ବରୁ ଗିରଫ ହୋଇଥିବା ୧୧ଜଣଙ୍କ ମଧ୍ୟରୁ ଶଙ୍କର ପୃଷ୍ଟି, ସିଲିକନ ଟେକ କମ୍ପାନୀ ମାଲିକ ସୁରେଶ ଚନ୍ଦ୍ର ନାୟକ, ଏଜେଣ୍ଟ ତଫିମ ଅହମ୍ମଦ ଖାନ, ବିଶ୍ୱରଞ୍ଜନ ବେହେରା, ଅରବିନ୍ଦ ଦାସ, ଶେଖର ସାହୁ ଓ ପ୍ରକାଶ ସାହୁ ଆଦି ୭ଜଣ ଜିଲ୍ଲା କୋର୍ଟରେ ଜାମିନ ଆବେଦନ କରିଥିଲେ। ବିଶ୍ୱରଞ୍ଜନ ରଞ୍ଜନ ବେହେରା ଓ ତଫିମ ଅହମ୍ମଦ ଖାନଙ୍କ ଜାମିନ ଆବେଦନକୁ କୋର୍ଟ ଖାରଜ କରିଥିବା ବେଳେ ଶେଖର ସାହୁ ଓ ପ୍ରକାଶ ସାହୁଙ୍କ ଜାମିନ ମଞ୍ଜୁର ହୋଇଛି। ଅନ୍ୟପକ୍ଷରେ ନିକଟରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଶଙ୍କର ସମେତ ଅନ୍ୟ ୫ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରାଯିବା ପରେ ପୁଣିଥରେ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଥିଲା। ରିମାଣ୍ଡ ସମୟରେ ଶଙ୍କରକୁ ପଚରାଉଚରା ବେଳେ ସେ ସହଯୋଗ କରୁନଥିବା କ୍ରାଇମବ୍ରାଞ୍ଚ ସନ୍ଦେହ କରିଥିଲା। ସେହିକ୍ରମରେ ଶଙ୍କରର ପଲିଗ୍ରାଫ ଟେଷ୍ଟ କରିବାକୁ ବ୍ରହ୍ମପୁର କୋର୍ଟରେ ଆବେଦନ କରାଯାଇଥିଲା। ସେହି ଆବେଦନର ଶୁଣାଣି ମଙ୍ଗଳାବାର ହେବାକୁ ଧାର୍ଯ୍ୟ ହୋଇଥିବା ବେଳେ କ୍ରାଇମବ୍ରାଞ୍ଚର ତଦନ୍ତ ଅଧିକାରୀ ଅନୁପସ୍ଥିତ ରହିବାରୁ ଶୁଣାଣି ହୋଇପାରିନଥିଲା। ଏହି ମାମଲାର ତଦନ୍ତ ଭାର ସିବିଆଇକୁ ହସ୍ତାନ୍ତର କରାଯାଇଥିବା ବେଳେ ଖୁବ୍‌ଶୀଘ୍ର ସିବିଆଇ ଟିମ ବ୍ରହ୍ମପୁରରେ ପହଞ୍ଚିବ ବୋଲି ଜଣାପଡ଼ିଛି।

## ଓଡ଼ିଶା କଂଗ୍ରେସ ପାଇଁ ଆଉ ଜଣେ ସହପ୍ରଭାରୀ ନିଯୁକ୍ତ

**ଭୁବନେଶ୍ୱର, ୧୩।୧୧ (ସମିସ):** ବରିଷ୍ଠ କଂଗ୍ରେସ ନେତା ଜେଟ୍ଟି କୁସୁମ କୁମାରଙ୍କୁ ଓଡ଼ିଶା ପିସିସି ସହପ୍ରଭାରୀ ଭାବେ ନିଯୁକ୍ତି ଦେଇଛି ଏଆଇସିସି। ପୂର୍ବରୁ ଓଡ଼ିଶା ସହପ୍ରଭାରୀ ଭାବେ କାର୍ଯ୍ୟ କରୁଥିବା ଆସାମର ବରିଷ୍ଠ କଂଗ୍ରେସ ନେତ୍ରୀ ରୋଜଲିନା ତିର୍କୀଙ୍କୁ କେଇମାସ ତଳେ ଦାୟିତ୍ୱରୁ ଅପସାରଣ କରିଦିଆଯାଇଥିଲା। ବର୍ତ୍ତମାନ କେବଳ ଶାହାନୱାଜ ଚୌଧୁରୀ ଓଡ଼ିଶା କଂଗ୍ରେସର ସହପ୍ରଭାରୀ ଭାବରେ କାର୍ଯ୍ୟ କରୁଥିବା ବେଳେ ଜେଟ୍ଟି କୁସୁମକୁମାରଙ୍କୁ ଏବେ ସହପ୍ରଭାରୀ ନିଯୁକ୍ତି ମିଳିଛି। ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କୁ ବିଭିନ୍ନ ସାଂଗଠନିକ କାର୍ଯ୍ୟରେ ଏହି ସହ ପ୍ରଭାରୀମାନେ ସହାୟତା କରିବେ।

**ରାଜ୍ୟସ୍ତରୀୟ 'ସୁରଭି' ଉଦ୍‌ଘାଟିତ**

## ୩ ବର୍ଷରେ ୪୪,୪୩୩ ଶିକ୍ଷକ ନିଯୁକ୍ତି ଲକ୍ଷ୍ୟ

**ଭୁବନେଶ୍ୱର,୧୩।୧୧(ସମିସ):** ଶିଶୁମାନେ ହେଉଛନ୍ତି ସମାଜର ଭବିଷ୍ୟତ ଓ ନୂତନ ଆଶା। ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଉଚିତ୍ ମାର୍ଗଦର୍ଶନ କରିବା ସମସ୍ତଙ୍କ ପ୍ରାଥମିକତା। ଏଥିପାଇଁ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଓ ଗୁଣାତ୍ମକ ବିକାଶ ପାଇଁ ସରକାର ପ୍ରୟାସ କରୁଛନ୍ତି। ବିଦ୍ୟାଳୟରେ ମନୋଜ୍ଞ ପରିବେଶ ସୃଷ୍ଟି କରିବା ସହିତ ଅତ୍ୟାଧୁନିକ ଶିକ୍ଷା ପ୍ରଦାନ କରିବାକୁ ପଦକ୍ଷେପ ନିଆଯାଉଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ "ସୁରଭି' କାର୍ଯ୍ୟକ୍ରମକୁ ଗତକାଲି ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ପାଇଁ ସୁରଭି ଏକ ପ୍ରକୃଷ୍ଟ ମାଧ୍ୟମ। ବିଦ୍ୟାର୍ଥୀଙ୍କ ଭିତରେ ଲୁଚି ରହିଥିବା ଅସଂଖ୍ୟ ସମ୍ଭାବନା ଏବଂ ଦକ୍ଷତାକୁ ନିଜେ ଜାଣନ୍ତୁ। କଠିନ ପରିଶ୍ରମ ଏବଂ ନିଷ୍ଠା ବଳରେ ତାକୁ ସାକାର କରିପାରିବେ ବୋଲି ଛାତ୍ରଛାତ୍ରୀଙ୍କୁ ସେ ପ୍ରୋତ୍ସାହିତ କରିଛନ୍ତି।

ସେହିପରି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ବିଦ୍ୟାଳୟରେ ଖାଲି ଥିବା ଶିକ୍ଷକ ପଦ ପୂରଣ କରିବାକୁ ସରକାର ପ୍ରାଥମିକତା ଦେଉଛନ୍ତି। ଆଗାମୀ ୩ ବର୍ଷରେ ୪୪,୪୩୩ ଶିକ୍ଷକ ନିଯୁକ୍ତ କରାଯିବ ବୋଲି କହିବା ସହ ପ୍ରତି ବର୍ଷ ପ୍ରାୟ ୧୫ ହଜାର ଲେଖାଏଁ ନିଯୁକ୍ତି ଦିଆଯିବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି। ଅନ୍ୟତମ ଅତିଥି ଭାବେ ବିଧାୟକ ବାବୁ ସିଂ ଯୋଗ ଦେଇଥିବା ବେଳେ ବିଭାଗୀୟ ସଚିବ ଡ. ଏନ୍. ତିରୁମାଲା ନାଏକ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କର୍କରା ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଯୁକ୍ତ ଦୁଇରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। କଳାରେ ଦେବେନ୍ଦ୍ର ଖମାରିଆ, ବିଜ୍ଞାନରେ ସୁଶିଲ ନାୟକ, ବାଣିଜ୍ୟରେ ସ୍ୱର୍ଣ୍ଣ ରେଖା ମନ୍ତ୍ରୀ ଏବଂ ଧନ୍ଦାମୂଳକ ଶିକ୍ଷାରେ ସୁପ୍ରିୟା ସୁତାରଙ୍କୁ ମୁଖ୍ୟମନ୍ତ୍ରୀ ୨୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଭାଷା ବୃତ୍ତି ପାଇଁ ୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିବା ସହିତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ହୁଇଲ ଚେୟାର ଓ ଅନ୍ୟାନ୍ୟ ଉପକରଣ ପ୍ରଦାନ କରିଛନ୍ତି। ଏହାସହ ବିଭିନ୍ନ ପ୍ରତିଯୋଗିତା ଏବଂ ଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି।

**ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଓ ଗୁଣାତ୍ମକ ବିକାଶ ପାଇଁ ସରକାର ପ୍ରୟାସରତ: ମୁଖ୍ୟମନ୍ତ୍ରୀ**

**ସମ୍ବର୍ଦ୍ଧିତ ହେଲେ ମେଧାବୀ ଛାତ୍ରଛାତ୍ରୀ; ଦିବ୍ୟାଙ୍ଗ ପିଲାଙ୍କୁ ହୁଇଲ୍ ଚେୟାର**

## ଅପରାଜିତା ଯୁଗ୍ମ ସଂସଦୀୟ କମିଟିର ଅଧ୍ୟକ୍ଷା

**ସଂସଦରେ ଆଗତ ୩ ଗୁରୁତ୍ୱପୂର୍ଣ୍ଣ ବିଲ୍ ସମ୍ପର୍କରେ କରିବ ଅନୁଧ୍ୟାନ**

**ଭୁବନେଶ୍ୱର, ୧୩।୧୧ (ସମିସ):** ସଂସଦରେ ଆଗତ ହୋଇଥିବା ୩ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ସମ୍ପର୍କରେ ଅନୁଧ୍ୟାନ ଲାଗି ଗଠିତ ସଂସଦୀୟ କମିଟିରେ ଅଧ୍ୟକ୍ଷ ଭାବରେ ନିଯୁକ୍ତି ପାଇଛନ୍ତି ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ। ସମ୍ବିଧାନ (୧୩୦ ତମ ସଂଶୋଧନ) ଅଧିନିୟମ, ୨୦୨୫, ଜମ୍ମୁ ଓ କାଶ୍ମୀର ପୁନର୍ଗଠନ (ସଂଶୋଧନ) ଅଧିନିୟମ, ୨୦୨୫ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଶାସନ (ସଂଶୋଧନ) ଅଧିନିୟମ ୨୦୨୫ ସମ୍ପର୍କରେ ଏହି ଜେପିସି ଅନୁଧ୍ୟାନ କରିବ। ୩୧ ସଦସ୍ୟ ବିଶିଷ୍ଟ ଜେପିସିରେ ଲୋକସଭାରୁ ୨୧ ଏବଂ ରାଜ୍ୟସଭାରୁ ୧୦ ଜଣ ସଦସ୍ୟ ସ୍ଥାନ ପାଇଛନ୍ତି।

## ଓଡ଼ିଶାର ସମୃଦ୍ଧ ଚଳଚ୍ଚିତ୍ର ପରମ୍ପରା ରହିଛି: ଅମିତାଭ୍ ବଚ୍ଚନ

**ଭୁବନେଶ୍ୱର, ୧୩।୧୧ (ସମିସ):** ଓଡ଼ିଶାର ଏକ ସମୃଦ୍ଧ ଚଳଚ୍ଚିତ୍ର ପରମ୍ପରା ରହିଛି ବୋଲି କହିଛନ୍ତି ବିଗ୍ ବି ଅଭିତାଭ ବଚ୍ଚନ। ବୁଧବାର କଳାଭୂମିଠାରେ ଆୟୋଜିତ ୧୦ମ ଚଳଚ୍ଚିତ୍ର ସଂରକ୍ଷଣ ଓ ପୁନଃରୁଦ୍ଧାର କର୍ମଶାଳା-୨୦୨୫ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଗଦେଇ ଶ୍ରୀ ବଚ୍ଚନ କହିଛନ୍ତି, ଏହି ପରମ୍ପରା ୧୯୩୬ ମସିହାରୁ ମୋହନ ସୁନ୍ଦର ଦେବଗୋସ୍ୱାମୀଙ୍କ ନିର୍ଦ୍ଦେଶିତ ସୀତା ବିବାହ ଚଳଚ୍ଚିତ୍ରରୁ ଆରମ୍ଭ ହୋଇଛି। ଓଡ଼ିଆ ଚଳଚ୍ଚିତ୍ର ଜଗତର ବିକାଶ ଯାତ୍ରାରେ ନୀରଦ ମହାପାତ୍ର, ମନମୋହନ ମହାପାତ୍ର, ଘନଶ୍ୟାମ ମହାପାତ୍ର, ପ୍ରଫୁଲ୍ଲ ସେନଗୁପ୍ତ, ନିତାଇ ପାଲିତ୍, ପାର୍ବତୀ ଘୋଷ, ପ୍ରଶାନ୍ତ ନନ୍ଦ, ଉତ୍ତମ ମହାନ୍ତି, ବିଜୟ ମହାନ୍ତି, ଝରଣା ଦାସଙ୍କ ପରି କିମ୍ବଦନ୍ତୀ ଓଡ଼ିଆ ଚଳଚ୍ଚିତ୍ର ବ୍ୟକ୍ତିତ୍ୱଙ୍କ ଅବଦାନକୁ ସେ ପ୍ରଶଂସା କରିଥିଲେ। ପ୍ରସିଦ୍ଧ ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ ୱହିଦା ରେହମାନ ଯୋଗଦେଇ ଚଳଚ୍ଚିତ୍ର ସଂରକ୍ଷଣ କ୍ଷେତ୍ରରେ ଓଡିଶା ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ।

ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଫିଲ୍ମ ହେରିଟେଜ ଫାଉଣ୍ଡେସନ୍ ଏବଂ ଇଣ୍ଟରନ୍ୟାସନାଲ ଫେଡେରେସନ ଅଫ୍ ଫିଲ୍ମ ଆର୍କାଇଭ୍ସର ମିଳିତ ଆନୁକୂଲ୍ୟରେ ଭାରତୀୟ ଚଳଚ୍ଚିତ୍ର ସଂରକ୍ଷଣ ଓ ପୁନରୁଦ୍ଧାର କର୍ମଶାଳା-୨୦୨୫ର ଦଶମ ସଂସ୍କରଣର ଉଦଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ



ଆମ ଓଡ଼ିଆ ସିନେମା ଆମ ସାଂସ୍କୃତିକ ଐତିହ୍ୟର ପ୍ରତୀକ ବୋଲି କହିଥିଲେ। ଓଡ଼ିଆ ଚଳଚ୍ଚିତ୍ରର ପୁନରୁଦ୍ଧାର ପାଇଁ ଫିଲ୍ମ ହେରିଟେଜ ଫାଉଣ୍ଡେସନ୍ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବା ପାଇଁ ଘୋଷଣା କରିବା ସହ ଓଡ଼ିଆ ଚଳଚ୍ଚିତ୍ରର ହୃତଗୌରବ ଫେରାଇ ଆଣିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି କହିଥିଲେ। ୧୯ ତାରିଖ ଯାଏ ଚାଲିବାକୁ ଥିବା ଏହି କର୍ମଶାଳାରେ ଦେଶ ବିଦେଶର ନାମୀଦାମୀ ଚଳଚ୍ଚିତ୍ର ନିର୍ମାତା, ଗବେଷକ, ସଂରକ୍ଷକ ଯୋଗ ଦେଇଛନ୍ତି। ଏହି ଅବସରରେ ଚଳଚ୍ଚିତ୍ର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଫିଲ୍ମ ହେରିଟେଜ ଫାଉଣ୍ଡେସନ୍ ପକ୍ଷରୁ ରବିନ୍ ବେକରଙ୍କୁ 'ଆଉଟଷ୍ଟାଣ୍ଡିଙ୍ଗ ଫିଲ୍ମ ହେରିଟେଜ ପୁରସ୍କାର' ଏବଂ ସଞ୍ଜୟ ପଟ୍ଟନାୟକ ଓ ସୂର୍ଯ୍ୟ ଦେଓଙ୍କୁ 'ଚମ୍ପିଅନ ଅଫ୍ ଫିଲ୍ମ ହେରିଟେଜ୍ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର, ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ପ୍ରାରମ୍ଭରେ ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ଶିବେନ୍ଦ୍ର ସିଂ ଡୁଙ୍ଗରପୁର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଦୀକ୍ଷା ତିୱାରୀ ସଂଯୋଜନା କରିଥିଲେ।

■ ୧୦ମ ଚଳଚ୍ଚିତ୍ର ସରଂକ୍ଷଣ ଓ ପୁନରୁଦ୍ଧାର କର୍ମଶାଳା-୨୦୨୫ ଉଦ୍‌ଘାଟିତ
■ କାର୍ଯ୍ୟକ୍ରମରେ ଯୋଗଦେଲେ ବିଶିଷ୍ଟ ଅଭିନେତ୍ରୀ ୱହିଦା ରେହମାନ
■ ସଞ୍ଜୟ ପଟ୍ଟନାୟକ ଓ ସୂର୍ଯ୍ୟ ଦେଓଙ୍କୁ 'ଚାମ୍ପିଅନ ଅଫ୍ ଫିଲ୍ମ ହେରିଟେଜ୍ ସମ୍ମାନ'

## ଆନ୍ଧ୍ର ଡିପୋରେ ଓଡ଼ିଶା ଗଞ୍ଜେଇ

**ଭୁବନେଶ୍ୱର, ୧୩।୧୧ (ସମିସ):** ଓଡ଼ିଶାରୁ ଉତ୍ତରପ୍ରଦେଶକୁ ଗଞ୍ଜେଇ ଚାଲାଣ ବେଳେ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ) ହାବୁଡ଼ରେ ପଡ଼ିଛନ୍ତି ନିଶା ମାଫିଆ। ବିଜୟୱାଡାର ଏକ ଗୋଦାମରୁ ୨୪୯ କିଲୋ ଗଞ୍ଜେଇ ଓ ୨ଟି ଟ୍ରକକୁ ଜବତ କରିଛି। ଚାଲାଣର ମାଷ୍ଟର ମାଇଣ୍ଡ ସମେତ ୫ ଜଣଙ୍କୁ ଗିରଫ କରିଛି ଡିଆରଆଇ। ସେମାନେ ହରିୟାଣା ଓ ଆନ୍ଧ୍ରପ୍ରଦେଶର ବୋଲି ଜଣାପଡ଼ିଛି।

■ ବିଜୟୱାଡ଼ା ଗୋଦାମରେ ଡିଆର୍‌ଆଇର ଚଢ଼ଉ
■ ଦୁଇ ଟ୍ରକ୍ ସହ ୨୫୦ କିଲୋ ଗଞ୍ଜେଇ ଜବତ
■ 'ଇଗଲ' ପଞ୍ଝାରେ ପଡ଼ିଲେ ୫ ହରିଆଣା ବେପାରୀ



ସୂଚନା ମୁତାବକ, ଓଡ଼ିଶାରୁ ଗଞ୍ଜେଇ ନେଇ ବିଜୟୱାଡାର ଏକ ଗୋଦାମରେ ଗଚ୍ଛିତ ରଖା ଯାଇଥିବା ନେଇ ଡିଆରଆଇ ଖବର ପାଇଥିଲା। ଡିଆରଆଇ ଓ ଆନ୍ଧ୍ରପ୍ରଦେଶ ପୁଲିସ (ଇଗଲ୍ ଟିମ୍) ମିଳିତ ଭାବେ ଉକ୍ତ ଗୋଦାମରେ ଚଢ଼ଉ କରିଥିଲେ। ଗୋଦାମ ଓ ଏହା ପରିସରରେ ଥିବା ଉତ୍ତରପ୍ରଦେଶ ପଞ୍ଜିକୃତ ଏକ ଟ୍ରକର ସିକ୍ରେଟ୍ ଚାମ୍ବରରୁ ୨୪୨ ପ୍ୟାକେଟ ଗଞ୍ଜେଇ ମିଳିଥିଲା। ଓଜନ ବେଳେ ଏହା ୨୪୯ କିଲୋ ଥିବା ଜଣାପଡ଼ିଥିଲା। ଗୋଦାମ ପରିସରରୁ ଆନ୍ଧ୍ରପ୍ରଦେଶ ନମ୍ବର ବିଶିଷ୍ଟ ଏକ ଟ୍ରକ୍ ମଧ୍ୟ ଜବତ ହୋଇଥିଲା।

ଅଭିଯୁକ୍ତମାନେ ଓଡ଼ିଶାରୁ ଗଞ୍ଜେଇ ଆଣିବା ପୁଲିସ ନଜରରୁ ଖସିବା ପାଇଁ ଏକ ବିକଳ୍ପ ବ୍ୟବସ୍ଥା ଆପଣାଇଥିଲେ। ସେଥିଲାଗି ଉତ୍ତରପ୍ରଦେଶ ବଦଳରେ ଆନ୍ଧ୍ରପ୍ରଦେଶ ନମ୍ବର ବିଶିଷ୍ଟ ଟ୍ରକ୍ ବ୍ୟବହାର କରି ଗଞ୍ଜେଇକୁ ବିଜୟୱାଡା ସ୍ଥିତ ଗୋଦାମକୁ ନେଇଥିଲେ। ଗୋଦାମ ପରିସରରେ ଗଞ୍ଜେଇକୁ ଅନଲୋଡ୍ କରିଥିଲେ। ଅନୁରୂପ ଭାବେ, ଆନ୍ଧ୍ରପ୍ରଦେଶରୁ ଉତ୍ତରପ୍ରଦେଶକୁ ଚାଲାଣ ପାଇଁ ୟୁପି ନମ୍ବର ବିଶିଷ୍ଟ ଏକ ଟ୍ରକରେ କିଛି ଗଞ୍ଜେଇ ଲୋଡ୍ କରିଥିଲେ। ହେଲେ ସେତିକିବେଳେ ଡିଆରଆଇ ଓ ଆନ୍ଧ୍ରପ୍ରଦେଶ ପୁଲିସ ଚଢ଼ଉ କରି ଟ୍ରକ୍ ଓ ଗଞ୍ଜେଇ ଜବତ କରିବା ସହ ୪ ଜଣଙ୍କୁ ଜବତ କରିଥିଲା। ଅନ୍ୟ ଏକ ସ୍ଥାନରେ ଚଢ଼ଉ କରି ଓଡ଼ିଶାରୁ ଆନ୍ଧ୍ରପ୍ରଦେଶକୁ ଗଞ୍ଜେଇ ଚାଲାଣରେ ସଂପୃକ୍ତ ଆଉ ଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଦେଇ ଓଡ଼ିଶାରୁ ଉତ୍ତରପ୍ରଦେଶକୁ ଗଞ୍ଜେଇ ଚାଲାଣ କରିଥାନ୍ତେ ବୋଲି ଡିଆରଆଇ ପକ୍ଷରୁ କୁହାଯାଇଛି।

**ତରିକା ବଦଳାଉଛନ୍ତି ସାଇବର୍ ଠକ**

## ପୂର୍ବରୁ ଢାଲ କରୁଥିଲେ; ଏବେ ଲୁଟୁଛନ୍ତି

**ଭୁବନେଶ୍ୱର, ୧୩।୧୧(ସମିସ):**

ରାଜ୍ୟରେ ସାଇବର ଠକଙ୍କ ଆତଙ୍କ ଥମିବାର ନାଁ ଧରୁନାହିଁ। ପୂର୍ବରୁ ଇନଷ୍ଟାଗ୍ରାମରେ ଅଧିକ ଫଲୋର୍ସ ଥିବା କିଛି ବ୍ୟକ୍ତି ବିଶେଷ, ୟୁଟ୍ୟୁବର୍ ଓ କିଛି ଟେଲି କଳାକାରଙ୍କୁ ଢାଲ କରୁଥିଲେ ସାଇବର ଠକ। ସେମାନଙ୍କ ମାଧ୍ୟମରେ ମିଥ୍ୟା ବିଜ୍ଞାପନ ଦେଇ ସାଧାରଣ ଲୋକଙ୍କୁ ଠକୁଥିଲେ। ଏବେ ସେଇମାନଙ୍କୁ ବିଜ୍ଞାପନ ଲୋଭ ଦେଖାଇ ଆଖି ପିଛୁଳାକେ ଆକାଉଣ୍ଟ ଖାଲି କରି ଦେଉଛନ୍ତି। ଆଉ ନୈତିକତା ଭୁଲି ବିଜ୍ଞାପନ ଅର୍ଥ ଲୋଭରେ ଫସୁଛନ୍ତି ସ୍ଥାନୀୟ ୟୁଟ୍ୟୁବର୍। ଜଗତସିଂହପୁରର ଜଣେ କଲେଜ ଛାତ୍ରୀ ୟୁଟ୍ୟୁବ ଓ ଇନ୍‌ଷ୍ଟାଗ୍ରାମରେ ଭିଡିଓ କରନ୍ତି। ନିକଟରେ ତାଙ୍କୁ ଗୋଟିଏ ଅଜଣା ଆକାଉଣ୍ଟରୁ ମେସେଜ ଆସିଲା ଓ ଏକ ଗେମିଙ୍ଗ୍ ଆପ୍ ପାଇଁ ପ୍ରମୋସନ ଭିଡିଓ କରିବାକୁ କହିଥିଲା। ଅଗ୍ରୀମ ଟଙ୍କା ପଠାଇବା ଲାଗି ଜି-ମେଲ୍, ଆଧାର କାର୍ଡ ନମ୍ବର, ବ୍ୟାଙ୍କ ଆକାଉଣ୍ଟ ନମ୍ବର ଓ ଆଇଏଫ୍‌ଏସସି କୋଡ୍ ମାଗିବାରୁ ଯୁବତୀ ଜଣକ ଦେଇଥିଲେ। ଏସବୁ ନେବାପରେ ଅଜଣା ବ୍ୟକ୍ତି ଜଣକ ଯୁବତୀଙ୍କୁ ଏକ ଲିଙ୍କ୍ ପଠାଇବା ସହ ଲିଙ୍କରେ ଯାଇ ସବିଶେଷ ତଥ୍ୟ ଦେବାକୁ କହିଥିଲା। ପ୍ରମୋସନ ଭିଡିଓ ବଦଳରେ ଟଙ୍କା ମିଳିବା ଲୋଭରେ ଯୁବତୀ ଜଣକ ତା'ର ଗୋଟି ଗୋଟି କଥା ମାନିଥିଲେ। ସବୁକିଛି ଫିଲ୍‌ଅପ୍ କରିବା ପରେ ଉକ୍ତ ଲିଙ୍କକୁ ଇନଷ୍ଟାଗ୍ରାମ ବାୟୋରେ ରଖିବାକୁ କହିଥିଲା। ଯୁବତୀ ଜଣକ ଉକ୍ତ ଲିଙ୍କକୁ ନିଜ ଇନଷ୍ଟାଗ୍ରାମ ବାୟୋରେ ରଖିବା ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଖାଲି ହୋଇ ଯାଇଥିଲା। କ୍ଷଣିକ ମଧ୍ୟରେ ଆକାଉଣ୍ଟରୁ ଟଙ୍କା ନେଇ ଯାଇଥିଲେ ସାଇବର ଠକ।

**ଟାର୍ଗେଟରେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର**



### ଟଙ୍କା ପାଇଁ ଭୁଲିଯାଉଛନ୍ତି ନୀତି ନୈତିକତା

ୟୁଟ୍ୟୁବର୍‌ମାନେ ସ୍ଥାନୀୟ ଅଞ୍ଚଳରେ ଖୁବ୍ ଲୋକପ୍ରିୟ ହୋଇଥିବାରୁ ସେମାନେ ଯେଉଁସବୁ ଜିନିଷ ବ୍ୟବହାର କରନ୍ତି, ତାକୁ ସାଧାରଣ ଲୋକମାନେ ଅତି ସହଜରେ ଗ୍ରହଣ କରି ନିଅନ୍ତି। ସେଥିଲାଗି ଭିନ୍ନ ଭିନ୍ନ କମ୍ପାନୀମାନେ ୟୁଟ୍ୟୁବର ବା ସାମାଜିକ ଗଣମାଧ୍ୟମରେ ଲୋକପ୍ରିୟତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ବିପୁଳ ଅର୍ଥ ଦେଇ ବିଭିନ୍ନ ବିଜ୍ଞାପନରେ ଉପଯୋଗ କରୁଛନ୍ତି। କିନ୍ତୁ ସେମାନଙ୍କୁ କିଏ ଯୋଗାଯୋଗ କରି ବିଜ୍ଞାପନ କଥା କହିଲା? ସେମାନଙ୍କ ପାଖକୁ ଟଙ୍କା କୋଉଠୁ ଆସିଲା? ସେମାନେ ଯାହା ପାଇଁ ବିଜ୍ଞାପନ କରୁଛନ୍ତି, ସେମାନେ ଠକ ନୁହଁନ୍ତି ତ?, ଏ ବାବଦରେ ୟୁଟ୍ୟୁବରମାନେ ଖୋଳତାଡ଼ କରୁନାହାଁନ୍ତି। କେଇଟା ଟଙ୍କା ପାଇଁ ସେମାନେ ତଳ ସ୍ତରକୁ ଖସି ଯାଉଛନ୍ତି। ନୈତିକତା ଭୁଲି ଅଜଣା ଲୋକଙ୍କ କଥାରେ ଆଖି ବୁଜି ଯେ କୌଣସି ବିଜ୍ଞାପନକୁ ପ୍ରମୋଟ କରୁଛନ୍ତି। ୟୁଟ୍ୟୁବରମାନଙ୍କ ଏହି ମିଥ୍ୟା ବିଜ୍ଞାପନ ଜାଲ ସାଧାରଣ ଲୋକମାନଙ୍କୁ କ୍ଷତିରେ ପକାଉଛି। ୟୁଟ୍ୟୁବରଙ୍କ ବିଜ୍ଞାପନରେ ଲୋକମାନେ ପ୍ରଲୋଭିତ ହୋଇ ଲକ୍ଷଲକ୍ଷ ଟଙ୍କା ହରାଉଛନ୍ତି। ୟୁଟ୍ୟୁବର୍‌ଙ୍କ ପ୍ରତାରଣା ମୂଳକ ପ୍ରତିଶ୍ରୁତି ଯୋଗୁଁ ଲକ୍ଷାଧିକ ଟଙ୍କାର କ୍ଷତି ହେଉ ନ ଥିବାରୁ ଏହାର ପ୍ରଚାର ଓ ପ୍ରସାରରେ ସେମାନଙ୍କ ସମ୍ପୃକ୍ତି ନେଇ ପ୍ରଶ୍ନ ଉଠିଛି। ୟୁଟ୍ୟୁବରଙ୍କ ଭୁଲ୍ ପାଇଁ ସାଧାରଣ ଲୋକ ବାରମ୍ବାର ସାଇବର ଠକେଇର ସ୍ୱୀକାର ହେଉଛନ୍ତି, କିନ୍ତୁ କୌଣସି ଘଟଣାରେ ପୁଲିସ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରୁନାହିଁ।

### କ'ଣ ରହିଛି ନିୟମ

ଗ୍ରାହକ ସୁରକ୍ଷା ଆଇନ-୨୦୧୯ ଅନୁଯାୟୀ, ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ବାରମ୍ବାର ମିଛ ବିଜ୍ଞାପନ ସେୟାର କରୁଥିଲେ ୧୦ଲକ୍ଷରୁ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ସାମାଜିକ ଗଣମାଧ୍ୟମ ପଲିସି-୨୦୨୧ ଅନୁଯାୟୀ, ପ୍ରାରମ୍ଭିକ ପର୍ଯ୍ୟାୟରେ ସାଇବର ଠକଙ୍କ ଦ୍ୱାରା ଦିଆଯାଉଥିବା ମିଥ୍ୟା ବିଜ୍ଞାପନ ଗୁଡ଼ିକୁ ୪୮ ଘଣ୍ଟା ମଧ୍ୟରେ ପ୍ରମୋସନ କରୁଥିବା ଆକାଉଣ୍ଟ ଗୁଡ଼ିକରୁ ନ ହଟାଇଲେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବାର ବ୍ୟବସ୍ଥା ରହିଛି। ଏଥିସହିତ ବଢୁଥିବା ସାଇବର୍ ଠକେଇକୁ ନଜରରେ ରଖି କେନ୍ଦ୍ର ସରକାର ୨୦୨୩ରେ ମିଥ୍ୟା ବିଜ୍ଞାପନ ତଥା ସାଇବର ଠକଙ୍କ ପ୍ରତ୍ୟକ୍ଷରେ ତଥା ପରୋକ୍ଷରେ ସହଯୋଗ କରୁଥିବା ବ୍ୟକ୍ତିଙ୍କୁ ୩ରୁ ୬ବର୍ଷ ଜେଲ୍ ଦଣ୍ଡ ଓ ୧୦ରୁ ୩୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ନିୟମ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ଆଶା କରିଥିବା ଦିଗରୁ ଅର୍ଥ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ନୂତନ ଜମି କ୍ରୟ କରିପାରନ୍ତି। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ।

**ବୃଷ:** ଯାତ୍ରା ଯୋଗ ଅଛି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିପାରେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ହୋଇପାରେ। ଆୟ ଓ ବ୍ୟୟ ସମାନ ରହିବ।

**ମିଥୁନ:** ରାଜନେତାଙ୍କ ପାଇଁ ଦିନଟି ଭଲ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦାନ ଧର୍ମ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଦେଖାଦେଇପାରେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଚାକିରିରେ ସଫଳତା ମିଳିବ। କଠିନ ପରିଶ୍ରମ କରିବେ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ପିତାମାତା ସନ୍ତାନଙ୍କ ଭିବଷ୍ୟତକୁ ନେଇ ଚିନ୍ତା କରିବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।


**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଅଚାନକ ଘରକୁ କୁଣିଆ ଆସିପାରନ୍ତି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଭାବିଚିନ୍ତି ନିବେଶ କରନ୍ତୁ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

## ଆଜିର ଇତିହାସ

- ୧୯୨୨- ବିବିସି, ବ୍ରିଟେନ୍‌ରେ ରେଡିଓ ସେବା ଆରମ୍ଭ କଲା।
- ୧୯୪୮ - ଯୁବରାଜ ଚାର୍ଲସ୍‌ଙ୍କ ଜନ୍ମ।
- ୧୯୫୫- କର୍ମଚାରୀ ରାଜ୍ୟ ବୀମା ନିଗମର ଉଦ୍‌ଘାଟନ।
- ୧୯୬୦- ଚେକ୍ ଗଣରାଜ୍ୟର ଦୁଇଟି ଟ୍ରେନ୍ ମୁହାଁମୁହିଁ ହେବାରୁ ଅତିକମ୍‌ରେ ୧୧୦ ଯାତ୍ରୀଙ୍କ ମୃତ୍ୟୁ।
- ୧୯୬୯ - ଆପୋଲୋ-୧୨କୁ ପ୍ରକ୍ଷେପଣ କରାଗଲା।
- ୨୦୦୨- ଚୀନ୍‌ର ରାଷ୍ଟ୍ରପତି ଜିଆଙ୍ଗ୍ ଜେମିନ୍ ନିଜ ପଦରୁ ଇସ୍ତଫା ଦେଲେ।

## ଶିଶୁଙ୍କ ପାଇଁ ଦିନଟିଏ



ଆଜି ୧୪ ନଭେମ୍ବର, ଶିଶୁ ଦିବସ। ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଜନ୍ମଦିନକୁ ଆମେ ଦେଶରେ ଶିଶୁ ଦିବସ ରୂପେ ପାଳନ କରାଯାଏ । ନେହରୁ ପିଲାମାନଙ୍କୁ ବହୁତ ଭଲ ପାଉଥିଲେ । ଏହି କାରଣରୁ ପିଲାମାନେ ତାଙ୍କୁ 'ଚାଚା ନେହରୁ' ବୋଲି ସମ୍ବୋଧନ କରୁଥିଲେ। ଶିଶୁଙ୍କୁ ଭଲ ପାଉଥିବା ପଣ୍ଡିତ ନେହରୁ ତାଙ୍କ ଜନ୍ମଦିନକୁ ଶିଶୁଙ୍କ ପାଇଁ ଉତ୍ସର୍ଗ କରି ଦେଇଥିଲେ । ଶିଶୁମାନେ ହିଁ ଦେଶର ଭିତ୍ତିଭୂମି ଏବଂ ସେମାନେ ହିଁ ଦେଶର ଭବିଷ୍ୟତ ବୋଲି ସେ ସର୍ବଦା କହୁଥିଲେ। ଦେଶର ଉନ୍ନତି, ପ୍ରଗତି ଦିଗରେ ଶିଶୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ନେହେରୁ ମତ ରଖିଥିଲେ । ଶିଶୁଙ୍କ ଅଧିକାର, ଦାୟିତ୍ୱ ଓ ଶିକ୍ଷା ବିଷୟରେ ସଚେତନ କରିବା ଉଦ୍ଦେଶ୍ୟରେ ସାରା ଦେଶରେ ପାଳିତ ହୋଇଥାଏ ଏହି ଦିବସ। ଜବାହରଲାଲ ନେହରୁ ଉତ୍ତର ପ୍ରଦେଶର ଆହ୍ଲାବାଦ ସହରରେ ଏକ କଶ୍ମୀର ପଣ୍ଡିତ ପରିବାରରେ ୧୮୮୯ ମସିହା ନଭେମ୍ବର ୧୪ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ମୋତିଲାଲ ନେହରୁ ଓ ମାତାଙ୍କ ନାମ ସ୍ୱରୂପାରାଣୀ ଥିଲା। ସେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ। ୧୯୬୪ ମସିହା ମଇ ମାସ ୨୭ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ନେହରୁଙ୍କ ଦେହାନ୍ତ ପରେ ପିଲାଙ୍କ ପ୍ରତି ତାଙ୍କ ଭଲ ପାଇବାକୁ ସମ୍ମାନ ଜଣାଇ ତାଙ୍କ ଜନ୍ମଦିବସକୁ ଶିଶୁ ଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏ ସମ୍ପର୍କରେ ସଂସଦରେ ପ୍ରସ୍ତାବ ପାରିତ କରାଯାଇଥିଲା। ଏହାପରେ ପ୍ରଥମ ଥର ପାଇଁ ୧୯୬୫ରେ ଶିଶୁ ଦିବସ ପାଳନ କରାଯାଇଥିଲା। ୧୯୬୪ ପୂର୍ବରୁ ୨୦ ନଭେମ୍ବରକୁ ଶିଶୁ ଦିବସ ଭାବେ ପାଳନ କରାଯାଉଥିଲା। କାରଣ ମିଳିତ ଜାତିସଂଘ ଦ୍ୱାରା ୧୯୫୪ ମସିହାରେ ୨୦ ନଭେମ୍ବରକୁ ଶିଶୁ ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କରାଯାଇଥିଲା। ଦେଶର କୋଣଅନୁକୋଣରେ ପଲ୍ଲୀ ଠୁ ଦିଲ୍ଲୀ ସବୁଠି ଶିଶୁଦିବସକୁ ଆନନ୍ଦ ଉତ୍ସାହର ସହ ପାଳନ କରାଯାଏ। ଶିଶୁ ଦିବସ ଅବସରରେ ସ୍କୁଲଗୁଡ଼ିକରେ ନାଚ, ଗୀତ, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥାଏ। ଏହି ଦିନ ସ୍କୁଲ୍ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପିଲାମାନଙ୍କୁ ଚକଲେଟ୍, ମିଠା ଆଦି ବଣ୍ଟା ଯାଇଥାଏ।

## ରୋବଟିକ୍ ହ୍ୱିଲ୍ ଚେୟାର୍‌ରେ ପୃଥ୍ୱୀରାଜ



ଏସ୍. ଏସ୍ ରାଜମୌଳି ଓ ମହେଶ ବାବୁଙ୍କ ଫିଲ୍ମ 'ଏସ୍‌ଏସ୍‌ଏମ୍‌ବି ୨୯'କୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ନଭେମ୍ବର ୧୫ରେ ରାମୋଜୀ ଫିଲ୍ମ ସିଟିରେ ଏକ ଭବ୍ୟ ସମାରୋହରେ ଫିଲ୍ମର ଟାଇଟଲ ଘୋଷଣା କରାଯିବ। ଏହି ମେଗା ଇଭେଣ୍ଟ ପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଛି। ଇତିମଧ୍ୟରେ ଫିଲ୍ମ ନିର୍ମାତା ପୃଥ୍ୱୀରାଜ ସୁକୁମାରନ୍‌ଙ୍କ ଲୁକ୍ ସେୟାର୍ କରିଛନ୍ତି। ପ୍ରିୟଙ୍କା ଚୋପ୍ରା ତାଙ୍କର ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟର୍ ସେୟାର୍ କରିଛନ୍ତି। ଏଥିରେ ସୁକୁମାରନ୍ ରୋବଟ୍ ଭଳି ଦେଖାଯାଉଥିବା ଏକ ହ୍ୱିଲଚେୟାର୍‌ରେ ବସିଥିବାର ଦେଖାଯାଇଛନ୍ତି। ସେ କଳା ରଙ୍ଗର ସୁଟ୍ ପିନ୍ଧି କ୍ୟାମେରା ଆଡ଼କୁ ରାଗରେ ଅନାଇଥିବାର ଦେଖାଯାଇଛନ୍ତି। ତେବେ ସେ ଏଥିରେ ଜଣେ ପକ୍ଷାଘାତ ରୋଗୀ ଭଳି ଦେଖାଯାଉଛନ୍ତି। ପୃଥ୍ୱୀରାଜ ଏଥିରେ 'କୁମ୍ଭା' ଚରିତ୍ରରେ ଅଭିନୟ କରିବେ ବୋଲି ସ୍ପଷ୍ଟ ହୋଇଛି। କାରଣ ପ୍ରିୟଙ୍କା ଏହି ପୋଷ୍ଟରକୁ ସେୟାର୍ କରି ଲେଖିଛନ୍ତି- 'ଉଠନ୍ତୁ, କୁମ୍ଭାକୁ ଦେଖା କରନ୍ତୁ।' ପୃଥ୍ୱୀରାଜ ଏଥିରେ ଖଳନାୟକ ଭାବେ ଦେଖାଯିବେ ବୋଲି ପୋଷ୍ଟର୍‌ରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ଏଥିରେ ହିରୋଭାବେ ମହେଶବାବୁ ଏବଂ ତାଙ୍କ ବିପକ୍ଷରେ ପ୍ରିୟଙ୍କା ଚୋପ୍ରା ଦେଖାଯିବେ।

## ବିଶ୍ୱ ମଧୁମେହ ଦିବସ



ମଧୁମେହ ରୋଗ ବିଷୟରେ ସଚେତନା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ 'ବିଶ୍ୱ ମଧୁମେହ ଦିବସ' ଭାବେ ପାଳନ କରାଯାଏ। ଏହି ଦିବସର ମୁଖ୍ୟ ଲକ୍ଷ୍ୟ ହେଉଛି ସ୍ୱାସ୍ଥ୍ୟ ଶିବିର, ସ୍ୱାସ୍ଥ୍ୟ ସମ୍ବନ୍ଧିତ ବାର୍ତ୍ତା, ସଭା ସମିତି ତଥା ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ମଧୁମେହ ରୋଗ ପ୍ରତି ଜନସଚେତନତା ସୃଷ୍ଟି କରିବା। ଏହି ରୋଗର ସବୁଠାରୁ ବଡ଼ କାରଣ ହେଉଛି ଖରାପ ଏବଂ ପରିବର୍ତ୍ତିତ ଜୀବନଶୈଳୀ। ମଧୁମେହକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୧୯୯୧ ମସିହାରେ ଅନ୍ତର୍ଜାତୀୟ ମଧୁମେହ ଫେଡେରେସନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ମଧୁମେହ ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୦୬ ମସିହାରେ ଏହି ପ୍ରସ୍ତାବ ପାରିତ ହେବା ପରେ ନଭେମ୍ବର ୧୪ ତାରିଖକୁ ବିଶ୍ୱ ମଧୁମେହ ଦିବସ ପାଳନ କରିବା ଲାଗି ମିଳିତ ଜାତିସଂଘ ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଥିଲା। ସାରା ବିଶ୍ୱରେ ମଧୁମେହ ରୋଗ ଏକ ମହାମାରୀର ରୂପ ନେବାକୁ ବସିଲାଣି। ଏହାକୁ ସ୍ଲୋ ପଏଜନ୍(ନିରବ ଘାତକ) ବୋଲି ମଧ୍ୟ କୁହାଯାଏ। ଘଣ୍ଟା ଘଣ୍ଟା ଧରି କମ୍ପ୍ୟୁଟର, ମୋବାଇଲ ଆଗରେ ବସି ରହିବା, ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ କରିବା, ଦିନରେ ବିଳମ୍ବରେ ଉଠିବା, ବ୍ୟାୟାମ ନ କରିବା, ଅତ୍ୟଧିକ ତେଲ, ମସଲା ଖାଇବା ଦ୍ୱାରା ମଣିଷକୁ ଗ୍ରାସ କରୁଛି ଅନେକ ରୋଗ । ସେଥିମଧ୍ୟରୁ ସର୍ବାଧିକ ଲୋକଙ୍କୁ ଆକ୍ରାନ୍ତ କରୁଥିବା ରୋଗ ଭାବେ ପରିଚିତ ମଧୁମେହ । କେବଳ ବୟସ୍କ ନୁହନ୍ତି, ଯୁବପିଢ଼ି ଏପରିକି କମ୍ ବୟସର ପିଲା ବି ଏହି ରୋଗରେ କବଳିତ ହେଉଛନ୍ତି। ସେହିପରି ୧୮୯୧ ଆଜିର ଦିନ ହେଉଛି ଇନ୍‌ସୁଲିନ୍‌ର ସହ ଆବିଷ୍କାରକ ସାର୍ ଫ୍ରେଡରିକ୍ ବାଣ୍ଟିଙ୍ଗଙ୍କ ଜନ୍ମଦିନ। ମଣିଷ ଶରୀରରେ ଇନ୍‌ସୁଲିନ୍ ପ୍ରୟୋଗ କରିଥିବା ପ୍ରଥମ ବୈଜ୍ଞାନିକ ହେଲେ ବାଣ୍ଟିଙ୍ଗ୍। ରକ୍ତରେ ଗ୍ଲୁକୋଜ୍ ବା ଶର୍କରା ପରିମାଣ ନିର୍ଦ୍ଧାରିତ ସୀମାଠାରୁ ଅଧିକ ଥିଲେ ମଧୁମେହ ରୋଗ ହୋଇଥାଏ। ମଧୁମେହ ସାଧାରଣତଃ ୨ ପ୍ରକାରର । ଟାଇପ୍ -୧ ଓ ଟାଇପ୍-୨ ଡାଇବେଟିସ୍ । ଟାଇପ୍ -୧ ଡାଇବେଟିସ୍ ଶୈଶବ, କିଶୋର ଓ ଆଦ୍ୟ ଯୌବନରେ ମୁଖ୍ୟତଃ ୨୫ ବର୍ଷରେ ହୋଇଥାଏ । ଏ କ୍ଷେତ୍ରରେ ହଠାତ୍ ରୋଗର ଲକ୍ଷଣ ଦେଖାଯାଏ। ସେହିଭଳି ଟାଇପ୍-୨ ଡାଇବେଟିସ୍ ସାଧାରଣତଃ ୪୦ ବର୍ଷ ପରେ ହୋଇଥାଏ। ମଧୁମେହ ବଂଶଗତ ରୋଗ ହୋଇଥିଲେ ହେଁ ଅନିୟମିତ ଜୀବନଶୈଳୀ ଏହି ରୋଗର ମୂଳ କାରଣ। ବଦଳୁଥିବା ଜୀବନ ଶୈଳୀ ଯୋଗୁଁ ଦିନକୁ ଦିନ ମଧୁମେହ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମଧୁମେହ ଦ୍ୱାରା ପୀଡ଼ିତ ଲୋକମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମିବାକୁ ଲାଗିଥାଏ, କେବଳ ସେତିକି ନୁହେଁ, ଶର୍କରାର ମାତ୍ରା ଅତ୍ୟଧିକ ବଢ଼ିଗଲେ ଏହା ମଣିଷକୁ ମୃତ୍ୟୁ ମୁଖକୁ ଟାଣି ନେଇଥାଏ। ମଧୁମେହ ରୋଗ ପାଇଁ ସର୍ତକତା ଅବଲମ୍ବନ କରିବା ନିତ୍ୟାନ୍ତ ଆବଶ୍ୟକ । ବିଶ୍ୱ ମଧୁମେହ ଦିବସ ପାଳନ ଦ୍ୱାରା ଲୋକମାନଙ୍କୁ ମଧୁମେହ ରୋଗକୁ ନିୟନ୍ତ୍ରଣ କରିବା ପାଇଁ ବାର୍ତ୍ତା ଦିଆଯାଇଥାଏ । ନିୟମିତ ଡାକ୍ତରଙ୍କ ପରାମର୍ଶ ନେବା ସହ ଉପଯୁକ୍ତ ଚିକିତ୍ସା ମଧୁମେହ ନିୟନ୍ତ୍ରଣରେ ସହାୟକ ହୋଇଥାଏ। ସନ୍ତୁଳିତ ଆହାର ସହ ନିୟମିତ ବ୍ୟାୟାମ, ଯୋଗ, ଚଲାବୁଲା ଆଦି ଉପରେ ଦୃଷ୍ଟି ଦେଲେ, ଏହାକୁ ନିୟନ୍ତ୍ରଣରେ ରଖାଯାଇପାରିବ। ଲୋକମାନଙ୍କୁ ଏହି ରୋଗ ବାବଦରେ ସଚେତନ କରାଇବା ପାଇଁ ପ୍ରତିବର୍ଷ ଏକ ଥିମ୍ ବା ବିଷୟବସ୍ତୁ ଆଧାରରେ ମଧୁମେହ ଦିବସ ପାଳନ କରାଯାଏ। ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ହେଉଛି ", "Diabetes and Well-being."

## ସଞ୍ଜୀବନୀ

## କେଶ ପ୍ରତିରୋପଣ ପରେ ଯତ୍ନ



**ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ କେଶ ଝଡ଼ିବା ଏକ ବଡ଼ ସମସ୍ୟା। ବଂଶାନୁଗତ, ପ୍ରଦୂଷଣ, ମାନସିକ ଚାପ ଆଦି ଯୋଗୁଁ ଏପରି ହୋଇଥାଏ। ଏନେଇ ଚର୍ମ ବିଶେଷଜ୍ଞଙ୍କ ଦ୍ୱାରା ସମସ୍ତ ଚିକିତ୍ସାର ସୁଫଳ ନ ମିଳିଲେ କେଶ ପ୍ରତିରୋପଣ (ହେୟାର ଟ୍ରାନ୍ସପ୍ଲାଣ୍ଟ) କରାଯାଇଥାଏ। ଏହି ଆଧୁନିକ ଚିକିତ୍ସା ପ୍ରକ୍ରିୟାରେ ସ୍ୱତନ୍ତ୍ର ବିଧିରେ ନୂଆ କେଶ ସୃଷ୍ଟି କରାଯାଇଥାଏ। ତେବେ କେଶ ପ୍ରତିରୋପଣ ପରେ କେଶର ସଠିକ୍ ଯତ୍ନ ନେବା ନିହାତି ଆବଶ୍ୟକ।**

- କେଶ ପ୍ରତିରୋପଣର ୪୮ ଘଣ୍ଟା ମଧ୍ୟରେ କେଶକୁ ଧୁଅନ୍ତୁନି। ତିନିଦିନ ଯାଏଁ ସାଲାଇନ୍ ଲଗାଇବା ଆବଶ୍ୟକ। ପ୍ରଥମ ୧୦ ଦିନ ପିଠିରେ ଆଉଜେଇ ଶୁଅନ୍ତୁ। ନିଜର ସ୍କିନ୍ ଟାଇପ୍ ଅନୁସାରେ ବିନା ସୁଗନ୍ଧିତ ସାମ୍ପୋରେ ହାଲୁକା ଭାବେ କେଶ ସଫା କରିପାରିବେ। କେଶକୁ ପ୍ରାକୃତିକ ଉପାୟରେ ଶୁଖାଇବାକୁ ଦିଅନ୍ତୁ।
- କେଶ ପ୍ରତିରୋପଣର କିଛି ଦିନ ଯାଏଁ ଢ଼ିଲା ପୋଷାକ ପିନ୍ଧନ୍ତୁ। କେଶରେ ହାତ ମାରନ୍ତୁନି। ସର୍ଜରୀ ସ୍ଥାନରେ ଚାପ ପକାଇବା ଅନୁଚିତ। କେଶକୁ ସିଧାସଳଖ ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଆସିବାକୁ ଦିଅନ୍ତୁନି।
- କେଶ ପ୍ରତିରୋପଣ ପରେ କିଛି ସପ୍ତାହ କେଶ ଝଡ଼ିବା ସାଧାରଣ କଥା। ଏହାକୁ 'ଶକ ଲସ' କୁହାଯାଏ। ୩ରୁ ୪ ମାସ ପରେ ନୂଆ କେଶ ସୃଷ୍ଟି ହୋଇ ୧୨ରୁ ୧୮ ମାସରେ କେଶ ସ୍ପଷ୍ଟ ଦେଖାଯାଏ। ଏହାବାଦ୍ ଯଦି ଯନ୍ତ୍ରଣା କିମ୍ବା ସଂକ୍ରମଣ ହୁଏ, ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ।

## ବିରଳ ଅସ୍ତ୍ରୋପଚାର



ଦାନ୍ତବିନ୍ଧା ବା ଦାନ୍ତ ପୋକ ଖାଇବା ତ ସାଧାରଣ କଥା। ହେଲେ ଆଖିର ତଳ ଭାଗରେ ଦାନ୍ତ ଉଠିବା ଅବିଶ୍ୱସନୀୟ। ଚିକିତ୍ସା କ୍ଷେତ୍ରରେ ଏହି ସ୍ଥିତିକୁ 'ଏକ୍ଟୋପିକ୍ ଟୁଥ୍' ବା ଭୁଲ୍ ସ୍ଥାନରେ ଦାନ୍ତ ଉଠିବା କୁହାଯାଏ। ଏବେ ସୁଦ୍ଧା ଖୁବ୍ କମ୍ ଲୋକଙ୍କ କ୍ଷେତ୍ରରେ ଏହି ମାମଲା ଦେଖିବାକୁ ମିଳିଛି। ଏହି କ୍ରମରେ ପାଟନା, ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଆଇଜିଆଇଏମ୍‌ଏସ୍)ର ଦନ୍ତ ବିଭାଗର ଡାକ୍ତରମାନେ ଏହି ଦୁର୍ଲଭ ରୋଗର ସଫଳ ଚିକିତ୍ସା କରି ଉଦାହରଣ ସୃଷ୍ଟି କରିଛନ୍ତି। ବିହାରର ୪୫ ବର୍ଷୀୟ ରବି କୁମାରଙ୍କ ଦାନ୍ତରୁ ରକ୍ତ ବାହାରୁଥିଲା। ମୁହଁ ଫୁଲିବା ସହିତ ଦୃଷ୍ଟି ଶକ୍ତି ହ୍ରାସ, ମୁଣ୍ଡ ବିନ୍ଧା ହୋଇଥିଲା। ସ୍ଥିତି ଜଟିଳ ହେବାରୁ ସେ ଦୈନନ୍ଦିକ କାମ କରିପାରିନଥିଲେ। ହସ୍‌ପିଟାଲରେ ତାଙ୍କର ସିଟିସିଟି ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାରୁ ତାଙ୍କ ଆଖି ତଳେ ଏକ ଦାନ୍ତ ମିଳିଥିଲା। ଦନ୍ତ ଚିକିତ୍ସା ବିଭାଗର ମୁଖ୍ୟ ଏବଂ ରେଡିଓଲୋଜି ବିଭାଗର ପ୍ରମୁଖ ଡାକ୍ତର ନିମ୍ମି ସିଂହଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଡାକ୍ତରୀଦଳ ସାବଧାନ ସହିତ ଘଣ୍ଟା ଘଣ୍ଟା ଧରି ଅସ୍ତ୍ରୋପଚାର ଜରିଆରେ ଆଖି ତଳେ ଫସି ରହିଥିବା ଦାନ୍ତକୁ ବାହାରକୁ କାଢ଼ିଥିଲେ। ଅସ୍ତ୍ରୋପଚାର ପରେ ବ୍ୟକ୍ତିଙ୍କ ମୁହଁ ଫୁଲା କମ୍ ହେବା ସହିତ ଆଖିକୁ ସ୍ପଷ୍ଟ ଦେଖାଯାଇଥିଲା।

## ଚକ୍ଷୁରେ ମଧୁମେହର ପ୍ରଭାବ ଓ ପ୍ରତିକାର

**ଡା. ସଂଘମିତ୍ରା କାନୁନ୍‌ଗୋ**



ବର୍ତ୍ତମାନ ମଧୁମେହ ବହୁଳ ଭାବେ ଦେଖାଯାଉଛି। ଆନ୍ତର୍ଜାତୀୟ ଡାଇବେଟିସ୍ ଫେଡେରେସନ (୨୦୨୫) ର ନୂତନ ତଥ୍ୟ ଅନୁଯାୟୀ ୯ଜଣରୁ ଜଣେ ମଧୁମେହରେ ପୀଡ଼ିତ। ପ୍ରତି ୧୦ଜଣରୁ ୪ଜଣ ମଧୁମେହ ରୋଗୀ ଏହି ରୋଗରେ ପୀଡ଼ିତ ଥିବା ଜାଣି ନାହାଁନ୍ତି। ୨୦୨୪ ମସିହା ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ପ୍ରାୟତଃ ୫୮୯ ମିଲିୟନ୍ ବ୍ୟକ୍ତି ମଧୁମେହ ରୋଗରେ ପୀଡ଼ିତ ଅଛନ୍ତି, ୨୦୫୦ ମସିହା ସୁଦ୍ଧା ବିଶ୍ୱବ୍ୟାପୀ ୪୬% ବୃଦ୍ଧି ପାଇ ୮୫୩ ମିଲିୟନ ପର୍ଯ୍ୟନ୍ତ ପହଞ୍ଚିବ। ଚିନ୍ତାର ବିଷୟ, ପ୍ରତି ୫ ଜଣ ବୟସ୍କଙ୍କ ମଧ୍ୟରୁ ୪ ଜଣ ନିମ୍ନ ଏବଂ ମଧ୍ୟ ଆୟକାରୀ ଦେଶରେ ବାସ କରନ୍ତି। ଅଧିକାଂଶ ଲୋକଙ୍କର ରୋଗ ନିର୍ଣ୍ଣୟ କରାଯାଇନଥାଏ। ଭାରତରେ ମଧୁମେହ ଏକ ସଙ୍କଟ ଭାବେ ଉଭା ହୋଇଛି, ଯେଉଁଥିରେ ପ୍ରାୟ ୧୦୧ ନିୟୁତ ଲୋକ ପୀଡ଼ିତ ଅଛନ୍ତି ଏବଂ ୧୩୨ ନିୟୁତ ଲୋକ ପ୍ରି – ଡାଇବେଟିସ୍‌ରେ ପୀଡ଼ିତ। ମଧୁମେହ ସହିତ ଡାଇବେଟିକ୍ ରେଟିନୋପାଥି ବି ବୃଦ୍ଧି ପାଉଛି। ଡାଇବେଟିକ୍ ରେଟିନୋପାଥି ହେଉଛି ମଧୁମେହ ରୋଗର ଏକ ଅଣୁ ରକ୍ତକାରୀ ଜଟିଳତା। ଏହା ଆଖିର ରେଟିନାକୁ ପ୍ରଭାବିତ କରେ। ବିଶ୍ୱବ୍ୟାପୀ ବୟସ୍କଙ୍କ କ୍ଷେତ୍ରରେ ଏହା ନିବାରଣ ଯୋଗ୍ୟ ଦୃଷ୍ଟିହୀନର ମୂଳ କାରଣ। ଏହି ରୋଗ ଦୀର୍ଘକାଳୀନ ଉଚ୍ଚ ରକ୍ତ ଶର୍କରା ଦ୍ୱାରା ହୁଏ। ରେଟିନାର କ୍ୟାପିଲାରୀକୁ ଧୀରେ ଧୀରେ କ୍ଷତିଗ୍ରସ୍ତ କରେ। ବିଶ୍ୱର ପାଖାପାଖି ୪୫% ମଧୁମେହ ରୋଗୀଙ୍କୁ ଏହା ପ୍ରଭାବିତ କରେ। ମଧୁମେହର ଅବଧି, ରକ୍ତ ଶର୍କରା ଅନିୟନ୍ତ୍ରଣ, ଉଚ୍ଚ ରକ୍ତ ଚାପ, ଅସାଧାରଣ ଲିପିଡସ୍ତର ଓ ନେଫ୍ରୋ–ପାଥି ଏହି ରୋଗ ବଢ଼ାଇବାର ମୁଖ୍ୟ କାରଣ। ଟାଇପ୍ ୧ ଏବଂ ଟାଇପ୍ ୨ ମଧୁମେହ ରୋଗୀମାନେ ଏଥିରେ ପୀଡ଼ିତ ହୋଇଥାନ୍ତି। ଦୀର୍ଘ କାଳୀନ ରକ୍ତ ଶର୍କରା ଯୋଗୁ ରେଟିନାକୁ ଅମ୍ଳଜାନ ଯୋଗାଇବାରେ ବାଧା ସୃଷ୍ଟି କରେ। ଯାହା ଦ୍ୱାରା ନୂତନ ରକ୍ତ ନଳୀ ଗଠନ ହୋଇଥାଏ। ଏଥିରେ ରେଟିନାର ପୀତବିନ୍ଦୁ ଫୁଲିବା ଓ ରକ୍ତସ୍ରାବକୁ ବଢ଼ାଏ।

ମଧୁମେହ ରୋଗ ଯୋଗୁ ଆଖିର ପ୍ରଭାବକୁ ୨ ଭାଗରେ ବିଭକ୍ତ କରାଯାଇଛି। ପ୍ରଥମତଃ ନନ୍ ପ୍ରୋଲିଫେରେଟିଭ୍ ଡାଏବେଟିକ୍ ରେଟିନୋପାଥି ଏବଂ ଅନ୍ୟଟି ପ୍ରୋଲିଫେରେଟିଭ୍ ଡାଏବେଟିକ୍ ରେଟିନୋପାଥି।

ଏହି ରୋଗର ପ୍ରାରମ୍ଭିକ ଅବସ୍ଥାରେ କୌଣସି ବିଶେଷ ଲକ୍ଷଣ ଦେଖାଯାଏ ନାହିଁ। ପରବର୍ତ୍ତୀ ସମୟରେ ଝାପ୍‌ସା ଦିଶିବା, ଆଖି ସାମ୍ନାରେ କଳା ଛାଇ ଭାସି ଉଠିବା, ହଠାତ୍ ଦୃଷ୍ଟିଶକ୍ତି ଚାଲିଯିବା, ମଝିରେ ମଝିରେ ବିଜୁଳି ମାରିଲା ଭଳି ଲାଗିବା ଆଦି ଲକ୍ଷଣ ଦେଖାଯାଏ।

- ଏହି ରୋଗରେ ପୀଡ଼ିତ ବ୍ୟକ୍ତି ବର୍ଷରେ ଥରେ ଚକ୍ଷୁର ସ୍ୱାସ୍ଥ୍ୟ ପରୀକ୍ଷା କରିବା ଉଚିତ। ରକ୍ତଶର୍କରାକୁ ନିୟନ୍ତ୍ରଣ ରଖିବା, ରକ୍ତଚାପ, କୋଲେଷ୍ଟ୍ରଲ, ବୃକ୍କର କାର୍ଯ୍ୟକ୍ଷମତା ଅବସ୍ଥାକୁ ନିୟମିତ ପରୀକ୍ଷା କରିବା ଜରୁରି।
- ଗର୍ଭାବସ୍ଥାରେ ଏହି ରୋଗର ଗତି ବଢ଼ିଯାଉଥିବାରୁ କଡ଼ା ନିରୀକ୍ଷଣ ନିତାନ୍ତ ଆବଶ୍ୟକ। ସେହିପରି ଏଆଇ ଆଧାରିତ ରେଟିନା ସ୍କ୍ରିନିଂ ପ୍ରଣାଳୀ ବ୍ୟବହାର କରି ରୋଗର ଚିହ୍ନଟ କରିବା ଉଚିତ। ଡାଇବେଟିକ୍ ରେଟିନୋପାଥିର ଗତିକୁ ଧୀର କରିବା ତଥା ଦୃଷ୍ଟିଶକ୍ତି ନ ହରାଇବାକୁ ଶୀଘ୍ର ଚିହ୍ନଟ ଓ ଚିକିତ୍ସା ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।
- ଦୃଷ୍ଟିର ଫଳାଫଳ କୋମାରବିଡିଟି ରୋଗର ନିୟନ୍ତ୍ରଣ ଏବଂ ରେଟିନାର ପ୍ରଭାବ ଉପରେ ନିର୍ଭର କରେ। ରୋଗର ଲକ୍ଷଣ ଦେଖାଯିବା ପୂର୍ବରୁ ନିୟମିତ ଚକ୍ଷୁ ପରୀକ୍ଷା କରିବା ଦରକାର।
- ଆଧୁନିକ ଚିକିତ୍ସା ପ୍ରଣାଳୀରେ ଓସିଟି, ଆଞ୍ଜିଓଗ୍ରାଫି କରିବା ଦରକାର। ଚକ୍ଷୁ ଭିତରେ ଷ୍ଟେରଏଡ ଇଞ୍ଜେକସନ୍ ଏବଂ ଆଣ୍ଟି ଭିଜିଏଫ୍ ଦେଇ ଚିକିତ୍ସା କରାଯାଏ।
- ଟେଲି ଅଫ୍‌ଥାଲମୋଲୋଜିରେ ରୋଗର ନିରୂପଣ ଏବଂ ଚିକିତ୍ସା ପାଇଁ ଉପଦେଶ ଦେଇହେବ।

କନ୍‌ସଲଟାଣ୍ଟ ଭିଟ୍ରିଓ ରେଟିନା
କର ଭିଜନ ଆଇ ହସ୍‌ପିଟାଲ୍, ଭୁବନେଶ୍ୱର

## ପ୍ରଦୂଷିତ ପରିବେଶରେ ଶିଶୁଙ୍କ ଯତ୍ନ

**ଜଳବାୟୁ ପରିବର୍ତ୍ତନ, କଳକାରଖାନାରୁ ନିର୍ଗତ ଧୂଆଁ ଆଦି କାରଣରୁ ଦିନକୁ ଦିନ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। ଆଜ୍‌ମା ରୋଗୀ, ଶିଶୁଙ୍କ ଉପରେ ଏହାର ପ୍ରଭାବ ଅଧିକ ପଡୁଛି। ତେଣୁ ଏହି ସମୟରେ ସେମାନଙ୍କ ଯତ୍ନ କିପରି ନେବେ ଜାଣନ୍ତୁ।**

ପ୍ରଦୂଷିତ ବାୟୁରେ ଥିବା ଅତ୍ୟଧିକ ଛୋଟ କଣିକା ପିଏମ୍ ୨.୫ ମାତ୍ରା ବଢ଼ିଗଲେ, ଏହା ନାକ ବାଟେ ଛାତିକୁ ଯାଇ ରକ୍ତରେ ମିଶିଯାଇଥାଏ। ବୃକକ, ହୃତ୍‌ପିଣ୍ଡ, ଯକୃତ, ଚର୍ମ ଉପରେ ପ୍ରଭାବ ପକାଇବା ସହ ଶ୍ୱାସସମ୍ବନ୍ଧୀୟ ସମସ୍ୟା ସୃଷ୍ଟି କରେ।

**ଆଜ୍‌ମା ପ୍ରତି ଯତ୍ନବାନ ଜରୁରି:** ଆଜ୍‌ମା ଏକ ଫୁସ୍‌ଫୁସ୍‌ଜନିତ ରୋଗ। ଏହି ରୋଗରେ ଫୁସ୍‌ଫୁସ୍‌ର କାର୍ଯ୍ୟଧାରା ପ୍ରଭାବିତ ହୁଏ। ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ହୁଏ। ତେଣୁ ପ୍ରଦୂଷିତ ବାୟୁ ସଂସ୍ପର୍ଶରେ ଆସି ବାରମ୍ବାର ଛିଙ୍କିଲେ, ଶ୍ୱାସକ୍ରିୟାରେ ସମସ୍ୟା ହେଲେ ଡାକ୍ତରଙ୍କ ପରାମର୍ଶ ନେବା ସହ ଔଷଧ ସେବନ କରନ୍ତୁ। ସର୍ବଦା ପାଖରେ ଇନ୍‌ହେଲର ରଖନ୍ତୁ। ବାମ୍ପ ନେଇପାରିବେ। ଏନ୍-୯୫ ମାସ୍କ ପିନ୍ଧି ପାରିବେ।

**ପିଲାଙ୍କ ଯତ୍ନ:** ବାୟୁ ପ୍ରଦୂଷଣ ଯୋଗୁ ଶିଶୁଙ୍କ ଶାରିରୀକ ଓ ମାନସିକ ବିକାଶରେ ବାଧା ସୃଷ୍ଟି ହୁଏ। ଫୁସ୍‌ଫୁସ୍, ହୃଦ୍‌ପିଣ୍ଡ ଏବଂ ରୋପ୍ରତିରୋଧକ ଶକ୍ତି ପ୍ରଭାବିତ ହୁଏ। ପିଲାଙ୍କୁ ଆଜ୍‌ମା, ବ୍ରୋଙ୍କାଇଟିସ୍, ବାରମ୍ବାର ଥଣ୍ଡା, ଜ୍ୱର, ଚିନ୍ତା ଚିଡ଼ିଚିଡ଼ାପଣ ସୃଷ୍ଟି ହେବାର ଆଶଙ୍କା ଅଧିକ ରହିଥାଏ। ତେଣୁ ପ୍ରଦୂଷଣରୁ ଦୂରେଇ ରଖିବାକୁ ବାହାରକୁ ମାସ୍କ ପିନ୍ଧାଇ ଛାଡ଼ନ୍ତୁ। ପିଲାଙ୍କ ପାଖରେ ଧୂମପାନ ନ କରିବା ଆବଶ୍ୟକ। ପର୍ଯ୍ୟାପ୍ତ ମାତ୍ରାରେ ପାଣି, ପଇଡ଼, ସୁପ ଆଦି ତରଳ ପଦାର୍ଥ ଦେଇପାରିବେ। ଖାଦ୍ୟରେ ଭିଟାମିନ୍-ସି ଓ ଇ, ଫଳ, ସବୁଜ ପରିବା ଆଦି ସାମିଲ କରିପାରିବେ। ନିଃଶ୍ୱାସ ନେବାରେ ସମସ୍ୟା ହେଲେ, ଡାକ୍ତରଙ୍କୁ ଯୋଗାଯୋଗ କରନ୍ତୁ।



# ଏସୀୟ ତୀରନ୍ଦାଜୀ: ଜ୍ୟୋତିଙ୍କୁ ୨ ସ୍ୱର୍ଣ୍ଣ

ଢାକା, ୧୩।୧୧ (ଏଜେନ୍ସି): ବାଂଲାଦେଶରେ ଚାଲିଥିବା ଏସୀୟ ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଗୁରୁବାର



ଭାରତୀୟ ଦଳ ୪ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୩ଟି ସ୍ୱର୍ଣ୍ଣପଦକ ଓ ଗୋଟିଏ ରୌପ୍ୟ ପଦକ ରହିଛି। ମହିଳା କମ୍ପାଉଣ୍ଡ ବ୍ୟକ୍ତିଗତ ଫାଇନାଲରେ ଜ୍ୟୋତି ସୁରେଖା ୧୪୭-୧୪୫ ସ୍କୋରରେ ସାଥୀ ଭାରତୀୟ ତୀରନ୍ଦାଜ ପ୍ରୀତିକା ପ୍ରଦୀପଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ଏହାପରେ ପ୍ରଥମେଶ, ସାହିଲ ଯାଦବ ଓ ଅଭିଷେକ ବର୍ମାଙ୍କୁ ନେଇ ଗଠିତ ଭାରତୀୟ ଦଳ ପୁରୁଷ ଟିମ୍ ଇଭେଣ୍ଟର ଫାଇନାଲରେ କାଜାଖସ୍ତାନ ନିକଟରୁ ହାରି ରୌପ୍ୟ ପଦକ ପାଇଥିଲେ। ମହିଳା ଟିମ୍ ଇଭେଣ୍ଟ ଫାଇନାଲରେ ଭାରତ ୨୩୬-୨୩୪ ସ୍କୋରରେ କୋରିଆକୁ ହରାଇ ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲା। ଜ୍ୟୋତି, ପ୍ରୀତିକା ଓ ଦୀପଶିଖା ଭାରତୀୟ ମହିଳା ଦଳର ସଦସ୍ୟା ରହିଥିଲେ। ଭାରତ ଏହାର ୩ୟ ସ୍ୱର୍ଣ୍ଣପଦକ ମିକ୍ସଡ ଟିମ୍ ଇଭେଣ୍ଟରେ ବିଜୟୀ ହୋଇଥିଲା। ଅଭିଷେକ ଓ ଦୀପଶିଖାଙ୍କ ଯୋଡ଼ି ୧୫୩-୧୫୧ ସ୍କୋରରେ ବାଂଲାଦେଶକୁ ହରାଇ ଚାମ୍ପିଅନ ହୋଇଥିଲା।

# ଓମ୍‌ଙ୍କ ଶତକ; ଝାଡ଼ଖଣ୍ଡକୁ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୧୩।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୨୩ ବର୍ଷରୁ କମ୍ ପୁରୁଷ ଷ୍ଟେଟ୍-ଏ



ଟ୍ରଫିରେ ଓଡ଼ିଶା ଦ୍ୱିତୀୟ ବିଜୟ ହାସଲ କରିଛି। ଗୁରୁବାର ଭଦୋଦରାର ଦର୍ଶନମ ଏକାଡେମୀରେ ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୪ ୱିକେଟ୍‌ରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଝାଡ଼ଖଣ୍ଡ ଓପନର ବିଶେଷ ଦତ୍ତ (୯୪ ରନ) ଓ ଅଧିନାୟକ ରାଜନ ଦୀପ୍ (୪୯)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୫୦ ଓଭରରେ ୮ ୱିକେଟ୍ ହରାଇ ୨୪୧ ରନ କରିଥିଲା। ଓଡ଼ିଶାର ସୌମ୍ୟରଞ୍ଜନ ଲେଙ୍କା ୩ ଓ ପାନକଳ ଶଶାଙ୍କ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଓଡ଼ିଶା ଇନିଂସର ପ୍ରଥମ ୩ଟି ବଲ୍‌ରେ ପାନକଳ ଓ ଆୟୁଷ ବାରିକଙ୍କ ୱିକେଟ୍ ହରାଇଥିଲା। ତେବେ ତଥା ଅଧିନାୟକ ଓମ୍ ଟି ମୁଣ୍ଡେଙ୍କ ଦମ୍‌ଦାର ଶତକୀୟ ଇନିଂସ ବଳରେ ଦଳ ୧୦ଟି ବଲ୍ ପୂର୍ବରୁ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓମ୍ ୮ ଚୌକା ଓ ଗୋଟିଏ ଛକା ବଳରେ ୧୧୬ ବଲରୁ ୧୦୭ ରନ କରିଥିଲେ। ସୌମ୍ୟ ମଧ୍ୟ ୧୯ ବଲରେ ଅପରାଜିତ ୪୦ ରନର ଇନିଂସ ଖେଳି ଶ୍ରେଷ୍ଠ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ।

ଷ୍ଟେଟ୍-ଏ ଟ୍ରଫି

## ଆଜିଠାରୁ ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ

# ସ୍ପିନର ନେବେ ନିର୍ଣ୍ଣାୟକ ଭୂମିକା: ଗିଲ୍

କୋଲକାତା,୧୩ା୧୧(ଏଜେନ୍ସି):

ଘରୋଇ ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆସନ୍ତାକାଲିଠାରୁ ଆରମ୍ଭ ହେବ। କୋଲକାତାର ପ୍ରସିଦ୍ଧ ଇଡେନ୍ ଗାର୍ଡେନ୍ସରେ ଏହି ମୁକାବିଲା ଶୁକ୍ରବାରରୁ ଆରମ୍ଭ ହୋଇ ମଙ୍ଗଳବାର ଶେଷ ହେବ। ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍ ଲାଗି ଏହି ସିରିଜ୍ ଉଭୟ ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ। ଏବେ ଦକ୍ଷିଣ ଆଫ୍ରିକା ବିଶ୍ୱ ଟେଷ୍ଟ ଚାମ୍ପିଅନ ଭାବେ ଏହି ସିରିଜ୍ ଖେଳିବ। ଅନ୍ୟ ପକ୍ଷରେ ଘରୋଇ ମାଟିରେ ଅତ୍ୟନ୍ତ ପ୍ରଭାବୀ ପ୍ରଦର୍ଶନ କରିଥିବା ଭାରତ ଦକ୍ଷିଣ ଆଫ୍ରିକାକୁ ପୁଣିଥରେ ହରାଇ ସିରିଜ୍ କବଜା କରିବ ବୋଲି ଆଶା ରଖିଛି। ଭାରତରେ ୨୦୦୧ ପରଠାରୁ ଦକ୍ଷିଣ ଆଫ୍ରିକା ୫ଟି ସିରିଜ୍ ଖେଳିବାକୁ ଆସିଥିଲେ ମଧ୍ୟ ମାତ୍ର ୨ଟି ଟେଷ୍ଟରେ ବିଜୟୀ ହୋଇଛି। ଏହି ଦଳର କୋଚ୍ ଶୁକରି କନରାଡଙ୍କ ମତରେ ଆମେ ଏଥର ଇତିହାସ ସୃଷ୍ଟି କରିବୁ ବୋଲି କହିଛନ୍ତି। ଏହାର ଅର୍ଥ ବିଶ୍ୱଚାମ୍ପିଅନ ଦକ୍ଷିଣ ଆଫ୍ରିକା ୧୯୯୭-୯୮ ପରେ ପ୍ରଥମଥର ଭାରତରେ ଟେଷ୍ଟ ସିରିଜ୍ ଜିତିବ ବୋଲି କନରାଡ୍ ପରୋକ୍ଷାରେ ଚେତାବନୀ ଦେଇଛନ୍ତି। ଅନ୍ୟ ପକ୍ଷରେ ଏହି ମୁକାବିଲା ଲାଗି ଭାରତ ଜୋରଦାର ପ୍ରସ୍ତୁତି କରିଛି ଓ କୌଣସି ପରିସ୍ଥିତିରେ ସିରିଜ୍ ହାତଛଡ଼ା କରିବ ନାହିଁ ବୋଲି ଆଶା ରଖିଛି।

ଖେଳ ଆରମ୍ଭ ପୂର୍ବରୁ ଆଜି ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଅଧିନାୟକ ଶୁବମନ ଗିଲ୍ କହିଛନ୍ତି, ଏହି ଟେଷ୍ଟର ଫଳାଫଳରେ ସ୍ପିନରମାନେ ନିର୍ଣ୍ଣାୟକ ଭୂମିକା ନେବେ। ଏହା ଅର୍ଥ ସ୍ପଷ୍ଟ ଯେ ଭାରତ ଏହି ମ୍ୟାଚ୍‌ରେ ୩ଜଣ ସ୍ପିନରଙ୍କୁ ଖେଳିବାର ସୁଯୋଗ ଦେବ। ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦରଙ୍କ ସହ କୁଲଦୀପ ଯାଦବ କିମ୍ବା ଅକ୍ଷର ପଟେଲ ଖେଳିବେ। ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଦକ୍ଷିଣ ଆଫ୍ରିକା-ଏ' ସହ ଦିନିକିଆ ଖେଳିବାକୁ ଛାଡ଼ି ଦେଇଥିବାରୁ ଧ୍ରୁବ ଜୁରେଲଙ୍କୁ ଜଣେ ବ୍ୟାଟର ଭାବେ ଏହି ମ୍ୟାଚ୍ ଖେଳିବା ସ୍ପଷ୍ଟ ହୋଇଛି।



**ଖେଳ ଆରମ୍ଭ : ସକାଳ ୯.୩୦**
**ପ୍ରସାରଣ : ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

ଅବଶ୍ୟ ସହକାରୀ କୋଚ୍ ର୍ୟାନ୍ ଟେନ୍ ଡୋଶ୍ଚେଟ ପୂର୍ବରୁ ଏହି ସୂଚନା ଦେଇଥିଲେ। ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ୍ ସିରାଜ ପେସ୍ ବୋଲରଭାବେ ଖେଳିବେ। ବ୍ୟାଟିଂରେ ଦଳ ଚୟନ ନେଇ କିଛି ଅସୁବିଧା ନାହିଁ। ଓପନର ଭାବେ ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲ, ନଂ-୩, ୪, ୫ ଓ ୬ରେ ଯଥାକ୍ରମେ ସାଇ ସୁଦର୍ଶନ, ଅଧିନାୟକ ଶୁବମନ ଗିଲ୍, ଦୁଇ ୱିକେଟରକ୍ଷକ ଋଷଭ ପନ୍ତ୍ ଓ ଧ୍ରୁବ ଜୁରେଲ ଖେଳିବେ।

ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଏହି ସିରିଜ୍‌ରେ ଭଲ ଖେଳିବାକୁ ଦୃଢ଼ ଆଶା ପୋଷଣ କରିଛି। ଅଷ୍ଟ୍ରେଲିଆକୁ ହରାଇ ବିଶ୍ୱ ଚାମ୍ପିଅନ ହୋଇଥିବା ଏହି ଭ୍ରମଣକାରୀ ଦଳ ପାକିସ୍ତାନ ସହ ୧-୧ରେ ମ୍ୟାଚ୍ ଡ୍ର ରଖି ଲଢୁଆ ଖେଳିଛି। ଦଳରେ ୩ଜଣ ଭଲ ସ୍ପିନର କେଶବ ମହାରାଜ, ସେନୁରନ ମୁଥୁସ୍ୱାମୀ ଓ ସାଇମନ ହାର୍ମର ରହିଛନ୍ତି। ଏହି ଦଳରେ କେହି ନବାଗତ ଖେଳାଳି ନ ଥିଲେ ମଧ୍ୟ ସମସ୍ତେ ଅଭିଜ୍ଞ ହୋଇ ଏଠାରେ ଲଢ଼େଇ କରିବାକୁ ଆସିଛନ୍ତି। ଭାରତୀୟ ପିଚ୍ ଓ ଖେଳାଳିଙ୍କ ସମ୍ପର୍କରେ ଏହି ଦଳର ବେଶ ଭଲ ଅଭିଜ୍ଞତା ରହିଛି।

ଉଭୟ ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଓ ଦକ୍ଷିଣ ଆଫ୍ରିକା କୋଚ୍ ଶୁକରି କନରାଡ ଏଠାରେ ସ୍ପିନରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ଆଶା କରୁଛନ୍ତି। କିନ୍ତୁ ଏମାନେ ଖେଳର ତୃତୀୟ ଦିନରେ ପ୍ରଭାବ ପକାଇପାରିବେ। ପ୍ରଥମ ଦୁଇଦିନ କିନ୍ତୁ ପେସ୍ ବୋଲରଙ୍କ ଦବ୍‌ଦବା ରହିବ। ଭାରତରେ ଦକ୍ଷିଣ ଆଫ୍ରିକା ଗତ ୭ଟି ଟେଷ୍ଟରେ ଟସ୍ ଜିତିନାହିଁ। ଅଧିନାୟକ ଗିଲ୍ ୭ଟି ଟେଷ୍ଟରୁ ମାତ୍ର ଗୋଟିକରେ ଟସ୍ ଜିତିଛନ୍ତି। ଏଠାରେ ଟସ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହା ଉପରେ ଦଳର ପ୍ରଦର୍ଶନରୁ ଫଳାଫଳ ବାହାରିବା ନିର୍ଭର କରୁଛି।

### ସମ୍ଭାବ୍ୟ ଦଳ

**ଭାରତ :** ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ୍ (ଉପଅଧିନାୟକ) ଓ ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ।

ରିଜର୍ଭ- ଦେବଦତ୍ତ ପାଡିକଲ, ଅକ୍ଷର ପଟେଲ, ଆକାଶଦୀପ୍

**ଦକ୍ଷିଣ ଆଫ୍ରିକା :** ଆଇଡେନ୍ ମାରକ୍ରମ, ରିୟାନ ରିକେଟଲନ, ଟ୍ରିଷ୍ଟାନ ଷ୍ଟବ୍‌ସ, ଟୋନି ଡି ଜୋର୍ଜି, ତେମ୍ବା ବଭୂମା (ଅଧିନାୟକ), କାଏଲ ଭେରିନ (ଉଭୟ ୱିକେଟରକ୍ଷକ/ବ୍ୟାଟର), ମାର୍କୋ ଜାନସେନ୍, କାଗିସୋ ରାବାଡା, ସେନୁରନ ମୁଥୁସ୍ୱାମୀ, କେଶବ ମହାରାଜ, ସାଇମନ୍ ହାର୍ମର।

ରିଜର୍ଭ- ଡିୱାଲ୍ଡ ବ୍ରେଭିସ୍, ଜୁବେର ହାମ୍‌ଜା, କୋର୍ବିନ ବୋଷ୍, ୱିଆନ ମୁଲ୍ଡର

■ ଆଇପିଏଲ୍-୧୯

# ଡିସେମ୍ବର ୧୬ ଆବୁଧାବିରେ ନିଲାମ

ନୂଆଦିଲ୍ଲୀ, ୧୩।୧୧ (ଏଜେନ୍ସି): ଆଇପିଏଲର ଆଗାମୀ ୧୯ତମ ସଂସ୍କରଣ ଲାଗି ଖେଳାଳି ନିଲାମ ଡିସେମ୍ବର ୧୬ରେ ଆବୁଧାବିରେ ଅନୁଷ୍ଠିତ ହେବ ଓ ଏହା ଗୋଟିଏ ଦିନରେ ଶେଷ କରିବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ସମସ୍ତ ୧୦ଟି ଫ୍ରାଞ୍ଚାଇଜ ସେମାନଙ୍କ ଚୂଡ଼ାନ୍ତ ଟିମ୍ ଏହି ନିଲାମୀ ଜରିଆରେ ଫାଇନାଲ କରିବେ। ନଭେମ୍ବର ୧୫ ସୁଦ୍ଧା ସମସ୍ତ ଫ୍ରାଞ୍ଚାଇଜକୁ ସେମାନଙ୍କ ଚୂଡ଼ାନ୍ତ ରିଟେନସନ ତାଲିକା ପ୍ରଦାନ କରିବାକୁ କୁହାଯାଇଛି।

# ୱାଟସନ କେକେଆର୍‌ର ସହାୟକ କୋଚ୍

କୋଲକାତା, ୧୩।୧୧ (ଏଜେନ୍ସି): ଅଷ୍ଟ୍ରେଲିଆର ପୂର୍ବତନ ଅଲ୍‌ରାଉଣ୍ଡର ଶେନ ୱାଟସନଙ୍କୁ ଆଇପିଏଲ୍‌ର ଆଗାମୀ ୧୯ତମ ସିଜନ ଲାଗି କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ସହାୟକ କୋଚ୍ ଭାବେ ନିଯୁକ୍ତ କରିଛି।

# ଏମ୍‌ଆଇରେ ଶାର୍ଦ୍ଦୁଳ

ମୁମ୍ବଇ, ୧୩।୧୧ (ଏଜେନ୍ସି): ଆଇପିଏଲ୍‌ର ୧୯ତମ ସିଜନ ଲାଗି ସମସ୍ତ ଫ୍ରାଞ୍ଚାଇଜକୁ ଶନିବାର ସୁଦ୍ଧା ସେମାନଙ୍କ ଚୂଡ଼ାନ୍ତ ଖେଳାଳି ରିଟେନସନ ତାଲିକା ଦେବାକୁ କୁହାଯାଇଛି। ତେବେ ଏଥିପୂର୍ବରୁ ରେକର୍ଡ ୫ଥରର ଚାମ୍ପିଅନ ମୁମ୍ବଇ ଇଣ୍ଡିଆନ୍ସ ଦୁଇଟି ବଡ଼ ଟ୍ରେଡ୍ ଡିଲ୍ କରିଛି। ଗୁରୁବାର ମୁମ୍ବଇ ଦୁଇଜଣ ତାରକା ଖେଳାଳିଙ୍କୁ ଅନ୍ୟ ଫ୍ରାଞ୍ଚାଇଜରୁ ଟ୍ରେଡ୍ କରି ନିଜ ଦଳରେ ସାମିଲ କରିବାରେ ସଫଳ ହୋଇଛି।

ରାଜ୍ୟସ୍ତରୀୟ ଶବର କପ ଫୁଟବଲ

# ସେମିରେ ବୌଦ୍ଧର ଗେହ୍ଲା କ୍ଲବ୍



ଯାଁଳା,୧୩।୧୧(ସମିସ): ବୌଦ୍ଧର ଗେହ୍ଲା କ୍ଲବ୍ ରାଧାଚରଣପୁର ଖେଳ ପଡିଆରେ ଚାଲିଥିବା ୨୭ତମ ରାଜ୍ୟସ୍ତରୀୟ ଶବର କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଆସନ୍ତାକାଲି ଢେଙ୍କାନାଳର ପପୁଲାର କ୍ଲବ ଓ ଗେଲ୍ଲା କ୍ଲବ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଗୁରୁବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ଗେଲ୍ଲା ୪-୧ ଟାଇବ୍ରେକର ଗୋଲରେ ଜଟଣୀର ଫ୍ରେଣ୍ଡସ୍ ପାଇଡାଇଜ କ୍ଲବ୍‌କୁ ପରାସ୍ତ କରି ଏହି ସଫଳତା ହାସଲ କରିଛି। ସଂଘର୍ଷ ପୂର୍ଣ୍ଣ ଏହି ମ୍ୟାଚର ପ୍ରଥମାର୍ଦ୍ଧରେ କୌଣସି ଦଳ କାହାରିକୁ ଗୋଲ ଦେଇ ପାରିନଥିଲେ। ଖେଳର ଦ୍ୱିତୀୟାର୍ଦ୍ଧର ୧୦ ମିନିଟ ସମୟରେ ଜଟଣୀ ଦଳ ଗୋଲ ଦେଇ ଦଳକୁ ୧-୦ ରେ ଅଗ୍ରଣୀ ସ୍ଥିତିରେ ରଖିଥିଲେ। ଖେଳର ୪୫ ମିନିଟ ସମୟରେ ଗେହ୍ଲା କ୍ଲବ୍ ଗୋଲକୁ ଶୁଝାଇ ଖେଳକୁ ସମାନ ସ୍ଥିତିକୁ ଆଣିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପରସ୍ପରକୁ ୧-୧ ଗୋଲ ଦେଇ ବରାବର ସ୍ଥିତିରେ ରଖିବାରୁ ଫଏସଲା ପାଇଁ ଟାଇବେକର ପଦ୍ଧତି ଅନୁସରଣ କରାଯାଇଥିଲା। ଏଥିରେ ଗେଲ୍ଲା କ୍ଲବ ବୌଦ୍ଧ ୪-୧ ଗୋଲରେ ବ୍ୟବଧାନରେ ବିଜୟୀ ହୋଇଥିଲା।

# ଆଜିଠାରୁ ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍

ଭୁବନେଶ୍ୱର,୧୩ା୧୧(ସମିସ):

ଓଡ଼ିଶା ଚେସ୍ ଇତିହାସରେ ଆସନ୍ତାକାଲିଠାରୁ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି। ପେସାଦାର ଚେସ୍ ଖେଳରେ ଅଲ ଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ) ଓ ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍) ପକ୍ଷରୁ କ୍ରିକେଟରେ ଆଇପିଏଲ୍ ଢ଼ାଞ୍ଚାରେ ଫ୍ରାଞ୍ଚାଇଜ୍ ଭିତ୍ତିକ ୧୨ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ରାଜଧାନୀର ହୋଟେଲ ଲାଇଫ୍‌ରେ ଏହି ଟୁର୍ଣ୍ଣାମେଣ୍ଟ ନଭେମ୍ବର ୧୪ରୁ ଆରମ୍ଭ ହୋଇ ୧୬ରେ ଶେଷ ହେବ। ଟୁର୍ଣ୍ଣାମେଣ୍ଟରେ ମୋଟ ୧୦ ଲକ୍ଷ ଟଙ୍କାର ପୁରସ୍କାର ରଖାଯାଇଛି। ଏହା ମଧ୍ୟରୁ ଚାମ୍ପିଅନ ଦଳକୁ ୫ ଲକ୍ଷ ଟଙ୍କା ଓ ଟ୍ରଫି, ପ୍ରଥମ ରନର୍ସଅପ୍ ଦଳକୁ ୩ ଲକ୍ଷ ଟଙ୍କା ଓ ଟ୍ରଫି ଏବଂ ଦ୍ୱିତୀୟ ରନର୍ସଅପ୍ ଦଳକୁ ୨ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ। ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଗୋଟିଏ ଦଳ ୧୧ଟି ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।

ଟୁର୍ଣ୍ଣାମେଣ୍ଟର ନିୟମ ଅନୁଯାୟୀ ୧୨ଟି ଫ୍ରାଞ୍ଚାଇଜ୍ ଭିତ୍ତିକ ଦଳ ନିଲାମ ମାଧ୍ୟମରେ ଚୟନ କରାଯାଇଛି। ସେଗୁଡିକ ହେଲା- ଚୋଲ ଚାମ୍ପିଅନ୍ସ, କଳିଙ୍ଗ ୱାରିୟର୍ସ, ରାଜଧାନୀ ଚ୍ୟାଲେଞ୍ଜର୍ସ, ଗୋଲକୁଣ୍ଡା ଗାଡିଆନ୍ସ, ମହାନଦୀ ଫାଲକନ୍ସ,




ବାରବାଟୀ ବ୍ୟାଟଲର୍ସ, ଭିକ୍ଟୋରିଆ ଭିକ୍ଟର୍ସ, ଅମ୍ବର ଆଭେଞ୍ଜର୍ସ, ନାଳନ୍ଦା ନାଇଟ୍‌ସ, ସାଞ୍ଚି ଷ୍ଟ୍ରାଟେଜିଷ୍ଟ୍ସ, କୋଣାର୍କ କିଙ୍ଗ୍‌ସ ଏବଂ ଏଲୋରା ଏଲାଇଟ୍ସ। ପ୍ରତ୍ୟେକ ଦଳରେ ସର୍ବାଧିକ ୮ଜଣ ଖେଳାଳିଙ୍କୁ ସ୍ଥାନ ମିଳିବ। ସେମାନଙ୍କ ମଧ୍ୟରୁ ଜଣେ ମହିଳାଙ୍କ ସମେତ ୪ଜଣ ଓଡ଼ିଆ ଖେଳାଳି ରହିବା ବାଧ୍ୟତାମୂଳକ ହୋଇଛି। ଏଥିରେ ଜଣେ ଗ୍ରାଣ୍ଡ ମାଷ୍ଟର ଦୀପ୍ତାୟନ ଘୋଷ (ରେଟିଂ-୨୫୭୩-ନାଳନ୍ଦା ନାଇଟ୍ସ) ଖେଳୁଛନ୍ତି। ତାଙ୍କ ବ୍ୟତୀତ ୧୪ ଜଣ ଆଇଏମ୍ ବା ଇଣ୍ଟରନ୍ୟାସନାଲ ମାଷ୍ଟର, ୧୬ ଜଣ ମହିଳା ଖେଳାଳି ଅଛନ୍ତି। ଜଣେ ଖେଳାଳିଙ୍କୁ ରଖିବା ବାଧ୍ୟତାମୂଳକ ହୋଇଥିଲାବେଳେ ଏଲୋରା ଲାଇଟ୍‌ସ ସର୍ବାଧିକ ୩ଜଣ, ଅମ୍ବର ଆଭେଞ୍ଜର୍ସ ଓ ନାଳନ୍ଦା ନାଇଟ୍‌ସରେ ୨ଜଣ ଲେଖାଏଁ ମହିଳା ଖେଳାଳିଙ୍କୁ ସ୍ଥାନ ମିଳିଛି। ଦଳରେ ମୋଟ ୮ଜଣ ଖେଳାଳି ଥିଲାବେଳେ ୬ଜଣ ଖେଳାଳିଙ୍କୁ ଖେଳିବାର ସୁଯୋଗ ମିଳିବ।

ଜିଏମ୍ ଦୀପ୍ତାୟନ ଘୋଷଙ୍କ ଫିଡେ ରେଟିଂ ସର୍ବାଧିକ ୨୫୭୩ ଥିଲାବେଳେ ୪ଜଣ ଖେଳାଳିଙ୍କ ରେଟିଂ ୨୪୦୦ରୁ ଅଧିକ ରହିଛି। ସେମାନେ ହେଲେ ରବି ତେଜା, ଆରାଧ ଗର୍ଗ, ମୟଙ୍କ ଚୌଧୁରୀ ଓ ନୀତୀଶ ବେଲୁରକାର। ଓଡ଼ିଶାର ଖେଳାଳିଙ୍କ ମଧ୍ୟରେ ଆଇଏମ୍ ସିଦ୍ଧାନ୍ତ ମହାପାତ୍ର (ରେଟିଂ ୨୩୯୪- ରାଜଧାନୀ ଚ୍ୟାଲେଞ୍ଜର୍ସ), ଆଇଏମ୍ ସମ୍ବିତ ପଣ୍ଡା (ରେଟିଂ ୨୩୬୪-ମହାନଦୀ ଫାଲକନ୍ସ), ପ୍ରିଂଶ ଦାସ (ରେଟିଂ-୨୩୧୨) ଓ ଏଫ୍‌ଏମ୍ ସୌମ୍ୟରଞ୍ଜନ ମିଶ୍ର (ଅମ୍ବର ଆଭେଞ୍ଜର୍ସ), ରାଜ୍ୟ ମହିଳା ଚେସ୍ ଚାମ୍ପିଅନ ଯଶିତା ରାଉତ (କୋଣାର୍କ କିଙ୍ଗ୍‌ସ) ଓ ସିଏମ୍ ଅପରାଜିତତା ଗୋଚ୍ଛିକାର (ଅମ୍ବର ଆଭେଞ୍ଜର୍ସ) ରହିଛନ୍ତି। ଟୁର୍ଣ୍ଣାମେଣ୍ଟର ହାରାହାରି ରେଟିଂ ୧୭୭୧ ଥିଲାବେଳେ ଚୋଲା ଚାମ୍ପିଅନ୍ସର ଟିମ୍ ରେଟିଂ ସର୍ବାଧିକ ୨୨୭୦ ରହିଛି। ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଖେଳାଳିଙ୍କ ହାରାହାରି ବୟସ ୨୧ ରହିଛି। ଏହି ଟୁର୍ଣ୍ଣାମେଣ୍ଟ ଓଡ଼ିଶାର ପେସାଦାର ଚେସ୍‌ରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ କହିଛନ୍ତି। ଭଞ୍ଜ ଟୁର୍ଣ୍ଣାମେଣ୍ଟର ନିର୍ଦ୍ଦେଶକ ମଧ୍ୟ ରହିଛନ୍ତି। ଆଇଏ ସୁରେଶ ଚନ୍ଦ୍ର ସାହୁ ଚିଫ୍ ଆର୍ବିଟର ଓ ଆଇଏ ତାପସ କୁମାର ମହାନ୍ତି ଡେପୁଟି ଚିଫ୍ ଆର୍ବିଟର ଭାବେ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS